# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 3/2024 Page 20 ₹ 7.00

୫୦ଶ ଭାଗ ୨୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 250 ମୂଲ୍ୟ ₹୭/-







KP GROUP Quality Since 1965
KAMLA PASAND
Anokha Swad
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : You Tube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩/୨୦୨୪ | Bhubaneswar, Saturday, August 3/2024 | ପୃଷ୍ଠା-୧



## ଦୁନିଥ ଫ୍ଲେୟର ଅଫ୍ ଦି ମ୍ୟାଚ

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଶ୍ରୀଲଙ୍କାର ଦୁନିଥ ୱାଲାଲାଗେ।

୧୮

୧୫

## ସାନା ମକବୁଲ ବିଗ୍ ବସ୍ ଓଟିଟି ୩ ବିଜୟିନୀ

ଅଭିନେତ୍ରୀ ସାନା ମକବୁଲ୍ 'ବିଗ୍ ବସ୍ ଓଟିଟି-୩' ଟ୍ରଫି ବିଜୟିନୀ ହୋଇଛନ୍ତି। ସେ ନାଏଜିଙ୍କୁ ପରାସ୍ତ କରିବା ସହ ନଗଦ ୨୫ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି।



# ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଅ

## ଏନ୍ଇଇଟି-ୟୁଜି ଅନିୟମିତତା ମାମଲା

ନୂଆଦିଲ୍ଲୀ,୨।୮

ଏନ୍ଇଇଟି-ୟୁଜି ଅନିୟମିତତା ମାମଲାରେ ବିବାଦ ଘେରରେ ରହିଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ)କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିବା ସହ ପରୀକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶ୍ନପତ୍ର ଲିକ୍ ଏବଂ ଅସାଧୁ ଉପାୟ ରୋକିବା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଇବା ସହ ପ୍ରଯୁକ୍ତିର ଉପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଗତ ମେ' ୫ରେ ଅନୁଷ୍ଠିତ ଏନ୍ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଭବିଷ୍ୟତରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟିବିଚ୍ୟୁତିକୁ ଦୂର କରିବାକୁ ସର୍ବୋଚ୍ଚ ଅଦାଲତ ଏନ୍ଟିଏକୁ କହିବା ସହ ପରୀକ୍ଷାରେ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ନିମନ୍ତେ ୭ଟି ପଦକ୍ଷେପ ନେବାକୁ



ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସ୍ଥାଗତ ଭାବେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ପ୍ରମାଣ ନ ଥିବାରୁ ସାନି ଏନ୍ଇଇଟି-ୟୁଜି ପରୀକ୍ଷା କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏହାର ପରିବହନ, ଗଚ୍ଛିତ ରଖିବା ସ୍ଥାନ ଆଦିରେ ଯାଞ୍ଚ ବ୍ୟବସ୍ଥାକୁ ଜୋର୍ଦାର କରିବା, ବିଭିନ୍ନ ସ୍ତରରେ ଛାତ୍ରୀଛାତ୍ରଙ୍କ ପରିଚୟ ଯାଞ୍ଚ ବ୍ୟବସ୍ଥା ବଢ଼ାଇବା, ପରୀକ୍ଷାର୍ଥୀଙ୍କ ସ୍ଥାନରେ ଅନ୍ୟ ବ୍ୟକ୍ତି ପରୀକ୍ଷା ଦେଉଥିବାରୁ ଏହାକୁ ରୋକିବା ପାଇଁ ପ୍ରଯୁକ୍ତିର ଉପଯୋଗ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏନ୍ଇଇଟି-ୟୁଜି ପେପର ଲିକ୍ ଓ ଅନ୍ୟାନ୍ୟ ଅନିୟମିତତାର ଅନୁଧ୍ୟାନ ପାଇଁ କେନ୍ଦ୍ର ସରକାର ଇସ୍ରୋର ପୂର୍ବତନ ମୁଖ୍ୟ କେ. ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଗଠନ କରିଥିବା ବିଶେଷଜ୍ଞ କମିଟି ରିପୋର୍ଟ ଦାଖଲ କରିବା ସମୟସୀମାକୁ ଖଣ୍ଡପୀଠ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସମଗ୍ର ପରୀକ୍ଷା ପ୍ରକ୍ରିୟାର ଅନୁଧ୍ୟାନ କରି ଏହାକୁ ଅଧିକ ପ୍ରଭାବୀ କରିବା ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ, ସେଥିପାଇଁ ପ୍ରସ୍ତାବ ଦେବାକୁ କମିଟିକୁ କୁହାଯାଇଥିଲା। ପରୀକ୍ଷା ପ୍ରକ୍ରିୟାକୁ ସୁଦୃଢ଼ କରାଇବା ପାଇଁ ୭ଟି ପଦକ୍ଷେପ ଉପରେ କମିଟି ବିଚାର କରିବାକୁ କୁହାଯାଇଥିଲା। ସେଗୁଡ଼ିକ ହେଲା ମୂଲ୍ୟାୟନ କମିଟି, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍ପିଓ), ପରୀକ୍ଷା କେନ୍ଦ୍ର ମଞ୍ଜୁରୀ ପ୍ରକ୍ରିୟାର ସମୀକ୍ଷା, ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସିସିଟିଭି ପର୍ଯ୍ୟବେକ୍ଷଣରେ ରଖିବା, ପ୍ରଶ୍ନପତ୍ର ଲିକ୍ ନ ହେବା ପାଇଁ ସୁରକ୍ଷିତ ଲଜିଷ୍ଟିକ୍ ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ଅଭିଯୋଗ ସମାଧାନର ସୁଦୃଢ଼ ବ୍ୟବସ୍ଥା। ପ୍ରଶ୍ନପତ୍ର ପରିବହନରେ ଖୋଲା ଇ-ରିକ୍ସା ବଦଳରେ ରିଅଲ ଟାଇମ୍ ଲକ୍ ବ୍ୟବସ୍ଥା ଥିବା ନିବୁଜ ଗାଡ଼ି ବ୍ୟବହାର୍ଯ୍ୟତା ଉପରେ ବିଚାର କରିବାକୁ ସିଜେଆଇ ବିଶେଷଜ୍ଞ କମିଟିକୁ କହିଛନ୍ତି। ☞ପୃଷ୍ଠା-୬

### ସୁପ୍ରିମକୋର୍ଟଙ୍କ ପରାମର୍ଶ

- ପ୍ରଶ୍ନପତ୍ର ପରିବହନକୁ ସୁରକ୍ଷିତ କର
- ଗଚ୍ଛିତ ରଖିବା ସ୍ଥାନର ଯାଞ୍ଚ
- ପରୀକ୍ଷା କେନ୍ଦ୍ର ଆବଣ୍ଟନ ପ୍ରକ୍ରିୟାର ସମୀକ୍ଷା
- ପରିଚୟ ଯାଞ୍ଚକୁ ବଢ଼ାଅ
- ଅଭିଯୋଗ ସମାଧାନ ବ୍ୟବସ୍ଥାର ସୁଦୃଢ଼ୀକରଣ କର

ଆଜିର ସମ୍ପାଦକୀୟ | ଗୌବାଙ୍କ ରେକର୍ଡ

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ୮୫ ପ୍ଲଟ୍ | ପୃଷ୍ଠା-୩

## ଅଲିମ୍ପିକ୍ସରେ ୫୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ହରାଇଲା ଭାରତ



ପ୍ୟାରିସ୍ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଦଳ। (ରିପୋର୍ଟ : ଖେଳ ପୃଷ୍ଠା)

### ୱାଇ.ବି. ଖୁରାନିଆ ହୋଇପାରନ୍ତି ଓଡ଼ିଶା ଡିଜିପି



ରିପୋର୍ଟ : ପୃଷ୍ଠା-୩

# ଶ୍ରେଣୀଗୃହରୁ ଭିଡ଼ିଆଣି ୨ ଛାତ୍ରଙ୍କୁ ମାଡ଼

## ସ୍କୁଲରେ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ଅଶାନ୍ତି

ନୟାଗଡ଼,୨।୮(ଲୋକନାଥ ମିଶ୍ର)

ଛୁଆଁ ଅଛୁଆଁ ଭେଦଭାବକୁ ନେଇ ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାଛିପଡ଼ାସ୍ଥିତ ଗୋଟିଏ କ୍ୟାମ୍ପସରେ ଥିବା ଚନ୍ଦ୍ରଶେଖର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସର କିଛିଦିନ ହେଲା ଅଶାନ୍ତ ହୋଇପଡ଼ିଛି। କେତେଜଣ ସବର୍ଣ୍ଣ ଏବଂ ଅସବର୍ଣ୍ଣ ଛାତ୍ର ଓ ଅଣଛାତ୍ର ମୁହାଁମୁହିଁ ହୋଇଆସିଛନ୍ତି। ଜୁଲାଇ ୨୪ ତାରିଖରେ ସବର୍ଣ୍ଣ ଛାତ୍ରଙ୍କ ମାଡ଼ରେ ୨ ସ୍କୁଲର ୧୦ଜଣ ଅସବର୍ଣ୍ଣ ଛାତ୍ର ଆହତ ହୋଇଥିଲେ। ଏହି ବିବାଦର ସମାଧାନ ହୋଇଥିଲେ ହେଁ ଅସନ୍ତୋଷ କୁହୁଳୁଥିଲା। ଶୁକ୍ରବାର ପୂର୍ବାହ୍ନରେ କେତେଜଣ ଅସବର୍ଣ୍ଣ ଛାତ୍ର ଓ ଅଣଛାତ୍ର ମିଶି ୨ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଶ୍ରେଣୀଗୃହରୁ ଭିଡ଼ି ଆଣି ଗୋଡ଼େଇ ପିଟିଛନ୍ତି। ଏଥିରେ ଶ୍ୟାମବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ବାଡତିଆ ଓ ଅନୀଲ ସାହୁ ଆହତ ହୋଇଛନ୍ତି। ଏନେଇ ନୟାଗଡ଼ ☞ପୃଷ୍ଠା-୬






# ଆଜିଠୁ ବର୍ଷା ପ୍ରଭାବ କମିବ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗୁରୁବାର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ଦକ୍ଷିଣ ବାଂଲାଦେଶ ନିକଟରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଶୁକ୍ରବାର ସକାଳ ସାଢ଼େ ୫ଟାରେ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଏବଂ ପାର୍ଶ୍ୱବର୍ତ୍ତୀ ଝାଡ଼ଖଣ୍ଡର ପାଖାପାଖି ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନରୁ ବାୟୁମଣ୍ଡଳରେ ୭.୬ କି.ମି. ଉଚ୍ଚତା ଯାଏ ଲମ୍ବିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଶୁକ୍ରବାର ପଶ୍ଚିମ ଓଡ଼ିଶାର କିଛି ଜିଲାରେ ବର୍ଷା ହୋଇଥିବା ଜଣାପଡ଼ିଛି। ଟିଟିଲାଗଡ଼ରେ ସର୍ବାଧିକ ୧୪.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୧୦.୮, ରାଉରକେଲାରେ ୭, ନବରଙ୍ଗପୁରରେ ୪, କେନ୍ଦୁଝରଗଡ଼ରେ ୩.୨ମି.ମି. ବର୍ଷା ହୋଇଛି। ଲଘୁଚାପ କ୍ଷେତ୍ର ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ରହିଥିବାରୁ ଏବଂ ଧୀରେ ଧୀରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଆହୁରି ଦୂରେଇ ଯାଉଥିବାରୁ ଶନିବାରଠାରୁ ବର୍ଷାର ପ୍ରଭାବ କମିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୧୦ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ନଷ୍ଟ ଆଶଙ୍କା

ପୁରୀ, ୨।୮ (ଅଜିତ୍ କୁମାର ମହାନ୍ତି)

## ପୋକ ଲାଗିଥିବା କହିଲା ସୁଆର ମହାସୁଆର ନିଯୋଗ

- ଗରିବ, ନିରାଶ୍ରୟଙ୍କ ସମେତ ଅନାଥାଶ୍ରମକୁ ଦେବା ପାଇଁ ପ୍ରସ୍ତାବ
- ଦୀର୍ଘଦିନ ହେଲା ଭକ୍ତଙ୍କୁ କାନିକା, ଖେଚୁଡ଼ି ବଣ୍ଟନ ବନ୍ଦ ରହିଛି

ଅର୍ପଣ ଚାଉଳରେ ପୋକ ଲାଗିଲେଣି। ଫଳରେ ଏବେ ମହଜୁଦ ଥିବା ୧୦ ହଜାର କ୍ୱିଣ୍ଟାଲ ଚାଉଳ ନଷ୍ଟ ହେବାକୁ ବସିଛି। ଚାଉଳ ଖରାପ ହୋଇଗଲେ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗି ନ ଥାଏ। ତେଣୁ ଉକ୍ତ ଚାଉଳକୁ ଆଉ ଅଧିକ ଦିନ ରଖି ନଷ୍ଟ କରିବା ଅପେକ୍ଷା ଗରିବ, ନିରାଶ୍ରିତ ବ୍ୟକ୍ତିଙ୍କ ସମେତ ଅନାଥାଶ୍ରମ ଏବଂ ସମ୍ପୃକ୍ତ ଏନ୍‌ଜିଓଗୁଡ଼ିକୁ ଦାନ କରିଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ସୁଆର ମହାସୁଆର ନିଯୋଗ ପ୍ରସ୍ତାବ ଦେଇଥିବା ଶୁକ୍ରବାର ସୂଚନା ମିଳିଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ଭେଟି ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିବାବେଳେ ଆଗାମୀ ବୈଠକରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ବିଜେଡି ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଅର୍ପଣ ରଥ ବୁଲି ଚାଉଳ, ଗୁଆ, ନଡ଼ିଆ ଓ ଟଙ୍କା ସଂଗ୍ରହ କରାଯାଇଥିଲା। ପରେ ସେହି ଚାଉଳକୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସୁଆର ମହାସୁଆର ନିଯୋଗ ଦ୍ୱାରା ଅର୍ପଣ ଚାଉଳରୁ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ତିନି ଦ୍ୱାରରେ ଭକ୍ତଙ୍କୁ ବଣ୍ଟାଯାଉଥିଲା। ତେବେ ବିଜେଡି ସରକାର ବଦଳିବା ପରେ ଅର୍ପଣ ଚାଉଳରେ ପ୍ରସ୍ତୁତ କାନିକା ଓ ଖେଚୁଡ଼ି ଭକ୍ତଙ୍କୁ ବଣ୍ଟାଯିବା ବନ୍ଦ ରଖାଯାଇଥିଲା। ନୂତନ ସରକାରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ତେବେ ବର୍ତ୍ତମାନ ଗଚ୍ଛିତ ଥିବା ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଅର୍ପଣ ଚାଉଳ ନଷ୍ଟ ହେବାକୁ ବସିଛି। ସୂଚନା ଅନୁଯାୟୀ, ବିଭିନ୍ନ ଜିଲାରୁ ମୋଟ ୧୪ ହଜାର କ୍ୱିଣ୍ଟାଲ୍ ଚାଉଳ ସଂଗ୍ରହ ହୋଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ପହଞ୍ଚିଥିଲା। ସେଥିରୁ ଗତ ୪ମାସରେ ପ୍ରାୟ ୩ହଜାର କ୍ୱିଣ୍ଟାଲ୍ ପାଖାପାଖି ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯାଇଥିଲା। ଅବଶିଷ୍ଟ ଚାଉଳ ସେମିତି ଗଚ୍ଛିତ ରହିଥିଲା। ଏବେ ନିଯୋଗ ପାଖରେ ଥିବା ଦେଢ଼ ହଜାର କ୍ୱିଣ୍ଟାଲ ଚାଉଳରେ ପୋକ ଲାଗିଲାଣି। ସେହିପରି ଅନ୍ୟ ୧୦ ହଜାର କ୍ୱିଣ୍ଟାଲ ଚାଉଳ ମଧ ଖରାପ ହେବାକୁ ବସିଲାଣି। ତେଣୁ ଚାଉଳ ଏବେ ମହାପ୍ରଭୁଙ୍କ ଭୋଗ ଲାଗିବା ଭଳି ସ୍ଥିତିରେ ନାହିଁ। ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଅର୍ପଣ ଚାଉଳ ନଷ୍ଟ ହେବାକୁ ବସିଛି ବୋଲି ନିଯୋଗ ଆଶଙ୍କା ବ୍ୟକ୍ତ କରିଛି। ଏ ନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ୧୪ ହଜାର କ୍ୱିଣ୍ଟାଲ ଅର୍ପଣ ଚାଉଳ ଆସିଥିଲା। ସେଥିରୁ ୪କ୍ୱିଣ୍ଟାଲ ଚାଉଳ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ୧୦ ହଜାର କ୍ୱିଣ୍ଟାଲ ଚାଉଳ ମହଜୁଦ ରହିଛି। ଉକ୍ତ ବଳକା ଚାଉଳକୁ କିପରି ବ୍ୟବହାର କରାଯାଇପାରିବ ସେ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଆଲୋଚନା କରାଯାଇଛି। ଯେହେତୁ ଚାଉଳ ନଷ୍ଟ ହୋଇଗଲାଣି, ତାହା ମହାପ୍ରଭୁଙ୍କ ଭୋଗରେ ଲାଗିପାରିବ ନାହିଁ। ତେବେ ଚାଉଳକୁ ନ ଫିଙ୍ଗି ଗରିବ, ନିରାଶ୍ରିତ ବ୍ୟକ୍ତିଙ୍କ ସମେତ ଅନାଥାଶ୍ରମ ଏବଂ ସମ୍ପୃକ୍ତ ଏନ୍‌ଜିଓଗୁଡ଼ିକୁ ଦାନ କରିଦେବା ନେଇ ପ୍ରସ୍ତାବ ଦିଆଯାଇଛି। ସେହିପରି ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ଚାଉଳ ଖରାପ ହୋଇଗଲେ ତାହା ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗି ନ ଥାଏ। ତେଣୁ ଉକ୍ତ ଚାଉଳକୁ ଗରିବ ଲୋକଙ୍କ ସମେତ ଅନାଥାଶ୍ରମକୁ ପ୍ରଦାନ କରାଯିବା ଭଲ ହେବ। ବହୁ ପରିମାଣର ଚାଉଳ ରହିଥିଲା। ଦୀର୍ଘଦିନ ଧରି ପଡ଼ିରହିବା ଯୋଗୁ ପ୍ରାୟ ୩୦ ପ୍ରତିଶତ ଚାଉଳ ନଷ୍ଟ ହୋଇଛି। ଆହୁରି ୧୦ କ୍ୱିଣ୍ଟାଲ ବଳକା ରହିଛି। ଚାଉଳ ନଷ୍ଟ କରି ପୋତିବା ଅପେକ୍ଷା ଗରିବ ଲୋକଙ୍କୁ ବାଣ୍ଟିଦେଲେ ସେମାନେ ଉପକୃତ ହୋଇପାରିବେ। ମୁଖ୍ୟ ପ୍ରଶାସକ ଏ ସଂକ୍ରାନ୍ତ ପ୍ରସ୍ତାବ ସମ୍ପର୍କରେ ଆଗାମୀ ବୈଠକରେ ଆଲୋଚନା କରିବେ ବୋଲି ଆଶା ରହିଛି।

# ଦୁର୍ଘଟଣାରେ ବାଇକ୍ ସହ ଜଳିଗଲେ ଚାଳକ



ଗୋପାଳପୁର, ୨।୮ (ନବୀନ ରାଜ ଆଚାରୀ)

## ଆଇସିୟୁରେ ଗୁରୁତର ଆରୋହୀ

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଧିନ କନିଷି ଗ୍ରାମ ନିକଟ ୧୬ ନଂ. ଜାତୀୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ଏକ ବାଇକ୍ ସହ ଚାଳକ ଜଳିଯାଇଥିବା ବେଳେ ଅନ୍ୟ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କେ. ନୂଆଗାଁ ଥାନା ଅଧିନ ବୃନ୍ଦାବନଚନ୍ଦ୍ରପୁର ଗ୍ରାମର ଅଜିତ କୁମାର ସାହୁ। ଗୁରୁତର ଆରୋହୀ ସେହି ଗ୍ରାମର ରତ୍ନାକର ପାଣିଗ୍ରାହୀ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଗୁରୁବାର ରାତିରେ ଅଜିତ ଓ ରତ୍ନାକର ମିଶି ଗୋଟିଏ ବାଇକ୍‌ରେ ବ୍ରହ୍ମପୁର ବଡ଼ ମେଡିକାଲ ଅଭିମୁଖେ ବାହାରିଥିଲେ। ଜାତୀୟ ରାଜପଥର କନିସି ଗ୍ରାମ ନିକଟରେ କୌଣସି ଏକ ଗାଡି ସହ ଅଜିତ୍‌ଙ୍କ ବାଇକ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର ହୋଇଥିଲା ଯେ, ବାଇକରେ ନିଆଁ ଲାଗି ଯାଇଥିଲା। ବାଇକ୍ ସହ ଚାଳକ ଅଜିତ ମଧ୍ୟ ଜଳି ଜଳୁଥିବା ବେଳେ ପଛରେ ବସିଥିବା ରତ୍ନାକର ରାସ୍ତା ମଝିରେ କଚାଡ଼ି ହୋଇ ପଡି ଗୁରୁତର ହୋଇଥିଲେ। ଖବରପାଇ ଗୋଳନ୍ଥରା ଥାନା ପୋଲିସ ଓ କନିଷି ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମୃତାହତଙ୍କୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ଶରୀରର ୭୦ ଭାଗରୁ ଊର୍ଦ୍ଧ୍ୱ ପୋଡି ହୋଇ ଯାଇଥିବାରୁ ଘଟଣାସ୍ଥଳରେ ଅଜିତଙ୍କର ମୃତ୍ୟୁ ଘଟିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରତ୍ନାକର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ପୋଲିସ ମୃତଦେହକୁ ଜବତ କରି ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୩୦୮/୨୪ ପ୍ରକାରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

# କନିଷ୍ଠ ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି ସ୍ୱତନ୍ତ୍ର ବିଏଡ୍ ଯୋଗ୍ୟତାଧାରୀ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ସ୍ୱତନ୍ତ୍ର ବିଏଡ୍ କରିଥିବା ପ୍ରାର୍ଥୀ ବଞ୍ଚିତ ହେଉଛନ୍ତି। ୨୦୨୩ ମସିହାରେ ବାହାରିଥିବା କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ମନୋନୀତ ପ୍ରାର୍ଥୀଙ୍କ କାଗଜପତ୍ର ଯାଞ୍ଚ ବେଳେ ସ୍ୱତନ୍ତ୍ର ବିଏଡ୍‌ଧାରୀ ଯୋଗ୍ୟ ନୁହନ୍ତି ବୋଲି କୁହାଯାଉଛି। ରାଜ୍ୟର ବିଭିନ୍ନ ଜିଲାରୁ ଏଭଳି ଅଭିଯୋଗ ଆସିଛି। କନିଷ୍ଠ ଶିକ୍ଷକ ଆଶାୟୀଙ୍କ କହିବାନୁସାରେ, ସ୍ୱତନ୍ତ୍ର ବିଏଡ୍ ପାଠ ପଢ଼ିଥିବା ବହୁତ ବିଦ୍ୟାର୍ଥୀ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଏଥିରେ ମନୋନୀତ ହୋଇଥିବା ଆଶାୟୀମାନଙ୍କର ପରବର୍ତ୍ତୀ ପର୍ଯ୍ୟାୟରେ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ଦର୍ଶାଯାଇଛି, ତୁମେ ଦୁଇବର୍ଷିଆ ସ୍ୱତନ୍ତ୍ର ଶିକ୍ଷାରେ ବିଏଡ୍ କରିଥିବାରୁ ତୁମକୁ କନିଷ୍ଠ ଶିକ୍ଷକ ନିଯୁକ୍ତିରୁ ବାଦ୍ ଦିଆଯାଉଛି। ଏଭଳି କିଛି ଜିଲାର ଆଶାୟୀଙ୍କୁ କୁହାଯାଇ ଯାଞ୍ଚ ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ଆଗରୁ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ବିଏଡ୍ ତାଲିମକୁ ଗ୍ରହଣ କରାଯାଉ ନ ଥିଲା। ବର୍ତ୍ତମାନ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ମଧ୍ୟ ଏହାକୁ ଗ୍ରହଣ କରାଯାଉନାହିଁ। ତେବେ ଲକ୍ଷାଧିକ ଟଙ୍କା ଦେଇ ପାଠ ପଢ଼ି ଆମେ କ'ଣ କରିବୁ ବୋଲି ନିଯୁକ୍ତିରୁ ବଞ୍ଚିତ ବହୁ କନିଷ୍ଠ ଶିକ୍ଷକ ଆଶାୟୀ ଏଭଳି ଅଭିଯୋଗ ଆଣିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଜଣେ ଆଶାୟୀ କହିଛନ୍ତି, ୨୦୧୫ ମସିହା ପରଠାରୁ ସ୍ୱତନ୍ତ୍ର ବିଏଡ୍ ପାଠ୍ୟକ୍ରମ ଭାରତୀୟ ପୁନଃବାସ ପରିଷଦର ଗାଇଡ୍‌ଲାଇନ ଅନୁସାରେ ୨ ବର୍ଷିଆ କୋର୍ସ ଭାବେ ଚାଲିଛି। ଓଡ଼ିଶାର ଅନେକ ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ଏହି ପାଠ୍ୟକ୍ରମ ଚାଲୁଛି। ପ୍ରାୟ ୧୨ଟି ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ସ୍ୱତନ୍ତ୍ର ବିଏଡ୍‌ରେ ପ୍ରତିବର୍ଷ ୩୦୦ରୁ ଅଧିକ ପିଲା ନାମ ଲେଖାଉଛନ୍ତି। କିନ୍ତୁ ଏବେ ସ୍ୱତନ୍ତ୍ର ବିଏଡ୍ ପିଲାଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟ ନ କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ଆଶାୟୀ ଜଣକ କହିଛନ୍ତି। ସେପଟେ ଏହାର ସମାଧାନ ପାଇଁ ଆଶାୟୀ ପ୍ରାର୍ଥୀମାନେ ଶିକ୍ଷା ବିଭାଗକୁ ଅବଗତ କରାଇଛନ୍ତି। କିନ୍ତୁ ଏଯାଏ କୌଣସି ସୁଫଳ କିମ୍ବା ପ୍ରତିଶ୍ରୁତି ମିଳି ନ ଥିବାରୁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପର୍ବତାରୋହୀ ବିଭାରାଣୀ

ଭୁବନେଶ୍ୱର, ୨।୮ (ଅନିଲ ଦାସ)

## ସାହସିକ କାର୍ଯ୍ୟ ଯୁବ ସମାଜ ପାଇଁ ପ୍ରେରଣା ହେବ: ମୋହନ

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ବତାରୋହୀ ବିଭାରାଣୀ ପାତ୍ର ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ତାଙ୍କର ଆଗାମୀ ପର୍ବତାରୋହଣ ଅଭିଯାନ ପାଇଁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଆସନ୍ତା ଅଗଷ୍ଟ ୬ ତାରିଖରେ ସେ ରୁଷିଆ ଓ ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲବ୍ରସ ଆରୋହଣ ପାଇଁ ଅଭିଯାନ ଆରମ୍ଭ କରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସହିତ ସଫଳ ଆରୋହଣ ପାଇଁ ଆଶୀର୍ବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭାରାଣୀଙ୍କର ସାହସିକ କାର୍ଯ୍ୟ ଯୁବ ସମାଜ ପାଇଁ ଏକ ବଡ଼ ପ୍ରେରଣା ହେବ। ସଫଳତାର ସହ ୟୁରୋପ ଓ ରୁଷିଆର ଉଚ୍ଚତମ ଶୃଙ୍ଗ ଆରୋହଣ କରି ସେ ନିଜ ପାଇଁ ଓ ସାରା ରାଜ୍ୟ ଲାଗି ନିଶ୍ଚୟ ସୁନାମ ଆଣିବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି।



### ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

ସୂଚନାଯୋଗ୍ୟ, ବିଭାରାଣୀ ତାଳଚେର ନିକଟସ୍ଥ ମେରାମୁଣ୍ଡଳୀର ଜଣେ ପର୍ବତାରୋହୀ। ସେ ୨୦୧୯ରେ ଲେହ୍ ଲଦାଖର ମାଉଣ୍ଟ ଷ୍ଟକ୍ କଙ୍ଗ୍ରି ଓ ୨୦୨୩ରେ ଆଫ୍ରିକାର ମାଉଣ୍ଟ କିଲିମାନଜାରୋ ଆରୋହଣ କରିଛନ୍ତି। ଏଥିସହିତ ୨୦୧୯ରେ ସେ ଆବୁଧାବୀ ଅନ୍ତର୍ଜାତୀୟ ଯୁଥ ଲିଡର ଭାବେ ମଧ୍ୟ ସମ୍ମାନିତ ହୋଇଛନ୍ତି। ସେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ଏହି ସାକ୍ଷାତ୍‌କାର ସମୟରେ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ।

# ପାଣ୍ଠି ବିନିଯୋଗର ତଥ୍ୟ ରଖିଲେ ୮ ଜିଲାପାଳ

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

## ଡିଏମ୍‌ଏଫ୍ ଟ୍ରଷ୍ଟର କାର୍ଯ୍ୟକାରିତା, ତଦାରଖ ପାଇଁ ରାଜ୍ୟସ୍ତରୀୟ ବୈଠକ

ଖଣିଜ ସମୃଦ୍ଧ ଜିଲାଗୁଡ଼ିକରେ ରହିଥିବା ଜିଲା ଖଣିଜ ପାଣ୍ଠି ଟ୍ରଷ୍ଟ(ଡିଏମ୍‌ଏଫ୍)ର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟସ୍ତରୀୟ ତଦାରଖ ଓ ସମୀକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅନୁଗୋଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା ଆଦି ୮ଟି ଡିଏମ୍‌ଏଫ୍ ଜିଲା ରହିଛି। ବୈଠକରେ ବିଭିନ୍ନ ଡିଏମ୍‌ଏଫ୍ ଜିଲାକୁ ବର୍ଷୱାରି ପାଣ୍ଠି, ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରିତା ବାବଦରେ ଅର୍ଥ ବିନିଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି। ଡିଏମ୍‌ଏଫ୍ ଜିଲାର ବିଭିନ୍ନ ଅଞ୍ଚଳରେ ରାସ୍ତା, ସେତୁ, ସୌଧ ନିର୍ମାଣ, ଶିକ୍ଷା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତା ସଂଯୋଗୀକରଣ, ଜୀବିକାନିର୍ବାହ କାର୍ଯ୍ୟକ୍ଷମ, ଜଳସେଚନ, ମହିଳା, ଶିଶୁ, ବୟସ୍କ ଓ ଭିନ୍ନକ୍ଷମଙ୍କ କଲ୍ୟାଣ, ଶକ୍ତି, ପରିବେଶ, ଦକ୍ଷତା ବିକାଶ, ଗୃହ ନିର୍ମାଣ ଆଦି କ୍ଷେତ୍ରରେ ଅର୍ଥ ବିନିଯୋଗ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ଅର୍ଥ ବିନିଯୋଗ ଓ କାର୍ଯ୍ୟ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଛନ୍ତି।

ବୈଠକରେ ଆଭାସି ମାଧ୍ୟମରେ ଯୋଗଦେଇଥିବା ଡିଏମ୍‌ଏଫ୍ ଜିଲାର ଜିଲାପାଳମାନେ ଏହି ପାଣ୍ଠି ଉପଯୋଗରେ କିପରି କାର୍ଯ୍ୟ କରାଯାଉଛି ସେନେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହ ଡିଏମ୍‌ଏଫ୍ ପାଣ୍ଠିର ଠିକ୍ ଉପଯୋଗ ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କୁ ବାର୍ଷିକ ପ୍ରଗତିଶୀଳ ଯୋଜନା ପ୍ରସ୍ତୁତି କରି ସେହି ଅନୁସାରେ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖଣି ସମୃଦ୍ଧ ଡିଏମ୍‌ଏଫ୍ ଜିଲାରେ ବହୁବିଧ କ୍ଷେତ୍ରରେ ଗୁଣାତ୍ମକ ଭିତ୍ତିଭୂମି ବିକାଶ ଓ ସେବା ପ୍ରଦାନ ସହ ଲୋକମାନଙ୍କ ଜୀବନଧାରଣ ମାନରେ ଯେପରି ଉନ୍ନତି ଘଟିବ, ସେମାନେ ଯେପରି ଜୀବିକାର୍ଜନର ସୁବିଧା ପାଇବେ ଏବଂ ଏହା ଯେପରି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଡିଏମ୍‌ଏଫ୍‌ର ଗଠନ, ଅର୍ଥ ବ୍ୟବସ୍ଥା, ଯୋଜନା, କାର୍ଯ୍ୟ ଯୋଜନାର ଅନୁମୋଦନ, ପ୍ରକଳ୍ପର ପ୍ରଶାସନିକ ମଞ୍ଜୁରୀ, ଟ୍ରଷ୍ଟର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଆ, ପୁଅ ମୃତ



ମୃତକଙ୍କ ପରିବାର ଲୋକଙ୍କୁ ତହସିଲଦାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଜୟପୁର/ବୋରିଗୁମ୍ମା, ୨।୮ (ପବନ ପାଣିଗ୍ରାହୀ/ବିଜୟ ସାହୁ)

ବିଦ୍ୟୁତ୍ ଆଘାତରେ ମା'ପୁଅଙ୍କ ମୃତ୍ୟୁ ଘଟିବା ପରି ଅଭାବନୀୟ ଘଟଣା କୋରାପୁଟ ଜିଲା ଜୟପୁର ବ୍ଲକ୍ ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଛି। ଏହି ବ୍ଲକ୍ ଅନ୍ତର୍ଗତ ଜୟନ୍ତୀଗିରି ଗ୍ରାମରେ ଦୁର୍ଯ୍ୟୋଧନ ଅମନାତ୍ୟଙ୍କ ପରିବାର ବାସ କରନ୍ତି। ଶୁକ୍ରବାର ସକାଳେ ଦୁର୍ଯ୍ୟୋଧନ ଶୌଚ ହୋଇ ନିଜ ଗାମୁଛାରେ ପୋଛିହୋଇ ଓଦା ଗାମୁଛା ଶୁଖାଇବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେ ଛଟପଟ ହେଉଥିବା ବେଳେ ତାଙ୍କ ମାଆ ରାମା ଅମନାତ୍ୟ ପୁଅକୁ ବିଦ୍ୟୁତ୍ ଆଘାତରୁ ରକ୍ଷାକରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡି ଛଟପଟ ହେଉଥିଲେ। ଏହି ସମୟରେ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଛାତ ଉପରକୁ ଆସି ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ପାଟି ଶୁଣି ପରେ ପରିବାର ଲୋକେ ପହଞ୍ଚି ଦୁର୍ଯ୍ୟୋଧନ, ତାଙ୍କ ମା' ଓ ସ୍ତ୍ରୀଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁର୍ଯ୍ୟୋଧନ ଓ ତାଙ୍କ ମା'ଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ହୃଦୟ ବିଦାରକ ଘଟଣା ନେଇ ଜୟନ୍ତୀଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରେଡ୍‌କ୍ରସ୍ ପକ୍ଷରୁ ଦୁର୍ଯ୍ୟୋଧନଙ୍କ ପରିବାରକୁ ତହସିଲଦାର ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଭିତ୍ତିଭୂମି ଉନ୍ନତୀକରଣ ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ ୬୨ତମ ବୈଠକ

## ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ଭୁବନେଶ୍ୱର, ୨।୮ (ସୁନିତ୍ ମିଶ୍ର)

ଭିତ୍ତିଭୂମି ଉନ୍ନତୀକରଣ ସଂକ୍ରାନ୍ତୀୟ ରାଜ୍ୟସ୍ତରୀୟ କମିଟିର ୬୨ତମ ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ କମିଟିର ସଦସ୍ୟ ଥିବା ବିଭିନ୍ନ ବିଭାଗୀୟ ସଚିବମାନେ ଉପସ୍ଥିତ ଥିଲେ। ଅର୍ଥ ବିଭାଗ ତରଫରୁ ଆହୂତ ଏହି ବୈଠକରେ ୨୦୨୩ ସେପ୍ଟେମ୍ବର ୨୫, ଡିସେମ୍ବର ୧୯ ଏବଂ ୨୦୨୪ ମାର୍ଚ୍ଚ ୪ରେ ଅନୁଷ୍ଠିତ କମିଟିର ୫୯, ୬୦ ଏବଂ ୬୧ତମ ବୈଠକରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି ବିଭାଗ, ଶକ୍ତି, ଜଙ୍ଗଲ ଓ ପରିବେଶ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସମ୍ପର୍କିତ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା।




ପ୍ରୟାଣର ନବମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
[illegible] ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

ଶୁଭାରମ୍ଭ
ସଂକଳ୍ପ
A promise to help
ନିଃଶୁଳ୍କ ଜଳଔଷଧ ସେବା

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'

ତା ୦୩.୦୮.୨୦୨୪ (ଶନିବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ: ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ

ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

DRIEMS UNIVERSITY
SRI DURGA CONDEV [P] LTD.
PADMINI care
PRAMOD HOTELS & RESORTS




# ଖୁରାନିଆ ହୋଇପାରନ୍ତି ଓଡ଼ିଶା ଡିଜିପି

## ବିଏସ୍ଏଫ୍ ଡିଜି, ସ୍ପେଶାଲ ଡିଜିଙ୍କୁ ରାଜ୍ୟ କ୍ୟାଡରକୁ ପଠାଗଲା

ନୂଆଦିଲ୍ଲୀ(ପି.ଟି.)/ ଭୁବନେଶ୍ୱର(ଅନିଲ ଦାସ),୨୮

ଜମ୍ମୁ-କଶ୍ମୀର ଓ ପାକିସ୍ତାନ ସଂଲଗ୍ନ ସମ୍ବେଦନଶୀଳ ସୀମାରେ ମୁତୟନ ଥିବା ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ମହାନିର୍ଦ୍ଦେଶକ (ଡିଜି) ଏବଂ ସ୍ୱତନ୍ତ୍ର ଡିଜିଙ୍କ କାର୍ଯ୍ୟକାଳକୁ କାଟଛାଣ୍ଟ କରି ଉଭୟଙ୍କୁ ରାଜ୍ୟ କ୍ୟାଡରକୁ ପଠାଇଦିଆଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ରାତିରେ ଜାରି ଏକ ନିର୍ଦ୍ଦେଶନାମାରୁ ଏହି ବିଷୟ ଜଣାପଡ଼ିଛି।

ବିଏସ୍ଏଫ୍ ଡିଜି ନିତୀନ ଅଗ୍ରୱାଲ ଓ ତାଙ୍କ ଡେପୁଟି ସ୍ପେଶାଲ ଡିଜି(ୱେଷ୍ଟ) ୱାଇ.ବି. ଖୁରାନିଆଙ୍କୁ ତତ୍କାଳ କାର୍ଯ୍ୟରୁ ଅନ୍ତର କରାଯାଇଥିବା କେନ୍ଦ୍ର ସରକାରଙ୍କ ଅର୍ଡରରେ ଉଲ୍ଲେଖ କରାଯାଇଛି। ୨ ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କ ବଦଳି ଏଭଳି ସମୟରେ କରାଯାଇଛି, ଯେତେବେଳେ କି ଜମ୍ମୁ ସୀମାରେ ଆତଙ୍କବାଦୀଙ୍କ ଗତିବିଧି


ୱାଇ.ବି. ଖୁରାନିଆ

ବଢ଼ିବାରେ ଲାଗିଛି। ଚଳିତ ବର୍ଷ ରାଜୌରୀ, ପୁଞ୍ଚ୍, ରେଆସି, ଉଦ୍ଧାମପୁର, କଠୁଆ ଓ ଡୋଡା ଜିଲାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ୧୧ ଜଣ ସୁରକ୍ଷା ଯବାନ ହୋଇଥିବାବେଳେ ଜଣେ ଗ୍ରାମ ପ୍ରତିରକ୍ଷା ଗାର୍ଡ (ଭିଡିଜି) ସଦସ୍ୟ ରହିଛନ୍ତି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ପକ୍ଷରୁ ପୃଥକ ଭାବେ ଜାରି ନିର୍ଦ୍ଦେଶନାମାରେ ଉଭୟଙ୍କୁ ଅବଧି ପୂରଣ ପୂର୍ବରୁ ତତ୍କାଳ ଫେରାଇ ଦିଆଯାଇଥିବା କୁହାଯାଇଛି।

ଅଗ୍ରୱାଲ ୧୯୮୯ ବ୍ୟାଚ୍ କେରଳ କ୍ୟାଡର ଆଇପିଏସ୍ ଅଫିସର ହୋଇଥିବାବେଳେ ଖୁରାନିଆ ୧୯୯୦ ବ୍ୟାଚ୍ ଓଡ଼ିଶା କ୍ୟାଡର ଅଧିକାରୀ। ଓଡ଼ିଶାରେ କ୍ଷମତାସୀନ ହୋଇଥିବା ନୂଆ ଭାଜପା ସରକାର ଖୁରାନିଆଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ କରିପାରନ୍ତି ବୋଲି କୁହାଯାଉଛି। ଗତବର୍ଷ ଜୁନ୍‌ରେ ବିଏସ୍ଏଫ୍ ଡିଜି ହୋଇଥିବା ଅଗ୍ରୱାଲ ନୂଆ ନିଯୁକ୍ତି ପରେ ୨୦୨୬ ଜୁଲାଇରେ ଅବସର ନେବେ। ଅନ୍ୟ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ୧୯୮୯ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅମୃତ ମୋହନ ପ୍ରସାଦଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ସ୍ୱତନ୍ତ୍ର ଡିଜି ଭାବେ ନିଯୁକ୍ତି ଦେଇଛି।

ପ୍ରକାଶ ଯେ, ଖୁରାନିଆ ୨୦୨୧ରୁ କେନ୍ଦ୍ରୀୟ ଡେପୁଟେଶନରେ ଥିଲେ। ଏହା ପୂର୍ବରୁ ସେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର କମିଶନର, ନୟାଗଡ଼, ରାଉରକେଲା, ଯାଜପୁର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲା ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ସେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଡିଆଇଜି ଏବଂ ବିଜୁ ପଟ୍ଟନାୟକ ପୋଲିସ ପ୍ରଶିକ୍ଷଣ ଏକାଡେମୀ ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଅନ୍ୟପକ୍ଷେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅରୁଣ କୁମାର ଷଡ଼ଙ୍ଗୀ ଏବେ ଅସ୍ଥାୟୀ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି। ୨୦୨୩ ଡିସେମ୍ବର ୩୧ରେ ତତ୍କାଳୀନ ବିଜେଡି ସରକାର ଅରୁଣଙ୍କୁ ଡିଜିପି ନିଯୁକ୍ତ କରିଥିଲେ। ରାଜ୍ୟର ମୋହନ ମାଝୀ ସରକାର ଅଦ୍ୟାବଧି ଅରୁଣଙ୍କ ନିଯୁକ୍ତିକୁ ସ୍ଥାୟୀ କରିବା ଦିଗରେ ପଦକ୍ଷେପ ନେଇନାହାନ୍ତି। ଏପରିକି ଡିଜିପି ଚୟନ ପାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ତାଲିକା ମଧ୍ୟ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି)କୁ ପଠାଇ ନାହାନ୍ତି।

# ମୁଖ୍ୟମନ୍ତ୍ରୀଙ୍କ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ

## କ୍ୟାପିଟାଲ ହସ୍ପିଟାଲର ଆହୁରି ଆଧୁନିକୀକରଣ କରାଯିବ: ମୁଖ୍ୟମନ୍ତ୍ରୀ

- **ରୋଗୀଙ୍କ ଯତ୍ନ କିପରି ନିଆଯାଉଛି ସେ ସମ୍ପର୍କରେ ବୁଝିଲେ**
- **ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ସହ ଆଲୋଚନା କଲେ**

ଭୁବନେଶ୍ୱର, ୨୮(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସନ୍ଧ୍ୟାରେ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରି ରାତିରେ ରୋଗୀମାନଙ୍କର କିପରି ଯତ୍ନ ନିଆଯାଉଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ରହିବା, ଖାଇବା ଓ ଆଟେଣ୍ଡାଣ୍ଟମାନଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ। ଏଥିସହ ହସ୍ପିଟାଲର ପରିମଳ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ବୁଝିଥିଲେ। କ୍ୟାପିଟାଲ ହସ୍ପିଟାଲର ଆହୁରି ଆଧୁନିକୀକରଣ କରାଯାଇ ରୋଗୀମାନଙ୍କ ପାଇଁ ଅଧିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହସ୍ପିଟାଲରେ ରୋଗୀସେବାରେ ଆହୁରି ଅଧିକ ଉନ୍ନତି ଆଣିବା ତଥା ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ରୋଗୀମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଦିଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ହସ୍ପିଟାଲର ଅସ୍ଥାୟୀ କର୍ମଚାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ପ୍ରାପ୍ୟ ମଜୁରି ସମ୍ପର୍କରେ ବୁଝିଥିଲେ। ନୂଆ ବର୍ଦ୍ଧିତ ମଜୁରି ମିଳିବା ପରେ ସେମାନଙ୍କ ପ୍ରାପ୍ୟ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରୋଗୀସେବା ପରି ଏକ ମହାନ୍ କାର୍ଯ୍ୟରେ ନିଷ୍ଠାର ସହ ଦାୟିତ୍ୱ ତୁଲାଉଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

# ୫ ତାରିଖରେ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତା ଅଗଷ୍ଟ ୫ ତାରିଖରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୂର୍ବାହ୍ନ ୧୧ ଟାରୁ ଅଭିଯୋଗ ଶୁଣାଣି ହେବ। ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ ସେହିଦିନ ସକାଳ ୮ ଘଟିକାରୁ ୧୨ ଘଟିକା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହେବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଉକ୍ତ ଅଭିଯୋଗ ଶୁଣାଣି ସ୍ଥାନରେ ଉପରୋକ୍ତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ପଞ୍ଜୀକରଣ କରାଇ ଅଭିଯୋଗଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ରଥଯାତ୍ରା ଓ ବିଧାନସଭା ଚାଲୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

# ମହାନଦୀ ମୁହାଣରେ ଫସିଲା ବୋଟ୍: ବିପଦରେ ୭ ମତ୍ସ୍ୟଜୀବୀ

ପାରାଦୀପ,୨୮(ଶରତ ରାଉତ)

## ଉଦ୍ଧାର ପାଇଁ ପ୍ରୟାସ ଜାରି

ପାରାଦୀପ ନେହେରୁ ବଙ୍ଗଳା ନିକଟସ୍ଥ ମହାନଦୀ ମୁହାଣରେ ଶୁକ୍ରବାର ଏକ ମାଛଧରା ବୋଟ୍ ଫସିଯାଇଛି। ଉକ୍ତ ବୋଟ୍‌ର ନାମ 'ଶ୍ରୀକ୍ଷେତ୍ର ଭରସା'। ସେଥିରେ ୭ ଜଣ ମତ୍ସ୍ୟଜୀବୀ ଅଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଅପରପକ୍ଷେ ସେଠାକୁ ଅନ୍ୟ ବୋଟ୍, ମେରାଇନ ବୋଟ୍ କିମ୍ବା କୋଷ୍ଟଗାର୍ଡ ଜାହାଜ ପହଞ୍ଚିପାରୁନାହିଁ।

'ଶ୍ରୀକ୍ଷେତ୍ର ଭରସା' ବୋଟ୍ ଶୁକ୍ରବାର ସମୁଦ୍ର ମଧ୍ୟରେ ଥିବାବେଳେ (ଷ୍ଟିଅରିଂ) ସୁକାନୀ ଖରାପ ହୋଇଯାଇଥିଲା। ତାକୁ ଆଉ ଏକ ବୋଟ୍(ଗୋପାଳଜୀଉ) ରଶିରେ ବାନ୍ଧି ମାଛଧରା ବନ୍ଦର ଭିତରକୁ ଆଣୁଥିଲା। ହେଲେ ମୁହାଣ ପାଖରେ ରଶି ଛିଣ୍ଡିଯାଇଥିଲା। ଫଳରେ ଟାଣୁଥିବା ବୋଟ୍ ଆଉ ପଛକୁ ଫେରିପାରି ନ ଥିଲା ଏବଂ 'ଶ୍ରୀକ୍ଷେତ୍ର ଭରସା' ବୋଟ୍ ପଛକୁ ଭାସିଯାଇ ସମୁଦ୍ରରେ କରେଣ୍ଟ (ଅନ୍ତଃସ୍ରୋତ) ଥିବା ବାଲିରେ ବିପଦପୂର୍ଣ୍ଣ ଅବସ୍ଥାରେ ଅଟକିଯାଇଛି ବୋଲି ଓମ୍ପା(ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି। ଉକ୍ତ ବାଲିରେ କରେଣ୍ଟ ଥିବାରୁ ସେଠାରେ ଅନ୍ୟ କୌଣସି ବୋଟ୍ ପହଞ୍ଚିପାରୁନାହିଁ। ରାତି ପ୍ରାୟ ୨ଟା ବେଳକୁ ସମୁଦ୍ରରେ ଅଧିକ ଜୁଆର ଆସିଲେ ଅନ୍ୟ ଦୁଇଟି ବୋଟ୍ ସେଠାରେ ପହଞ୍ଚି ରଶିରେ 'ଶ୍ରୀକ୍ଷେତ୍ର ଭରସା' ବୋଟ୍‌କୁ ଟାଣିଆଣିବେ। ଯଦି ବୋଟ୍ ଆସିବାରେ ଅସୁବିଧା ହୁଏ ତେବେ ମତ୍ସ୍ୟଜୀବୀମାନଙ୍କୁ ନେଇଆସିବେ ବୋଲି ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ଏବେ ମହାନଦୀ ବନ୍ୟାଜଳ ସମୁଦ୍ରରେ ମିଶୁଛି। ଏହାଦ୍ୱାରା ମୁହାଣରେ ପ୍ରବଳ କରେଣ୍ଟ ପ୍ରବାହିତ ହେଉଛି।

# ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ୮୫ ପ୍ଲଟ୍

## ବାଲେଶ୍ୱରର ୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

- **ଜଳେଶ୍ୱରରେ ୮୦, ପୁରୀ ଡେଲାଙ୍ଗରେ ୪, ପଶ୍ଚିମବଙ୍ଗରେ ଗୋଟିଏ ପ୍ଲଟ୍**
- **ଘରୁ ମିଳିଲା ନଗଦ ୧୧.୭୦ ଲକ୍ଷ, ସୁନା ବିସ୍କୁଟ୍, ବିପୁଳ ଅଳଙ୍କାର**

ବାଲେଶ୍ୱର,(ମାନସ ବିଶ୍ୱାଳ)/ ଜଳେଶ୍ୱର, (ରବିନାରାୟଣ ପାତ୍ର)/ ଭୁବନେଶ୍ୱର,୨୮(ସତ୍ୟଜିତ୍ ରାଉତ)









ସରକାରୀ ବାବୁମାନେ କ୍ଷମତା ବଳରେ ବେଆଇନ ଭାବେ ଠୁଳ କରୁଛନ୍ତି ଅଚଳାଚଳ ସମ୍ପତ୍ତି। ମାଳମାଳ ପ୍ଲଟ୍, ବହୁତଳ ବିଶିଷ୍ଟ କୋଠା, ସୌଖୀନ ଗାଡ଼ି, ବହୁମୂଲ୍ୟର ଅଳଙ୍କାର; ଏମିତି ଆହୁରି କେତେ କ'ଣ। ଭିଜିଲାନ୍ସ ଚଢ଼ାଉ ବେଳେ ଏଭଳି ଆଉ ଜଣେ ଦୁର୍ନୀତିଖୋର ସରକାରୀ ବାବୁଙ୍କ କଳା ସାମ୍ରାଜ୍ୟ ପଦାକୁ ଆସିଛି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ। ପୂର୍ବରୁ ସେ ବାଲେଶ୍ୱର ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ) ଥିବାବେଳେ ଗୁରୁବାର ପାଦୋନ୍ନତି ପାଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପ୍ରଭାସଙ୍କ ଘର ସମେତ ବାଲେଶ୍ୱରର ୭ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚବେଳେ ଭିଜିଲାନ୍ସ ପ୍ରଭାସଙ୍କ ୮୫ଟି ପ୍ଲଟ୍, ବହୁତଳ ବିଶିଷ୍ଟ ଏକାଧିକ କୋଠା, ସୁନା ବିସ୍କୁଟ ସମେତ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଜଳେଶ୍ୱର ବଡ଼ବଜାରସ୍ଥିତ ପୈତୃକଘର, ବାଲିଆପାଳ ମହିଁଷାମୁଣ୍ଡାସ୍ଥିତ ଶ୍ୱଶୁର ଘର, ବାଲେଶ୍ୱର ସରକାରୀ ଆଇଟିଆଇ ଛକ ନିକଟ ଇରିଗେଶନ୍ କଲୋନୀସ୍ଥିତ ସରକାରୀ କ୍ୱାର୍ଟର୍ସ, ବାଲେଶ୍ୱର ଜଳସେଚନ ଡିଭିଜନ୍‌ର ଅଫିସ ଚାମ୍ବର ଓ ପ୍ରଭାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଜଣେ ଠିକାଦାରଙ୍କ ଘର ଆଦି ରହିଛି।

ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଠାବ ହୋଇଥିବା ପ୍ରଭାସଙ୍କ ୮୫ଟି ପ୍ଲଟ୍ ମଧ୍ୟରୁ କେବଳ ଜଳେଶ୍ୱରରେ ରହିଛି ୮୦ ପ୍ଲଟ୍। ବାକି ୫ଟି ପ୍ଲଟ୍ ମଧ୍ୟରୁ ପୁରୀ ଜିଲା ଡେଲାଙ୍ଗରେ ୪ ଓ ପଶ୍ଚିମବଙ୍ଗ ସୁନାକଣିଆରେ ଗୋଟିଏ ରହିଛି। ଏସବୁ ପ୍ଲଟ୍‌କୁ ପ୍ରଭାସ ବିଭିନ୍ନ ସମୟରେ ନିଜ ସହ ପରିବାର ସଦସ୍ୟଙ୍କ ନାଁରେ କିଣିଛନ୍ତି। ପଞ୍ଜୀକୃତ ସେଲ୍ ଡିଡ୍ ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ମୂଲ୍ୟ ୨.୦୭ କୋଟି ରହିଥିବାବେଳେ ଏସବୁର ବଜାର ମୂଲ୍ୟ ବହୁ ଅଧିକ ହେବ। ସେହିପରି ଜଳେଶ୍ୱରସ୍ଥିତ ୧୨ ହଜାର ୫୦୦ ବର୍ଗଫୁଟରେ ଥିବା ୫ ମହଲା କୋଠା, ଜଳେଶ୍ୱର ଗୋବରା ଘାଟସ୍ଥିତ ୬୧୫୧ ବର୍ଗଫୁଟରେ ନୂଆକରି ନିର୍ମାଣ ହୋଇଥିବା ଆର୍‌ସିସି ରୁଫ୍ ବିଶିଷ୍ଟ କୋଠା ସହ ପାଚେରି, ମାର୍କେଟ୍ କମ୍ପ୍ଲେକ୍ସ ଓ ଶ୍ରମିକ ଆଶ୍ରୟସ୍ଥଳ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ଘରୁ ନଗଦ ୧୧ ଲକ୍ଷ ୭୦ ହଜାର ୯୮୦ ଟଙ୍କା, ଗୋଟିଏ ସୁନା ବିସ୍କୁଟ ସମେତ ୩୩୪.୫୫ ଗ୍ରାମ୍‌ର ସୁନା ଅଳଙ୍କାର, ଗୋଟିଏ ଚାରିଚକିଆ ଯାନ (ଟାଟା ଇଣ୍ଡିକା) ଓ ଗୋଟିଏ ଦୁଇ ଚକିଆ ଯାନ (ହୋଣ୍ଡା ଆକ୍ଟିଭା) ଏବଂ ୬.୬୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ହିସାବକୁ ନେଇଛି ଭିଜିଲାନ୍ସ। ଏଥିସହ ୭୮ ଲକ୍ଷ ୨ ହଜାର ୭୭୯ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ, ଜୀବନବୀମା ଜମା ରହିଥିବା ଭିଜିଲାନ୍ସ ସୂଚନା ଦେଇଛି। ଭିଜିଲାନ୍ସ ଟିମ୍ ପକ୍ଷରୁ ପ୍ରଭାସଙ୍କୁ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରାଯାଉଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଯାଞ୍ଚରେ ଭିଜିଲାନ୍ସର ୨ଜଣ ଅତିରିକ୍ତ ଏସ୍‌ପି, ୪ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର. ୭ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

### ଗୋଟିଏ ଜିଲାରେ ୧୫ରୁ ଊର୍ଦ୍ଧ୍ୱ ବର୍ଷ

ପ୍ରଭାସ କନିଷ୍ଠ ଯନ୍ତ୍ରୀ ଭାବେ ବାଲେଶ୍ୱର ଜିଲାରେ କାର୍ଯ୍ୟ ଆରମ୍ଭ କରିଥିଲେ। କିଛିବର୍ଷ ତଳେ ପ୍ରଭାସ ଏସ୍‌ଡିଓରୁ ପଦୋନ୍ନତି ପାଇ ସେହି ବାଲେଶ୍ୱର ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ହୋଇଥିଲେ। ଗୋଟିଏ ଜିଲାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ନିର୍ବାଚନ ସମୟରେ ତାଙ୍କର ବି ବଦଳି ହୋଇ ନ ଥିଲା। ଫଳରେ ଏସବୁ ବିପୁଳ ସମ୍ପତ୍ତି ଠୁଳ କରିବାରେ ସେ ସୁଯୋଗ ପାଇଥିଲେ। ପୂର୍ବରୁ ସେ ଲାଞ୍ଚ ନେବା, ଠିକାଦାର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଏତେସବୁ ଦୁର୍ନୀତି ସତ୍ତ୍ୱେ ଗୁରୁବାର ତାଙ୍କର କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍ ପ୍ରୋଜେକ୍ଟର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ପଦୋନ୍ନତି ହୋଇଥିଲା। ପ୍ରଭାସ ଏବେ ଭିଜିଲାନ୍ସ ଫାଶରେ ପଡ଼ିବା ପରେ ସ୍ଥାନୀୟ ଲୋକେ ଓ ଠିକାଦାରମାନେ ଏହା ତାଙ୍କ କର୍ମର ଫଳ ବୋଲି କହିଛନ୍ତି।

# ବିଶିଷ୍ଟ ସାମ୍ବାଦିକ ପ୍ରଦୀପ ମହାପାତ୍ରଙ୍କ ବିୟୋଗ

ବ୍ରହ୍ମପୁର,୨୮(ସ୍ୱାଧୀନ ଶେଖର ପାଢ଼ୀ)

ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପୂର୍ବତନ ଏଚ୍‌ଓଡି ଡ. ପ୍ରଦୀପ ମହାପାତ୍ରଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ଗତ ସୋମବାର ସେ ଅସୁସ୍ଥ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ମରଶରୀର ବ୍ରହ୍ମପୁର ଭୀମରାଓ ପେଟାସ୍ଥିତ ନିଜସ୍ୱ ବାସଭବନକୁ ଆସିବା ପରେ ବହୁ ଖବରଦାତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗେଟବଜାର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ପ୍ରଫେସର ମହାପାତ୍ରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ପୋଷ୍ଟ କରି ସେ କହିଛନ୍ତି, ପ୍ରଫେସର ଡ.

### ମୁଖ୍ୟମନ୍ତ୍ରୀଙ୍କ ଶୋକ


ପ୍ରଦୀପ ମହାପାତ୍ର

ପ୍ରଦୀପ ମହାପାତ୍ରଙ୍କ ଦେହାନ୍ତ ଖବର ଶୁଣି ମର୍ମାହତ। ଅବସର ପରେ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ମହାପାତ୍ର ସକ୍ରିୟ ରହି ଅନେକ ଲେଖା ଓ ପୁସ୍ତକ ରଚନା କରିଥିଲେ। ତାଙ୍କର ଦେହାବସାନ ଯୋଗୁ ସାମ୍ବାଦିକତା କ୍ଷେତ୍ରରେ ଅପୂରଣୀୟ କ୍ଷତି ହୋଇଛି। ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଡ. ମହାପାତ୍ର ଓଡ଼ିଶାର ପ୍ରଥମ ରଙ୍ଗୀନ ଓଡ଼ିଆ ପତ୍ରିକା 'ଜନନୀ'ର ପ୍ରତିଷ୍ଠାତା ଥିଲେ। ବ୍ରହ୍ମପୁରରୁ ସାମ୍ବାଦିକତାରୁ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ସାମ୍ବାଦିକତା ପାଠ ପଢାଉଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଦୀର୍ଘବର୍ଷ ଧରି ଅଧ୍ୟାପନା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୨୦୧୪ରେ ସେ ଅବସର ନେଇଥିଲେ। ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ ଯାତ୍ରାଠାରୁ ଆରମ୍ଭ କରି ସହରର ଇତିହାସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସ୍ତମ୍ଭ ଲେଖି ଲୋକପ୍ରିୟ ହୋଇ ପାରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗଣେଶ ସେଠୀ, ହୃଷୀକେଶ ପାଣିଗ୍ରାହୀ, ସହକାରୀ ପ୍ରାଧ୍ୟାପକ ଡ. ବନ୍ଦିତା ପଣ୍ଡା ପ୍ରମୁଖ ଡ. ପଣ୍ଡାଙ୍କ ଶେଷଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଅଶାନ୍ତ ସମୁଦ୍ରରେ ଅଟକିଛି ଶତାଧିକ ଟ୍ରଲର

ଭୋଗରାଇ,୨୮(ପ୍ରଦୀପ ଦାସ)

ଘୂର୍ଣ୍ଣିବଳୟ ପ୍ରଭାବରେ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ୨ ଦିନ ହେଲା ବିକ୍ଷିପ୍ତ ବର୍ଷା ଲାଗିରହିଛି। ଏଥି ସହିତ ଝଟକା ବତାସ ଏବଂ ଅମାବାସ୍ୟା ଜୁଆର ସାଥୀ ହେବାରୁ ସମୁଦ୍ର ଅଶାନ୍ତ ହୋଇପଡ଼ିଛି। ଏଭଳିସ୍ଥିତିରେ ଦୀଘା ଉପକୂଳ ଉତ୍ତାଳ ହେବା ସହିତ ଗଭୀର ସମୁଦ୍ରକୁ ଶତାଧିକ ଟ୍ରଲରରେ ମାଛ ଧରିବାକୁ ଯାଇଥିବା ହଜାରେରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ କୂଳକୁ ନ ଫେରି ସେଠାରେ ଲଙ୍ଗର ପକାଇ ଅଟକିଥିବା ଦୀଘା ମୁହାଁଣ ମତ୍ସ୍ୟଜୀବୀ ସଂଘ ସୂଚନା ଦେଇଛି।


ତାଳସାରୀ ବେଳାଭୂମିରେ ଅଟକି ଥିବା ଡଙ୍ଗା।

## ପର୍ଯ୍ୟଟକଙ୍କୁ ସମୁଦ୍ର ମନା

କେତେକ ଟ୍ରଲରରେ ମାଛ ଭର୍ତ୍ତିଥିବାରୁ ମତ୍ସ୍ୟଜୀବୀମାନଙ୍କ ସହିତ ଯୋଗାଯୋଗ କରାଯାଉଥିବା ସଂଘ କର୍ମକର୍ତ୍ତା କହିଛନ୍ତି। ଅପରପକ୍ଷରେ ବୁଧବାର ଅମାବସ୍ୟା ତିଥି ଥିବାବେଳେ ସମୁଦ୍ରର ଉତ୍ତାଳ ଢେଉ କୂଳ ଆଡ଼କୁ ମାଡ଼ିଆସି ତଟ ସୁରକ୍ଷା ପଥର ବନ୍ଧରେ ମାଡ଼ ହେଉଛି। ଜୁଆରପାଣି କୂଳବାସୀଙ୍କୁ ଶଙ୍କିତ କରୁଛି। ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ପ୍ରତିକୂଳ ପାଗ ଯୋଗୁ ଉଦୟପୁର, ତାଳସାରୀ, ରଣସିଂପୁର, କୀର୍ତ୍ତନିଆ, ଡଗରା, ଚୌମୁଖ ପ୍ରଭୃତି ମତ୍ସ୍ୟ ଅବତରଣ କେନ୍ଦ୍ରରେ ଡଙ୍ଗାଗୁଡ଼ିକ କୂଳରେ ସୁରକ୍ଷିତ ଭାବେ ରହିଛି ବୋଲି ଭାରପ୍ରାପ୍ତ ମତ୍ସ୍ୟ ଅଧିକାରୀ ଅନନ୍ତ ଜେନା କହିଛନ୍ତି।

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଝାସ ଦିଏ- ସେତିକି ବେଳେ। **-ଶ୍ରୀଅରବିନ୍ଦ**

-ଗୃହିଣାଂ ଚିତାଉ ଲାଗି, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ଗୌବାଙ୍କ ରେକର୍ଡ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କ୍ୟାବିନେଟ୍ ସଚିବ ରାଜୀବ ଗୌବା ଅଗଷ୍ଟ ଶେଷରେ ଅବସର ନେବେ। ଏହି ପଦବୀରେ ସବୁଠୁ ଅଧିକ ଦିନ ରହିବାରେ ସେ ରେକର୍ଡ କରିବାକୁ ଯାଉଛନ୍ତି। ଝାଡ଼ଖଣ୍ଡ କ୍ୟାଡରର ୧୯୮୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଗୌବା ପ୍ରମୁଖ ଶୀର୍ଷ ଦାୟିତ୍ୱରେ ପାଞ୍ଚବର୍ଷ ପୂରା କରିବାକୁ ଯାଉଛନ୍ତି। କ୍ୟାବିନେଟ୍ ସଚିବ ପଦବୀରେ ତାଙ୍କ ପୂର୍ବରୁ ପ୍ରଦୀପ କୁମାର ସିହ୍ନା ଚାରିବର୍ଷ ୭୯ ଦିନ କାର୍ଯ୍ୟ କରିଥିବାବେଳେ ସ୍ୱାଧୀନ ଭାରତର ଦ୍ୱିତୀୟ କ୍ୟାବିନେଟ୍ ସଚିବ ୱାଇ.ଏନ୍. ସୁକଥାନକରଙ୍କ କାର୍ଯ୍ୟକାଳ ଏହାଠାରୁ ଗୋଟିଏ ଦିନ କମ୍ ଥିଲା। ଗୌବାଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସୁଥିବାରୁ ଏହି ପଦବୀ ଦୌଡ଼ରେ ୧୯୮୭ ବ୍ୟାଚ୍‌ର ତିନିଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଏବର ଅର୍ଥ ସଚିବ ଟି.ଭି. ସୋମନାଥନ୍ (ତାମିଲନାଡୁ କ୍ୟାଡର), ଗୁଜରାଟର ମୁଖ୍ୟ ଶାସନ ସଚିବ ରାଜ କୁମାର ଏବଂ ଜଳଶକ୍ତି ସଚିବ ଭିନି ମହାଜନ (ପଞ୍ଜାବ କ୍ୟାଡର) ରହିଥିବା ଜଣାପଡ଼ିଛି। ଏଥିସହ ୧୯୮୯ ବ୍ୟାଚ୍‌ର ଏସ୍.କ୍ରିଷ୍ଣନ (ତାମିଲନାଡୁ କ୍ୟାଡର) ଅପ୍ରତ୍ୟାଶିତ ଭାବେ ଉଭା ହୋଇଛନ୍ତି। କିନ୍ତୁ ସୋମନାଥନ୍ ଏହି ଦୌଡ଼ରେ ଆଗରେ ଥିବାଭଳି ଜଣାଯାଉଛି। ଆର୍ଥିକ କ୍ଷେତ୍ରରେ ତାଙ୍କର ବିଚକ୍ଷଣ ବୁଦ୍ଧି ଓ ନିଷ୍ଠା ଏବଂ ସଚ୍ଚୋଟତା ପାଇଁ ସେ ଜଣାଶୁଣା। ଏହି ନିଯୁକ୍ତି ଦୌଡ଼ରେ ଆଉଜଣେ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ରାଜ କୁମାର। ପ୍ରତିରକ୍ଷା ଉତ୍ପାଦନ ସଚିବ ପଦବୀରେ କୁମାରଙ୍କ କାର୍ଯ୍ୟକାଳ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା ଏବଂ ସେ ବର୍ତ୍ତମାନ ଗୁଜରାଟର ମୁଖ୍ୟ ଶାସନ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି। ତୃତୀୟ ପ୍ରତିଯୋଗୀ ହେଲେ ପଞ୍ଜାବର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଏବକାର ପାନୀୟ ଜଳ ଓ ପରିମଳ ସଚିବ ଭିନି ମହାଜନ। ସେ ଭାରତର ପ୍ରଥମ ମହିଳା କ୍ୟାବିନେଟ୍ ସଚିବ ଭାବରେ ଇତିହାସ ସୃଷ୍ଟି କରିପାରନ୍ତି। ତେବେ ଏହି ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ କିଏ ଶେଷରେ ଗୌବାଙ୍କ ଉତ୍ତରାଧିକାରୀ ହେବେ କିମ୍ବା ମୋଦି ଅନ୍ୟ କାହାକୁ ନିଯୁକ୍ତି ଦେଇ ଆମକୁ ଆଶ୍ଚର୍ଯ୍ୟଚକିତ କରିବେ, ତାହା ଦେଖିବାକୁ ବାକି ରହିଲା।

### ସବୁଜ ନିର୍ବାଚନ

ଉତ୍ତରପ୍ରଦେଶ କ୍ୟାଡରର ୨୦୦୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଡ. ହୀରା ଲାଲ ହେଉଛନ୍ତି ଲୋକପ୍ରିୟ ପୁସ୍ତକ 'ଡାଇନାମିକ ଡିଏମ୍'ର ଲେଖକ। ପଞ୍ଜାବର ଆନନ୍ଦପୁର ସାହିବରେ ଏକ ଅଭୂତପୂର୍ବ ଯୋଜନାର ନେତୃତ୍ୱ ନେଇ ସବୁଜ ନିର୍ବାଚନ ପାଇଁ ଏକ ଉଲ୍ଲେଖନୀୟ ମାନଦଣ୍ଡ ସ୍ଥାପନ କରିଛନ୍ତି। ଏହି ପଦକ୍ଷେପ କେବଳ ନିର୍ବାଚନ ପରିଚାଳନା ସମ୍ପର୍କିତ ନୁହେଁ ବରଂ ତାହାର ଲକ୍ଷ୍ୟ ହେଉଛି ନିର୍ବାଚନକୁ କିଭଳି ପରିବେଶ ସଚେତନାଧର୍ମୀ ଏବଂ ସ୍ଥାୟୀ କରାଯାଇପାରିବ। ନିର୍ବାଚନ ପ୍ରକ୍ରିୟାରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ଉପରେ ଧ୍ୟାନ ଦିଆଯିବା ସହ ନାଗରିକ ଦାୟିତ୍ୱ ଏବଂ ପରିବେଶର ଯତ୍ନ କିପରି ମିଳିତ ଭାବେ ନିଆଯାଇପାରିବ ତାହା ଡ. ହୀରା ଲାଲ ଦର୍ଶାଇଛନ୍ତି। କାଗଜ ବ୍ୟବହାର ହ୍ରାସ କରିବା, ଡିଜିଟାଲ ଅଭିଯାନକୁ ପ୍ରୋତ୍ସାହିତ କରିବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟଗୁଡ଼ିକ ସୁନିଶ୍ଚିତ କରିବା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟ ଯଦିଓ ସରଳ, ତଥାପି ପ୍ରାକୃତିକ ସମ୍ପଦ ଉପରେ ଚାପକୁ ହ୍ରାସ କରିବାରେ ସେଗୁଡ଼ିକର ପ୍ରଭାବ ଉଲ୍ଲେଖନୀୟ। ଆନନ୍ଦପୁର ସାହିବର ଢାଞ୍ଚାକୁ ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକ ମଧ୍ୟ ଗ୍ରହଣ କରିପାରିବେ, ଯାହା ଏକ ନିର୍ବାଚନୀ ପ୍ରଭାବ ସୃଷ୍ଟି କରିବ ଏବଂ ତାହା ଦେଶବ୍ୟାପୀ ନିର୍ବାଚନା ପରିଚାଳନାରେ ପରିବର୍ତ୍ତନ ଆଣିପାରିବ। ଏହା କେବଳ ଗୋଟିଏ ସହର କିମ୍ବା ଗୋଟିଏ ନିର୍ବାଚନର କଥା ନୁହେଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ସବୁଜ ନିର୍ବାଚନ ପାଇଁ ଡ. ହୀରା ଲାଲଙ୍କ ଦୃଷ୍ଟିକୋଣ ପରିବେଶ ଉପଯୋଗୀ ତଥା ଦାୟିତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟା ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ।

### ଜାଲ୍ ଡକ୍ୟୁମେଣ୍ଟ

ପୂଜା ଖେଡ୍‌କରଙ୍କ ଜାଲିଆତି କାର୍ଯ୍ୟ ଏବେ ଆଲୋଡନ ସୃଷ୍ଟି କରିଛି। ବାସ୍ତବରେ ଏହା ଆମ ଅମଲାତନ୍ତ୍ରର ଏକ ଖରାପ ଛବିକୁ ପ୍ରକାଶ କରୁଛି। ଆଇଏଏସ୍ ପ୍ରୋବେସନର୍ ପୂଜା ଖେଡ୍‌କରଙ୍କ ପଦବୀ ପାଇବାକୁ ଜାତି ଏବଂ ଆର୍ଥିକ ସ୍ଥିତି ସମ୍ପର୍କିତ ଜାଲ୍ ଡକ୍ୟୁମେଣ୍ଟ ବ୍ୟବହାର କରିଥିବା ଖବର ପ୍ରଚାର ହେବା ପରଠାରୁ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଏହି ଭଳିଆ କାହାଣୀ ସବୁ ଦେଖିବାକୁ ମିଳୁଛି। ଏଥିରୁ ଜଣାପଡ଼ିଛି, ଅନେକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସଂରକ୍ଷଣ କୋଟାର ଅପବ୍ୟବହାର କରି ଆସୁଛନ୍ତି। ବର୍ତ୍ତମାନ ଉତ୍ତରପ୍ରଦେଶର ଅଭିଷେକ ସିଂଙ୍କ ପରି ବାବୁ ଏବଂ ଗୁଜରାଟର ଚାରିଜଣ ଅଧିକାରୀ ତଦନ୍ତ ପରିସରରେ ଅଛନ୍ତି। ୨୦୨୦-୨୦୨୨ ମଧ୍ୟରେ ଛତିଶଗଡ଼ରେ ପରୀକ୍ଷାଗୁଡ଼ିକରେ ହୋଇଥିବା ପକ୍ଷପାତିତାକୁ ନେଇ ସିବିଆଇ ଅନୁସନ୍ଧାନ ଚଳାଇଥିବାବେଳେ ରାଜସ୍ଥାନରେ ଅନିୟମିତତା ପାଇଁ ୧ ଲକ୍ଷରୁ ଅଧିକ ନିଯୁକ୍ତି ଉପରେ ସମୀକ୍ଷା କରାଯାଉଛି। ତରବରିଆ ଭାବେ କରାଯାଇଥିବା ରିପୋର୍ଟରେ ଦୁର୍ଭାଗ୍ୟବଶତଃ କିଛି ବାସ୍ତବ ଏବଂ ଯୋଗ୍ୟ ପ୍ରାର୍ଥୀଙ୍କ ଉପରେ ଭୁଲ୍‌ରେ ଅଭିଯୋଗ ଅଣାଯାଇଛି। ଏହି ସମସ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାରୁ ଚୟନ ପ୍ରକ୍ରିୟା ଉପରେ ସନ୍ଦେହ ବଢ଼ିବାରେ ଲାଗିଛି, ବିଶେଷକରି ଏନ୍‌ଇଇଟି ପରୀକ୍ଷାକୁ ନେଇ ଏବେ ଖୋଳତାଡ଼ ଚାଲିଥିବାରୁ ଏହା ସୃଷ୍ଟି ହେବା ସ୍ୱାଭାବିକ। ଏସବୁ ଅବ୍ୟବସ୍ଥା ସାମ୍ନାକୁ ଆସିବା ପରେ ବିଶେଷକରି ଭିନ୍ନକ୍ଷମ ବର୍ଗରେ ବାବୁମାନଙ୍କ ଚୟନ ପ୍ରକ୍ରିୟାରେ ଅଧିକ ଯାଞ୍ଚ ଓ ସ୍ୱଚ୍ଛତା ଅଣାଯିବା ଦରକାର। ଏବେ ସିଭିଲ ସର୍ଭିସର ସ୍ୱଚ୍ଛତା ବିପଦରେ। ତ୍ୱରିତ୍ ପଦକ୍ଷେପ ନ ନେଲେ ଜନସାଧାରଣଙ୍କ ବିଶ୍ୱାସ କମିଚାଲିବ।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | | | | | | 7 | |
| | | 6 | 7 | | | 2 | | |
| | | | 5 | 6 | | 4 | 3 | |
| | 5 | | 8 | | | | | 9 |
| | | 7 | | | 9 | | | 2 |
| | | | | | | | 6 | |
| | | | 6 | 3 | | 8 | | |
| 6 | | | | | 4 | | | 3 |
| | | | | 5 | | | 1 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 3 | 8 | 9 | 2 | 5 | 7 | 6 |
| 2 | 9 | 7 | 3 | 5 | 6 | 8 | 4 | 1 |
| 5 | 8 | 6 | 7 | 1 | 4 | 9 | 2 | 3 |
| 3 | 1 | 4 | 5 | 2 | 8 | 7 | 6 | 9 |
| 6 | 5 | 8 | 9 | 3 | 7 | 4 | 1 | 2 |
| 9 | 7 | 2 | 6 | 4 | 1 | 3 | 5 | 8 |
| 7 | 2 | 1 | 4 | 8 | 3 | 6 | 9 | 5 |
| 8 | 6 | 5 | 2 | 7 | 9 | 1 | 3 | 4 |
| 4 | 3 | 9 | 1 | 6 | 5 | 2 | 8 | 7 |

ଗତକାଲିର ଉତ୍ତର

# ବନୀକରଣ ଓ ବନବାସ୍ତବତା



ଡ. ପ୍ରଫୁଲ୍ଲ କୁମାର ସାହୁ

ଦିନେ ଏହି ପୃଥିବୀ ଥିଲା ନିବିଡ଼ ନିରନ୍ଧ୍ର ଅରଣ୍ୟାନୀରେ ପରିପୂର୍ଣ୍ଣ। ମାତ୍ର ଜଙ୍ଗଲ ଉପରେ ଅତ୍ୟାଚାର ବଢ଼ିବା ପରେ ବିଗିଡ଼ିବାକୁ ଲାଗିଲା ସୁସ୍ଥ ସୁନ୍ଦର ପରିବେଶ। ସଭ୍ୟତା ଆରମ୍ଭରେ ଜଙ୍ଗଲ କ୍ଷୟର କାରଣ ଥିଲା ଚାଷର ବିସ୍ତାର। ମଣିଷ କୃଷିକାର୍ଯ୍ୟ ଶିଖିବା ପରେ ଆବଶ୍ୟକ ହେଲା ଚାଷ ଜମି। ଏଇଠୁ ଆରମ୍ଭ ହେଲା ଜଙ୍ଗଲ ଜମିକୁ ଚାଷ ଜମିରେ ପରିଣତ କରିବାର ପ୍ରକ୍ରିୟା। ଜନସଂଖ୍ୟା ବଢ଼ିବା ସହିତ ଅଧିକରୁ ଅଧିକ ଚାଷଜମି ଆବଶ୍ୟକ ହେଲା ସତ, କିନ୍ତୁ ସେ ସମୟରେ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗ ଲାଳସା। ବଞ୍ଚିବା ପାଇଁ ଯେତିକି ଆବଶ୍ୟକ ପ୍ରକୃତିଠାରୁ ସେତିକି ସଂଗ୍ରହ କରୁଥିଲା। ବିଶେଷକରି ବୃକ୍ଷର ସହିଷ୍ଣୁତା ଗୁଣ ମଧ୍ୟରେ ସେ ଦେଖିଥିଲା ବିଶ୍ୱ ପ୍ରକୃତିର ମୌଳିକ ପର୍ଯ୍ୟାୟ। ଆରମ୍ଭ ହେଲା ଧାର୍ମିକ ଭାବନା ନେଇ ବୃକ୍ଷ ରୋପଣ କରିବାର ପରମ୍ପରା। ବିଶେଷକରି ଗାଁ ମୁଣ୍ଡରେ ବର ଅଶ୍ୱତ୍ଥ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ତା' ମୂଳରେ ଢାଳୁଥିଲେ ପାଣି। ମାତ୍ର ଶିଳ୍ପ ସଭ୍ୟତାର ବିକାଶ ପରେ ମଣିଷର ଜୀବନ ବଞ୍ଚିବା ଶୈଳୀ ବଦଳିବା ସହିତ ଆରମ୍ଭ ହେଲା ପରିବେଶ ପ୍ରଦୂଷଣ।

ଲାଭ ଓ ଲୋଭ ଶିଳ୍ପାୟନର ମୂଳକଥା ହୋଇଥିବାରୁ ପ୍ରକୃତି ସହିତ ମିତ୍ରତା କରି ବଞ୍ଚିବା ପରିବର୍ତ୍ତେ ଚାଲିଲା ପ୍ରକୃତିର ଦୋହନ କରି ଆଗକୁ ବଢ଼ିବାର ପ୍ରତିଯୋଗିତା। ମଣିଷର ଏହି ଅପରିଣାମଦର୍ଶିତା ପାଇଁ ଧ୍ୱଂସ ପାଇଲା ହଜାର ହଜାର ହେକ୍ଟର ସବୁଜ ବନାନୀ। ଜଳବାୟୁ ବଦଳିବା ସାଙ୍ଗକୁ ଋତୁଚକ୍ରରେ ଆସିଲା ବିଭ୍ରାଟ। ଚିନ୍ତା ପ୍ରକଟ କଲେ ପରିବେଶ ବିଜ୍ଞାନୀ। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲ ସୁରକ୍ଷା ପାଇଁ ସ୍ୱାଧୀନ ଭାରତରେ ତିଆରି ହେଲା କଠୋର ଆଇନ। ଏଥିସହିତ ସାମାଜିକ ବନୀକରଣ ପାଇଁ କାର୍ଯ୍ୟକାରୀ ହେଲା ଅନେକ ଯୋଜନା। ମାତ୍ର ସବୁ ସଜାଗ ଓ ସତର୍କତା ସତ୍ତ୍ୱେ ବି ବଢ଼ି ଚାଲିଲା ଜଙ୍ଗଲ କ୍ଷୟ। କେଉଁଠି ବନବିଭାଗ ଓ ଜଙ୍ଗଲ ତସ୍କରଙ୍କ ମଧୁଚନ୍ଦ୍ରିକାରେ ଜଙ୍ଗଲ ସଫା ହେଲା ତ ଅନ୍ୟ କେଉଁଠି ବନାଗ୍ନିରେ ଧ୍ୱଂସ ପାଇଲା ଶହ ଶହ ହେକ୍ଟର ଜଙ୍ଗଲ। ଜଙ୍ଗଲ କ୍ଷୟର ସବୁଠାରୁ ବଡ଼ କାରଣ ହୋଇ ଉଭା ହେଲା ବିକାଶମୂଳକ କାର୍ଯ୍ୟକ୍ରମ। ବୋଧହୁଏ ସରକାରଙ୍କ ଦୃଷ୍ଟିରେ ବିକାଶ ଓ ଜଙ୍ଗଲ ପରସ୍ପର ଶତ୍ରୁ। କହିବାର ତାତ୍ପର୍ଯ୍ୟ ସରକାର ଚାହିଁଲେ ପୁରାତନ ବୃକ୍ଷକୁ ସୁରକ୍ଷା ଦେବା ପାଇଁ ବଦଳିଯାଇ ପାରନ୍ତା ବିଭିନ୍ନ ପ୍ରକଳ୍ପର ନକ୍ସା। ବୁଲେଇ ଦେଇ ହୁଅନ୍ତା ରାସ୍ତାର ଗତି। କି ପରିବେଶ ପ୍ରସଙ୍ଗଠାରୁ ସରକାରଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରେ ରାଜନୈତିକ ଲାଭକ୍ଷତିର ହିସାବ। କୁହାଯାଏ ଜଙ୍ଗଲର ଦୁର୍ଭାଗ୍ୟ ହେଉଛି ତା'



ତଳେ ସାଇତା ହୋଇ ରହିଥିବା ମୂଲ୍ୟବାନ ଖଣିଜ ସଂପଦର ଭଣ୍ଡାର। ସେତକ ଲୁଟିନେବା ପାଇଁ ସରକାର ତଥା ବଡ଼ବଡ଼ ଶିଳ୍ପସଂସ୍ଥା ପକ୍ଷରୁ ଚାଲେ କେତେ ପ୍ରକାର ଫନ୍ଦି ଫିକର। ସେମାନଙ୍କ ଦୃଷ୍ଟିରେ ଜଙ୍ଗଲ ଜୀବଜଗତର ଜୀବନ ନାଟିକା ନୁହେଁ, ବରଂ ବସ୍ତୁ ଆବଶ୍ୟକତା ପୂରଣର ଏକ ଶ୍ରେଷ୍ଠ ଭଣ୍ଡାର। ଆମର ଏହି ପରିବେଶ ବିରୋଧୀ ମନୋଭାବ ଯୋଗୁ ଜଙ୍ଗଲ କ୍ଷୟର କଳା ତାଲିକାରେ ଅନେକ ଆଗରୁ ଆମ ଦେଶର ନାମ ଯୋଡ଼ି ହୋଇ ସାରିଛି ଏବଂ ବ୍ରାଜିଲ ଓ ଇଣ୍ଡୋନେସିଆ ତଳକୁ ଭାରତର ସ୍ଥାନ ଏବେ ତୃତୀୟ। ତଥ୍ୟ କହେ ଗତ ୩୦ ବର୍ଷ ଭିତରେ ଭାରତ ନିପାତ କରିସାରିଛି ୬ ଲକ୍ଷ ୬୮ ହଜାର ୪୦୦ ହେକ୍ଟର ଜଙ୍ଗଲ।

ଜଙ୍ଗଲ ହେଉଛି ଏକ ଜଟିଳ ପରିସଂସ୍ଥା। ତାକୁ ସୁରକ୍ଷା ଦେବାରେ ସରକାର ବିଫଳ ହେବା ପରେ ବଢ଼ିଛି ସାମାଜିକ ବନୀକରଣର ଗୁରୁତ୍ୱ। ଏହା ପ୍ରାକୃତିକ ଜଙ୍ଗଲର ପ୍ରତିସ୍ଥାପନ ନୁହେଁ ସତ, ପାରିବେଶିକ ଆବଶ୍ୟକତା ଦୃଷ୍ଟିରୁ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଅଭିଯାନ। ମାତ୍ର ତା'ର ଦିଶାହୀନ ପରିଚାଳନା କଥା ଭାବିଲେ ମନରେ ଭରିଯାଏ ନୈରାଶ୍ୟ। କହିବାର ତାତ୍ପର୍ଯ୍ୟ ଆମେ ଗଛ ଲଗେଇବା କ'ଣ ପାଇଁ? ଭାଗବତରେ ଲେଖା ଅଛି - 'ଜଳପବନ ଲାଗି ଦେହ, ଏଥୁ ଅଧିକ ଥିଲେ କହ'। ଅର୍ଥାତ ଜୀବନ ବଞ୍ଚିବାର ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ପବନ ଓ ପାଣି। ଯେଉଁ ପାଣି ପବନ ବିନା ଆମର ଜୀବନ ଧାରଣ ଅସମ୍ଭବ, ତାକୁ ପାଇବାର ମାଧ୍ୟମ ହେଉଛି ବୃକ୍ଷ। ଏହାକୁ ଦୃଷ୍ଟିରେ ରଖି ଆମେ ଏମିତି କିସମର ଗଛ ଲଗେଇବା ଦରକାର, ଯିଏ ଆମକୁ ପ୍ରଚୁର ପରିମାଣର ଅମ୍ଳଜାନ ଦେବ ଏବଂ ଉପଯୋଗୀ ସାବ୍ୟସ୍ତ ହେବ ବୃଷ୍ଟିପାତ ପାଇଁ। ପୃଥିବୀରେ ବୃକ୍ଷ ହିଁ ମଙ୍ଗଳମୟ ଶିବଙ୍କର ଅମୃତ ଅବତାର। ବିଶ୍ୱର କଲ୍ୟାଣ ପାଇଁ ଶିବ ଯେପରି ହଳାହଳ ଗରଳ ପାନ କରି ନୀଳକଣ୍ଠ ସାଜିଥିଲେ, ବୃକ୍ଷ ସେମିତି ଜୀବଜଗତର ମଙ୍ଗଳ ପାଇଁ ବାୟୁମଣ୍ଡଳରୁ ଶୋଷି ନିଏ ଅଙ୍ଗାରକାମ୍ଳ ରୂପକ ଗରଳ। ତେଣୁ ବନୀକରଣ ଜରିଆରେ ଏମିତି ବୃକ୍ଷ ରୋପଣ କରିବା ଆବଶ୍ୟକ, ଯେଉଁ ବୃକ୍ଷ ପାଖରେ ଥିବ ବାୟୁମଣ୍ଡଳରୁ ସର୍ବାଧିକ ବିଷ ଶୋଷି ନେବାର ସାମର୍ଥ୍ୟ। ଚାରା ରୋପଣ ପରିପ୍ରେକ୍ଷୀରେ ମନେପଡ଼ିଯାଏ ପିଲାଦିନେ ଛବି ବହିରେ ପଢ଼ିଥିବା ପ୍ରସଙ୍ଗ-'ଗଛ ଲଗାଇବି କାହା ପାଇଁ ? କହିବାର କଥା ଏମିତିକା ଗଛ ଲଗେଇବା ଆବଶ୍ୟକ, ଯାହା ବିଳମ୍ବରେ ହେଲେ ମଧ୍ୟ ଅଜାଡ଼ି ଦେବ ଅଜସ୍ର ଫଳ। ଆମ ପୂର୍ବଜମାନେ ରାସ୍ତା କଡ଼ରେ ବର ଓ ଅଶ୍ୱତ୍ଥ ଭଳି ଗଛ ଲଗାଉଥିଲେ, ଯାହା ଛାଇ ତଳେ ବସି କ୍ଳାନ୍ତି ମେଣ୍ଟାଇ ପାରେ ପଥିକ। ବିଡମ୍ବନାର ବିଷୟ ବୃକ୍ଷର ଉପରୋକ୍ତ ଉପଯୋଗିତାକୁ ଉପେକ୍ଷା କରି ବନୀକରଣ ପାଇଁ ପ୍ରସ୍ତୁତ ହେଉଛି ଚାରା। କାରଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଏମିତି ଚାରାଗଛ ରୋପଣ କରିବାକୁ ଚାହାନ୍ତି, ଯାହାକୁ ଗୋରୁ ଛେଳି ଖାଇବେନି ଏବଂ ବଢ଼ି ପାରୁଥିବ ସହଳ। ବିଶେଷଜ୍ଞଙ୍କ ମତରେ ସହଳ ବଢ଼ି ପାରୁଥିବା ଗଛ ଗୁଡିକ ଭୂତଳ ଜଳ ଶୋଷିବାରେ ପ୍ରବୀଣ। ପ୍ରଶ୍ନ ଉଠେ ବନବିଭାଗ ଅଧିକାରୀମାନେ ଏକଥା ଜାଣି ସୁଦ୍ଧା ସେଭଳି ଚାରା ନିର୍ଣ୍ଣୟ କରନ୍ତି କାହିଁକି?

ପ୍ରାକୃତିକ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବନ ବିଭାଗର ବିଫଳତା ହିଁ ଦର୍ଶାଏ ସେ ବିଭାଗରେ ଆଉ ଦକ୍ଷ ଅଧିକାରୀ ନାହାନ୍ତି ବା ପରିସ୍ଥିତି ଚାପରେ ସେମାନେ ଏବେ ନିଷ୍ପ୍ରଭ ଓ ନିର୍ବାକ। ଏକଥା ସତ୍ୟ ଯେ ବନ ସମ୍ପଦର ସୁରକ୍ଷା କେବଳ ବନ କର୍ମଚାରୀଙ୍କ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଜନ ସଂପୃକ୍ତି ଆବଶ୍ୟକ। ଜନସମ୍ପର୍କ ପାଇଁ ଲୋଡ଼ା ଜନ ସଚେତନତା। ଏ ଦିଗରେ ଆଦୌ ଉତ୍ସାହଜନକ ନୁହେଁ ବନବିଭାଗର ପ୍ରୟାସ। କାରଣ ସଫଳତା ଯେଉଁଠି ଲକ୍ଷ୍ୟ ନୁହେଁ, ସେଠାରେ କି ଗୁରୁତ୍ୱ ବହନ କରେ ଜନ ସଂପୃକ୍ତି ଓ ସହଯୋଗ ? ସାମାଜିକ ବନୀକରଣ ଦାୟିତ୍ୱ ପ୍ରାୟତଃ ସେହିମାନଙ୍କ ଉପରେ ନ୍ୟସ୍ତ, ଯେଉଁମାନଙ୍କ ପାଖରେ ଅଛି ପ୍ରାକୃତିକ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ବିଫଳତାର ଦୀର୍ଘ ଅଭିଜ୍ଞତା। ଅଥଚ ଏମାନଙ୍କୁ ଜଣାଅଛି ଆଇନକୁ ଆଖିଠାର ମାରି ସବୁଜୀକରଣ ପଇସାରେ ମଉଜ କରିବାର ଚମତ୍କାର କଳା। ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ତା' ବଦଳରେ ଅନ୍ୟୂନ ଦଶଟି ଗଛ ଲାଗିବା ଉଚିତ। ତେବେ ରାସ୍ତା କଡ଼ରୁ କଟାଯାଇଥିବା ଗୋଟିଏ ଗୋଟିଏ ମହାଦ୍ରୁମ ବଦଳରେ ଦଶ ଦଶଟି କନିଅର ଗଛ ଲଗେଇବା କ'ଣ ଯଥେଷ୍ଟ ?

କେବଳ ବନ ବିଭାଗ ନୁହେଁ, ଗଣମାଧ୍ୟମରେ ଛାଇ ଯାଉଛି ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ହେଉଥିବା ବୃକ୍ଷରୋପଣ ଦୃଶ୍ୟ। ମାତ୍ର ଫଟୋ ଉଠିବା ପରେ କେତେ ଗଛ ବଞ୍ଚିଲା ଓ ଆଉ କେତେ ଗଛ ଯତ୍ନ ଅଭାବରୁ ମଲା ବା ଛେଳି ଗୋରୁଙ୍କ ପାଟିରେ ଗଲା, ସେ ହିସାବ ନ ଥାଏ କାହାରି ପାଖରେ। ତଥ୍ୟ କହେ ବିଗତ କୋଡ଼ିଏ ବର୍ଷ ମଧ୍ୟରେ ଓଡ଼ିଶାରେ ଯେତେ ଲକ୍ଷ ହେକ୍ଟର ବନୀକରଣ ହୋଇଛି, ତାହା ରାଜ୍ୟର ସମୁଦାୟ ସ୍ଥଳଭାଗଠାରୁ ଅଧିକ। ଅଥଚ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ନ୍ୟାୟରେ ସବୁଜିମା ପରିବର୍ତ୍ତେ ବଢୁଛି ଶୁଷ୍କ ଓ ନିର୍ଜୀବ ପରିବେଶ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଦୀର୍ଘସ୍ଥାୟୀ ଲକ୍ଷଣର ରୋଗ



ଡ. ସତ୍ୟକାମ ମହାପାତ୍ର

ମନୁଷ୍ୟର ଶରୀର ଓ ମନ ପରସ୍ପର ସହିତ ଅତ୍ୟନ୍ତ ନିବିଡ଼ ଭାବେ ଜଡ଼ିତ। ସୁସ୍ଥ ଜୀବନ ନିମନ୍ତେ ଉଭୟ ମନ ଓ ଶରୀର ମଧ୍ୟରେ ଠିକ୍ ସମନ୍ୱୟ ରହିବା ଜରୁରୀ। ଯେତେବେଳେ ଏହି ସମନ୍ୱୟରେ କୌଣସି ଅସୁବିଧା ଦେଖାଦିଏ, ସେତେବେଳେ ବିନା ଶାରୀରିକ ରୋଗରେ ମଧ୍ୟ ଶାରୀରିକ ଲକ୍ଷଣମାନ ଦେଖାଯାଇଥାଏ, ଯାହାକୁ ସୋମାଟୋଫର୍ମ ରୋଗ ବୋଲି କୁହାଯାଏ। ଏହା ଏକ ପ୍ରକାର ମାନସିକ ରୋଗ। ସୋମାଟୋଫର୍ମ ଶବ୍ଦ ଗ୍ରୀକ୍ ଶବ୍ଦ ସୋମାରୁ ଆସିଛି, ଯାହାର ଅର୍ଥ ଶରୀର। ଏହି ରୋଗରେ ଦୀର୍ଘ ଦିନ (ବର୍ଷ ବର୍ଷ) ପର୍ଯ୍ୟନ୍ତ ବିଭିନ୍ନ ଶାରୀରିକ ଲକ୍ଷଣ ଲାଗି ରହିଥାଏ। ଏଥିରେ ବ୍ୟକ୍ତିର ମନରେ ସର୍ବଦା ନିଜ ଶରୀର ନେଇ ଚିନ୍ତା ଲାଗି ରହିଥାଏ। ଏ ରୋଗ ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ସଚେତନତାର ଘୋର ଅଭାବ ରହିଛି। ଲୋକମାନେ ଏହାକୁ ଏକ ମାନସିକ ସମସ୍ୟା ବୋଲି ମାନିବାକୁ ସହଜରେ ରାଜି ହୁଅନ୍ତି ନାହିଁ।

ସୋମାଟୋଫର୍ମ ରୋଗର ଲକ୍ଷଣ ସାଧାରଣତଃ ୩୦ ବର୍ଷ ବୟସରୁ ଧୀରେ ଧୀରେ ଆରମ୍ଭ ହୋଇଥାଏ। ନାନାପ୍ରକାର ଶାରୀରିକ ଲକ୍ଷଣ ଦୀର୍ଘ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ। ଏଥିରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୋଇଥାଏ। ଶାରୀରିକ ବ୍ୟଥା ଏହି ରୋଗର ଏକ ପ୍ରମୁଖ ଲକ୍ଷଣ। ହାତ ଗୋଡ଼ ବ୍ୟଥା, ପେଟ ବ୍ୟଥା, ଅଣ୍ଟାପିଠି ଦରଜ ହେବା, ବେକ ଓ କାନ୍ଧ ବିନ୍ଧା ଓ ଦରଜ ହେବା, ମୁଣ୍ଡ ବିନ୍ଧା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହେ। ପେଟ ଜନିତ ସମସ୍ୟା ଯେମିତିକି ପେଟରେ ଗ୍ୟାସ ହେବା, ପେଟ ଫୁଲିବା, ପତଳା ଝାଡ଼ା ହେବା, ବାନ୍ତି ହେବା, ବଦହଜମି ହେବା, ଅଧିକ ଦିନ ପର୍ଯ୍ୟନ୍ତ କୋଷ୍ଠକାଠିନ୍ୟ ଲାଗି ରହିବା ଆଦି ଦେଖାଯାଇଥାଏ। କେତେକ ବ୍ୟକ୍ତିଙ୍କଠାରେ ସ୍ନାୟୁଜନିତ ସମସ୍ୟା ଯଥା ଚଲାବୁଲା କରିବାରେ ଅସୁବିଧା ହେବା, କୌଣସି ଅଙ୍ଗପ୍ରତ୍ୟଙ୍ଗ ଚଳପ୍ରଚଳରେ ଅସୁବିଧା ହେବା, ମୁଣ୍ଡ ବୁଲାଇବା, ହାତ ଗୋଡ଼ ଝିମ୍ ଝିମ୍ ହେବା ସମସ୍ୟା ଆଦି ଦେଖାଯାଇଥାଏ। ଅନେକ ରୋଗୀଙ୍କଠାରେ ପରିସ୍ରା ସମ୍ବନ୍ଧୀୟ ସମସ୍ୟା ଯଥା ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା କରିବାରେ ଅସୁବିଧା ଲାଗିବା ଆଦି ଦେଖାଯାଇଥାଏ। ରୋଗୀକୁ କମ୍ କାମରେ ଅଧିକ ହାଲିଆ ଲାଗିଥାଏ। କେତେକ ରୋଗୀ ଅଜବ ପ୍ରକାରର ଲକ୍ଷଣମାନ କହିଥାନ୍ତି। ଯେମିତିକି ପେଟରୁ ଗ୍ୟାସ ମୁଣ୍ଡକୁ ଚଢ଼ିଯାଉଛି, କେତେବେଳେ ଦେହ ଅତ୍ୟଧିକ ଥଣ୍ଡା ଲାଗୁଛି ତ କେତେବେଳେ ଗରମ ଲାଗୁଛି, ମୁଣ୍ଡ ଏବଂ ଦେହ ଜଳାପୋଡ଼ା ହେଉଛି ବୋଲି ବାରମ୍ବାର ଡାକ୍ତରଙ୍କୁ କହିଥାନ୍ତି। ଏସବୁ ସମସ୍ୟା ଯୋଗୁ ରୋଗୀର ସାମାଜିକ, ପାରିବାରିକ ଓ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପଡ଼ିଥାଏ। ଯେତେବେଳେ କୌଣସି କାରଣରୁ ବ୍ୟକ୍ତି ଉପରେ ମାନସିକ ଚାପ ପଡ଼େ କିମ୍ବା ସେ ଅଧିକ ଭାବପ୍ରବଣ ହୋଇଉଠେ ସେତେବେଳେ ସୋମାଟୋଫର୍ମ ରୋଗର ଲକ୍ଷଣ ବଢ଼ିଯାଇଥାଏ।

ରୋଗୀ ଏସବୁ ସମସ୍ୟା ଯୋଗୁ ଅତ୍ୟଧିକ ବ୍ୟସ୍ତ ହୋଇପଡ଼ିଥାଏ। ଛୋଟ ଛୋଟ ଶାରୀରିକ ଲକ୍ଷଣକୁ ଗମ୍ଭୀର ରୋଗ ବୋଲି ମନେ ମନେ ଭାବି ଚିନ୍ତିତ



ହୋଇପଡ଼େ। ରୋଗୀ ଶରୀରର ନାନା ପ୍ରକାରର ପରୀକ୍ଷା ନିରୀକ୍ଷା ଯଥା ମସ୍ତିଷ୍କର ସିଟି ସ୍କାନ, ପେଟର ଅଲ୍ଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି, ଏକ୍ସ-ରେ, ବିଭିନ୍ନ ରକ୍ତ ପରୀକ୍ଷା ବାରମ୍ବାର କରାଇଥାଏ। ମାତ୍ର ସମସ୍ତ ପରୀକ୍ଷା ନିରୀକ୍ଷା ପ୍ରାୟତଃ ଠିକ୍ ଥାଏ। ସମସ୍ତ ପ୍ରକାରର ଅନୁସନ୍ଧାନ ପରେ ମଧ୍ୟ ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ କାରଣ ମିଳି ନ ଥାଏ। ଡାକ୍ତରଙ୍କ ସାନ୍ତ୍ୱନା ପରେ ମଧ୍ୟ ରୋଗୀ ଆଶ୍ୱସ୍ତି ଲାଭ କରି ନ ଥାଏ। ସେ ବାରମ୍ବାର ଗୋଟେ ପରେ ଗୋଟେ ଡାକ୍ତର ବଦଳାଇ ଚାଲିଥାଏ ଏବଂ ଅନେକ ପ୍ରକାରର ଅଯଥା ପରୀକ୍ଷା ନିରୀକ୍ଷା କରାଇ ବହୁ ଖର୍ଚ୍ଚାନ୍ତ ହୋଇଥାଏ। ମାତ୍ର ଏସବୁ ସତ୍ତ୍ୱେ ରୋଗର ଉପଶମ ମିଳି ନ ଥାଏ। ଅନେକ ରୋଗୀ ନିଜ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ମୁଖ୍ୟତଃ ମଦ ଓ ସିଗାରେଟ ସେବନ କରିଥାନ୍ତି, ଯାହା ଫଳରେ ରୋଗର ଲକ୍ଷଣ ଓଲଟା ଆହୁରି ବଢ଼ି ଯାଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ ସୋମାଟୋଫର୍ମ ରୋଗ ଲାଗି ରହିଲେ ଅନିଦ୍ରା, ଅବସାଦ ବା ଡିପ୍ରେସନ ଏବଂ ଆଙ୍ଗଜାଇଟି ରୋଗ ଆଦି ଆରମ୍ଭ ହୋଇପାରେ। ଏହି ରୋଗ ଚିହ୍ନଟ ହେବାରେ ସାଧାରଣତଃ ବହୁତ ବିଳମ୍ବ ହୋଇଥାଏ ଏବଂ ଡେରିରେ ଚିକିତ୍ସା ଆରମ୍ଭ କଲେ ରୋଗ ଠିକ୍ ହେବାରେ ଅଧିକ ସମୟ ଲାଗିଥାଏ। ଏ ରୋଗରେ ମସ୍ତିଷ୍କରେ କେତେକ ନିର୍ଦ୍ଦିଷ୍ଟ ନ୍ୟୁରୋଟ୍ରାନ୍ସମିଟରର ମାତ୍ରାରେ ପରିବର୍ତ୍ତନ ଦେଖାଯାଇଥାଏ। କେତେକ ବ୍ୟକ୍ତିଙ୍କଠାରେ କୌଣସି କାରଣରୁ ମାନସିକ ଚାପ ପଡ଼ିଲେ ସୋମାଟୋଫର୍ମ ରୋଗ ଆରମ୍ଭ ହୋଇ ପାରେ।

ସୋମାଟୋଫର୍ମ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ବୁଝିବାକୁ ହେବ ଯେ, ଏହି ରୋଗର ଲକ୍ଷଣ ଶାରୀରିକ ହେଲେ ମଧ୍ୟ ଏହାର କାରଣ ମାନସିକ ଅଟେ। ତେଣୁ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ କରିବା ଜରୁରୀ। ରୋଗୀମାନେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ପାଇଁ ସାଧାରଣତଃ କୁଣ୍ଠାବୋଧ କରନ୍ତି। ମାତ୍ର ଧୈର୍ଯ୍ୟ ଧରି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇଲେ ଦୀର୍ଘ ଦିନର ଏ ସମସ୍ୟାରେ ଖୁବ୍ ଶୀଘ୍ର ସୁଧାର ଦେଖାଯାଇଥାଏ। ଏଥି ନିମନ୍ତେ ନିର୍ଦ୍ଦିଷ୍ଟ ଔଷଧ ଏବଂ ମନସ୍ତାତ୍ତ୍ୱିକ ଚିକିତ୍ସା (କାଉନସେଲିଙ୍ଗ) ଉଭୟ ଦରକାର ପଡ଼ିଥାଏ। କଗନିଟିଭ ବିହେଭିରାଲ ଥେରାପି (ସିବିଟି) ନାମକ ମନସ୍ତାତ୍ତ୍ୱିକ ଚିକିତ୍ସା ପଦ୍ଧତି ଏହି ରୋଗ ନିମନ୍ତେ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏଥିସହିତ ଜୀବନଶୈଳୀରେ ଠିକ୍ ପରିବର୍ତ୍ତନ ଓ ମାନସିକ ଚାପର ଉପଯୁକ୍ତ ମୁକାବିଲା ନିମନ୍ତେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ। ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ କରିବା, ସୁଷମ ଖାଦ୍ୟ ଖାଇବା ଓ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଉଚିତ। ରୋଗୀମାନେ ନିଜ ଦେହ ବିଷୟରେ କମ୍ ଚିନ୍ତା କରି ନିଜକୁ ସର୍ବଦା କାର୍ଯ୍ୟ ବ୍ୟସ୍ତ ରଖିବା ଉଚିତ। ଏଥିସହିତ ଡାକ୍ତରଙ୍କ ସହ ନିୟମିତ ବ୍ୟବଧାନରେ ପରାମର୍ଶ କରିବା ଅତ୍ୟନ୍ତ ଜରୁରୀ।

କଟକ, ମୋ- ୮୮୯୫୨୯୩୯୯୭

## ଏଇ ଭାରତରେ

ପେସାରେ ନର୍ସ, କିନ୍ତୁ ସାପ ଉଦ୍ଧାର କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଛତିଶଗଡ଼ ରାୟପୁରର ଅଜିତା ପାଣ୍ଡେ। ସେ ୧୦ ବର୍ଷ ମଧ୍ୟରେ ଅନେକ ହଜାର ସାପ ଉଦ୍ଧାର କରିସାରିଲେଣି। ଲୋକମାନଙ୍କଠାରୁ କଲ୍ ପାଇବା କ୍ଷଣି ସେହି ସ୍ଥାନରେ ସେ ପହଞ୍ଚି ଯାଉଛନ୍ତି। କେବଳ କୋଭିଡ୍ ସମୟରେ ସେ ଲୋକଙ୍କ ଘରେ ପହଞ୍ଚି ୯୮୪ଟି ସାପ ଉଦ୍ଧାର କରିପାରିଥିଲେ। ଅଜିତାଙ୍କୁ ୧୮ ବର୍ଷ ବୟସ ହୋଇଥିବା ବେଳେ ସେ ପ୍ରଥମେ ସାପ ଧରିଥିଲେ। ପରେ ଶିକ୍ଷା ଶେଷ କରି ନର୍ସ ଭାବେ ଚାକିରି କରି ତାଙ୍କର ସେହି ପସନ୍ଦକୁ ଜାରି ରଖିଛନ୍ତି। ସାପ ଧରିବା ଲାଗି ସେ ତାଙ୍କ ବିଭାଗରୁ ଅନୁମତି ମଧ୍ୟ ନେଇଛନ୍ତି ଓ ଏହି କାର୍ଯ୍ୟ ପାଇଁ ସେ କାହାଠାରୁ ଅର୍ଥ ନେଉନାହାନ୍ତି। ସେ ଜଙ୍ଗଲ ବିଭାଗ ଅଧିକାରୀ, ପଶୁଙ୍କ ପାଇଁ କାମ କରୁଥିବା ଏନ୍‌ଜିଓ ସହିତ ଯୋଗାଯୋଗ ରକ୍ଷା କରି ବିଭିନ୍ନ ପ୍ରକାର ସାପଙ୍କ ଆଚରଣ ସମ୍ପର୍କରେ ଜାଣି ପାରିଛନ୍ତି। ଏହା ବ୍ୟତୀତ ପ୍ରତୀକ୍ଷା ସ୍ନେକ୍ ସେଲ, ୱାଇଲ୍ଡ ଲାଇଫ କଞ୍ଜରଭେଶନ ସୋସାଇଟି ଏବଂ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ସହ ଜଡ଼ିତ ରହି ଏହି ସାପ ଉଦ୍ଧାର କାର୍ଯ୍ୟ ସହଜରେ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୭୫

- ରାଜ୍ୟର ଅନ୍ୟତମ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ।
- ଉତ୍ତର ପ୍ରଦେଶ ଚାମୋଲି ଜିଲାର ଯୋଶୀମଠ ନିକଟରେ ଘଟିଥିବା ମୋଟର ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ।
- ସିରିଆରେ ସନ୍ତ୍ରାସବାଦୀ କାର୍ଯ୍ୟ କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଫାଶୀ।

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

ବିଜେଡି ସରକାରଙ୍କ ୨୪ ବର୍ଷର ଦୀର୍ଘ ଶାସନ କାଳରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କ ପାଇଁ ମାଳ ମାଳ ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହା ଯୋଗୁ ସରକାରଙ୍କ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚି ପାରିଥିଲେ। ଏହାଛଡ଼ା ଆର୍ଥିକ ସ୍ଥିରତା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସହ ୨୦୧୫-୧୬ଠାରୁ ୨୦୨୩-୨୪ ଦୀର୍ଘ ୮ ବର୍ଷ ଧରି ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୭ରୁ ୮% ରହିଥିଲା। ଏହା ବ୍ୟତୀତ ଜାତୀୟ ହାରଠାରୁ ଅଧିକ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲାରେ ଓଡ଼ିଶା ସମଗ୍ର ଦେଶରେ ୨୩ମ ସ୍ଥାନ ଅଧିକାର କରିଥିଲା। ଏ ସବୁ ସତ୍ତ୍ୱେ ବିଜେଡିର ଶାସନ କାଳ ମଧ୍ୟରେ ରାଜ୍ୟର ଦୀର୍ଘ ମିଆଦୀ ବିକାଶ ଓ ରାଜ୍ୟବାସୀଙ୍କୁ ରୋଜଗାରକ୍ଷମ ତଥା ସ୍ୱାବଲମ୍ବୀ କରିବାର ସମ୍ଭାବନାକୁ ସୁନିଶ୍ଚିତ କରିବା ପାଇଁ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସେପରି କିଛି ଆଖିଦୃଶିଆ କାମ କରାଯାଇପାରିନାହିଁ। ଏହି ଅଭାବ ପୂରଣ ପାଇଁ ବର୍ତ୍ତମାନର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଳିଯାଏ ଯାନ, ଜନ କରି ନାନା ଶବଦ
ପଥ ପୂରି ଉଚ୍ଛୁଳଇ କେତେ ହସ ଆମୋଦ
ଗତିର ଆଘାତେ ଚଳେ ଅବିରାମ ଜଗତ
ଏ ଘରେ ଲୁଚଇ ମୋର ମରମର ଦରଦ!
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଦୟାନଦୀରେ ବନ୍ୟାଜଳ କମିଲା**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ବ୍ଲକର ଦୟା, ରାଜୁଆ ଓ ମକରା ନଦୀରେ ବନ୍ୟାଜଳ ୨ ଫୁଟ କମିଛି। କଣାସଠାରେ ଦୟାନଦୀର ବନ୍ୟାଜଳ ବିପଦ ସଙ୍କେତ ୩.୯୯ ମିମି ଥିବାବେଳେ ବନ୍ୟାଜଳ ବୃଦ୍ଧିପାଇ ୩.୯୭ ମିମିରେ ପହଞ୍ଚିଥିଲା। ବର୍ତ୍ତମାନ ୩.୯୫ ମିମିରେ ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମର ଚାଷଜମି ବୁଡ଼ିରହିଛି। ବିଭିନ୍ନ ଫସଲ ତିନିଦିନ ହେଲା ବୁଡ଼ିରହିଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

**ସଂକ୍ଷେପରେ**

## ବିଧାୟକଙ୍କ ଜନଶୁଣାଣିରେ ୨୩୯ ଅଭିଯୋଗ

କଣାସ,୨।୮(ବିଭୂତି ଭୂଷଣ ତ୍ରିପାଠୀ): କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ଆହ୍ୱାନ କ୍ରମେ ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୩୯ ଜଣ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗପତ୍ର ଦାଖଲ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ବିଡିଓ ନାରାୟଣ ସାହୁ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଉପସ୍ଥିତ ଥିଲେ। ଅଧିକାଂଶ ଅଭିଯୋଗକାରୀ ଆବାସ ଯୋଜନାରୁ ବଞ୍ଚିତ ଥିବା, ରାଶନକାର୍ଡ ଓ ଭତ୍ତା ପାଇନଥିବା, ପାନୀୟଜଳ ଅଭାବ ସମ୍ପର୍କରେ ଅଭିଯୋଗ କରିଥିଲେ। ବିଧାୟକ ଉକ୍ତ ଅଭିଯୋଗଗୁଡିକର ତୁରନ୍ତ ଫଇସଲା କରିବା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ କହିଥିଲେ।

## ଜଳିଗଲା ଗୁହାଳ ସହ ଆଡ଼ିଘର

ଅସ୍ତରଙ୍ଗ,୨।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ପାଟଳଦା ପଞ୍ଚାୟତ ବଡ଼ନାନପଡ଼ା ଗ୍ରାମର ଗଦାଧର ବେଉରା ଘରେ ଶୁକ୍ରବାର ସନ୍ଧ୍ୟାରେ ରୋଷେଇ ଚୁଲିରୁ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ କିଛି ଆସବାବପତ୍ର ପୋଡ଼ିଯାଇଛି। ନିଆଁଲିଭା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରହ୍ଲାଦ ରାୟ, ହାବିଲଦାର ତାପସ ରାଉତ, ଆଗ୍ନିକ ନିରଞ୍ଜନ ମାନସିଂ, ଶାରଦା ପ୍ରସନ୍ନ ସ୍ୱାଇଁ, ଇନ୍ଦ୍ରଜିତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ସଦର ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

### ଥାନାରେ ଦିବ୍ୟାଙ୍ଗଙ୍କୁ ପୋଲିସର ଥାର୍ଡ ଡିଗ୍ରୀ ଘଟଣା

ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆ ଥାନାରେ ଜଣେ ଦିବ୍ୟାଙ୍ଗଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଲାଠି ମାଡରେ ତାଙ୍କ ପେଟ, ହାତ ଓ ଗୋଡ଼ରେ ଆଘାତ ଲାଗିଛି। ଆହତ ଦିବ୍ୟାଙ୍ଗ ହେଉଛନ୍ତି ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ନଗରର ଅଭିମନ୍ୟୁ ପାଢ଼ୀଙ୍କ ପୁଅ ଅନିଲ କୁମାର ପାଢ଼ୀ(୩୪)। ଏହି ଥାର୍ଡ ଡିଗ୍ରୀ ନେଇ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଶୁକ୍ରବାର ଏସ୍‌ପି ପିନାକ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସଦର ଏସ୍‌ଡିପିଓ ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଆଇନଜୀବୀ ଅନିଲ କୁମାର ସାହୁ ଘଟଣାର ତଦନ୍ତ କରି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଅନୀଲ ବ୍ୟାଙ୍କ କଲୋନିରେ ଏକ ପାନ ଦୋକାନ କରିଛନ୍ତି। ଗତ ୩୦ ତାରିଖରେ ଦୁଇଜଣ ନିଶାଖୋର ଯୁବକ ତାଙ୍କ ଦୋକାନ ସମ୍ମୁଖରେ ହୋ ହଲ୍ଲା କରୁଥିଲେ। ସେଠାରେ ଅନ୍ୟ କେତେଜଣ ଯୁବକ ତାଙ୍କୁ ମାଡ଼ ମାରି ଚୁପ କରାଇଥିଲେ। ଅପରପକ୍ଷରେ ଦୋକାନ ସମ୍ମୁଖରେ ନିଶାଖୋରଙ୍କ ପାଟିତୁଣ୍ଡକୁ ନେଇ ସ୍ଥାନୀୟ ଯୁବକମାନେ ଅନୀଲଙ୍କୁ ଦୋଷ ଦେବା ସହ ପାଟିତୁଣ୍ଡ କରିଥିଲେ। ପରେ ଘଟଣାସ୍ଥଳରେ ପିସିଆର ପହଞ୍ଚି ନିଶାଖୋରଙ୍କ ସମେତ ଅନୀଲଙ୍କୁ ଥାନାକୁ ଡାକିଥିଲା। ଅନୀଲଙ୍କୁ ୬ଘଣ୍ଟା କାଳ ଥାନାରେ ବସାଇବା ସହ ପୋଲିସ ନିସ୍ତୁକ ମାଡ଼ ମାରିଥିଲା ବୋଲି ଅଭିଯୋଗ ହୋଇଛି। ଏପରିକି ପୋଲିସ ତାଙ୍କ ଜଖମ ଥିବା ଗୋଡ଼କୁ ପିଟିବା ସହ ପେଟ, ହାତ ଓ ପିଠିକୁ ମାଡ଼ ମାରି ନୋଳା ବସାଇ ଦେଇଥିଲେ। ବାମ ପାର୍ଶ୍ୱ ଅଣ୍ଟା ଉପର ପେଟକୁ ପିଟିଥିଲେ। ଫଳରେ ରକ୍ତଜମାଟ ବାନ୍ଧି କଳା ପଡ଼ିଯାଇଛି। ଏନେଇ ଅନୀଲଙ୍କ ବାପା ଅଭିମନ୍ୟୁ ପାଢୀ କହିଛନ୍ତି, ଘଟଣା ଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୀଲଙ୍କୁ ପୋଲିସ ଥାନାରେ ବସାଇ ରଖିଥିଲା। ପୋଲିସ ଫୋନ କରିବାରୁ ସେ ପୁଅ ପାଇଁ ଖାଦ୍ୟ ଓ ମେଡିସିନ୍ ଦେଇ ଫେରିଆସିଥିଲେ। ରାତି ୧୦ଟାରେ ସମାଧାନ ନିମନ୍ତେ ଥାନାକୁ ପୋଲିସ ଡାକିଥିଲା। ଥାନାରେ ଲେଖାପଢ଼ା ହେବା ପରେ ପୋଲିସ ୨ ହଜାର ଟଙ୍କା ମାଗିଥିଲା। ତେବେ ତାଙ୍କ ନିକଟରେ ୨ହଜାର ଟଙ୍କା ନ ଥିବାରୁ ୫୦୦ ଟଙ୍କା ଦେଇଥିଲେ। ଏହି ସମୟରେ ଜଣେ ପୋଲିସ ଅଧିକାରୀ ମଦ୍ୟପାନ କରି ଆସି ପାଇପରେ ଅନୀଲଙ୍କୁ ଗାଳିଗୁଲଜ କରି ମାଡ ମାରିଥିଲେ। ଅଭିମନ୍ୟୁ ପ୍ରତିବାଦ କରିବାକୁ ତାଙ୍କୁ ମଧ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ରାତି ୧୧ଟାରେ ଥାନାରୁ ସେ ଅନୀଲଙ୍କୁ ଘରକୁ ଆଣିଥିଲେ। ତାଙ୍କ ଦେହ ଖରାପ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ କହିଥିଲେ। ଅତିରିକ୍ତ ଏସ୍‌ପି ଥାନା ଅଧିକାରୀଙ୍କୁ ଡାକି ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଭୁଲ ମାଗିବା ଓ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଏହାପରେ ଅଭିମନ୍ୟୁ ଥାନାକୁ ଆପୋସ ବୁଝାମଣା ପାଇଁ ଯିବାରୁ ପୁଅକୁ ମଲମ ଲଗାଅ ନ ହେଲେ ମେଡିକାଲରେ ଆଡମିଟ୍ କରିଦିଅ ବୋଲି କହିଥିଲେ। ମାତ୍ର ସନ୍ଧ୍ୟାରେ ୫ ଜଣ ବ୍ୟକ୍ତି ଆସି କେସ୍ ଫେରାଇ ନେବାକୁ ଧମକ ଦେଇଥିବା ଅଭିମନ୍ୟୁ ଅଭିଯୋଗ ଆଣିଛନ୍ତି। ପୋଲିସ ଯଦି ରକ୍ଷକ ହୋଇ ଭକ୍ଷକ ସାଜିବ ତେବେ ସୁରକ୍ଷା କିଏ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏସ୍‌ପି ମିଶ୍ର କହିଛନ୍ତି ଏନେଇ ଏକ ଅଭିଯୋଗ ତାଙ୍କ ନିକଟକୁ ଆସିଛି। ଅଭିଯୋଗର ତଦନ୍ତ କରିବା ନିମନ୍ତେ ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦୟାନଦୀ ବନ୍ଧ ପରିଦର୍ଶନ କଲେ ବିଧାୟକ

ଡେଲାଙ୍ଗ,୨।୮(ରଶ୍ମୀରଞ୍ଜନ ପ୍ରଧାନ)

ମୁଣ୍ଡୁଳିରୁ ବନ୍ୟାଜଳ ଛଡାଯିବା ପରେ ବିଭିନ୍ନ ଶାଖାନଦୀରେ ବନ୍ୟାଜଳ ପ୍ରବାହିତ କରୁଛି । ଅନ୍ୟପଟେ ଡେଲାଙ୍ଗ ବ୍ଲକର ଜୀବଧାରା ଦୟାନଦୀ ବନ୍ଧ ଭୁଶୁଡିବା ପରେ ଜଳ ସମ୍ପଦ ବିଭାଗର ପକ୍ଷରୁ ଯୁଦ୍ଧ କାଳିନ ଭିତ୍ତିରେ ବାଲିବସ୍ତା ଦିଆଯାଇ ବନ୍ଧର ସୁରକ୍ଷା ବ୍ୟବସ୍ଥା କରାଯାଇଛି । କଲ୍ୟାଣପୁର ପଞ୍ଚାୟତର ନୂଆହାଟ ସନ୍ନିକଟ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧରୁ ମାଟି ଅତଡା ଖସି ବନ୍ଧ ଭୁଶୁଡିବାରୁ ନଦୀ ବନ୍ଧ ଭାଙ୍ଗିବା ଆଶଙ୍କା ଦେଖାଦେଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ କାଠବହ୍ଲା ଓ ବାଲିବସ୍ତା ଦେଇ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।ହେଲେ କାମ ହେବାର ୪ଦିନ ମଧ୍ୟରେ ବନ୍ଧପୁନର୍ବାର ଭୁଶୁଡିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ନଦୀବନ୍ଧକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ପୁନର୍ବାର ବନ୍ଧ ସୁରକ୍ଷା କରିବା ପାଇଁ ଉଚ୍ଚ ପଦସ୍ତ ଅଧିକାରୀମାନେ ୩ ଥାକିଆ ବାଲି ବସ୍ତା ଦେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରିଥିଲେ । ଶୁକ୍ରବାର ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ,ଭାଜପା ନିର୍ବାଚନ ମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ମଣ୍ଡଳ ସଭାପତି ଲଡୁକିଶୋର ରାୟ, ପୁରୀ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ, ଡେଲାଙ୍ଗ ସହାକାରୀ ନିର୍ବାହୀ ଯନ୍ତ୍ରୀ ତନୁଜକିଶୋର ରାଉତ, କନିଷ୍ଠ ଯନ୍ତ୍ରୀ କରୁଣାକର ଲେଙ୍କା ପ୍ରମୁଖ ନଦୀବନ୍ଧ ପରିଦର୍ଶନ କରିବା ସହିତ ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଅପରାହ୍ନରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି, ବ୍ଲକ ଅଧକ୍ଷା ବାସନ୍ତୀ ସାହୁ,ଉପାଧକ୍ଷ ଦୁର୍ବାଶା ନିଶଙ୍କ ମଧ ଦୟାନଦୀ ବନ୍ଧ ପରିଦର୍ଶନରେ ଯାଇଥିବା ବେଳେ ନଦୀବନ୍ଧର ସମସ୍ୟା ନେଇ ଗ୍ରାମବାସିଙ୍କ ସହିତ ଆଲୋଚନା କରିଥିଲେ। ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ମହାରଥି ବିଭାଗୀୟ ଅଧିକାରୀ ଙ୍କ ସହିତ ଫୋନରେ ଆଲୋଚନା କରିଥିଲେ।

## ଥଇଥାନ ଦାବିକଲେ ବଡ଼ଦାଣ୍ଡ ଉଠାଦୋକାନୀ

ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)

ପୁରୀ ବଡ଼ଦାଣ୍ଡ ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ପୁନଃ ଥଇଥାନ ଓ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଶୁକ୍ରବାର ବିଶାଳ ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବଡ଼ଦାଣ୍ଡ ଉଠାଦୋକାନୀ ସଂଘ ପକ୍ଷରୁ ଶ୍ରୀଜଗନ୍ନାଥବଲ୍ଲଭ ମଠରୁ ବଡ଼ଦାଣ୍ଡ ଦେଇ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ତାଲିକା ଅନୁଯାୟୀ ସର୍ଭେ କରାଯାଇଥିବା ପ୍ରତ୍ୟେକ ଉଠା ଦୋକାନୀଙ୍କୁ ମାସିକ ଆୟ ସହାୟତା ରାଶି ୧୫ ହଜାର ଟଙ୍କା ଦେବା କୁହାଯାଇଥିଲେ ହେଁ ଏବେ ଆଉ ଏହା ଦିଆଯାଉନାହିଁ। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ମଧ ବିସ୍ଥାପିତ ହୋଇଥିବା ଉଠାଦୋକାନୀଙ୍କୁ ଏଯାଏଁ ଥଇଥାନ କରାଯାଇନାହିଁ। ଶ୍ରୀସେତୁ ତଳେ ବିଶ୍ୱସ୍ତରୀୟ ଭେଣ୍ଡିଙ୍ଗ ଜୋନ ପାଇଁ ଯୋଜନା କରାଯାଇଥିଲେ ହେଁ ସେଠାରେ ପାନୀୟ ଜଳ, ପାର୍କିଂ, ସୁରକ୍ଷା ଭଳି ମୌଳିକ ସୁବିଧା କରାଯାଇନାହିଁ। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ପାଇଁ ବଡ଼ଦାଣ୍ଡରୁ ସମସ୍ତ ଉଠାଦୋକାନୀଙ୍କୁ ବିସ୍ଥାପିତ ଉଠାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ସ୍ଥାୟୀ ସମାଧାନ ଓ ଥଇଥାନ ବ୍ୟବସ୍ଥା ହୋଇନଥିବାରୁ ସେମାନେ ନିଜର ଜୀବନ ଜୀବିକା ପାଇଁ ଶେଷରେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ମୋହନ ମାଝୀଙ୍କ ସରକାର ସୁଭଦ୍ରା ଯୋଜନା ପରିବର୍ତ୍ତେ ପ୍ରଥମେ ପୁରୀ ବଡ଼ଦାଣ୍ଡରେ ଉଠାଦୋକାନୀଙ୍କୁ ସ୍ଥାୟୀ ସମାଧାନ ଓ ଥଇଥାନର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ମରିବା ପର୍ଯ୍ୟନ୍ତ ସେମାନେ ଲଢେଇ କରିବେ ବୋଲି କହିଥିଲେ। ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଉଠାଦୋକାନୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ।




ଥଇଥାନ ଦାବିରେ ବଡ଼ଦାଣ୍ଡ ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଆଧାର କାର୍ଡ ଅପଡେଟ୍ ସମସ୍ତଙ୍କ ପାଇଁ ଜରୁରୀ

ପୁରୀ,୨।୮(ଅଜିତ୍ କୁମାର ମହାନ୍ତି): ଆଧାର କାର୍ଡ ଅପଡେଟ୍ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ୧୦ ବର୍ଷ ଅନ୍ତରରେ ଆଧାର ଅପଡେଶନ ହେବା ଆବଶ୍ୟକ। ତେବେ ୫ରୁ ୭ ବର୍ଷ ଏବଂ ୧୫ରୁ ୧୭ ବର୍ଷ ପର୍ଯ୍ୟନ୍ତ ଅପଡେଶନ ବିନା ମୂଲ୍ୟରେ ହେଉଥିବା ବେଳେ ଅନ୍ୟମାନଙ୍କ କ୍ଷେତ୍ରରେ ୧୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ତେଣୁ ଜିଲାରେ ବ୍ୟାପକ ସଚେତନତା ମାଧ୍ୟମରେ ଏହାକୁ ସଫଳ କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଧାର କାର୍ଡ ଅପଡେସନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ ବେହେରା କହିଥିଲେ, ଯେହେତୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ରାଶନ ସାମଗ୍ରୀ ନେବା, ଉଚ୍ଚଶିକ୍ଷା, ଛାତ୍ର ବୃତ୍ତି ପାଇବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଆଧାର କାର୍ଡର ବ୍ୟାପକ ବ୍ୟବହାର ହେଉଛି ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହାକୁ ଗୁରୁତ୍ୱ ଦିଆଯାଉଛି, ତେଣୁ ବ୍ୟାପକ ଜାଗରଣ ମାଧ୍ୟମରେ ଲୋକଙ୍କୁ ଅବଗତ କରାଇବାକୁ ସେ ମତ ଦେଇଥିଲେ। ବିସ୍ତୃତ ସୂଚନା ଦେଇ ୟୁଆଇଡିଏଆଇର ସହକାରୀ ମ୍ୟାନେଜର ତଥା ରାଜ୍ୟ ପ୍ରତିନିଧି ସୌମ୍ୟ ରଞ୍ଜନ ସିଂ ପ୍ରାୟ ସମସ୍ତ ସରକାରୀ ଯୋଜନାର ଲାଭ ଗୋଟିଏ ରାଷ୍ଟ୍ର ଗୋଟିଏ ରାଶନ କାର୍ଡର ସୁବିଧା, ଋଣ ଆବେଦନ ବ୍ୟାଙ୍କ ଦ୍ୱାରା ଶିଘ୍ର ପ୍ରକ୍ରିୟା କରଣ, ଇନକମ ଟ୍ୟାକ୍ସ ରିଟର୍ଣ୍ଣ ସହାୟତା ପାଇଁ ଆଧାର ଅପଡେଶନ ସହ ମୋବାଇଲ ସଂଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ନିୟମ ଅନୁସାରେ ପ୍ରତି ୧୦ ବର୍ଷରେ ଓ ପିଲାମାନଙ୍କ କ୍ଷେତ୍ରରେ ୫ରୁ ୭ ଓ ୧୫ରୁ ୧୭ବର୍ଷ ମଧ୍ୟରେ ଏହା ଅପଡେସନ ହେବା ଜରୁରୀ। ଅନଲାଇନ myaadhar.uidai.gov.inରେ ଅପଡେଶନ କରାଯାଇପାରିବ। ଅଫଲାଇନରେ ପୋଷ୍ଟ ଅଫିସ, ବ୍ଲକ, ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ମଧ ଏହା କରାଯାଉଛି ବୋଲି ଜିଲା ଇ ଗଭର୍ଣ୍ଣାନ୍ସ ମ୍ୟାନେଜର ପିୟୁଷ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡିଏସପି ତପନ କୁମାର ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା, ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ଏବଂ ଡାକବିଭାଗ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହିଳା ମହାସଂଘରେ ଦୁର୍ନୀତି ଅଭିଯୋଗ

ବଳଙ୍ଗା,୨।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ପଞ୍ଚାୟତର ମହିଳା ମହାସଂଘରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ଓ ନିମାପଡ଼ା ବିଡିଓଙ୍କ ନିକଟରେ ଶୁକ୍ରବାର କେତେଜଣ ମହିଳା ଅଭିଯୋଗ କରିଛନ୍ତି। ସବୁ ପଞ୍ଚାୟତର ମହିଳା ଗ୍ରୁପ୍‌ର ସଦସ୍ୟାମାନେ ମହାସଂଘରୁ ପାଉଥିବା ସୁବିଧାରୁ ବଞ୍ଚିତ ହେବା, ମହାସଂଘକୁ ମିଳିଥିବା ଏକ ଟ୍ରାକ୍ଟର କେଉଁ କାମରେ ଲାଗିଛି, ଜଣେ ମାତ୍ର ବ୍ୟକ୍ତି ଏକାଧିକ ପଦବୀରେ ଦୀର୍ଘଦିନ ଧରି ରହି କାର୍ଯ୍ୟ କରିବା, ମହାସଂଘ ସଭାପତି ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା ଏବଂ ଅନେକ ଦିନ ଧରି ଅଡିଟ ନ ହେବା ନେଇ ଅଭିଯୋଗ କରାଯାଇଛି। ଇତିଶ୍ରୀ ମହାନ୍ତି, ବାସନ୍ତୀ ଦାସ, ପୁଷ୍ପଲତା ମହାନ୍ତି, ବିଜୟଲକ୍ଷ୍ମୀ ଦାସ, ଜୟନ୍ତୀ ମହାନ୍ତି, ବିନା ଷଡ଼ଙ୍ଗୀ ଏଂ ନର୍ମଦା ରଥ ପ୍ରମୁଖ ଅନେକ ମହିଳା ଏହି ଅଭିଯୋଗ ଆଣି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବେଲେଶ୍ୱର ରାସ୍ତା ପାଇଁ ୩ କୋଟି

### ରାମଚଣ୍ଡୀ ପୀଠ ସୌନ୍ଦର୍ଯ୍ୟକରଣ ଅନୁଧ୍ୟାନ କଲେ ଉପମୁଖ୍ୟମନ୍ତ୍ରୀ

କୋଣାର୍କ,୨।୮(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ପୀଠ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ଅନୁଧ୍ୟାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ଏଥି ନିମନ୍ତେ ଶୁକ୍ରବାର ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ବେଲେଶ୍ୱର ମନ୍ଦିର, ରାମଚଣ୍ଡୀ ପୀଠ ଓ ଚନ୍ଦ୍ରଭାଗା ବେଳାଭୂମି ବୁଲି ଦେଖିଥିଲେ। ପ୍ରଥମେ ବେଲେଶ୍ୱର ମନ୍ଦିରରେ ପହଞ୍ଚି ବେଳାମାର୍ଗରୁ ବେଲେଶ୍ୱର ପୀଠ ପର୍ଯ୍ୟନ୍ତ ୩କୋଟି ୭୧ଲକ୍ଷ ବ୍ୟୟ ଅଟକଳରେ ଟୁରିଜିମ ରାସ୍ତା ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ପରେ ରାମଚଣ୍ଡୀ ପୀଠରେ ପହଞ୍ଚି ମା ରାମଚଣ୍ଡୀଙ୍କୁ ଦର୍ଶନ କରିଥିଲେ। ରାମଚଣ୍ଡୀ ପୀଠ, ମନ୍ଦିରର ଉନ୍ନୟନ ନିମନ୍ତେ ପର୍ଯ୍ୟଟନ ଅଧିକାରୀ, ସେବାୟତଙ୍କ ସହିତ ବିଚାର ବିମର୍ଶ କରିଥିଲେ। ୧୬କୋଟି ବ୍ୟୟ ଅଟକଳରେ ରାମଚଣ୍ଡୀ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଏଠାରେ ଏକ ଜେଟି ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଶେଷରେ ଚନ୍ଦ୍ରଭାଗା ବେଳାଭୂମି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଚନ୍ଦ୍ରଭଗା ତୀର୍ଥ ପୁଷ୍କରିଣୀ ସମୁଖ ସମୁଦ୍ର କୂଳରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ବିକାଶ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଙ୍ଗ ବେଞ୍ଚ, ଲାଇଫ ଗାର୍ଡ , ସୁରକ୍ଷା ବ୍ୟବସ୍ଥା,ଆଲୋକ ବ୍ୟବସ୍ଥା ସହିତ ମଡୁଲାର ଶୌଚାଳୟ ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ। ଫଳରେ କୋଣାର୍କ,ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୀଠକୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହେବ। ପର୍ଯ୍ୟଟନ ବିଭାଗ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି। କୋଣାର୍କ ଚନ୍ଦ୍ରଭାଗା ବେଳାଭୂମି,ମା ରାମଚଣ୍ଡୀ ପୀଠ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହା ଆମ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାରୀ ସେଠୀ,ନିମାପଡ଼ା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ରାମଚଣ୍ଡୀ ଆଇଆଇସି ସୁରେଶ ଚନ୍ଦ୍ର ପୃଷ୍ଟି, କୋଣାର୍କ ଆଇଆଇସି ପୂର୍ଣଚନ୍ଦ୍ର ସେଠୀ,ରାମଚଣ୍ଡୀ ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା,ଚିତ୍ରସେନ ପଣ୍ଡା ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ମହାଲକ୍ଷ୍ମୀଙ୍କ ବିଘ୍ନମୂର୍ତ୍ତି

ପୁରୀ,୨।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତରେ ବିଘ୍ନ ଅବସ୍ଥାରେ ପୂଜା ପାଉଛନ୍ତି ମହାଲକ୍ଷ୍ମୀ। ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ସତ୍ୟ। ଶ୍ରୀମନ୍ଦିରରେ ମା' ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀଙ୍କ ସୁବର୍ଣ୍ଣ ପ୍ରତିମୂର୍ତ୍ତି ବିଘ୍ନ ଅବସ୍ଥାରେ ପୂଜା ପାଉଥିବା ନେଇ ଜଣାପଡ଼ିଛି। ଏନେଇ କେତେଜଣ ବରିଷ୍ଠ ସେବାୟତ ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଭିତର ରତ୍ନଭଣ୍ଡାରରେ ମହାଲକ୍ଷ୍ମୀଙ୍କ ଏକ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ ହୋଇ ରହିଥିବାବେଳେ ତାହା ଦୀର୍ଘବର୍ଷ ହେବ ଅପୂଜା ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ, ୧୯୭୨ ଓ ୧୯୭୪ ମସିହାରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ସୁନା ଅଣାଯାଇ ମହାଲକ୍ଷ୍ମୀଙ୍କ ଏକ ମୂର୍ତ୍ତି ପ୍ରସ୍ତୁତ କରାଯାଇ ରଖାଯାଇଥିଲା। ମାତ୍ର ଏଯାବତ ସେହି ମୂର୍ତ୍ତି ଅପୂଜା ହୋଇ ରହିଛନ୍ତି। ତେବେ କାହିଁକି ବିଘ୍ନ ମୂର୍ତ୍ତିକୁ ପୂଜା କରାଯାଉଛି ଓ ନୂତନ ମୂର୍ତ୍ତିକୁ ପ୍ରତିଷ୍ଠା କରାଯାଇ ପୂଜା କରାଯାଉନାହିଁ ସେନେଇ ପ୍ରଶ୍ନ ଉଠିଛି। ତେବେ ଏ ନେଇ ପାଳିଆ ପୂଜାପଣ୍ଡା ସାମନ୍ତ ସୁଦର୍ଶନ ପୂଜାପଣ୍ଡା କହିଛନ୍ତି, ଏହା ଏକ ପୁରାତନ ପ୍ରସଙ୍ଗ । ୧୯୯୬ ମସିହା ନବକଳେବର ସମୟରେ ମା' ମହାଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତିରେ ବିଘ୍ନ ହୋଇଯାଇଥିଲେ। ଫଳରେ ନୂତନ ଭାବେ ସୁବର୍ଣ୍ଣର ପ୍ରତିମା ନିର୍ମାଣ କରାଯାଇ ଭଣ୍ଡାର ଘରେ ରଖାଯାଇଥିଲା। ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବା ସମୟରେ ସେତେବେଳେ ପୂଜାପଣ୍ଡା ନିଯୋଗ ଓ ପୁଷ୍ପାଳକ ନିଯୋଗ ମଧ୍ୟରେ ବିବାଦ ହୋଇ ପ୍ରତିଷ୍ଠା ଦିବସ ବନ୍ଦ ହୋଇଯାଇଥିଲା। ତେବେ ୨୦୧୫ ମସିହା ନବକଳେବର ସମୟରେ ପ୍ରତିଷ୍ଠା କରିବାର ସୁଯୋଗ ଆସିଥିଲା। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ଅବହେଳା କାରଣରୁ ପ୍ରତିଷ୍ଠା ହୋଇପାରିଲା ନାହିଁ। ତେଣୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ବିଭିନ୍ନ ନିଯୋଗକୁ ଡାକି ଆଲୋଚନା କରି ପଣ୍ଡିତମାନଙ୍କ ଦ୍ୱାର ଦିନ ଧାର୍ଯ୍ୟ କରାଯାଇ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଉ ବୋଲି ସେ କହିଛନ୍ତି। ତେବେ ବର୍ତ୍ତମାନ ମହାଲକ୍ଷ୍ମୀଙ୍କ ମୂର୍ତ୍ତିରେ ବିଘ୍ନ ରହିଛି ଓ ବିଘ୍ନ ମୂର୍ତ୍ତିକୁ ପୂଜା କରାଯାଉଥିବା ପୂଜାପଣ୍ଡା କହିଛନ୍ତି। ଏନେଇ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାଲକ୍ଷ୍ମୀଙ୍କ ଏକ ମୂର୍ତ୍ତି ଭିତର ଭଣ୍ଡାର ଘରେ ରହିଥିଲା। ନବକଳେବର ସମୟରେ ଦାରୁରେ ମୂର୍ତ୍ତି ନିର୍ମାଣ କରାଯାଇ ସୁନା ଛାଉଣି କରାଯାଇଥିଲା। ତେବେ ନୂତନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠାକୁ ନେଇ ପୂଜାପଣ୍ଡା ନିଯୋଗ ଓ ମୁକ୍ତି ମଣ୍ଡପ ବାହ୍ମଣଙ୍କ ମଧ୍ୟରେ ବିବାଦ ଯୋଗୁ ମୂର୍ତ୍ତି ଅପୂଜା ରହିଛନ୍ତି। ଯଦି ମୁଖ୍ୟ ପ୍ରଶାସକ ଚାହିଁବେ ତେବେ ନିଯୋଗମାନଙ୍କୁ ଡାକି ସମସ୍ୟାର ସମାଧାନ କରି ନୂତନ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜା ପାଇପାରିବେ ବୋଲି ଦାସ ମହାପାତ୍ର କହିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ବର୍ତ୍ତମାନ ପୂଜା ପାଉଥିବା ମହାଲକ୍ଷ୍ମୀଙ୍କ ମୂର୍ତ୍ତିରେ କିଛି ସମସ୍ୟା ରହିଥିବା ହେତୁ ନୂତନ ମହାଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ତେବେ ନୂତନ ମୂତିକୁ ପ୍ରତିଷ୍ଠା କରିବା ନେଇ ବିବାଦ ଦେଖାଦେଇଥିଲା। ଯାହାଫଳରେ ମହାଲକ୍ଷ୍ମୀଙ୍କ ନୂତନ ମୂର୍ତ୍ତି ପ୍ରତିଷ୍ଠା ହୋଇ ପୂଜାହୋଇ ପାରିନାହିଁ। ପୂଜାପଣ୍ଡା ଓ ମୁକ୍ତିମଣ୍ଡପ ବ୍ରାହ୍ମଣମାନଙ୍କ ମଧ୍ୟରେ ମୂର୍ତ୍ତି ପ୍ରତିଷ୍ଠାକୁ ନେଇ ବିବାଦ ଦେଖାଯାଇଥିଲା। ଆସନ୍ତା ପରିଚାଳନା କମିଟି ବୈଠକରେ ଏ ପ୍ରସଙ୍ଗ ଉଠାଯିବ ବୋଲି ମହାପାତ୍ର କହିଛନ୍ତି।

## ଧାର୍ଯ୍ୟ ସମୟରେ ନିର୍ମାଣ କାମ ସାରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ
- ୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଆରଡ଼ି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡା,୨।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅନୁଦାନରେ ୫ କି.ମି. ୧୫୦ ମିଟର ବିଶିଷ୍ଟ ଏନ୍.ଏଚ୍. ମୁଖ୍ୟ ରାସ୍ତାରୁ ବଡରିକୋଲ ଭାୟା ଜାମୁଡାଳିଆ, ସାନିରିକିଲୋ, ତେରଣ୍ଡିଆ, ଦଳେଇସାହି, ହରିଆଠେଙ୍ଗ, ଭୋଗଶାଳଦା ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହେଲେ ଭୋଗଶାଳଦା ଓ ତେରୁଣ୍ଡିଆ ଆଦି ଦୁଇଟି ଗ୍ରାମ ପଞ୍ଚାୟତର ସହସ୍ରାଧିକ ଲୋକ ଦୈନିକ ଗମନା ଗମନ କ୍ଷେତ୍ରରେ ଉପକୃତ ହେବେ ବୋଲି ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡା ଯୋଗଦେଇ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଓ ନିର୍ମାଣ ହେବାକୁ ଥିବା ସେତୁ, କୋଠାବାଡ଼ି, ରାସ୍ତାଘାଟ ଆଦି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଭାଗୀୟ ଯନ୍ତ୍ରୀ ଓ ଏଜେନ୍ସିମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ନ ହେଲେ କି ଉନ୍ନତମାନର କାର୍ଯ୍ୟ କରା ନ ଗଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଚେତାବନୀ ଦେଇଥିଲେ। ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କ ସମେତ ବିଭିନ୍ନ କାର୍ଯ୍ୟର ୫୦ରୁ ଉର୍ଦ୍ଧ୍ୱ ଏଜେନ୍ସି ଉପସ୍ଥିତ ଥିଲେ। ଜାମୁଡାଳିଆ ଗ୍ରାମଠାରେ ଆୟୋଜିତ ଏହି ଭିତ୍ତିପ୍ରସ୍ତର ସମାରୋହରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋ, ସରପଞ୍ଚ ବିଶ୍ୱନାଥ ସେନାପତି, ନିରୁପମା ପ୍ରଧାନ, ସମିତି ସଭ୍ୟା ଏସ୍. ବିଶ୍ୱାଳ, ତିଲୋତ୍ତମା ବାରିକ, ସ୍ୱପ୍ନ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ସ୍ଥଳରେ ବହୁ ମହିଳା, ଗ୍ରାମବାସୀ, ଦଳୀୟ କର୍ମୀ, ନେତୃବୃନ୍ଦମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।




ଜାମୁଡ଼ାଳିଆଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ହନୁମାନ ମନ୍ଦିରରୁ ଚୋରି, ୨ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ହନୁମାନ ମନ୍ଦିର ରୋଷେଇ ଘରୁ ବାସନକୁସନ ଓ ପରିସରରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ଖାରବେଳନଗର ପୋଲିସ ୨ଜଣ ଯୁବକଙ୍କୁ ଗିରଫକରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ୍-୩ ଅଞ୍ଚଳର ସେକ୍ ଅବୁବକର ଓ ସେକ୍ ମୁନିରୁଲ ଇସ୍‌ଲାମ। ଉଭୟଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ଅବୁବକରଙ୍କ ନାମରେ ଖାରବେଳନଗର ଥାନାରେ ୬ଟି ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଛି। ମୁନିରୁଲଙ୍କ ନାମରେ ଖାରବେଳନଗର ଥାନାରେ ୪ ମାମଲା ରହିଛି।

## ସଂକ୍ଷେପରେ

### ବିକଟାଳ ଶବ୍ଦ କରୁଥିବା ୨ ବାଇକ୍ ଜବତ

ବାରଙ୍ଗ,୨।୮(ଲିଙ୍ଗରାଜ ରାଉତ): ବିକଟାଳ ଶବ୍ଦକରି ରାସ୍ତାରେ ଯାଉଥିବା ୨ ବାଇକ୍‌କୁ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରଛି। ଶୁକ୍ରବାର ସନ୍ଧ୍ୟାରେ ଫାଣ୍ଡି ଅଧିକାରୀ ବିଚିତ୍ର ପ୍ରଧାନ ସଦଳବଳ ପାଟ୍ରୋଲିଂ ପାଇଁ ଯାଉଥିବା ବେଳେ ଶ୍ରୀ ଶ୍ରୀ ୟୁନିଭର୍ସିଟି ପାଖରେ ବିକଟାଳ ଶବ୍ଦକରି ଦୁଇଟି ବାଇକ୍ ଆସୁଥିଲା। ଉକ୍ତ ରାସ୍ତାରେ ଯାଉଥିବା ପଥଚାରୀଙ୍କଠାରୁ ଆରମ୍ଭକରି ଗାଡ଼ି ଚାଳକମାନେ ଭୟଭୀତ ହୋଇଯାଉଥିଲେ। ଗାଡ଼ିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଚାଳକ ଦୁଇଜଣ ଦେଖାଇ ନ ପାରିବାରୁ ପୋଲିସ ଗାଡ଼ି ଦୁଇଟିକୁ ଜବତ କରି କଟକ ଆର୍‌ଟିଓଙ୍କୁ ସୂଚନା ଦେବା ସହ ଚାଳକଦ୍ୱୟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ପଦ୍ମକେଶରୀପୁର ଗୋଷ୍ଠୀ ସଂଘର୍ଷ ଘଟଣା: ଆଉ ଜଣେ ଗିରଫ

ଭୁବନେଶ୍ୱର,୨।୮(ସୂର୍ଯ୍ୟକାନ୍ତ ବେହେରା) - ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରୀପୁର ଅଞ୍ଚଳରେ ସୁଧ କାରବାରକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ଆଉ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତଳସାହିର ତାପସ ଦାସ। ପୂର୍ବରୁ ମଧ ଏହି ଘଟଣାରେ ୪ରୁ ଅଧିକ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ଗାଁରେ ଏବେ ପରିସ୍ଥିତି ଶାନ୍ତ ରହିଛି। ଗାଁ ଛାଡ଼ିଥିବା ଲୋକେ ମଧ ଧୀରେ ଧୀରେ ଫେରୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ. ଜୁଲାଇ ୬ ରାତି ୧୦ ଟାରେ ତଳ ସାହି ଓ ଉପରସାହି ମଧରେ ପରସ୍ପର ଢେଲା ଓ କାଚ ବୋତଲ ମାଡ କରିଥିଲେ। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ପଦକ୍ଷେପ ନେଉଛି।

### ୧୦ ଲକ୍ଷରୁ ଅଧିକ ଟଙ୍କା ହଡପ, ୨ କର୍ମଚାରୀ ଗିରଫ

ଭୁବନେଶ୍ୱର,୨।୮(ସୂର୍ଯ୍ୟକାନ୍ତ ବେହେରା) - ମାଲିକଙ୍କ ୧୦ ଲକ୍ଷରୁ ଅଧିକ ଟଙ୍କା ହଡପ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ୱେଟର-କମ୍-କ୍ୟାସିୟର ଭାବେ କାମ କରୁଥିବା ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କେନ୍ଦୁଝରର ମିଳୁନ ଜେନା ଓ ଯାଜପୁରର ସତ୍ୟ ରଞ୍ଜନ ଦାସ। ସୂଚନାନୁସାରେ. ଅଭିଯୋଗକାରୀ ଅନୁପ କୁମାର ବାଜାଜଙ୍କ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡରେ ଏକ ରେଷ୍ଟୁରାଣ୍ଟ ରହିଛି। ଦୁଇ ଅଭିଯୁକ୍ତ ସେଠାରେ ଗତ ୬ବର୍ଷ ହେବ ୱେଟର-କମ-କ୍ୟାସିୟର ଭାବେ କାମ କରୁଥିଲେ। ମାଲିକଙ୍କ ବିଶ୍ୱାସର ଫାଇଦା ଉଠାଇ ଅଭିଯୁକ୍ତଦ୍ୱୟ ଗ୍ରାହକମାନଙ୍କଠାରୁ ଆଣୁଥିବା ଟଙ୍କା ନିଜେ ହଡପ କରୁଥିଲେ। ଏପରିକି ମାଲିକ କାଳେ ସନ୍ଦେହ କରିବେ, ସେଥିପାଇଁ ବିଲିଂରେ କାରସାଦି କରିଥିଲେ।

# ୨୦ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ମିଳିବ ନିଯୁକ୍ତି

**ବରୁଣେଇ ଶିଳ୍ପାଞ୍ଚଳ ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ**

- ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ
- ଜମିଜମା ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

ଖୋର୍ଦ୍ଧା,୨।୮(ପ୍ରଭାତ ପାଣିଗ୍ରାହୀ)

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଖୋର୍ଦ୍ଧା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶିଳ୍ପ ସଂସ୍ଥା ପରିସରରେ ପ୍ରକୃତି ପାଇଁ ଚାରାଟିଏ ଆହ୍ୱାନ ଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ବରୁଣେଇ ଶିଳ୍ପାଞ୍ଚଳର ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଚାରବିମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଶିଳ୍ପୋଦ୍ୟୋଗ ପରିଦର୍ଶନ ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାରେ ଶିଳ୍ପ ଅଭିବୃଦ୍ଧି, ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି, ଶିଳ୍ପକ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବ। ଉଦ୍ୟୋଗ ଖୋଲିବା ପାଇଁ ଯେଉଁମାନେ ଜମି ନେଇଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ କିଭଳି ଖୁବଶୀଘ୍ର ସେମାନେ ଶିଳ୍ପ ପ୍ରତିଷ୍ଠା କରିବେ ସେ ଦିଗରେ ରହିଥିବା ଜମିଜମା ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ମୁଣ୍ଡାମ୍ବା, କାଳୀବାଟୀ ଏବଂ ଭୂଇଁପୁରରେ ବିଭିନ୍ନ ଉଦ୍ୟୋଗରେ ପ୍ରାୟ ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାର ସମ୍ଭାବନା ରହିଛି। ଏହା ଦ୍ୱାରା ୧୩ ହଜାର ଯୁବକଯୁବତୀ ନିଯୁକ୍ତି ପାଇପାରିବେ। ସେହିଭଳି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ



ସମୀକ୍ଷା ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟମାନେ।

୧ହଜାର ଏକର, ବୋଲଗଡ଼ ୬୦୦ ଏକର ଏବଂ ବେଗୁନିଆର ୭୦୦ ଏକର ଜମିରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବ। ଏହା ଦ୍ୱାରା ଆହୁରି ୧୦ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ସହ ଶିଳ୍ପର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିନିମନ୍ତେ ସ୍ଥଳ ବିଶେଷରେ ରହିଥିବା ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେଲେ ସ୍ଥାନୀୟ ବାସିନ୍ଦାମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଖୋର୍ଦ୍ଧା ଭଳି ବୀର ମାଟିରେ ସ୍ମୃତି ରକ୍ଷା କ୍ଷେତ୍ରରେ ବିଭିନ୍ନ ସଂସ୍ଥା ସହଯୋଗ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳକୁ ଯୋଗାଯୋଗ, ପାର୍କିଂ, ଆଲୋକୀକରଣ, ସାଧାରଣ ସୁବିଧା ଉପଲବ୍ଧ କରିବା ନିମନ୍ତେ ସମସ୍ତ ସହଯୋଗ କରାଯିବ ବୋଲି ଜଗଦେବ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ସେମାନଙ୍କ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହ ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଇଡ୍‌କୋ ସଚିବ ହେମନ୍ତ ଶର୍ମା, ସିଜିଏମ୍ ବିଜୟ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଯୁବତୀଙ୍କ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୨।୮(ସୂର୍ଯ୍ୟକାନ୍ତ ବେହେରା) - ଯୁବତୀଙ୍କ ଗୋପନୀୟ ଭିଡିଓ ଓ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ସଦର ଥାନା ଅଞ୍ଚଳର ଚୈତନ୍ୟ ଦାସ (୨୮)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଦୁଇବର୍ଷ ତଳେ ଅଭିଯୁକ୍ତ ଚୈତନ୍ୟ ଅଭିଯୋଗକାରିଣୀ ଯୁବତୀଙ୍କ ଘରକୁ ବୁଲିବାକୁ ଯାଇଥିବାବେଳେ ତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ପରିବାରର ସମ୍ମତିକ୍ରମେ ଯୁବତୀ ଜଣକ ତାଙ୍କ ସହ ଫୋନରେ କଥା ହେବା ଆରମ୍ଭ କରିଥିଲେ। ସମ୍ପର୍କ ନିବିଡ଼ ହେବା ପରେ ଚୈତନ୍ୟ ତାଙ୍କର କିଛି ଗୋପନୀୟ ଭିଡିଓ ଓ ଫଟୋ ନିଜ ମୋବାଇଲ ଫୋନ୍‌ରେ ସଂଗ୍ରହ କରିନେଇଥିଲେ। ଏହା ଜାଣିବା ପରେ ଯୁବତୀ ଜଣକ ତାଙ୍କୁ ବିବାହ କରିବା ଲାଗି ମନା କରିଦେଇଥିଲେ। ଫଳରେ ଅଭିଯୁକ୍ତ ରଖିଥିବା ଯୁବତୀଙ୍କ ଗୋପନୀୟ ଭିଡିଓ ଓ ଫଟୋ ସବୁକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବା ସହ ମାରିଦେବାର ଧମକ ଦେଇଥିଲେ।





କୃଷକ ସଚେତନତା ଶିବିର ଅବସରରେ ମେଣ୍ଢାଶାଳସ୍ଥିତ ଏକ କ୍ଷେତରେ କୃଷକଙ୍କ ସହ ଆଇଏଏସ୍‌ର ଛାତ୍ରମାନେ।

# ଗାଁରେ ବୁଲିଲେ, ଚାଷୀଙ୍କୁ ସଚେତନ କଲେ

ବାରଙ୍ଗ,୨।୮(ଲିଙ୍ଗରାଜ ରାଉତ)

ସରକାରୀ ଅନୁଦାନ ଓ ଯୋଜନା ସମୂହ ବିଷୟକୁ ନେଇ ଏକ କୃଷକ ସଚେତନତା ଶିବିର ମେଣ୍ଢାଶାଳ ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍ସେସ୍ (ଆଇଏଏସ୍) ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ସହକାରୀ ଅଧ୍ୟାପକ ଡ. ରାମକୃଷ୍ଣ ବସ୍ତିଆଙ୍କ ତତ୍ତ୍ୱାବଧାନରେ ୨୦ଜଣ ଛାତ୍ର (ବି-୪) ଗ୍ରାମର ବିଭିନ୍ନ ସାହି ବୁଲିବା ସହ ଗ୍ରାମବାସୀଙ୍କୁ ସରକାରଙ୍କ ଦ୍ୱାରା ମିଳୁଥିବା ଅନୁଦାନ ଓ ଯୋଜନାଗୁଡ଼ିକ ବିଷୟରେ ତଥ୍ୟ ଦେବା ସହ ସଚେତନ କରାଇଥିଲେ। ଚାଷୀମାନେ କିପରି ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଅନୁଦାନ ଓ ଯୋଜନା ଦ୍ୱାରା ଲାଭାନ୍ୱିତ ହୋଇପାରିବେ ସେ ବିଷୟରେ ବୁଝାଇଥିଲେ। ଛାତ୍ରମାନଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମରେ ଏକ ନାଟକ ମଧ୍ୟ ପରିବେଷିତ ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରିବ ବୋଲି ଜଣାପଡ଼ିଛି।

### କୌସ୍ତୁଭରେ ରକ୍ତ ପରୀକ୍ଷା ଶିବିର

ଭୁବନେଶ୍ୱର,୨।୮(ଅନୁରାଧା ମହାରଣା)- କୌସ୍ତୁଭ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ (କେଜିଆଇ) ଅଧୀନ କୌସ୍ତୁଭ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (କ୍ରିମ୍ସ) ଓ ଆଇସିଏମ୍ଆର୍-ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର (ଆର୍‌ଏମ୍ଆର୍‌ସି) ପକ୍ଷରୁ ଶୁକ୍ରବାର ଏକ ରକ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେଜିଆଇ ପରିସରରେ କ୍ରିମ୍ସ ଅଧ୍ୟକ୍ଷ ଡକ୍ଟର ଶକ୍ତିକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ମଲିକ ପ୍ରଥମେ ପରୀକ୍ଷା ପାଇଁ ରକ୍ତ ନମୁନା ଦେଇ ଶୁଭାରମ୍ଭ କରିଥିଲେ। ତାଙ୍କ ପରେ ପ୍ରତିଷ୍ଠାନର ଉନ୍ନୟନ ଅଧିକାରୀ ଅଭୟ କୁମାର ମହାନ୍ତି ରକ୍ତ ପରୀକ୍ଷା କରାଇଥିଲେ। ଏହି ଅବସରରେ ଆର୍‌ବିଏସ୍, ଆର୍‌ଏଫ୍‌ଟି, ସିଆର୍‌ପି, ଏଚ୍‌ଡିଏଲ୍, ଏଲ୍‌ଡିଏଲ୍, ଭିଏଲ୍‌ଡିଏଲ୍, କୋଲେଷ୍ଟ୍ରଲ, ୟୁରିଆ, ୟୁରିକ୍ ଏସିଡ୍, ଟ୍ରାଇଗ୍ଲିସେରାଇଡ୍, ରକ୍ତଚାପ, ଶରୀରର ମାପ ଭଳି ବିଭିନ୍ନ ପ୍ରକାରର ପରୀକ୍ଷଣ ହୋଇଥିଲା। ଗ୍ରୁପ୍ ଅଧ୍ୟକ୍ଷ ପ୍ରଭାତ ରଞ୍ଜନ ମଲିକ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ଉପରେ ଭୁଶୁଡ଼ି ପଡ଼ିଲା ପାଚେରି

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

ଭୁବନେଶ୍ୱର,୨।୮(ସୂର୍ଯ୍ୟକାନ୍ତ ବେହେରା)

ଜଣେ ମହିଳା ରାସ୍ତାରେ ଯାଉଥିବାବେଳେ ତାଙ୍କ ଉପରେ ଭୁଶୁଡ଼ି ପଡ଼ିଲା କଂକ୍ରିଟ ପାଚେରି। ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡରେ ଗୁରୁତର ଆଘାତ ଲାଗିଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ମଇଳା ପାଣି ଟାଙ୍କି ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ମହିଳାଙ୍କର ପରିଚୟ ଜଣାପଡ଼ି ନ ଥିଲେ ମଧ୍ୟ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ମହିଳାଙ୍କ ଗୋଟିଏ ଗୋଡ ପୂରା ନଷ୍ଟ ହୋଇଯାଇଛି। ତେବେ ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ସ୍ଥାନୀୟ ଯୁବକ ବିଶ୍ୱରଞ୍ଜନ ଜେନା ବିଏମ୍‌ସିକୁ ଦାୟୀ କରିବା ସହ ଆହତ ମହିଳାଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହାସହ ସମସ୍ତ ଚିକିତ୍ସା ଖର୍ଚ୍ଚ ମଧ୍ୟ ପ୍ରଶାସନ ବହନ କରିବାକୁ ସେ ଅନୁରୋଧ କରିଛନ୍ତି। ସୂଚନାନୁସାରେ, ଆହତ ମହିଳା ଓ ତାଙ୍କ ସ୍ୱାମୀ କାମରୁ ଫେରି ଉଭୟ ସାଲିଆସାହିସ୍ଥିତ ଘରକୁ ଯାଉଥିବାବେଳେ ହଠାତ ପାଚେରିଟି ଭୁଷୁଡ଼ି ପଡ଼ିଥିଲା।



ପାଚେରି ତଳେ ମହିଳାଙ୍କ ଅଣ୍ଟାରୁ ଗୋଡ ପର୍ଯ୍ୟନ୍ତ ରହିଥିବାବେଳେ ସେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ପାଚେରିକୁ ଉଠାଇ ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ।

# ବ୍ଲାକମେଲ୍ କରି ବଳାତ୍କାର, ୪ ଲକ୍ଷ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୮(ସତ୍ୟଜିତ୍ ରାଉତ)

ବ୍ଲାକମେଲ୍ କରି ବାରମ୍ବାର ବଳାତ୍କାର କରିବା ସହ ୪ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ୪୨ ମୌଜା ଅଞ୍ଚଳର ପ୍ରକାଶ ସାହୁ (୪୦)। ଅଭିଯୋଗ ଅନୁଯାୟୀ, ପୀଡିତା ଜଣକ ପାହାଳ ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଫେସ୍‌ବୁକରେ ପ୍ରକାଶଙ୍କ ସହ ତାଙ୍କର ପରିଚୟ ହେବା ପରେ ଉଭୟ ଫୋନ୍‌ରେ କଥା ହେଉଥିଲେ। ୨୦୨୨ ମେ'ରେ ଅଭିଯୁକ୍ତ ପ୍ରକାଶ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ୨୦୨୩ ଜାନୁଆରୀରେ ପ୍ରକାଶ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ତାଙ୍କ ଗାଧୁଆ ବେଳର ଭିଡିଓକୁ ମୋବାଇଲରେ ଶୁଟ୍ କରିଦେଇଥିଲେ। ପରେ ଉକ୍ତ ଭିଡିଓକୁ ଦେଖାଇ ବ୍ଲାକମେଲ କରିବା ସହ ତାଙ୍କ ଇଚ୍ଛା ବିରୋଧରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖୁଥିଲେ। ପରବର୍ତ୍ତୀ ସମୟରେ ପୀଡିତା ଯୁବତୀଙ୍କର ଅନ୍ୟତ୍ର ବିବାହ ହୋଇଥିଲା। ତେବେ ଉକ୍ତ ଭିଡିଓକୁ ମୋବାଇଲରୁ ଡିଲିଟ୍ କରିବା ମିଛ ପ୍ରତିଶ୍ରୁତି ଦେଇ ପୀଡିତା ଯୁବତୀଙ୍କ ନିକଟରୁ ପ୍ରକାଶ ୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଏହି ଘଟଣା ପାଇଁ ପୀଡ଼ିତା ଜଣକ ଆତ୍ମହତ୍ୟା ଉଦ୍ୟମ ମଧ କରିଥିଲେ। ତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜାଣିବା ପରେ ପାହାଳ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ମାମଲା (ନଂ.୩୩୫/୨୦୨୪) ରୁଜୁ କରିଥିଲା।



ରସୁଲଗଡ଼ ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳା।

# ମୁଖ୍ୟମନ୍ତ୍ରୀଙ୍କୁ ୧୦ଦଫା ଦାବି ଜଣାଇଲା କୁଷ୍ଠରୋଗୀ ସଙ୍ଗଠନ

ଭୁବନେଶ୍ୱର, ୨।୮(ବନ୍ଦନା ସେଠୀ)



ରାଜ୍ୟରେ ଥିବା ୮୬ଟି କୁଷ୍ଠ କଲୋନି ଦୁର୍ଗତି ମଧ୍ୟଦେଇ ଗତି କରୁଛି। ୭ କୁଷ୍ଠ ଚିକିତ୍ସାଳୟ, ୪ କୁଷ୍ଠାଶ୍ରମ, ଜାତୀୟସ୍ତରୀୟ ହିନ୍ଦୁ କୁଷ୍ଠ ନିବାରଣ ସଂଘର ଓଡ଼ିଶା ରାଜ୍ୟ ଶାଖାକୁ ପ୍ରାଶାସନିକ ଅଧିକାରୀ ଓ କୁଷ୍ଠ ବିଭାଗରେ ଥିବା ଅଧିକାରୀମାନେ ଅଚଳ କରିଦେବାରେ ଲାଗିଛନ୍ତି। ଜାତୀୟ କୁଷ୍ଠ ନିବାରଣ କାର୍ଯ୍ୟକ୍ରମ କେବଳ କାଗଜ କଲମରେ ଚାଲିଥିବାବେଳେ ପ୍ରତିବର୍ଷ ପ୍ରାୟ ୧୦ ହଜାର ନୂଆ କୁଷ୍ଠରୋଗୀ କୁଷ୍ଠରୋଗର ଜଟିଳତା ଯୋଗୁ ଆବଶ୍ୟକ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଅବହେଳା ପାଇଁ କୁଷ୍ଠରୋଗ ଏବେ ରାଜ୍ୟର ପ୍ରମୁଖ ସମସ୍ୟା ପାଲଟିବାରେ ଲାଗିଛି ବୋଲି କୁଷ୍ଠରୋଗୀ ସଙ୍ଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ କମିଟିର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କୁଷ୍ଠରୋଗୀଙ୍କ ବିଭିନ୍ନ ସମସ୍ୟା ଓ ଦାବି ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏହି ଅବସରରେ ୮୬ କୁଷ୍ଠ କଲୋନିର ବାସିନ୍ଦାଙ୍କୁ ସ୍ଥାୟୀ ଘରବାଡ଼ି ପଟ୍ଟା ପ୍ରଦାନ, ସ୍ୱତନ୍ତ୍ର ଯୋଜନାରେ ଆଦର୍ଶ ବାସଗୃହ, ୩୫ କେ.ଜି ରାଶନ ଚାଉଳ, ମାସକୁ ୫ ହଜାର ଟଙ୍କା ସହାୟତା ରାଶି, କୁଷ୍ଠ ଚିକିତ୍ସାଳୟ, କୁଷ୍ଠାଶ୍ରମର ଭିତ୍ତିଭୂମିର ଉନ୍ନତି ଓ କର୍ମଚାରୀ ନିଯୁକ୍ତି, ଖାଲି ପଡ଼ିଥିବା ୩୫୯ କୁଷ୍ଠକର୍ମୀ ପଦବୀ ପୂରଣ ଆଦି ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କୁଷ୍ଠରୋଗୀଙ୍କ ଦୟନୀୟ ସ୍ଥିତି ଜାଣିବା ପରେ ଦୁଃଖ ପ୍ରକାଶ କରିବା ସହ ଖୁବ୍‌ଶୀଘ୍ର ତାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହଯୋଗରେ ସଂଗଠନର ସାଧାରଣ ସମ୍ପାଦକ ପ୍ରଭାକର ସାହୁ, ଉପସଭାପତି ବିପିନ ମାରାଣ୍ଡି ଏବଂ ସଭ୍ୟ ହୃଷୀକେଶ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ସବୁଜ ଭୁବନେଶ୍ୱର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

**ପ୍ରଥମ ଦିନରେ ୨ ଜୋନ୍‌ର ୫ ସ୍ଥାନରେ ଚାରା ରୋପଣ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବନ ବିଭାଗର ମିଳିତ ଉଦ୍ୟମରେ ଶୁକ୍ରବାରଠାରୁ ରାଜଧାନୀରେ ମେଗା ପ୍ଲାଣ୍ଟେଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନ୍ତର୍ଗତ ସବୁଜ ଭୁବନେଶ୍ୱର ଅଭିଯାନକୁ ସାକାର କରିବା ପାଇଁ ଉତ୍ତର ଜୋନ୍‌ର ୨ଟି ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ର ୩ଟି ସ୍ଥାନରେ ଚାରାରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍ତର ଜୋନ୍‌ର ୱାର୍ଡ ନଂ. ୧ ଅନ୍ତର୍ଗତ ଫୁଟବଲ ଗ୍ରାଉଣ୍ଡରେ ଏହି ଅଭିଯାର ଶୁଭାରମ୍ଭ ହୋଇଥିଲା। ଏହାପରେ ୱାର୍ଡ ନଂ.୨ ଅନ୍ତର୍ଗତ ଶିଖରଚଣ୍ଡୀ ନଗରରେ ଚାରାରୋପଣ କରାଯାଇଥିଲା। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ ନଂ.୨୨ର ଭରତପୁରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ



ନଂ. ୫୦ର ବରମୁଣ୍ଡା ଦୁର୍ଗାପୂଜା ପଡିଆ, ୱାର୍ଡ ନଂ. ୬୩ ଅନ୍ତର୍ଗତ ଜାଗମରାସ୍ଥିତ ବିଏମ୍‌ସିର ପ୍ରସ୍ତାବିତ ଜୋନାଲ ଅଫିସ ପରିସରରେ ଚାରାରୋପଣ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ବଉଳ, ପିଜୁଳି, ଜାମୁକୋଳି, ଅଁଳା, ପଣସ, କୁସ୍ମି, ଆମ୍ବ, ପିସ୍ତାବାଦମ ଆଦି ୨ଶହରୁ ଅଧିକ ଚାରାରୋପଣ କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ପଡିଆ ଜମିରେ ବ୍ୟାପକ ଚାରାରୋପଣ କରିବା ସହ ସେଗୁଡିକର ଯତ୍ନନେବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବୃକ୍ଷପ୍ରେମୀ, ଆବାସିକ ସଙ୍ଗଠନ ପ୍ରମୁଖଙ୍କୁ ବିଏମ୍‌ସି ପକ୍ଷରୁ ମେୟର ସୁଲୋଚନା ଦାସ ଆହ୍ୱାନ କରିଥିଲେ। ସେହିପରି ମିଆୱାକି ପଦ୍ଧତିରେ ବିଭିନ୍ନ ସ୍ଥାନରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ସହ ସବୁଜ ଭୁବନେଶ୍ୱର ଅଭିଯାନକୁ ସାକାର କରିବାକୁ ବିଏମ୍‌ସି ପକ୍ଷରୁ କାର୍ଯ୍ୟକ୍ରମ ଜାରିରହିଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମେୟରଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଏକାମ୍ର ବିଧାୟକ ବାବୁ ସିଂ, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, ସ୍ଥାନୀୟ କର୍ପୋରେଟର, ବିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଉଡ଼ିଆଙ୍କ ଆକସ୍ମିକ ମୃତ୍ୟୁ

ସାଲେପୁର,୨।୮(ଅରବିନ୍ଦ ଭୂୟାଁ)

ଶ୍ରୀଚନ୍ଦ୍ରଶେଖରଙ୍କୁ ଜଳାଭିଷେକ କରିବାକୁ ଯବାବେଳେ ଜଣେ କାଉଡ଼ିଆଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବରକନ୍ଦା ଗ୍ରାମର ବୁଲୁ ବାରିକ(୪୦)। ସେ ଚନ୍ଦ୍ରଶେଖର ବୋଲବମ୍ ଗ୍ରୁପ୍ ସହ ଗୁରୁବାର ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଉଠାଇ ନିଜ ଗ୍ରାମର ଚନ୍ଦ୍ରଶେଖର ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ଯାଉଥିଲେ। ଶୁକ୍ରବାର ସକାଳ ପ୍ରାୟ ୯ଟା୩୦ରେ ଗ୍ରୁପ୍‌ର ସଦସ୍ୟମାନେ ସାଲେପୁର ବ୍ଲକ୍‌ର କେନ୍ଦ୍ରାପଡ଼ା କେନାଲବନ୍ଧ ରାସ୍ତାରେ ଯାଉଥିବାବେଳେ ତେନ୍ତୋଳ ଗ୍ରାମ ନିକଟରେ ବୁଲୁ ହଠାତ୍ ପାଣିଭାର ସହ ରାସ୍ତା ଉପରେ ପଡ଼ିଯାଇଥିଲେ। ଅନ୍ୟ କାଉଡ଼ିଆମାନେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଏକ ଅପମୃତ୍ୟୁ ମାମଲା ନଂ.୨୦/୨୪ ରୁଜୁ ହୋଇଛି। କାଉଡ଼ିଆ ବୁଲୁଙ୍କ ଏହି ଆକସ୍ମିକ ମୃତ୍ୟୁକୁ ନେଇ ଅନ୍ୟ କାଉଡ଼ିଆମାନଙ୍କ ମଧ୍ୟରେ ଶୋକପ୍ରକାଶ ପାଇଛି।

# ବିପଦସଙ୍କୁଳ ଅବସ୍ଥାରେ ଶୁକନଦୀ ଢୋଲ ପୋଲ ରାସ୍ତା

- ୨୦୦ମିଟର ମାଟି ଧସି ନଦୀରେ ଲୀନ ହେଲାଣି
- ରାସ୍ତା କାମ ନିମ୍ନମାନର ଅଭିଯୋଗ
- ଆନ୍ଦୋଳନ ପାଇଁ ଚେତାବନୀ

ମାହାଙ୍ଗା, ୨।୮ (ଯଯାତି ସିଂହ)


ନିମ୍ନମାନର କାମ ଯୋଗୁ ଧସିଯାଇଥିବା ରାସ୍ତା।

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ନୃଗାଙ୍ଗ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶୁକ ନଦୀ ଢୋଲ ପୋଲ ନିକଟରେ ପ୍ରାୟ ୨୦୦ ମିଟର ରାସ୍ତା ଧସିଯିବାକୁ ବସିଲାଣି। ଏହି ରାସ୍ତା ୩ଥର ମରାମତି କରାଯାଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ସବୁଥର ଶୁକ ନଦୀ ଗର୍ଭରେ ଲୀନ ହୋଇଯାଉଛି। ଯେଉଁ ସମୟରେ ଏହି ରାସ୍ତା କାର୍ଯ୍ୟ କରାଯାଉଛି ସେହି ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଛି। ଫଳରେ ପ୍ରତିବର୍ଷ ଏହି ରାସ୍ତା କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଲୋକ ବ୍ଲକ, ତହସିଲ, ଥାନା, ବ୍ୟାଙ୍କ, ଡାକଘର, ମହାବିଦ୍ୟାଳୟ,ସ୍କୁଲ ସମେତ ବାଲିଚନ୍ଦ୍ରପୁର ଓ ତ୍ରିବେଣୀଶ୍ୱରକୁ ଯାତାୟାତ କରିଥାନ୍ତି। କିନ୍ତୁ ବର୍ତ୍ତମାନ ଏହି ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ ଯେ ଅଘଟଣ ନ ଘଟିବ କେହି କହିପାରିବେ ନାହିଁ। ଯେଉଁଥିପାଇଁ ପ୍ରଶାସନ ଦାୟୀ ରହିବେ। ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରୁ ରଖି ତୁରନ୍ତ ଏହି ରାସ୍ତା ମରାମତି କରାଯିବା ସହ ଏଭଳି କାର୍ଯ୍ୟ କରୁଥିବା ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ତୁରନ୍ତ ମରାମତି କରା ନ ଗଲେ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିଜୟ କୁମାର ସାହୁଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୫-ଟି ରୂପାନ୍ତରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

କଟକ ସଦର,୨।୮ (ସୁଶାନ୍ତ କୁମାର ଜେନା)

**ସାଧୁଚରଣ ବିଦ୍ୟାପୀଠ**

କଟକ ସଦର ବ୍ଲକ ଅନ୍ତର୍ଗତ ନାନପୁରସ୍ଥିତ ସାଧୁଚରଣ ବିଦ୍ୟାପୀଠରେ ୧୮ ଲକ୍ଷ ଟଙ୍କା ବ୍ୟୟରେ କରାଯାଇଥିବା ୫-ଟି ରୂପାନ୍ତରଣ କାର୍ଯ୍ୟରେ ଅନିୟମିତ ହୋଇଥିବା ବିଦ୍ୟାପୀଠର ପରିଚାଳନା କମିଟି ସଭ୍ୟ ନିର୍ମଳ ଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ଫଟା କାନ୍ଥରେ ସିମେଣ୍ଟ ବୋଳାଯାଇ ନିମ୍ନମାନର କାର୍ଯ୍ୟ କରାଯାଇଛି। ଅଧିକ ଲାଭ ଆଶାରେ ଛାୟା ଠିକାଦାର ଉକ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରିଥିବା ବେହେରା ଗୁରୁବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଏହି ଅଭିଯୋଗ କରିବା ସମୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉକ୍ତ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ପୁରୁଣା ଘରକୁ ରୂପାନ୍ତରଣ ସମୟରେ ପରିଚାଳନା କମିଟିର ମତକୁ କଟକ ସଦର ବ୍ଲକ କର୍ତ୍ତୃପକ୍ଷ ଅଣଦେଖା କରିଥିଲେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବିଧାୟକ ସେଠୀ ମଧ୍ୟ ବିଦ୍ୟାପୀଠର କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ମରାମତି କରିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଉକ୍ତ କାର୍ଯ୍ୟ ସରକାରୀ କାଗଜପତ୍ରରେ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇଛି। ଅଭିଯୋଗ ଉପରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ରୁମାନା ଜାଫ୍ରି କହିଛନ୍ତି।

# ଅଗ୍ନିକାଣ୍ଡରେ ୨ବଖରା ଜଳିଗଲା

ବାଙ୍କୀ,୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବାଡି ଗ୍ରାମପଞ୍ଚାୟତ ମାଳବିହାରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ବିଦୁ ଜେନାଙ୍କ ୨ବଖରା ଜଳିଯାଇଛି। ଖବରପାଇ ଆଠଗ ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଜେନାଙ୍କ ଘରର ସମସ୍ତ ଆସବାବପତ୍ରଗୁଡିକ ଜଳିଯାଇଥିଲା। ଖବରପାଇ ସରଣ୍ଡାଗ ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହିତ ଜରିପାଲ ପ୍ରଦାନ କରିଛନ୍ତି। ଜେନାଙ୍କ ପରିବାର ଅତି ଗରିବ ହୋଇଥିବାବେଳେ ଏବେ ଘର ଜଳିଯାଇଥିବାରୁ ଅସହାୟ ହୋଇପଡ଼ିଛନ୍ତି। ତାଙ୍କ ସ୍ୱାମୀ ଓ ଏକମାତ୍ର ପୁଅ ଦାଦନ ଶ୍ରମିକଭାବେ ପୁନାରେ କାର୍ଯ୍ୟ କରୁଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସାହାଯ୍ୟ ତଥା ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।


ଅଗ୍ନିକାଣ୍ଡରେ ଜଳିଯାଇଥିବା ବିଦୁ ଜେନାଙ୍କ ଘର।

# ‘ବିଚିତ୍ରାନନ୍ଦଙ୍କ ବିନା ଆଧୁନିକ ଓଡ଼ିଶାର ଇତିହାସ ଅସମ୍ପୂର୍ଣ୍ଣ’


ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୨।୮ (କାର୍ତ୍ତିକ ସାହୁ)

କଟକ କାଠଗଡ଼ା ସାହି କାୟସ୍ଥ ବୋର୍ଡିଂ ପରିସରସ୍ଥ ଗୌରୀଶଙ୍କର ସ୍ମୃତି ସଦନରେ ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଚିତ୍ରାନନ୍ଦଙ୍କ ସ୍ମୃତି ଚାରଣ କରି ବକ୍ତାମାନେ ତାଙ୍କର କାର୍ଯ୍ୟାବଳୀ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସାମ୍ବାଦିକ ଅଜୟ କୁମାର ଦାସ କହିଛନ୍ତି, ବିଚିତ୍ରାନନ୍ଦଙ୍କ ବିନା ଆଧୁନିକ ଓଡ଼ିଶାର ଇତିହାସ ଅସମ୍ପୂର୍ଣ୍ଣ। ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ଓଡ଼ିଶାର ନବନିର୍ମାଣରେ ବିଚିତ୍ରାନନ୍ଦଙ୍କ କାର୍ଯ୍ୟ ଅଭୁତପୂର୍ବ। ଗାନ୍ଧୀଙ୍କ ପୂର୍ବରୁ ଅଛୁଆଁ ଭେଦଭାବ ଲୋପ ପାଇଁ ସେ ଚେଷ୍ଟା କରିଥିଲେ। ସେ ଯାତାୟତ ନିମନ୍ତେ ଘୋଡ଼ାଗାଡ଼ିର ପ୍ରଚଳନ କରି ସମସ୍ତଙ୍କୁ ସେଥିରେ ବସିବାର ସମାନ ସୁଯୋଗ ଦେଇଥିଲେ ବୋଲି ଦାସ କହିଥିଲେ। ମୁଖ୍ୟ ଅତିଥି ଇଂ. ଜଗନ୍ନାଥ ବୋଷ, ସମ୍ମାନିତ ଅତିଥି ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକ ଯୋଗଦେଇ ବିଚିତ୍ରାନନ୍ଦଙ୍କ କାର୍ଯ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସୁବ୍ରତ ପ୍ରଧାନ, ମନୋରଞ୍ଜନ ମହାପାତ୍ର, ଅଶୋକ ଦାସ, ସୁରଜିତ୍ ନାଥ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ଅଜିତ୍ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଇନ୍ଦ୍ରଜିତ୍ ଘୋଷ ଧନ୍ୟବାଦ ଦେଇଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ ଦାନା ବାନ୍ଧୁଛି

ସାଲେପୁର,୨।୮ (ଅରବିନ୍ଦ ଭୂୟାଁ)

ସାଲେପୁରରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜନସାଧାରଣ ଓ ବିଦ୍ୟୁତ୍ ଉପଭୋକ୍ତାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ସେକ୍ସନ ଅଫିସକୁ ଫୋନ୍ କଲେ ଲାଇନ୍‌ବ୍ୟସ୍ତ ଥିବା ଉତ୍ତର ଆସୁଛି ବୋଲି ଲୋକେ କହିଛନ୍ତି। ବିଦ୍ୟୁତ୍‌କମ୍ପାନୀର ଏଭଳି ମନମାନୀର ପ୍ରତିବାଦ କରି ସାଲେପୁର ଭାଜପା ନେତା ପ୍ରସନ୍ନ ମିଶ୍ର ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପୂର୍ବ ସରକାରଙ୍କ ଘରୋଇକରଣ ନୀତି ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଚର୍ଚ୍ଚା ହୋଇଛି। ଏହି ସେକ୍ସନ୍ ଅଧୀନରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସାଲେପୁର ଅଗ୍ନିଶମ ବିଭାଗ, ସାଲେପୁର କଲେଜ ଏବଂ ଏକାଧିକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନ ରହିଛି।

ଏଭଳି ପରିସ୍ଥିତିରେ ମନମୁଖି ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିଯୋଗୁ ସରକାରୀ, ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନମାନଙ୍କରେ ରୋଗୀସେବା ଓ ଅପରେସନ୍ ଆଦି ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଚି। ମରାମତି ଆଳରେ ଅଧିକାଂଶ ସମୟରେ ବିଦ୍ୟୁତ୍ ସେବା କାଟି ଦିଆଯାଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତୁରନ୍ତ ଏହି ଘଟଣାର ସମାଧାନ କରା ନ ଗଲେ ବିଦ୍ୟୁତ୍ ଉପଭୋକ୍ତା ଆଇନ୍‌କୁ ହାତକୁ ନେବାକୁ ପଛାଇବେ ନାହିଁ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

# ପ୍ରାକୃତିକ ଦୁର୍ବିପାକରେ ପଞ୍ଚାୟତର ଭୂମିକା ଜାଣିଲେ ୱାର୍ଡସଭ୍ୟ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ୱାର୍ଡ ସଭ୍ୟାସଭ୍ୟ ଓ ଅନ୍ୟମାନେ।

ବାଙ୍କୀ,୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

**ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର, ନରଗାଙ୍ଗ ଓ ତାଳବସ୍ତ ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟମାନଙ୍କର ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଡିଓ ଅଂଶୁମାନ ଦାଶ ଓ ଅତିରିକ୍ତ ବିଡିଓ ଶ୍ରୀକାନ୍ତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ପ୍ରତିଷ୍ଠାନ ଭୁବନେଶ୍ୱର, ଜିଲାପରିଷଦ କଟକ ଏବଂ ଡମପଡ଼ା ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଏହି ତାଲିମ କାର୍ଯ୍ୟରେ ୭୩ତମ ସମ୍ବିଧାନ ସଂଶୋଧନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ଅର୍ଥ କମିଶନର ଅନୁଦାନ, ବିଭିନ୍ନ ସରକାରୀ ଯୋଜନା, ମହାତ୍ମାଗାନ୍ଧି ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଓ ପ୍ରାକୃତିକ ଦୁର୍ବିପାକରେ ପଞ୍ଚାୟତର ଭୂମିକା ସମ୍ପର୍କରେ ୱାର୍ଡ ସଭ୍ୟମାନଙ୍କୁ ପ୍ରଶିକ୍ଷିତ ଦିଆଯାଇଥିଲା। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ପ୍ରଶିକ୍ଷକ ପରେଶ ପ୍ରସାଦ ମହାପାତ୍ର ଏବଂ ଖଗେଶ୍ୱର ମହାପାତ୍ର ଯୋଗଦେଇ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବ୍ଲକର ଜୀବିକା ମିଶନର କର୍ମୀ, କମ୍ପ୍ୟୁଟର ପ୍ରୋଗ୍ରାମର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ପଟାପୋଲ ଅଞ୍ଚଳରେ ସିଏମ୍‌ସି ଓ ସିଡିଏ ପକ୍ଷରୁ ଶୁକ୍ରବାର ଜବର ଦଖଲ ଉଚ୍ଛେଦ କରାଯାଉଛି।

# ବ୍ଲାକମେଲ୍ କରି ବଳାତ୍କାର, ୪ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୮(ସତ୍ୟଜିତ୍ ରାଉତ)

ବ୍ଲାକମେଲ୍ କରି ବାରମ୍ବାର ବଳାତ୍କାର କରିବା ସହ ୪ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ୪୨ ମୌଜା ଅଞ୍ଚଳର ପ୍ରକାଶ ସାହୁ (୪୦)। ଅଭିଯୋଗ ଅନୁଯାୟୀ, ପୀଡିତା ଜଣକ ପାହାଳ ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି। ଫେସ୍‌ବୁକରେ ପ୍ରକାଶଙ୍କ ସହ ତାଙ୍କର ପରିଚୟ ହେବା ପରେ ଉଭୟ ଫୋନ୍‌ରେ କଥା ହେଉଥିଲେ। ୨୦୨୨ ମେ'ରେ ଅଭିଯୁକ୍ତ ପ୍ରକାଶ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ୨୦୨୩ ଜାନୁଆରୀରେ ପ୍ରକାଶ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିସହ ତାଙ୍କ ଗାଧୁଆ ବେଳର ଭିଡିଓକୁ ମୋବାଇଲରେ ଶୁଟ୍ କରିଦେଇଥିଲେ। ପରେ ଉକ୍ତ ଭିଡିଓକୁ ଦେଖାଇ ବ୍ଲାକମେଲ କରିବା ସହ ତାଙ୍କ ଇଚ୍ଛା ବିରୋଧରେ ବଳପୂର୍ବକ ଶାରୀରିକ ସମ୍ପର୍କ ରଖୁଥିଲେ। ପରବର୍ତ୍ତୀ ସମୟରେ ପୀଡିତା ଯୁବତୀଙ୍କର ଅନ୍ୟତ୍ର ବିବାହ ହୋଇଥିଲା। ତେବେ ଉକ୍ତ ଭିଡିଓକୁ ମୋବାଇଲରୁ ଡିଲିଟ୍ କରିବା ମିଛ ପ୍ରତିଶ୍ରୁତି ଦେଇ ପୀଡିତା ଯୁବତୀଙ୍କ ନିକଟରୁ ପ୍ରକାଶ ୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଏହି ଘଟଣା ପାଇଁ ପୀଡ଼ିତା ଜଣକ ଆତ୍ମହତ୍ୟା ଉଦ୍ୟମ ମଧ୍ୟ କରିଥିଲେ। ତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜାଣିବା ପରେ ପାହାଳ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ମାମଲା (ନଂ.୩୩୫/୨୦୨୪) ରୁଜୁ କରିଥିଲା।

# ସ୍ୱାଧୀନତା ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା

ବାଙ୍କୀ,୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୭୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ‘ସ୍ୱାଧୀନତା ଆମର ଜନ୍ମଗତ ଅଧିକାର’ ସମ୍ପର୍କିତ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଡକ୍ଟର ଅଭିମନ୍ୟୁ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡକ୍ଟର ଅବନ୍ତିକା କର ଓ ଅଧ୍ୟାପକ ରତ୍ନାକର ଦାଶ ବିଚାରକ ଭାବେ କାର୍ଯ୍ୟ କରିଥିଲେ। ଏହି ପ୍ରତିଯୋଗିତାର ଯୁକ୍ତ ୩ରେ ସ୍ନେହାଗିନୀ ସ୍ୱାଇଁ ପ୍ରଥମ, ଇତିଶ୍ରୀ ସ୍ୱାଇଁ ଦ୍ୱିତୀୟ ଓ ରୁଦ୍ରନାରାୟଣ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ୨ ବିଭାଗରେ ଓମ ଶୁଭମ ବେହେରା ପ୍ରଥମ, ଗରିମା ଗରିୟସୀ ମିଶ୍ର ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ଜେନା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ପାଇଁ ମନୋନୀତ କରିଛନ୍ତି। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସସ୍ମିତା ଦାଶ ପରିଚାଳନା କରିଥିଲେ।


ତର୍କ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି ଓ ଛାତ୍ରଛାତ୍ରୀ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଙ୍କୀ,୨।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ କଳାପଥର ଆଞ୍ଚଳିକ ମହାବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ଦିଆଯାଇଛି। କଲେଜ ଅଧ୍ୟକ୍ଷ ସୁନନ୍ଦ କୁମାର ଛାଟୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସଭ୍ୟ ପୂର୍ବତନ ସରପଞ୍ଚ ମିର୍ଜାସର୍ଦ୍ଦାର ଅଲ୍ଲୀ ବେଗ, ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ବିଜୟ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ କଲେଜର ସମସ୍ତ ବିଭାଗ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଛାତ୍ରମାନେ ଭଲ ପଢ଼ି ସମାଜ ସେବାରେ ମନୋନିବେଶ କରିବାକୁ ପରାମର୍ଶ ଦିଆଯାଇଥିଲା। ଖେଳ ଶିକ୍ଷକ ସଚ୍ଚିଦାନନ୍ଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ତୃପ୍ତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ବଳ ନଦୀବନ୍ଧ ମରାମତିକୁ ଗୁରୁତ୍ୱ

ସାଲେପୁର,୨।୮(ଅରବିନ୍ଦ ଭୂୟାଁ)


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି**

କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ସାଲେପୁର ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଖଗେଶ୍ୱର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାନଦୀରେ ପ୍ରଥମ ବନ୍ୟାଜଳ ଆସୁଥିବାରୁ ଏହାର ଶାଖା ନଦୀଗୁଡିକରେ ବନ୍ୟା ହେବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ଦେଇ ମହାନଦୀ, ଚିତ୍ରୋତ୍ପଳା ଓ ବିରୂପା ନଦୀ ପ୍ରବାହିତ ହେଉଥିବାରୁ ଏଥିରେ ବନ୍ୟା ଆସିଲେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି।

ବିଶେଷ କରି ଦୁର୍ବଳ ନଦୀବନ୍ଧଗୁଡିକର ମରାମତି କରାଯିବା ସହ ବନ୍ୟା ଆସିଲେ ୫୧ଟି ସ୍କୁଲରେ ବନ୍ୟା ବିପନ୍ନଙ୍କୁ ଆଶ୍ରୟ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରସୂତି ମହିଳାମାନଙ୍କୁ ବନ୍ୟା ପୂର୍ବରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ବୈଠକରେ ଅଧିକାରୀମାନେ କହିଥିଲେ। ଏଥିରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ, ସାଲେପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ, ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ, ସିଡିପିଓଙ୍କ ସମେତ ଜଳସମ୍ପଦ, ପ୍ରାଣୀସମ୍ପଦ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ଅଗ୍ନିଶମ ବିଭାଗ ସମେତ ସାଲେପୁର ଅଞ୍ଚଳର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ।

# ୨୦ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ମିଳିବ ନିଯୁକ୍ତି

**ବରୁଣେଇ ଶିଳ୍ପାଞ୍ଚଳ ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ**

- ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ
- ଜମିଜମା ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

**ଖୋର୍ଦ୍ଧା, ୨।୮ (ପ୍ରଭାତ ପାଣିଗ୍ରାହୀ)**

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଖୋର୍ଦ୍ଧା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଶିଳ୍ପ ସଂସ୍ଥା ପରିସରରେ ପ୍ରକୃତି ପାଇଁ ଚାରାଟିଏ ଆହ୍ୱାନ ଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ବରୁଣେଇ ଶିଳ୍ପାଞ୍ଚଳର ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଚାରବିମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଶିଳ୍ପଦ୍ୟୋଗ ପରିଦର୍ଶନ ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାରେ ଶିଳ୍ପ ଅଭିବୃଦ୍ଧି, ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତି, ଶିଳ୍ପକ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବ। ଉଦ୍ୟୋଗ ଖୋଲିବା ପାଇଁ ଯେଉଁମାନେ ଜମି ନେଇଛନ୍ତି, ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ କିଭଳି ଖୁବଶୀଘ୍ର ସେମାନେ ଶିଳ୍ପ ପ୍ରତିଷ୍ଠା କରିବେ ସେ ଦିଗରେ ରହିଥିବା ଜମିଜମା ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ମୁଣ୍ଡାମ୍ବା, କାଳୀବାଟୀ ଏବଂ ଭୂଇଁପୁରରେ ବିଭିନ୍ନ ଉଦ୍ୟୋଗରେ ପ୍ରାୟ ୬ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାର ସମ୍ଭାବନା ରହିଛି। ଏହା ଦ୍ୱାରା ୧୩ ହଜାର ଯୁବକଯୁବତୀ ନିଯୁକ୍ତି ପାଇପାରିବେ। ସେହିଭଳି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ୧ହଜାର ଏକର, ବୋଲଗଡ଼ ୬୦୦ ଏକର ଏବଂ ବେଗୁନିଆର ୭୦୦ ଏକର ଜମିରେ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେବ। ଏହା ଦ୍ୱାରା ଆହୁରି ୧୦ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ସହ ଶିଳ୍ପର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିନିମନ୍ତେ ସ୍ଥଳ ବିଶେଷରେ ରହିଥିବା ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ହେଲେ ସ୍ଥାନୀୟ ବାସିନ୍ଦାମାନଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଖୋର୍ଦ୍ଧା ଭଳି ବୀର ମାଟିରେ ସ୍ମୃତି ରକ୍ଷା କ୍ଷେତ୍ରରେ ବିଭିନ୍ନ ସଂସ୍ଥା ସହଯୋଗ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳକୁ ଯୋଗାଯୋଗ, ପାର୍କିଂ, ଆଲୋକୀକରଣ, ସାଧାରଣ ସୁବିଧା ଉପଲବ୍ଧ କରିବା ନିମନ୍ତେ ସମସ୍ତ ସହଯୋଗ କରାଯିବ ବୋଲି ଜଗଦେବ ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇ ସେମାନଙ୍କ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଶିଳ୍ପୋଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିବା ସହ ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ଇଡ୍‌କୋ ସଚିବ ହେମନ୍ତ ଶର୍ମା, ସିଜିଏମ୍ ବିଜୟ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ, ଅଧିକାରୀ ଏବଂ ଅନ୍ୟମାନେ।



ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ଖୋର୍ଦ୍ଧା ଶିଳ୍ପାଞ୍ଚଳର ବିଭିନ୍ନ ଉଦ୍ୟୋଗ ବୁଲି ଦେଖୁଛନ୍ତି।

## ଜ୍ଞାନ ବିଜ୍ଞାନ ମେଳାରେ ୫୪ ପ୍ରକଳ୍ପ ପ୍ରଦର୍ଶିତ



ଅତିଥି ଏବଂ ବିଚାରକମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ବେଗୁନିଆ, ୨।୮ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବିଜ୍ଞାନ ଆଚାର୍ଯ୍ୟା ସ୍ୱାଗତିକା ପଣ୍ଡାଙ୍କ ଆବାହକତ୍ୱ ଏବଂ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୪ଟି ପ୍ରକଳ୍ପ ମଧ୍ୟରୁ ୧୪ଟି କନିଷ୍ଠ ବର୍ଗ, ୨୦ଟି ଶିଶୁବର୍ଗ ଓ ୨୦ଟି ବାଲବର୍ଗରୁ ପ୍ରଦର୍ଶିତ ହୋଇଥିଲା। ବିଚାରକଭାବେ କଣ୍ଟାବାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୀୟ ରଞ୍ଜନ ମଲ୍ଲିକ, ବାସୁଦେବପୁର ପ୍ରାଣକୃଷ୍ଣ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଅନନ୍ତ ସୁବୁଦ୍ଧି, ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀ କାନ୍ତ ପଣ୍ଡା, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା, ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରୋଜାଲିନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ପ୍ରେମ ନିବେଦନ, ଦୁର୍ବ୍ୟବହାର ଅଭିଯୋଗ

**ଜଟଣୀ, ୨।୮ (ରବୀନ୍ଦ୍ରନାଥ ମହାକୁଡ଼)**

ନାବାଳିକାଙ୍କୁ ପ୍ରେମ ନିବେଦନ ଏବଂ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ମନୋଜ କୁମାର ଦାସ ଓରଫ ମନୁଆ(୨୬)। ଏନେଇ ଥାନାରେ ଏକ ମାମଲା (ନଂ.୬୩/୨୪)ରୁଜୁ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ଏକ ସରକାରୀ ବିଦ୍ୟାଳୟରେ ପାଠ ପଢ଼ନ୍ତି। ସ୍କୁଲ ଯିବା ବାଟରେ ମନୁଆ ତାଙ୍କୁ ୨୦୨୩ ମସିହାରେ ଫୁଲ ଏବଂ ଚକୋଲେଟ୍ ଦେଇ ପ୍ରେମ ନିବେଦନ କରିଥିଲେ। ଏନେଇ ନାବାଳିକା ଜଣଙ୍କ ଘରେ ଜଣାଇଥିଲେ। ପରେ ଗ୍ରାମର ଭଦ୍ରବ୍ୟକ୍ତି ମନୁଆଙ୍କୁ ତାଗିଦ୍ କରିଥିଲେ। କିଛିଦିନ ପରେ ପୁଣି ମନୁଆ ସମ୍ପୃକ୍ତ ନାବାଳିକାଙ୍କୁ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା।

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଟଙ୍କା ନେଇଗଲେ

**ବେଗୁନିଆ, ୨।୮ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମର ଗୋପାଳ ବେହେରାଙ୍କ ଘର ଝରକା ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଏବଂ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଗୋପାଳଙ୍କ ପରିବାର ଶୋଇଯିବା ପରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଝରକା ତାଡ଼ି ଘରେ ପଶି ଆଲମିରାରୁ ୧୯ ହଜାର ଟଙ୍କା ଏବଂ ୩ ଭରି ସୁନା ଓ ରୁପା ଅଳଙ୍କାର ନେଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ଉପନୀରିକ୍ଷକ ରମାକାନ୍ତ ବେହେରାଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ଚଳନ୍ତା ଅଟୋରୁ ମହିଳାଙ୍କ ମୋବାଇଲ ଝାମ୍ପିନେଲେ

**ଖୋର୍ଦ୍ଧା, ୨।୮ (ପ୍ରଭାତ ପାଣିଗ୍ରାହୀ)**

ଆଦର୍ଶ ଥାନା ଅନ୍ତର୍ଗତ ଚଣ୍ଡିତୁଆଠାରେ ଜଣେ ଯୁବକ ଏକ ଚଳନ୍ତା ଅଟୋରୁ ମହିଳାଙ୍କ ମୋବାଇଲ ଝାମ୍ପିନେଇଥିବା ଅଭିଯୋଗ ହୋଇଛି। ତରତୁଆ ଆଦିବାସୀ ସାହିର କାମିନୀ ବେହେରା ଓ ୫ଜଣ ସହଯୋଗୀ ଖୋର୍ଦ୍ଧା ଶିଳ୍ପାଞ୍ଚଳର ଏକ ଶିଳ୍ପାନୁଷ୍ଠାନରେ କାମ କରନ୍ତି। ଶୁକ୍ରବାର ଏକ ଅଟୋରେ ଶିଳ୍ପାନୁଷ୍ଠାନକୁ ଯାଉଥିଲେ। ଗାଡ଼ିରେ କାମିନୀ ଫୋନ୍‌ରେ କଥା ହେଉଥିବା ବେଳେ ଚଣ୍ଡିତୁଆ ନିକଟରେ ଏକ ସ୍କୁଟିରେ ଆସି ଜଣେ ଯୁବକ ମୋବାଇଲ ଝାମ୍ପିନେବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ଏକ ସ୍କୁଟି ଜବତ କରିଛି।

## ରଣପୁର ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନ

**ଟାଙ୍ଗୀ, ୨।୮ (ରଘୁନାଥ ସାହୁ)**

ରଣପୁର ରାଜ୍ୟ ତୈଳିକ ସାଧବ ସମାଜର ୪୧ତମ ବାର୍ଷିକ ଅଧିବେଶନ ସାମନ୍ତସିଂହାରପୁର ସ୍ଥିତ ମା’ରଣବିଜୁଳି ମନ୍ଦିର ପରିସରରେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ସଭାପତି ରଘୁନାଥ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ସ୍ୱଜାତୀୟ ଭାଇମାନଙ୍କ ସୁଖ ଦୁଃଖ, ସଙ୍ଗଠନକୁ ସୁଦୃଢ଼ କରିବା, ପରସ୍ପରକୁ ସହଯୋଗ କରିବା ସମ୍ପର୍କରେ ଅଧିବେଶନରେ ଯୋଗଦେଇଥିବା କର୍ମକର୍ତ୍ତା ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ଅରକ୍ଷିତ ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ସହ ସମ୍ପାଦକ ଭଗବାନ ସାହୁ, କୋଷାଧ୍ୟକ୍ଷଭାବେ ଅଶୋକ କୁମାର ସାହୁ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ଅଷ୍ଟମ ରାଜ୍ୟ ସମ୍ପାଦକ ଭାଗୀରଥି ସାମନ୍ତରାୟ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳାଯୋଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ସରପାରୀ ରାଜ୍ୟ ସମ୍ପାଦକ ବିଜୟ କୁମାର ସାହୁ, ସିକୋ ରାଜ୍ୟ ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

## ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି



**ବୋଲଗଡ଼/କଳାପଥର, ୨।୮ (ଦେବବ୍ରତ ହୋତା/ଗଙ୍ଗାଧର ସାହୁ)**

ରାଜ୍ୟରେ ଦୀର୍ଘଦିନ ଧରି ପନିପରିବା ଦର ଆକାଶଛୁଆଁ ହୋଇ ରହିଛି। ବୋଲଗଡ଼, କଳାପଥର ଓ ଧଳାପଥର ଅଞ୍ଚଳର ଲୋକେ ପନିପରିବା କ୍ରୟ କରିବାରେ ଆର୍ଥିକ ଅକ୍ଷମତା ଦେଖାଉଛନ୍ତି। ବିଶେଷଭାବେ ଆଳୁ ପ୍ରତ୍ୟେକ ଘରେ ବହୁଳ ବ୍ୟବହାର ହେଉଥିବା ବେଳେ ଏବେ ଏହାର ଦର ଚଢ଼ା ରହିଛି। ବଜାରରେ ଆଳୁ କେଜି ପିଛା ୪୦ ଟଙ୍କା, ବାଇଗଣ କେଜି ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କଞ୍ଚାଲଙ୍କା କେଜି ୧୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି କାଙ୍କଡ଼ ୭୦, ଦେଶୀ କାଙ୍କଡ଼ କେଜି ପିଛା ୨୨୦ରୁ ୨୫୦ ଟଙ୍କା ଦରରେ ବିକ୍ରି ହେଉଛି। କଞ୍ଚା କଦଳୀ ଗୋଟା ପିଛା ୧୦ଟଙ୍କା, ଝୁଡଙ୍ଗ କେଜି ୬୦ଟଙ୍କା ଟମାଟୋ କେଜି ୬୦ଟଙ୍କା, ପୋଟଳ କେଜି ୮୦ଟଙ୍କା, ଜହ୍ନି କେଜି ୪୦ ଟଙ୍କା, ଫୁଲକୋବି କେଜି ୮୦ ଟଙ୍କା ବନ୍ଧାକୋବି କେଜି ୪୦ଟଙ୍କା, ଭେଣ୍ଡି କେଜି ୫୦ଟଙ୍କା, କାକୁଡ଼ି କେଜି ୪୫ ଟଙ୍କା, କଖାରୁ କେଜି ୪୦, ଟଙ୍କା ମାଟିଆଳୁ କେଜି ପିଛା ଦର ୮୦ ଟଙ୍କାରେ ବଜାରରେ ବିକ୍ରିହେଉଛି। ଏହିପରି ବଜାରରେ ପ୍ରାୟ ପରିବା ଦର ୬୦ଟଙ୍କାରୁ ଉର୍ଦ୍ଧ ରହିଥିବା କାରଣରୁ ଖାଉଟିଙ୍କ ମନମୁତାବକ ପରିବା କିଣିବାରେ ଆର୍ଥିକ ବାଧା ଉପୁଜିଛି। ଅନ୍ୟପକ୍ଷରେ ଶ୍ରାବଣମାସ ଚାଲିଥିବାରେ ଶ୍ରଦ୍ଧାଳୁ ଓ କାଉଡ଼ିଆ ଭକ୍ତମାନେ ମାସସାରା ଶାକାହାରି ଭୋଜନ ପାଇଁ ପରିବା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଦରବୃଦ୍ଧିକୁ ନେଇ ଖାଉଟି ମାନେ ଏକପ୍ରକାର ନୟାନ୍ତ ହୋଇଗଲେଣି।ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟିଦେଇ ପାରିବା ଦର ହ୍ରାସ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

## ଡମଣଭୂମିରେ ହାତୀ ଆତଙ୍କ, ଗ୍ରାମବାସୀ ଭୟଭୀତ

**ଫସଲ ନଷ୍ଟ ସହ ଟ୍ରାକ୍ଟର କଚାଡ଼ି ଭାଙ୍ଗିଲା**

**ନିରାକାରପୁର, ୨।୮ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଟାଙ୍ଗୀ ରେଞ୍ଜ୍ ଅଧୀନ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି ହାତୀ। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଗୁରୁବାର ବିଳମ୍ବିତ ରାତିରେ ଏହି ରେଞ୍ଜ୍ ଅଧୀନ ଡମଣଭୂମିର ବିଦ୍ୟାଧର ଭୋଳଙ୍କ ଟ୍ରାକ୍ଟର ହାତୀ ଭାଙ୍ଗିଦେଇଥିବା ଜଣାପଡ଼ିଛି। ସେହିପରି ହାତୀ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଥିବା ଯୋଗୁ ଚାଷୀକୁଳ ଏବେ ଚିନ୍ତାରେ। ଅନ୍ୟପଟେ ସଞ୍ଜ ନଇଁଲେ ହାତୀ ଭୟରେ ଗ୍ରାମ ରାସ୍ତା ଶୂନ୍‌ଶାନ୍ ହୋଇପଡୁଛି। ଏନେଇ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ବିଭାଗ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା ଚାଲିଛି। ଯେଉଁ ଚାଷୀମାନଙ୍କର ଫସଲ ନଷ୍ଟ ହୋଇଛି କିମ୍ବା ଘର ଭାଙ୍ଗି କ୍ଷୟକ୍ଷତି ଘଟିଛି ସେମାନେ ଆବେଦନ କଲେ ନିୟମ ଅନୁସାରେ ବିଭାଗ ପକ୍ଷରୁ ଆର୍ଥିକ ସହଯୋଗ ପାଇପାରିବେ। ଖବର ଲେଖାହେବା ପର୍ଯ୍ୟନ୍ତ ବନ ବିଭାଗ ସୂଚନା ଅନୁଯାୟୀ ଟାଙ୍ଗୀ ରେଞ୍ଜ୍‌ର ବଘେଇପୁଟ ଓ ଗୟାବନ୍ଧ ଅଞ୍ଚଳରେ ଦୁଇଟି ହାତୀ ଥିବା ଜଣାପଡ଼ିଛି।




## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବାଣପୁର, ୨।୮ (ଦିଲୀପ କୁମାର ସ୍ୱାଇଁ)**

ବାଣପୁରର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଡିଟୋରିୟମରେ ପ୍ରଥମେ ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ଛାତ୍ରୀଛାତ୍ର ଏବଂ ପରେ କଳା ଓ ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ବିନାୟକ ହୋତା ନବାଗତମାନଙ୍କୁ ସ୍ୱାଗତ କରି ଦୁଇବର୍ଷ ସମୟର ସଦୁପଯୋଗ କରିବା ପାଇଁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ଶୁର ପ୍ରତାପ ନରେନ୍ଦ୍ରସିଂ ବର୍ମା ବିଭିନ୍ନ ନିୟମାବଳୀ ଏବଂ ସହ ପ୍ରଶାସନିକ ଅଧିକାରୀ ଡ.ସୁଜାତା ମିଶ୍ର ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ବୁଝାଇଥିଲେ। ଅଧାପକ ଆଦିତ୍ୟ ସାରଥୀ ବେଦମତ୍ତା, ଗୌରୀ ଶଙ୍କର ସୁବୁଦ୍ଧି, ବିଭୂତି ଭୂଦାନ ହୋତା, ସୁବ୍ରତ କୁମାର ତ୍ରିପାଠୀ, ବାଦଲ କୁମାର ବେହେରା, ଅଧାପିକା ସଂଘମିତ୍ରା ଘଟୁଆରି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯୁକ୍ତ ୨ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧାପକ ଗୋଲକ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ମନୋଜ କୁମାର ପରିମାଣିକ, ମୁକେଶ ମହାପାତ୍ର, ରଞ୍ଜନ କୁମାର ବାରିକ, ବିଭୁଦେନ୍ଦୁ ବିଧାର, ଗୋପୀନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ନକଲି ୱାଇଫର୍ମ, ଜାଲ୍ ଦସ୍ତଖତରେ ପଥର ଚାଲାଣ

**ଖୋର୍ଦ୍ଧା, ୨।୮ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବଢ଼ିଚାଲିଛି। ଦୈନିକ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର, ମୋରମ ଚାଲାଣ ହେଉଛି। ଏକାଧିକ ଖଣିକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନାହିଁ। ପ୍ରଶାସନ ପକ୍ଷରୁ ବ୍ଲାଷ୍ଟିଂ ପାଇଁ ମଧ୍ୟ ଅନୁମତି ଦିଆଯାଇନାହିଁ, ତଥାପି ବେଧଡ଼କଭାବେ ପଥର ଚାଲାଣ ହେଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୱାଇ ଫର୍ମ ଦିଆଯାଇ ନ ଥିବା ବେଳେ ମାଫିଆମାନେ ନକଲି ୱାଇ ଫର୍ମ ଏବଂ ପ୍ରଶାସନିକ ଅଧିକାରୀଙ୍କ ଜାଲ୍ ଦସ୍ତଖତ କରି ମୋରମ, ପଥର ଚାଲାଣ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ନିକଟରେ ପ୍ରଶାସନ ଏବଂ ପୋଲିସର ଚଢ଼ାଉ ସମୟରେ କେତେକ ପଥର ଗାଡ଼ି ଦେଖାଇଥିବା ୱାଇ ଫର୍ମ ନକଲି ଏବଂ ପ୍ରଶାସନ ଅନୁମତି ପତ୍ରରେ ଜାଲ୍ ଦସ୍ତଖତ ଥିବା ଧରାପଡ଼ିଥିବା ନେଇ ଜଣେ ରାଜସ୍ୱ ଅଧିକାରୀ ସୂଚନା ଦେଇଛନ୍ତି। ବ୍ଲାଷ୍ଟିଂ ପାଇଁ ଅନୁମତି ନ ଥିବା ବେଳେ ବେଧଡ଼କ ପଥର ବ୍ଲାଷ୍ଟିଂ ଚାଲିଥିବା ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ନିକଟରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ହଳଦିପଦା ଗ୍ରାମବାସୀ ଗ୍ରାମ୍ୟ ଜଙ୍ଗଲରୁ ପଥର ଚାଲାଣ ବନ୍ଦ ଦାବିରେ ରାସ୍ତାରୋକୋ କରିଥିବା ବେଳେ ଚାଲାଣ ପଛରେ ପ୍ରଶାସନ, ପୋଲିସର ସମ୍ପୃକ୍ତି ଅଭିଯୋଗ ଆଣିଥିଲେ। ମାଫିଆମାନେ କେତେଜଣ ଅଧିକାରୀଙ୍କୁ ବଟି ଦେଇ ଚୋରାଚାଲାଣ କରୁଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ।

ପ୍ରକାଶ ଯେ, ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକରେ ୧୫୨ କ୍ରଶର ୟୁନିଟ୍‌ରୁ ୫୭ ସଂସ୍ଥାକୁ ବାଦ୍‌ଦେଲେ ଅନ୍ୟ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପଥର ଖନନକୁ ଅନୁମତି ନ ଥିବା ବେଳେ ଦିନରାତି ବ୍ଲାଷ୍ଟିଂ ଚାଲିଛି। ଦୈନିକ ୫ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍‌ରେ ଚୋରା ଚାଲାଣ ହେଉଛି। ମଧୁଚନ୍ଦ୍ରିକାରେ ଚାଲିଛି ଏପରି କାରବାର। ଜିଲା ପ୍ରଶାସନର ଅବହେଳାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଜିଲାର ନିଜିଗଡ଼ ତାପଙ୍ଗ ପଞ୍ଚାୟତରେ ଦୀର୍ଘବର୍ଷ ଧରି ବେଆଇନ ଭାବେ ପଥର ଖଣି କାରବାର ଚାଲିଛି। ଦୈନିକ ଟ୍ରକ୍‌ରେ ମାଙ୍କଡ଼ା ପଥର ଚାଲାଣ ହେଉଛି। ପଥର ଖଣି ସହ ମହାପ୍ରଭୁଙ୍କ ଜଗନ୍ନାଥ ଜମି ଉପରେ ମଧ୍ୟରେ ମାଫିଆଙ୍କ ରହିଛି ଲୋଲୁପ ଦୃଷ୍ଟି। ୧୬ନମ୍ବର ଜାତୀୟ ରାଜପଥ ଦେଇ ପଥର ଚୋରାଚାଲାଣ ଚାଲିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ହରିଲୁଟ୍ ସମ୍ପର୍କରେ ପ୍ରଶାସନ ନିକଟରେ ଖବର ଥିବା ସତ୍ତ୍ୱେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

### ଦିବାରାତ୍ର ଚାଲିଛି କ୍ରଶର

ଖୋର୍ଦ୍ଧାରେ ଦିନରାତି କ୍ରଶର ଚାଲିବା ଫଳରେ ବାୟୁ ପ୍ରଦୂଷଣ ବଢୁଛି। ସରକାରୀ ସ୍ତରରେ ପ୍ରାୟ ଶହେଟି କ୍ରଶରକୁ ଅନୁମତି ଦିଆଯାଇଥିବା ବେଳେ ବେଆଇନ ଭାବେ ୫ଶହରୁ ଊର୍ଦ୍ଧ୍ୱ ଚାଲୁଥିବା ଜଣାପଡ଼ିଛି। କ୍ରଶରଜନିତ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ବନ୍ଦ ରଖିବା ଲାଗି ସମସ୍ତ କ୍ରଶର ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନ ନିର୍ଦ୍ଦେଶକୁ ନ ମାନି ମାଲିକମାନେ ଦିବାରାତ୍ର କ୍ରଶର ଚଳାଇଛନ୍ତି। ପୂର୍ବରୁ କ୍ରଶର ୟୁନିଟ୍‌କୁ ଅନୁମତି ଦେବା ସମୟରେ ପ୍ରଶାସନିକସ୍ତରରେ ୩ସ୍ତରୀୟ ଯାଞ୍ଚ ପରେ ଏହି ସବୁକୁ ଅନୁମତି ଦିଆଯାଇଥିଲା। ତେବେ ସେ ସମୟରେ କେଉଁ ଆଧାରରେ କ୍ରଶରଗୁଡ଼ିକୁ ଅନୁମତି ଦିଆଯାଇଥିଲା, ତାହାକୁ ନେଇ ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଆଇନ ଭାବେ କ୍ରଶର ଚାଲିଥିବା ବେଳେ ପ୍ରଦୂଷଣ ବଢ଼ିବା ସହ ସରକାର ରାଜସ୍ୱ ହରାଉଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, କ୍ରଶର ମାଲିକମାନେ ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଢ଼ାଉ ସମୟରେ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଏଏସ୍‌ଆଇ ଅଭିମନ୍ୟୁ ଖଟୁଆଙ୍କ ପରଲୋକ



ନିମାପଡ଼ା, ୨।୮ (ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନାରେ କାର୍ଯ୍ୟରତ ସହକାରୀ ସବ୍‌ଇନ୍ସପେକ୍ଟର ତଥା କଣ୍ଠଶିଳ୍ପୀ ଅଭିମନ୍ୟୁ ଖଟୁଆଙ୍କର ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ମସ୍ତିଷ୍କ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଆହୁରି ସଙ୍କଟାପନ୍ନ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ ଭୁବେନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ସ୍ୱର୍ଗତ ଖଟୁଆ ଜଣେ ପରୋପକାରୀ ଓ ମେଳାପୀ ଅଫିସର ଥିଲେ। ସେ ଉଚ୍ଚକୋଟିର କଣ୍ଠଶିଳ୍ପୀ ଭାବେ ମଧ୍ୟ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଏବଂ ଆଇଆଇସି ବାମଦେବ ସ୍ୱାଇଁଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ବିଷ ପିଇ ବିବାହିତ ଯୁବକଙ୍କ ଆତ୍ମହତ୍ୟା: କାରଣ ଅସ୍ପଷ୍ଟ

ଅସ୍ତରଙ୍ଗ, ୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସହନ ଗ୍ରାମରେ ଶୁକ୍ରବାର ବିଷ ପିଇ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଲିପୁନା ବେହେରା (୨୨)। ସୂଚନା ଅନୁଯାୟୀ, ଲିପୁନା କିଛିଦିନ ତଳେ ବିବାହ କରିଥିଲେ। ସକାଳେ କୌଣସି କାରଣରୁ ସେ ବିଷ ପିଇ ଛଟପଟ ହେଉଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ କହିଛନ୍ତି। ସ୍ୱାମୀ କାହିଁକି ବିଷପାନ କଲେ ତା'ର ସ୍ପଷ୍ଟ ଉତ୍ତର ରଖି ନ ଥିଲେ ନବବିବାହିତା ସ୍ତ୍ରୀ। ଅନ୍ୟପଟେ ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୦୬/୨୪) ରୁଜୁ ସହ ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ କୁଳମଣି ବେହେରା କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ସରକାରୀ ଚାକିରି, ଗାଡ଼ି ଥାଇ ମାଗଣା ଚାଉଳକୁ ଲୋଭ

ଅସ୍ତରଙ୍ଗ, ୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ନୂଆ ଖାଉଟି କାର୍ଡ ପାଇଁ ଅସ୍ତରଙ୍ଗ ବ୍ଲକରେ ୨୫୯୮ ପରିବାରଙ୍କ ଦରଖାସ୍ତ ଦୀର୍ଘଦିନ ହେଲା ବିଡ଼ା ବନ୍ଧାହୋଇ ପଡ଼ିରହିଛି। ଯୋଗାଣ ବିଭାଗ ଏବଂ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ସେମାନେ ନୟାନ୍ତ ହେଲେଣି। କିନ୍ତୁ କୋଟା ଖାଲି ନ ଥିବା ଦର୍ଶାଇ ପ୍ରଶାସନ ସେମାନଙ୍କୁ ଭୁଆଁ ବୁଲାଉଛି। ଏଥି ଯୋଗୁଁ ଅସ୍ତରଙ୍ଗ ବ୍ଲକର ଶତାଧିକ ଗରିବ ପରିବାର ଖାଦ୍ୟ ଅଧିକାରରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ବହୁ ସରକାରୀ ଚାକିରିଆ ଏବଂ କୋଠାଘର ସହ ଚାରିଚକିଆ ଗାଡ଼ି ଥିବା ଲୋକେ କାରସାଦି କରି ଖାଉଟି କାର୍ଡ ହାତେଇଛନ୍ତି। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଚାଉଳ ସେମାନେ ବୋହିନେଉଛନ୍ତି। ଏପରିକି ଖାଉଟି କାର୍ଡ ଦେଖାଇ ଧନୀ ଲୋକ ବିଭିନ୍ନ ସରକାରୀ ସହାୟତା ଓ ଯୋଜନାରୁ ଫାଇଦା ଉଠାଇ ଚାଲିଛନ୍ତି। ଜନସାଧାରଣଙ୍କ ଦାବି ସତ୍ତ୍ୱେ ଏହି ଅଭିଯୋଗର ତଦନ୍ତ କରାଯାଉନାହିଁ କିମ୍ବା ବେଆଇନ ଭାବେ ଖାଉଟି କାର୍ଡ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅସ୍ତରଙ୍ଗ ବ୍ଲକରେ ୧୪ ହଜାର ୬୧୭ଜଣ ଲୋକ ଖାଉଟି କାର୍ଡ ପାଇଛନ୍ତି। ସେହିପରି



ଅନ୍ତୋଦୟ ଅନ୍ନ ଯୋଜନାରେ ୨୦୭୯ ଜଣଙ୍କୁ ଖାଉଟି କାର୍ଡ ମିଳିଛି। ପ୍ରତ୍ୟେକ ଖାଉଟିଙ୍କୁ ୫ କିଗ୍ରା ଲେଖାଏ ଚାଉଳ ମାଗଣାରେ ସରକାର ଯୋଗାଇ ଦେଉଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଖାଉଟିଙ୍କୁ ସମାନ ପରିମାଣର ଚାଉଳ ମାଗଣାରେ ପ୍ରଦାନ କରାଯାଉଛି। ଅନ୍ତୋଦୟ ଅନ୍ନ ଯୋଜନାରେ ପ୍ରତ୍ୟେକ କାର୍ଡଧାରୀଙ୍କୁ ମାସକୁ ୩୫ କିଗ୍ରା ଲେଖାଏ ଚାଉଳ ମାଗଣାରେ ସରକାର ଯୋଗାଉଛନ୍ତି।

ଖାଉଟି କାର୍ଡ ପାଇଥିବା ପରିବାର ମଧ୍ୟରେ ପ୍ରାୟ ୫୦% ଏହି ତିନୋଟି ଯୋଜନାରେ ମାଗଣା ଚାଉଳ ପାଇବାକୁ ହକଦାର ନୁହନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଘର ଘର ବୁଲି ତଦନ୍ତ କରାଗଲେ ଅର୍ଦ୍ଧାଧିକ ଲୋକଙ୍କ ଖାଉଟି କାର୍ଡ କଟିଯିବାର ଆଶଙ୍କା ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ଏବଂ ବେସରକାରୀ ସଂସ୍ଥାରେ ଚାକିରି କରି ମୋଟା ଅଙ୍କର ଦରମା ପାଉଥିବା ବହୁ ଲୋକ ମିଥ୍ୟା ତଥ୍ୟ ଦେଇ ଖାଉଟି କାର୍ଡ ପାଇଛନ୍ତି। କେବଳ ସେତିକି ନୁହେଁ ବହୁ ବଡ଼ ବ୍ୟବସାୟୀ, କୋଠା ମାଲିକ

**ନୂଆ କାର୍ଡ ପାଇଁ ଦୀର୍ଘମାସ ହେଲା ଅପେକ୍ଷା କରିଛନ୍ତି ୨୫୯୮ ଆବେଦନକାରୀ**

ଏବଂ ଚାରିଚକିଆ ଗାଡି ମାଲିକ ପ୍ରତି ମାସରେ ଧାଡ଼ ବାନ୍ଧି ମାଗଣା ଚାଉଳ ନେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଚାଳଛପର ଘରେ ବାସ କରୁଥିବା ଶତାଧିକ ଲୋକଙ୍କ ନିକଟରେ ଏହି ସରକାରୀ ଯୋଜନା ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। ଅନ୍ୟପକ୍ଷରେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇ ଗରିବ ଲୋକଙ୍କୁ ଖୁବଶୀଘ୍ର ଖାଉଟି କାର୍ଡ ପ୍ରଦାନ କରାଯିବ ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେହିପରି ଜିଲା ଯୋଗାଣ ଅଧିକାରୀ ସୁବୋଧ ଚନ୍ଦ୍ର ହୋତା କହିଛନ୍ତି, କୌଣସି ସରକାରୀ ଚାକିରିଆ ଏବଂ ଧନୀଲୋକ ଖାଉଟି କାର୍ଡ ପାଇଥିବା ଅଭିଯୋଗ ମିଳିଲେ ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାରଙ୍କଠାରୁ ଅନୁମୋଦନ ମିଳିବା ପରେ ଦରଖାସ୍ତ କରିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ କରାଯାଇ ଖାଉଟି କାର୍ଡ ଯୋଗାଇ ଦିଆଯିବ।



ପୁରୀର ପ୍ରବେଶ ପଥ ଅଠରନଳା ନିକଟରେ ଜମି ରହିଥିବା ଆବର୍ଜନା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଚାଷୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମାର ସୁଫଳ

ଅସ୍ତରଙ୍ଗ, ୨।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ପ୍ରାକୃତିକ ଦୁର୍ବିପାକରେ ଫସଲ ନଷ୍ଟ ହେଲେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କରାଯାଇଛି। ଏହି ଯୋଜନାରେ ଜଣେ ଚାଷୀ ଗୋଟିଏ ପ୍ଲଟ ପିଛା ପ୍ରିମିୟମ ୧ ଟଙ୍କା ଦେଇ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହେଉଛନ୍ତି। ଆବଶ୍ୟକ ଅନୁଯାୟୀ ଉକ୍ତ ପ୍ଲଟର ବୀମା ପ୍ରିମିୟମ ଅର୍ଥ ସରକାରଙ୍କ ପକ୍ଷରୁ ଦିଆଯାଉଛି। ତେବେ ଯୋଜନାରେ ଅସ୍ତରଙ୍ଗ ବ୍ଲକର ଚାଷୀ ଉପକୃତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହି ଯୋଜନାରେ ବୀମାକରଣ ସୁବିଧା ଯୋଗାଇଦେବା ପାଇଁ କମ୍ପାନୀ ପକ୍ଷରୁ ପୂରା ବ୍ଲକକୁ ୟୁନିଟ ଭାବେ ନିଆଯାଇଛି। ଉକ୍ତ ବ୍ଲକ ୧୫ଟି ପଞ୍ଚାୟତକୁ ନେଇ ଗଠିତ। ପ୍ରାକୃତିକ ଦୁର୍ବିପାକରେ କେତେକ ପଞ୍ଚାୟତରେ ଧାନ କିମ୍ବା ରବିଜାତୀୟ ଫସଲ ନଷ୍ଟ ହେଉଥିବାବେଳେ ଆଉ କେତେକ ପଞ୍ଚାୟତରେ ନଷ୍ଟ ହେଉନାହିଁ।

**ବ୍ଲକ ବଦଳରେ ପଞ୍ଚାୟତକୁ ୟୁନିଟ କରାଯିବାକୁ ଦାବି**

ଯେହେତୁ ଫସଲ କ୍ଷତିପୂରଣ ବୀମାରାଶି ପାଇବା ଲାଗି ପୂରା ବ୍ଲକକୁ ୟୁନିଟ କରାଯାଇଛି, ଏଥିଯୋଗୁ କ୍ଷତିଗ୍ରସ୍ତ ପଞ୍ଚାୟତର ଚାଷୀଙ୍କ ଫସଲ ନଷ୍ଟ ହୋଇଥିଲେ ମଧ୍ୟ ବୀମାରାଶି ପାଇବାକୁ ବଞ୍ଚିତ ହେଉଛନ୍ତି। ଯଦି ବୀମାରାଶିରେ ଅନ୍ତର୍ଭୁକ୍ତ ପାଇଁ ପଞ୍ଚାୟତକୁ ୟୁନିଟ ଭାବେ ନିଆଯିବ, ତା'ହେଲେ ଯେଉଁ ପଞ୍ଚାୟତର ଫସଲ କ୍ଷତି ହେବ ସେହି ପଞ୍ଚାୟତର ଚାଷୀ ନିଶ୍ଚିତ ବୀମା ରାଶି ପାଇପାରନ୍ତେ ବୋଲି ଚାଷୀମାନେ ମତ ଦେଉଛନ୍ତି। ବ୍ଲକ ୟୁନିଟ ହେବା ଦ୍ୱାରା ଏହି ବ୍ଲକ ଅଞ୍ଚଳର ବହୁ କ୍ଷତିଗ୍ରସ୍ତ ଚାଷୀ ବୀମାରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରତି ପଞ୍ଚାୟତକୁ ୟୁନିଟ ଭାବେ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ୪ରୁ କୁଡ଼ୋ ତାଲିମ ଶିବିର

କଟକ, ୨।୮ (କାର୍ତ୍ତିକ ସାହୁ)

କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଆଡ୍‌ଭାନ୍ସ୍ କୁଡୋ ସେମିନାର ଓ ତାଲିମ୍ ଶିବିର ଆସନ୍ତା ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର କଟକସ୍ଥିତ ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ସକାଳ ୭ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ହେବ। ଓଡ଼ିଶାରେ ପ୍ରଥମଥର ପାଇଁ ୱାର୍ଲଡ୍ ଚାମ୍ପିଆନ୍ ଜାପାନ୍‌ର ପ୍ରଶିକ୍ଷକ ନୋରିହିଦେ ଟେରାଗୁଚି ପ୍ରଶିକ୍ଷଣ ଦେବାକୁ ଯାଉଛନ୍ତି। ଏହି ଶିବିରରେ ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫୦ରୁ ଅଧିକ ଏବଂ ୪ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶିକ୍ଷାର୍ଥୀମାନେ ଭାଗନେବେ। କୁଡ଼ୋ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶିବାଶିଷ କର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜେନେରାଲ୍ ସେକ୍ରେଟାରୀ ନିତାଇ ଶଙ୍କର ଗୁଇଁ, ଜିଲା ସଭାପତି ନର୍ମଦା ଗୁଇଁ, ଖୋର୍ଦ୍ଧା ଜିଲା ସଭାପତି ଗୌରବ କର, ଭଦ୍ରକ ଜିଲା ଜେନେରାଲ୍ ସେକ୍ରେଟାରୀ ମୁକେଶ କୁମାର ନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ବିକ୍ରି କରି ୨ ଗିରଫ

ପୁରୀ, ୨।୮ (ଅଜିତ୍ କୁମାର ମହାନ୍ତି)

ବ୍ରାଉନସୁଗାର କାରବାର ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜଗନ୍ନାଥ ବସ୍ତିର ପଞ୍ଚାନନ ବେହେରା ଏବଂ ସନ୍ତୋଷ ବେହେରା। ପୋଲିସ ଏକ କେସ୍ (ନଂ ୧୫୦/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ମାତାମଠ ନିକଟ କାଜୁ ଜଙ୍ଗଲଠାରେ ବ୍ରାଉନ ସୁଗାର କାରବାର କରୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ୨୯.୩୨ ଗ୍ରାମ ବ୍ରାଉନ ସୁଗାର, ନଗଦ ୧ ହଜାର ଟଙ୍କା, ମୋବାଇଲ ଫୋନ ଏବଂ ବାଇକ ଜବତ କରିଛି। ଅଭିଯୁକ୍ତ ପଞ୍ଚାନନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ରୁ ଅଧିକ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଉଜ୍ଜ୍ୱଳ ଆଲୋକରେ ଝଲସିବ ନିମାପଡ଼ା ଏନ୍‌ଏସି

ନିମାପଡ଼ା, ୨।୮ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

**ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା**

ଉଜ୍ଜ୍ୱଳ ଆଲୋକରେ ଝଲସିବ ନିମାପଡ଼ା ଏନ୍‌ଏସି। ବିଭିନ୍ନ ୱାର୍ଡ ସମେତ ମୁଖ୍ୟ ଛକ, ବଜାର, ରାସ୍ତା, ଏନ୍‌ଏସିକୁ ସଂଯୋଗ କରୁଥିବା ନଦୀ, କେନାଲବନ୍ଧ ରାସ୍ତାରେ ଖୁବ୍‌ଶୀଘ୍ର ଗ୍ରୀନ୍‌ଫିଲ୍ଡ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଏନ୍‌ଏସି ଅଧୀନ ୧ନଂ. ୱାର୍ଡର କିଆକଣ୍ଟା ଗ୍ରାମଠାରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଆଲୋକୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥାରେ ବିଭିନ୍ନ ସ୍ଥାନରେ ହାଇମାଷ୍ଟ, ହାଲୋଜିନ, ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସମେତ ୫୯୭ଟି ଖୁଣ୍ଟରେ ୭୪୧ଟି ଲାଇଟ୍ ଲଗାଯିବ। ୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଲାଇଟ୍ ଲଗାଯିବ ବୋଲି ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସମଗ୍ର ଏନ୍‌ଏସି ଅଞ୍ଚଳରେ ଏହି ବ୍ୟବସ୍ଥା କରାଗଲେ ପୌରାଞ୍ଚଳ ଆଲୋକରେ ଝଲସିବ ବୋଲି କୁହାଯାଇଛି। କିଆକଣ୍ଟା-ବାଘସାହି ରାସ୍ତା, ଡିଏଭି ସ୍କୁଲ ରାସ୍ତା, ମୁସ୍‌ଲିମ ବସ୍ତିରୁ ଅଣ୍ଡିଆସାହି କେନାଲ ବନ୍ଧ ରାସ୍ତା, ନିମାପଡ଼ା ମୁଖ୍ୟବଜାର ରାସ୍ତା ସମେତ ବିଭିନ୍ନ ୱାର୍ଡ ରାସ୍ତାରେ ଏହି ଗ୍ରୀନ୍ ଫିଲ୍ଡ ଲାଇଟ୍ ବ୍ୟବସ୍ଥା ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ। ଆୟୋଜିତ ଶୁଭାରମ୍ଭ ସମାରୋହରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାଉନସିଲର କବିତା ପ୍ରଧାନ, ନିରଞ୍ଜନ ନାୟକ, ରାଜକିଶୋର ସାହୁ, ରଞ୍ଜିତା ପାତ୍ର, ସି.ଟି. ମିଶନ ମ୍ୟାନେଜର ଶୁଭ୍ରଜିତ୍ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଆଲୋକୀକରଣ ବ୍ୟବସ୍ଥାର ପାଇଁ ଏନ୍‌ଏସିବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

## ଚୋରି ଡିଜେ ମେଶିନ ଜବତ, ଯୁବକ ଗିରଫ

ନୟାହାଟ, ୨।୮ (ମହମ୍ମଦ ସମସୁଲ ଆରଫିନ)

ଧୁମାଲୋ ଗ୍ରାମର କବିନା ବେହେରାଙ୍କ ଡିଜେ ଗାଡିରୁ ୩ଟି ଡିଜେ ମେଶିନ ଚୋରି ହୋଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୨୨୩/୨୪) କରି ତଦନ୍ତ ଚଳାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାର ତଦନ୍ତ କରି ଧୁମାଲୋ ଗ୍ରାମର ଗୌତମ ବେହେରା ଓରଫ ବବୁଲଙ୍କୁ ଗିରଫ କରି ନିମାପଡ଼ା ଅଦାଲତକୁ ଚାଲାଣ କରିବା ସହିତ ତାଙ୍କ ନିକଟରୁ ଚୋରି ଯାଇଥିବା ୩ଟି ଡିଜେ ମେଶିନ ଜବତ କରିଛନ୍ତି।

## ନଗରପାଳଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ନିମାପଡ଼ା, ୨।୮ (ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଶୁକ୍ରବାର ଗ୍ରୀନ୍‌ଫିଲଡ ଯୋଜନା ମାଧ୍ୟମରେ ସହରାଞ୍ଚଳ ଆଲୋକୀକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦଘାଟନ କରିଥିଲେ। କବିତା ପ୍ରଧାନଙ୍କ ସମେତ ୬ଜଣ କାଉନସିଲର ଏବଂ ଉପନଗରପାଳ ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଉତ୍ସବରେ ନଗରପାଳଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। ଉତ୍ସବକୁ ଡକାଯାଇନାହିଁ ବୋଲି ନଗରପାଳ ସସ୍ମିତା ସାହୁ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ମୋ' ଶରୀର ଅସୁସ୍ଥ ଥିବାରୁ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲି, ତେଣୁ ଏ ବିଷୟରେ କିଛି କହିପାରିବିନାହିଁ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ କହିଛନ୍ତି। ଉପନଗରପାଳ ସନ୍ତୋଷ ଦାଶ କହିଛନ୍ତି, ନିଜେ ନଗରପାଳ ଉପସ୍ଥିତ ରହି ପରିଷଦର କାର୍ଯ୍ୟକ୍ରମ ତଦାରଖ କରିବା କଥା। ଦାୟିତ୍ୱରେ ଥିବା କମ୍ପାନୀ ଶେଷ ମୁହୂର୍ତ୍ତରେ ମୋତେ ଉତ୍ସବରେ ଯୋଗଦେବାକୁ ସୂଚନା ଦେଇଥିଲା ଏବଂ ମୁଁ ଯୋଗଦେଇଥିଲି। ତେଣୁ ନଗରପାଳ ଯେଉଁ ଅଭିଯୋଗ କରୁଛନ୍ତି ତାହା ଭିତ୍ତିହୀନ ବୋଲି ଦାଶ ପ୍ରକାଶ କରିଛନ୍ତି।

## ଅଧ୍ୟକ୍ଷ ପଦ ଦୌଡ଼ରେ ୬ ପ୍ରଫେସର

କଟକ, ୨।୮ (ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ କଲେଜ**




ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏବେ ଏହି ଦାୟିତ୍ୱରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଅଛନ୍ତି। ହେଲେ ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ଇତିମଧ୍ୟରେ ୨୫ ଜଣ ଡାକ୍ତରଙ୍କ ନାମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ତାଲିକାଭୁକ୍ତ ହୋଇ ରହିଛି। ସେଥିମଧ୍ୟରୁ ୫ ଜଣଙ୍କ ନାଁ ଶର୍ଟଲିଷ୍ଟ କରାଯାଇଛି। ମେଡିକାଲ କଲେଜର ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନିୟମାବଳୀକୁ ସରକାର ପାଳନ କରିଥାନ୍ତି। ଏହି ନିୟମାବଳୀ ଅନୁଯାୟୀ ୫ ବର୍ଷରୁ ଅଧିକ ସମୟ ପ୍ରଫେସର ପଦବୀରେ ରହିବା ସହ ବିଭାଗୀୟ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ପ୍ରଫେସରଙ୍କ ବରିଷ୍ଠତା ଓ ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ନୂତନ ଅଧ୍ୟକ୍ଷ ଚୟନ କରାଯାଇଥାଏ।

ସୂଚନା ଅନୁଯାୟୀ, ଏହି ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ପାଇଁ ଏସ୍‌ସିବି ମେଡିକାଲର ପ୍ରଫେସର ଡା. ଅଜୟ ମିଶ୍ର, ପ୍ରଫେସର ଡା. ଜୟନ୍ତ ପଣ୍ଡା, ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ପୁରୀ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି। ଏସ୍‌ସିବିର ପ୍ରଫେସର ଅଜୟ ମିଶ୍ର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଜଣେ ବରିଷ୍ଠ ପ୍ରଫେସର। ସେ ଉକ୍ତ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ବଡ ମେଡିକାଲରେ ମାନସିକ ରୋଗର ଉନ୍ନତମାନର ଚିକିତ୍ସା ସଫଳ ରୂପ ନେଇଛି। ସେହିପରି ଡା. ଜୟନ୍ତ ପଣ୍ଡା ଭେଷଜ ବିଭାଗର ବରିଷ୍ଠ ପ୍ରଫେସର। ସେ ସ୍ୱାସ୍ଥ୍ୟସେବା ସହିତ ଏସ୍‌ସିବିର ବିଭିନ୍ନ ଦାୟିତ୍ୱ ସୁଚାରୁରୂପେ ପରିଚାଳନା କରିଥାନ୍ତି। କୋଭିଡ୍ ମହାମାରୀ ସମୟରେ ସେ ନୋଡାଲ ଅଫିସର ଭାବେ ଦାୟିତ୍ୱରେ ଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଲୁସି ଦାସ ପୂର୍ବରୁ ଅଧୀକ୍ଷକ ଦାୟିତ୍ୱ ସୂଚାରୁରୂପେ ତୁଲାଇଛନ୍ତି। କୋଭିଡ୍ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସେହିପରି ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ ଛାତି ଓ ଯକ୍ଷ୍ମା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଟିବି ରୋଗର ନିରାକରଣଠାରୁ ଆରମ୍ଭ କରି କୋଭିଡ୍ ସମୟରେ ମେଡିକାଲରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛନ୍ତି। ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବାରୁ ଏନ୍‌ଏମ୍‌ସି ନିୟମ ଅନୁଯାୟୀ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେବ ବୋଲି ଆଶା ରହିଛି।

## ଦୁର୍ବଳ ନଦୀବନ୍ଧ, ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟକୁ ନେଇ ଉଦ୍‌ବେଗ

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସମୀକ୍ଷା କଲେ ବିଧାୟକ**

କଣାସ, ୨।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଶୁକ୍ରବାର ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ଆହ୍ୱାନ କ୍ରମେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାରାୟଣ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, କଣାସ ଥାନା ଆଇ.ଆଇ.ସି ରାକେଶ ଚନ୍ଦ୍ର ତ୍ରିପାଠୀ, ଗଡିଶାଗୋଦା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ରଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଡ୍ରେନେଜ୍ ବିଭାଗର କେହି ଅଧିକାରୀ ଅନୁପସ୍ଥିତ ରହିବା ନେଇ



ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଏବଂ ଅନ୍ୟମାନେ।

ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଚଳିତ ବନ୍ୟାର ମୁକାବିଲା ନେଇ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସ୍ୱାସ୍ଥ୍ୟ ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଜଳସେଚନ ଅଧିକାରୀ, ବିଦ୍ୟୁତ୍ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ଅଗ୍ନିଶମ ଅଧିକାରୀଙ୍କୁ ବିଧାୟକ ପଚାରିଥିଲେ। କଣାସ ବ୍ଲକର ଏଣ୍ଟ୍ରି ପଏଣ୍ଟ ଓ ଡେଲାଙ୍ଗ ବ୍ଲକର ଶେଷ ସୀମା ନୟାହାଟ ଗ୍ରାମଠାରେ ଦୟାନଦୀ ଡାହାଣ ପାର୍ଶ୍ୱବନ୍ଧ ଦୁର୍ବଳ ଥିବାରୁ କଣାସ ଅଞ୍ଚଳ ଭାସିଯିବାର ସମ୍ଭାବନା ରହିଥିବା କହି ଅଧ୍ୟକ୍ଷା ରାଉତ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧ ପ୍ରତି ଦୃଷ୍ଟି ରଖାଯାଇଛି ବୋଲି ତହସିଲଦାର କହିଥିଲେ। ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କହିଥିଲେ, ଆମର ଏରିଆ ନ ହେଲେ ମଧ୍ୟ ଆମେ ପ୍ରତିଦିନ ଯାଇ ଉକ୍ତ ଦୁର୍ବଳ ସ୍ଥାନକୁ ପରିଦର୍ଶନ କରିବା ସହିତ ମରାମତି କାର୍ଯ୍ୟ ଚାଲୁରଖିଛୁ। ଅନେକ ରାସ୍ତା ସମ୍ପ୍ରସାରଣ କରାଯାଇଥିବାରୁ ବିଦ୍ୟୁତ୍‌ଖୁଣ୍ଟ ମଝି ରାସ୍ତାରେ ଥିବା ସମାଜସେବୀ ଶ୍ରୀକାନ୍ତ ପଟ୍ଟଯୋଷୀ ବିଧାୟକଙ୍କୁ କହିବାରୁ ବିଧାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ କାହିଁକି ବିଦ୍ୟୁତ୍ ଖୁଣ୍ଟ ଉଠୁନାହିଁ ବୋଲି ପ୍ରଶ୍ନ କରିଥିଲେ। ଦୁଇ ଅଧିକାରୀ ନିଜ ଉପରୁ ଦୋଷ ଛଡ଼ାଇଥିଲେ। ଯଦି ଦୁର୍ଘଟଣାରେ କୌଣସି ବ୍ୟକ୍ତି କ୍ଷତିଗ୍ରସ୍ତ ହୁଅନ୍ତି, ଦୁଇ ଅଧିକାରୀଙ୍କ ଦରମାରୁ କ୍ଷତିପୂରଣ ଦିଆଯିବ ବୋଲି ବିଧାୟକ ଚେତାବନୀ ଦେଇଥିଲେ।



ଜାତୀୟ ରାଜପଥ ନଂ.୧୬ର ହଂସପାଳ ଛକରେ ନବନିର୍ମିତ ଓଭରବ୍ରିଜ୍‌ର ଗୋଟିଏ ପାର୍ଶ୍ୱରେ ଶୁକ୍ରବାରଠାରୁ ଗାଡିମୋଟର ଚଳାଚଳ ଆରମ୍ଭ କରିଛି।



କୁଆଖାଇ ନଦୀରେ ବନ୍ୟାଜଳ ଆସିବା ପରେ ସ୍ଥାନୀୟ ଲୋକେ ଜାଲ ପକାଇ ମାଛ ଧରୁଛନ୍ତି। (ଫଟୋ- ବିକାଶ ନାୟକ)

## ସଦର ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

### ଥାନାରେ ଦିବ୍ୟାଙ୍ଗଙ୍କୁ ପୋଲିସର ଥାର୍ଡ ଡିଗ୍ରୀ ଘଟଣା

ପୁରୀ,୨।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆ ଥାନାରେ ଜଣେ ଦିବ୍ୟାଙ୍ଗଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଲାଠି ମାଡରେ ତାଙ୍କ ପେଟ, ହାତ ଓ ଗୋଡ଼ରେ ଆଘାତ ଲାଗିଛି। ଆହତ ଦିବ୍ୟାଙ୍ଗ ହେଉଛନ୍ତି ତାଳବଣିଆ ଥାନା ଅନ୍ତର୍ଗତ ଭୂଦାନ ନଗରର ଅଭିମନ୍ୟୁ ପାଢ଼ୀଙ୍କ ପୁଅ ଅନିଲ କୁମାର ପାଢ଼ୀ(୩୪)। ଏହି ଥାର୍ଡ ଡିଗ୍ରୀ ନେଇ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଶୁକ୍ରବାର ଏସ୍‌ପି ପିନାକ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସଦର ଏସ୍‌ଡିପିଓ ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଆଇନଜୀବୀ ଅନିଲ କୁମାର ସାହୁ ଘଟଣାର ତଦନ୍ତ କରି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ୟାଙ୍କ କଲୋନୀରେ ପାନ ଦୋକାନ କରିଥିବା ଅନୀଲଙ୍କୁ ପୋଲିସ ଏକ ଗଣ୍ଡଗୋଳ ଘଟଣାରେ ଥାନାକୁ ଡାକିଥିଲା। ତାଙ୍କୁ ୬ଘଣ୍ଟା କାଳ ଥାନାରେ ବସାଇବା ସହ ପୋଲିସ ନିସ୍ତୁକ ମାଡ଼ ମାରିଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।

# ନନ୍ଦନକାନନ: ବାଘ ପରେ ହାତୀଛୁଆ ମୃତ



ମୃତ ହାତୀ ଛୁଆ।

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘଛୁଆ ମୃତ୍ୟୁକୁ ୨୪ ଘଣ୍ଟା ନ ପୂରୁଣୁ ଏକ ହାତୀଛୁଆର ମୃତ୍ୟୁ ହୋଇଛି। ଆଠଗଡ଼ ବନାଞ୍ଚଳ ତିଗିରିଆ ବିଟ୍ ଅଞ୍ଚଳର ସୁଦର୍ଶନପୁର ଗ୍ରାମ ନିକଟ ଏକ ଶାଗୁଆନ ଜଙ୍ଗଲରୁ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ଏକ ମାଈ ହାତୀଛୁଆ ଉଦ୍ଧାର ହୋଇ ବୁଧବାର ନନ୍ଦନକାନନ ଆସିଥିଲା। ହାତୀଛୁଆଟି ଗୋଟିଏ ଜାଗାରେ ପଡ଼ିରହିଥିଲା। ଉନ୍ନତମାନର ଚିକିତ୍ସା ପାଇଁ ସେଠାକାର ବନ ବିଭାଗ ହାତୀଛୁଆକୁ ନନ୍ଦନକାନନକୁ ହସ୍ତାନ୍ତର କରିଥିଲା। ନନ୍ଦନକାନନରେ ଛୁଆଟି ପହଞ୍ଚିବା ପରେ ତାକୁ ଡାକ୍ତରଖାନାରେ ରଖାଯାଇ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଥିଲା। ଛୁଆଟିକୁ ଛିଡ଼ାକଲେ ଛିଡ଼ା ହେଉଥିବାବେଳେ ଶୋଇଲେ ଆଉ ଉଠିପାରୁ ନ ଥିଲା। ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିବା ସହ ଏକ ବେଲ୍ଟ ଲଗାଇ ହାତୀଛୁଆକୁ ଛିଡାକରି ରଖିଥିଲେ। ଶୁକ୍ରବାର ସକାଳେ ଡାକ୍ତରଖାନା ଖୋଲିବା ପରେ ହାତୀଛୁଆଟି ଝୁଲନ୍ତା ଅବସ୍ଥାରେ ମୃତ୍ୟୁବରଣ କରିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତେବେ ନନ୍ଦନକାନନ ବନ୍ଦ ହେବା ପରେ ହାତୀଛୁଆଟିକୁ ବେଲ୍ଟରୁ କାଢ଼ି ତଳେ ଶୁଆଇଦେବାକୁ ଡାକ୍ତରମାନେ ଜନ୍ତୁ ବିଭାଗର କର୍ମଚାରୀମାନଙ୍କୁ କହିଥିଲେ ବୋଲି ଚର୍ଚ୍ଚା ହେଉଛି।

## କୁଆଖାଇରେ କୁମ୍ଭୀର ବୁଲୁଥିବା ଚର୍ଚ୍ଚା

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ଦାଢ଼ା ପଞ୍ଚାୟତ ଅନ୍ତର୍ଗତ ଝିଙ୍କରଡିହ ଗ୍ରାମ ନିକଟ କୁଆଖାଇ ନଦୀରେ ଏକ କୁମ୍ଭୀର ବୁଲୁଥିବା ଜଣାପଡ଼ିଛି। ଶୁକ୍ରବାର ସକାଳ ୯ଟାରେ ଝିଙ୍କରଡିହ ଗ୍ରାମର ଧନେଶ୍ୱର ରାଉତ କୁଆଖାଇ ନଦୀକୁ ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ନଦୀରେ ମାଛ ଧରୁଥିବା ବେଳେ ଏକ କୁମ୍ଭୀର ତାଙ୍କ ଆଡ଼କୁ ଆସୁଥିବା ଦେଖି ସେ କୂଳକୁ ପଳାଇଆସିଥିଲେ। ପରେ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀର ଦେଖିବାକୁ ଗ୍ରାମବାସୀଙ୍କ ଭିଡ଼ ଲାଗିଥିଲା। ଖବରପାଇ ଭୁବନେଶ୍ୱର ସହରାଞ୍ଚଳ ବନଖଣ୍ଡର ବନ କର୍ମଚାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନଦୀ ଉପକୂଳ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ସୂଚନା ଦେଇଥିଲେ।



କୁଆଖାଇ ନଦୀରେ କୁମ୍ଭୀର ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ବରିଷ୍ଠ ନାଗରିକ ମହାସଂଘ



ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଦସ୍ୟମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ବାଚନ ପୂର୍ବରୁ ଘୋଷଣା କରାଯାଇଥିବା ସାଧାରଣ ବରିଷ୍ଠ ନାଗରିକଙ୍କୁ ମାସିକ ବାର୍ଦ୍ଧକ୍ୟ ଭତ୍ତା ୩,୦୦୦ ଟଙ୍କା ପ୍ରଦାନ କରିବା, ବରିଷ୍ଠଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବା, ବରିଷ୍ଠ ତୀର୍ଥଯାତ୍ରା ଯୋଜନାର ବଜେଟ ରାଶି ବଢ଼ାଇବା ପାଇଁ ଦାବି କରାଯାଇଛି। ସେହିଭଳି ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘ ପାଇଁ ଜାଗା କିମ୍ବା ଗୃହ ପ୍ରଦାନ, ବ୍ଲକ, ଜିଲା ଏବଂ ରାଜ୍ୟ ରାଜଧାନୀରେ ବରିଷ୍ଠ ଭବନ ନିର୍ମାଣ, ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ୧୦ କେଜିକୁ ବଢ଼ାଇବା, ପ୍ରାଥମିକ ଅନୁଦାନ ୨୦୦ କୋଟି ଟଙ୍କା ପ୍ରଦାନ କରି ବରିଷ୍ଠଙ୍କ ପାଇଁ ଏକ ସ୍ୱତନ୍ତ୍ର କର୍ପସ ଫଣ୍ଡ ତିଆରି କରିବା, ବରିଷ୍ଠଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ସହିତ ବଜେଟର ୫% ଅର୍ଥ ବରାଦ କରିବା, ଡେ' କେୟାର ସହ ଫିଜିଓଥେରାପି ଖୋଲିବା ପାଇଁ ବ୍ୟବସ୍ଥା, ବସ୍ ଭଡ଼ାରେ ରିହାତି, ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ମାଗଣା ଡାକ୍ତରୀ ପରାମର୍ଶ, ଡାକ୍ତରଖାନା ଏବଂ ମନ୍ଦିରରେ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିର ସୁବିଧା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସମସ୍ତ ହସ୍ପିଟାଲରେ ଜେରୀଏଟ୍ରିକ ସ୍ୱାସ୍ଥ୍ୟ କେନ୍ଦ୍ର ସୁବିଧା, ସକ୍ଷମ ବରିଷ୍ଠଙ୍କ ପାଇଁ ଟ୍ରେନିଂ ସହିତ ନିଯୁକ୍ତିର ବ୍ୟବସ୍ଥା, ବରିଷ୍ଠ ମିଶନ ଶକ୍ତି ସଦସ୍ୟଙ୍କୁ ପେନ୍‌ସନ ପ୍ରଦାନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିଗୁଡ଼ିକ ସମ୍ପର୍କରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ମହାସଂଘ ସଭାପତି ଡ. ପି. କେ. ଦାସ, ସାଧାରଣ ସମ୍ପାଦକ ରାଜ କିଶୋର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ଉପସଭାପତି ଅରୁଣ ପଟ୍ଟନାୟକ, ଅରୁଣ ମହାନ୍ତି, ଇନ୍ଦ୍ରମଣି ନାହାକ ଓ ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସିଇଓ ପଦ ଛାଡ଼ିଲେ ଶିବପ୍ରସାଦ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମେଟ୍ରୋ ରେଳ ନିଗମ(ବିଏମ୍‌ଆର୍‌ସିଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପଦରୁ ଶିବପ୍ରସାଦ ସାମନ୍ତରାୟ ଅବ୍ୟାହତି ନେଇଛନ୍ତି। ଆଇଆର୍‌ଏସ୍‌ଇ ଅଧିକାରୀ ସାମନ୍ତରାୟ ପୂର୍ବତଟ ରେଳବାଇର ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ବ୍ରିଜ୍ ୱାର୍କସ) ଥିଲେ। ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ତତ୍କାଳୀନ ବିଜେଡି ସରକାର ଗତବର୍ଷ ଜୁଲାଇରେ ସାମନ୍ତରାୟଙ୍କୁ ସିଇଓ ଭାବେ ଏକବର୍ଷ ପାଇଁ ନିଯୁକ୍ତି ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ଗତମାସ ୩୧ରେ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନର ରାଜ୍ୟ ସରକାର କାର୍ଯ୍ୟକାଳ ବୃଦ୍ଧି କରି ନ ଥିବାରୁ ସେ ଏହି ପଦ ଛାଡ଼ିଥିବା ଜଣାପଡିଛି। ନିଗମର ଚିଫ୍ ଜେନେରାଲ ମ୍ୟାନେଜର କଲ୍ୟାଣ ପଟ୍ଟନାୟକ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତବର୍ଷ ଜାନୁୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିପାଇଁ ୬୨୫୫.୯୪ କୋଟି ଟଙ୍କା ବ୍ୟୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ୨୬ କି.ମି. ମାର୍ଗରେ ମୋଟ ୨୦ଟି ଷ୍ଟେଶନ ରହିବ।

## ଆଜିଠାରୁ ପ୍ରତି ମାସରେ ହେବ ଜୋନ୍ ଲେଭଲ ମିଟିଂ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପୁଣିଥରେ ଆରମ୍ଭ ହେବ ଜୋନ୍ ଲେଭଲ୍ ମିଟିଂ। ୩ ତାରିଖ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଏହି ବୈଠକ ପ୍ରତି ମାସରେ ବସିବ। ବିଏମ୍‌ସିର ମାସିକିଆ ବୈଠକ ପୂର୍ବରୁ ଜୋନ୍‌ସ୍ତରରେ କର୍ପୋରେଟରମାନେ ଏକାଠି ହୋଇ ଏହି ବୈଠକ କରିବେ। ବିଶେଷକରି ସମୟ ଅଭାବରୁ ମାସିକିଆ ବୈଠକରେ ଆଲୋଚନା ହୋଇପାରୁ ନ ଥିବା ୱାର୍ଡସ୍ତରୀୟ ସମସ୍ୟାଗୁଡିକୁ ଏଠାରେ ଗୁରୁତ୍ୱ ଦିଆଯିବ। ସମ୍ପୃକ୍ତ ଜୋନ୍‌ର କର୍ପୋରେଟରମାନେ ନିଜ ୱାର୍ଡର ବିଭିନ୍ନ ସମସ୍ୟା ଉପରେ ବିଶଦ୍ ଭାବେ ଆଲୋଚନା ପର୍ଯ୍ୟାଲୋଚନା କରିପାରିବେ। ଶନିବାର ପୂର୍ବାହ୍ନରେ ଉତ୍ତର ଜୋନ୍ ଏବଂ ଅପରାହ୍ନରେ ଦକ୍ଷିଣ ପଶ୍ଚିମ ଜୋନ୍‌ର କର୍ପୋରେଟରମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବ। ଏହାର ୨/୩ ଦିନ ପରେ ଦକ୍ଷିଣ ପୂର୍ବ ଜୋନ୍‌ର ବୈଠକ ହେବ। ଏଥିରେ ମେୟର ସୁଲୋଚନା ଦାସ ଓ ବିଭିନ୍ନ ଉପବିଭାଗର ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୨ରୁ ବିଏମ୍‌ସିର ଜୋନ୍‌ସ୍ତରରେ ଏହି ମିଟିଂ ଆରମ୍ଭ ହୋଇଥିବାବେଳେ ଗତ କିଛିମାସ ହେବ ବନ୍ଦ ରହିଥିଲା। ହେଲେ ବିଏମ୍‌ସିର ମାସିକିଆ ବୈଠକରେ ସୀମିତ ସମୟ ମଧ୍ୟରେ ୬୭ ୱାର୍ଡର ସମସ୍ୟା, ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହେବା ସମ୍ଭବ ହେଉ ନାହିଁ। ଫଳରେ ଅନେକ ସମୟରେ କର୍ପୋରେଟରଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ଦେଖାଦେଉ ଥିଲା। ତେଣୁ ପୁନର୍ବାର ଜୋନ୍ ଲେଭଲ ମିଟିଂ ଆରମ୍ଭ ହେଉଥିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ପର୍ବତାରୋହୀ ବିଭାରାଣୀଙ୍କୁ ସମ୍ବର୍ଦ୍ଧନା

ବାଲକାଟୀ,୨।୮ (ମନୋଜ ମଣ୍ଡଳ)

କାଞ୍ଚନ ଫାଉଣ୍ଡେଶନ ଓ ଗ୍ରୀନ୍ ଜୟଦେବ ଫାଉଣ୍ଡେଶନ ପକ୍ଷରୁ ପର୍ବତାରୋହିଣୀ ବିଭାରାଣୀ ପାତ୍ରଙ୍କୁ ଶୁକ୍ରବାର ବାଲିଅନ୍ତା ବ୍ଲକ ଚଉଷଠି ଯୋଗିନୀ ପୀଠ ଅତିଥି ଭବନରେ ସମ୍ବର୍ଦ୍ଧନା ଦିଆଯାଇଛି। ୟୁରୋପ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରସ ଜୟ ଯାତ୍ରା କରିବା ନେଇ ଏହି ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭାରାଣୀଙ୍କୁ ୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭ୍ୟ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଭୁବନେଶ୍ୱର ଏମ୍‌ପିଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲିକ, ଶିକ୍ଷାବିତ୍ ନାରାୟଣ ବେହେରା, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ବିଜୟ କୁମାର ମହାରଣା, ବ୍ରଜବନ୍ଧୁ ଠାକରେ ଯୋଗଦେଇଥିଲେ। ଦୀପକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାପସ ରଞ୍ଜନ ମଲିକ ଧନ୍ୟବାଦ ଦେଇଥିଲେ।

## ହରମୋହନ ଖୁଣ୍ଟିଆଙ୍କୁ 'ଉତ୍କଳ ବାଦ୍ୟରତ୍ନ ସଙ୍ଗୀତ କଳାନିଧି' ସମ୍ମାନ

### ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ସଙ୍ଗୀତ ସାଧକ ପରିଷଦର ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଆରମ୍ଭ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ବିଶିଷ୍ଟ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ତବଲା ଓ ମର୍ଦ୍ଦଳ ବାଦକ ତଥା ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ଉତ୍କଳ ବାଦ୍ୟରତ୍ନ ସଙ୍ଗୀତ କଳାନିଧି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା କୃଷ୍ଣା ଶତପଥୀଙ୍କ ସମ୍ପାଦକୀୟ ବିବରଣୀ ପାଠ ପରେ ପରିଷଦ ପ୍ରତିଷ୍ଠାତା ତଥା ସଭାପତି ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ପରିଚାଳନାରେ ଛାତ୍ରୀଛାତ୍ର ରାଗ ସଙ୍ଗୀତ ହିନ୍ଦୁସ୍ତାନୀ ଶୈଳୀରେ ଗାୟନ କରିଥିଲେ। ପ୍ରଥମେ ମମତା, ଶ୍ରୁତି ଏବଂ ଜୟଦେବଙ୍କ ଦ୍ୱାରା ବେଦମନ୍ତ୍ର ପାଠ ସହ ଛାତ୍ରୀଛାତ୍ରମାନେ 'ଦୁର୍ଗା' ରାଗରେ ପ୍ରଣବ ବନ୍ଦନା ପରିବେଷଣ କରିଥିଲେ। ପ୍ରସିଦ୍ଧ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପଣ୍ଡିତ ଓମ୍‌କାର ନାଥ ଠାକୁର, ପଦ୍ମଶ୍ରୀ ପଣ୍ଡିତ ବଳବନ୍ତ ରାୟ ଭଟ୍ଟ ଏବଂ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପଣ୍ଡିତ ଡ. ଦାମୋଦର ହୋତାଙ୍କର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଲହରୀ ମୂର୍ଚ୍ଛନାରେ ପ୍ରେକ୍ଷାଳୟ ଝଙ୍କୃତ ହୋଇଉଠିଥିଲା। ପରେ ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ପରିଚାଳନାରେ ଅନନ୍ୟା ଆଶାବରୀଙ୍କ ଦ୍ୱାରା 'ଭୁପାଳି' ରାଗ, ଦିବ୍ୟାଶା ପଟ୍ଟନାୟକଙ୍କ ଦ୍ୱାରା କଲ୍ୟାଣ ରାଗ, ମୀରା ପଣ୍ଡାଙ୍କ ଦ୍ୱାରା 'କଳାବତୀ' ରାଗ ଏବଂ ଗୁରୁ ସରୋଜ କୁମାର ସାହୁଙ୍କ ଦ୍ୱାରା 'ବାଗେଶ୍ରୀ' ରାଗରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠାରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

### ଆଉଟରିଚ୍ ପକ୍ଷରୁ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭାରତର ସାଂସ୍କୃତିକ ବୈଚିତ୍ର୍ୟକୁ ପ୍ରତିଫଳିତ କରି ସର୍ବଭାରତୀୟ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି। ୧୯୪୮ ମସିହାରେ କଟକରେ ଓଡ଼ିଶାର ପ୍ରଥମ ରେଡିଓ ଷ୍ଟେଶନ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ଓଡ଼ିଶାର ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ରେଡିଓ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଛି ବୋଲି ଅତିଥିମାନେ କହିଛନ୍ତି। ଆଉଟ୍‌ରିଚ୍ ପକ୍ଷରୁ 'ସଂସ୍କୃତି ସୁରକ୍ଷାରେ ରେଡିଓର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଥିଲା। ଆଉଟରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଆକାଶବାଣୀ ତଥା ଦୂରଦର୍ଶନରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ଓ ପଦ୍ମଲୋଚନ ଦାଶ ଯୋଗଦେଇ ଆଲୋଚନା କରିଥିଲେ। ସେମାନେ କହିଥିଲେ, ପାଲା, ଦାସକାଠିଆ, ଖଞ୍ଜଣୀ ଭଜନ, ଧୁଡୁକି, କେନ୍ଦରା, ଘୋଡାନାଚ ଗୀତ ଭଳି ଅନେକ ଲୋକଗୀତ ଆକାଶବାଣୀର ଆର୍କାଇଭ୍‌ରେ ମହଜୁତ ରହିଛି। ଆକାଶବାଣୀ ରେକର୍ଡ କରିଛି ଅନେକ ଗୀତିନାଟ୍ୟ। ଆଜି ମଧ୍ୟ ଆକାଶବାଣୀରୁ ଶ୍ରୀଜଗନ୍ନାଥ ଦାସ ବିରଚିତ ଶ୍ରୀମଦ ଭାଗବତ ପ୍ରସାରିତ ହେଉଛି। ଓଡ଼ିଆ ପର୍ବପର୍ବାଣିରେ ନିୟମିତ ଭାବେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପ୍ରସାରଣ କରିଛି ଆକାଶବାଣୀ। ପ୍ରତିବର୍ଷ ରେଡିଓରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଧାରା ବିବରଣୀ ଶୁଣି ଜଗନ୍ନାଥପ୍ରେମୀ ଆନନ୍ଦିତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ସ୍ଥାନୀୟ ଭାଷାରେ ଆଞ୍ଚଳିକ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି କମ୍ୟୁନିଟି ରେଡିଓ। କମ୍ୟୁନିଟି ରେଡିଓ ଷ୍ଟେଶନଗୁଡିକ ସ୍ଥାନୀୟ ଭାଷାରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହ ନିଜ ଅଞ୍ଚଳର କଳାକାର ଓ ଶିଳ୍ପୀଙ୍କୁ ନେଇ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି ବୋଲି ଆଲୋଚନାବେଳେ ଅତିଥିମାନେ କହିଛନ୍ତି। ଆଉଟରିଚ୍‌ର ସଦସ୍ୟ ଦୁଷ୍ମନ୍ତ ଜେନା, ବିଷ୍ଣୁପ୍ରିୟା ସାହୁ, ଉଜ୍ଜ୍ୱଳ ଚୌଧୁରୀ ଓ ଶୁଭେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହନୁମାନ ମନ୍ଦିରରୁ ଚୋରି, ୨ ଗିରଫ

ଭୁବନେଶ୍ୱର,୨।୮ (ସୂର୍ଯ୍ୟକାନ୍ତ ବେହେରା)

ହନୁମାନ ମନ୍ଦିର ରୋଷେଇ ଘରୁ ବାସନକୁସନ ଓ ପରିସରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏନେଇ ପୂଜକ ସଚ୍ଚିକାନ୍ତ ପଣ୍ଡା ଅଭିଯୋଗ କରିବା ପରେ ଖାରବେଳନଗର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୟୁନିଟ୍-୩ ଅଞ୍ଚଳର ସେକ୍ ଅବୁବକର ଓ ସେକ୍ ମୁନିରୁଲ ଇସ୍‌ଲାମ। ଉଭୟଙ୍କଠାରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଛି। ଅବୁବକରଙ୍କ ନାମରେ ଖାରବେଳନଗର ଥାନାରେ ୬ଟି ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ମୁନିରୁଲଙ୍କ ନାମରେ ମଧ୍ୟ ଖାରବେଳନଗର ଥାନାରେ ୪ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡିଛି। ଅଭିଯୋଗ ଅନୁସାରେ, ଗତ ୨୯ ତାରିଖରେ ମନ୍ଦିର ପରିସରରେ ଥିବା ରୋଷେଇ ଘରର ତାଲା ପକାଇ ବିଶ୍ରାମ ଲାଗି ପୂଜକ ସଚ୍ଚିକାନ୍ତ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟ ଉକ୍ତ ଘରେ ପଶି ଭିତରେ ଥିବା ବାସନକୁସନ ଓ ଅନ୍ୟାନ ଜିନିଷ ଚୋରିକରି ନେଇଯାଇଥିଲେ। ପରଦିନ ସକାଳେ ପୂଜକ ମନ୍ଦିରକୁ ଯାଇ ରୋଷେଇ ଘର ଖୋଲିବା ପରେ ଘର ଭିତରୁ ଜିନିଷ ଚୋରି ହୋଇଥିବା ଜାଣି ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ।

### ଯୁବତୀଙ୍କ ଭିଡିଓ ଭାଇରାଲ କରି ଯୁବକ ଗିରଫ

ଭୁବନେଶ୍ୱର,୨।୮ (ସୂର୍ଯ୍ୟକାନ୍ତ ବେହେରା)

ଯୁବତୀଙ୍କ ଗୋପନୀୟ ଭିଡିଓ ଓ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ସଦର ଥାନା ଅଞ୍ଚଳର ଚୈତନ୍ୟ ଦାସ (୨୮)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଦୁଇବର୍ଷ ତଳେ ଅଭିଯୁକ୍ତ ଜଣକ ଅଭିଯୋଗକାରିଣୀ ଯୁବତୀଙ୍କ ଘରକୁ ବୁଲିବାକୁ ଯାଇଥିବାବେଳେ ତାଙ୍କୁ ସେଠାରେ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ପରିବାରର ସମ୍ମତିକ୍ରମେ ଯୁବତୀ ଜଣକ ତାଙ୍କ ସହ ଫୋନରେ କଥା ହେବା ଆରମ୍ଭ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଏହି ସମୟରେ ତାଙ୍କର କିଛି ଗୋପନୀୟ ଭିଡିଓ ଓ ଫଟୋ ନିଜ ମୋବାଇଲ ଫୋନ୍‌ରେ ସଂଗ୍ରହ କରିନେଇଥିଲେ। ଏହା ଜାଣିବା ପରେ ଯୁବତୀ ଜଣକ ତାଙ୍କୁ ବିବାହ କରିବା ଲାଗି ମନା କରିଦେଇଥିଲେ। ଫଳରେ ଅଭିଯୁକ୍ତ ରଖିଥିବା ଯୁବତୀଙ୍କ ଗୋପନୀୟ ଭିଡିଓ ଓ ଫଟୋ ସବୁକୁ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ତଥା ହ୍ୱାଟ୍‌ସଆପ୍‌ରେ ଭାଇରାଲ କରିଦେବାକୁ କହିବା ସହ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏପରିକି ପରବର୍ତ୍ତୀ ସମୟରେ ଉକ୍ତ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଦେଇଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗ ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ଫଳ ଦୋକାନୀଙ୍କୁ ଆକ୍ରମଣ, ମହିଳା ଗିରଫ

ଭୁବନେଶ୍ୱର,୨।୮ (ସୂର୍ଯ୍ୟକାନ୍ତ ବେହେରା)

ଫଳ ଦୋକାନୀଙ୍କୁ ଆକ୍ରମଣ କରିବା ସହ ବଳାତ୍କାର କେସ୍‌ରେ ଫସାଇଦେବାର ଧମକ ଦେବା ଜଣେ ମହିଳାଙ୍କୁ ମହଙ୍ଗା ପଡିଛି। ଅଭିଯୋଗ ପରେ ଲିଙ୍ଗରାଜ ଥାନା ପୋଲିସ ସଂପୃକ୍ତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତିନିମୁଣ୍ଡିଆ ଛକ ଅଞ୍ଚଳର ମିନତି ବେହେରା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ହୋଇଥିବା ଶଙ୍କର ମହାକୁଡଙ୍କର ଲିଙ୍ଗରାଜ ମନ୍ଦିରର ଉତ୍ତର ପାର୍ଶ୍ୱରେ ଏକ ଫଳ ଦୋକାନ ରହିଛି। ଗତ ୨୯ ତାରିଖ ରାତିରେ ଶଙ୍କର ଦୋକାନରେ ଥିବା ବେଳେ ଅଭିଯୁକ୍ତା ମିନତି ସେଠାକୁ ଯାଇ ତାଙ୍କୁ ଗାଳି କରିବା ସହିତ ସେଠାରୁ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କହି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ବଳାତ୍କାର କେସ୍‌ରେ ଅଭିଯୋଗ ଦେବେ ବୋଲି ଧମକ ଦେଇଥିଲେ। ପରଦିନ ଅର୍ଥାତ ଜୁଲାଇ ୩୦ ଅପରାହ୍ଣରେ ପୁଣି ଅଭିଯୁକ୍ତା ମିନତି ତାଙ୍କର ଦୁଇ ପୁଅ, ଝିଅଙ୍କୁ ସାଙ୍ଗରେ ନେଇ ଶଙ୍କରଙ୍କ ଦୋକାନକୁ ଯିବା ସହିତ ଇଟା ଓ ଲୁହାରଡ଼ରେ ଆକ୍ରମଣ କରିଥିଲେ। ଏଥିସହ ଦୋକାନରେ ଭଙ୍ଗାରୁଜା ମଧ୍ୟ କରିଥିଲେ ବୋଲି ଶଙ୍କର ଥାନାରେ ଅଭିଯୋଗ କରିଥିଲେ।

# ଅଧ୍ୟକ୍ଷ ପଦ ଦୌଡ଼ରେ ୬ ପ୍ରଫେସର

## ଏସ୍‌ସିବି ମେଡିକାଲ କଲେଜ

କଟକ,୨।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏବେ ଏହି ଦାୟିତ୍ୱରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଅଛନ୍ତି। ହେଲେ ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ଇତିମଧ୍ୟରେ ୨୫ ଜଣ ଡାକ୍ତରଙ୍କ ନାମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ତାଲିକାଭୁକ୍ତ ହୋଇ ରହିଛି। ସେଥିମଧ୍ୟରୁ ୫ ଜଣଙ୍କ ନାଁ ଶର୍ଟଲିଷ୍ଟ କରାଯାଇଛି। ମେଡିକାଲ କଲେଜର ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନିୟମାବଳୀକୁ ସରକାର ପାଳନ କରିଥାନ୍ତି। ଏହି ନିୟମାବଳୀ ଅନୁଯାୟୀ ୫ ବର୍ଷରୁ ଅଧିକ ସମୟ ପ୍ରଫେସର ପଦବୀରେ ରହିବା ସହ ବିଭାଗୀୟ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ପ୍ରଫେସରଙ୍କ ବରିଷ୍ଠତା ଓ ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ନୂତନ ଅଧ୍ୟକ୍ଷ ଚୟନ କରାଯାଇଥାଏ।

ସୂଚନା ଅନୁଯାୟୀ, ଏହି ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ପାଇଁ ଏସ୍‌ସିବି ମେଡିକାଲର ପ୍ରଫେସର ଡା. ଅଜୟ ମିଶ୍ର, ପ୍ରଫେସର ଡା. ଜୟନ୍ତ ପଣ୍ଡା, ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ପୁରୀ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି। ଏସ୍‌ସିବିର ପ୍ରଫେସର ଅଜୟ ମିଶ୍ର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଜଣେ ବରିଷ୍ଠ ପ୍ରଫେସର। ସେ ଉକ୍ତ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ବଡ ମେଡିକାଲରେ ମାନସିକ ରୋଗର ଉନ୍ନତମାନର ଚିକିତ୍ସା ସଫଳ ରୂପ ନେଇଛି। ସେହିପରି ଡା. ଜୟନ୍ତ ପଣ୍ଡା ଭେଷଜ ବିଭାଗର ବରିଷ୍ଠ ପ୍ରଫେସର। ସେ ସ୍ୱାସ୍ଥ୍ୟସେବା ସହିତ ଏସ୍‌ସିବିର ବିଭିନ୍ନ ଦାୟିତ୍ୱ ସୁଚାରରୂପେ ପରିଚାଳନା କରିଥାନ୍ତି। କୋଭିଡ୍ ମହାମାରୀ ସମୟରେ ସେ ନୋଡାଲ ଅଫିସର ଭାବେ ଦାୟିତ୍ୱରେ ଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଲୁସି ଦାସ ପୂର୍ବରୁ ଅଧୀକ୍ଷକ ଦାୟିତ୍ୱ ସୁଚାରରୂପେ ତୁଲାଇଛନ୍ତି। କୋଭିଡ୍ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସେହିପରି ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ ଛାତି ଓ ଯକ୍ଷ୍ମା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବାରୁ ଏନ୍‌ଏମ୍‌ସି ନିୟମ ଅନୁଯାୟୀ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେବ।

# ନନ୍ଦନକାନନ: ବାଘ ପରେ ହାତୀଛୁଆ ମୃତ



ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବାଘଛୁଆ ମୃତ୍ୟୁକୁ ୨୪ ଘଣ୍ଟା ନ ପୂରୁଣୁ ଏକ ହାତୀଛୁଆର ମୃତ୍ୟୁ ହୋଇଛି। ଆଠଗଡ଼ ବନାଞ୍ଚଳ ଟିଗିରିଆ ବିଟ୍ ଅଞ୍ଚଳର ସୁଦର୍ଶନପୁର ଗ୍ରାମ ନିକଟ ଏକ ଶାଗୁଆନ ଜଙ୍ଗଲରୁ ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ଏକ ମାଈ ହାତୀଛୁଆ ଉଦ୍ଧାର ହୋଇ ବୁଧବାର ନନ୍ଦନକାନନ ଆସିଥିଲା। ହାତୀଛୁଆଟି ଗୋଟିଏ ଜାଗାରେ ପଡ଼ିରହିଥିଲା। ଉନ୍ନତମାନର ଚିକିତ୍ସା ପାଇଁ ସେଠାକାର ବନ ବିଭାଗ ହାତୀଛୁଆକୁ ନନ୍ଦନକାନନକୁ ହସ୍ତାନ୍ତର କରିଥିଲା। ନନ୍ଦନକାନନରେ ଛୁଆଟି ପହଞ୍ଚିବା ପରେ ତାକୁ ଡାକ୍ତରଖାନାରେ ରଖାଯାଇ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଥିଲା। ଛୁଆଟିକୁ ଛିଡ଼ାକଲେ ଛିଡ଼ା ହେଉଥିବାବେଳେ ଶୋଇଲେ ଆଉ ଉଠିପାରୁ ନ ଥିଲା। ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିବା ସହ ଏକ ବେଲ୍ଟ ଲଗାଇ ହାତୀଛୁଆକୁ ଛିଡାକରି ରଖିଥିଲେ। ଶୁକ୍ରବାର ସକାଳେ ଡାକ୍ତରଖାନା ଖୋଲିବା ପରେ ହାତୀଛୁଆଟି ଝୁଲନ୍ତା ଅବସ୍ଥାରେ ମୃତ୍ୟୁବରଣ କରିଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତେବେ ନନ୍ଦନକାନନ ବନ୍ଦ ହେବା ପରେ ହାତୀଛୁଆଟିକୁ ବେଲ୍ଟରୁ କାଢ଼ି ତଳେ ଶୁଆଇଦେବାକୁ ଡାକ୍ତରମାନେ ଜନ୍ତୁ ବିଭାଗର କର୍ମଚାରୀମାନଙ୍କୁ କହିଥିଲେ ବୋଲି ଚର୍ଚ୍ଚା ହେଉଛି।



କୃଷ୍ଣପ୍ରସାଦ ଇପିଙ୍ଗ ବାଉରିପଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ବିଦ୍ୟାଳୟ ପରିସରରେ ଚାରାରୋପଣ

କୃଷ୍ଣପ୍ରସାଦ,୨।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ପଞ୍ଚାୟତର ଇପିଙ୍ଗ ବାଉରିପଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ସୀମାଞ୍ଚଳ ନାୟକ, ସାମାଜିକକର୍ମୀ ନାଲୁ ପାହାଣ, ବନରକ୍ଷୀ ତ୍ରିଲୋଚନ ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ପାହାଣ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ପରିବେଶର ସୁରକ୍ଷା ପାଇଁ ବ୍ୟାପକ ଚାରା ରୋପଣ କରିବା ସହ ଚାରାର ଯତ୍ନ ନେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସ୍ୱାଇଁ, ପ୍ରତିଭା ରାଣୀ ସିଂହ, ବିବେକାନନ୍ଦ ପ୍ରଧାନ, ପାରିକୁଦ ବନ ବିଭାଗ କର୍ମଚାରୀ, ଛାତ୍ରୀଛାତ୍ର ପ୍ରମୁଖ ଚାରା ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୋଷ୍ଠୀ ବିବାଦ ପ୍ରସଙ୍ଗ: ଗିରଫ ସଂଖ୍ୟା ୬ ଛୁଇଁଲା

ଟାଙ୍ଗୀ,୨।୮ (ରଘୁନାଥ ସାହୁ)

ଗୋଷ୍ଠୀ ବିବାଦ ମାମଲାରେ ଟାଙ୍ଗୀ ଥାନା ପୋଲିସ ଶୁକ୍ରବାର ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋରଣ ମୁସଲିମ ସାହିର ନିଜାମ ଖାଁ ଏବଂ ଗଫୁର ଖାଁ। ତେବେ ଏହି ଘଟଣାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

ସୂଚନାଥାଉ କି, ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୁସ୍‌ଲିମ୍ ସମ୍ପ୍ରଦାୟର ୨୦ରୁ ଉର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ କୁହୁଡ଼ି ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ୪ଜଣଙ୍କୁ ଗିରଫ କରି ନୀରବ ରହିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ରତନପୁର, କୁହୁଡ଼ି ସମେତ ୯ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ଗଠିତ ଶାନ୍ତି କମିଟିର ନିଷ୍ପତ୍ତି ଅନୁଯାୟୀ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଗତ ୨୪ ତାରିଖରେ ଜିଲାପାଳ, ଏସ୍‌ପି, ଟାଙ୍ଗୀ ଥାନା ଆଇଆଇସି, ବାଲୁଗାଁ ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଇଥିଲା। ତେବେ କୌଣସି ପଦକ୍ଷେପ ନିଆ ନ ଯିବାରୁ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ବିରିବାଡି, ଚଣ୍ଡେଶ୍ୱର, ପାରିଓରଡ଼, କୁଞ୍ଜୁରୀ ପଞ୍ଚାୟତର ଭଦ୍ର ବ୍ୟକ୍ତିମାନଙ୍କୁ ନେଇ ଗଠିତ କୋର କମିଟି ପକ୍ଷରୁ ପୁଣି ଥରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଗଷ୍ଟ ୭ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୯ତାରିଖରେ ୧୬ନଂ.ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚେତାବନୀ ଦିଆଯାଇଥିଲା।

# ସବୁଜ ଭୁବନେଶ୍ୱର ଅଭିଯାନ ଆରମ୍ଭ

## ପ୍ରଥମ ଦିନରେ ୨ ଜୋନ୍‌ର ୫ ସ୍ଥାନରେ ଚାରା ରୋପଣ

ଭୁବନେଶ୍ୱର, ୨।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ବନ ବିଭାଗର ମିଳିତ ଉଦ୍ୟମରେ ଶୁକ୍ରବାରଠାରୁ ରାଜଧାନୀରେ ମେଗା ପ୍ଲାଣ୍ଟେଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନ୍ତର୍ଗତ ସବୁଜ ଭୁବନେଶ୍ୱର ଅଭିଯାନକୁ ସାକାର କରିବା ପାଇଁ ଉତ୍ତର ଜୋନ୍‌ର ୨ଟି ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ର ୩ଟି ସ୍ଥାନରେ ଚାରାରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଉତ୍ତର ଜୋନ୍‌ର ୱାର୍ଡ ନଂ. ୧ ଅନ୍ତର୍ଗତ ଫୁଟବଲ ଗ୍ରାଉଣ୍ଡରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏହାପରେ ୱାର୍ଡ ନଂ.୨ ଅନ୍ତର୍ଗତ ଶିଖରଚଣ୍ଡୀ ନଗରରେ ଚାରାରୋପଣ କରାଯାଇଥିଲା। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ ନଂ.୨୨ର ଭରତପୁରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ୱାର୍ଡ ନଂ. ୫୦ର ବରମୁଣ୍ଡା ଦୁର୍ଗାପୂଜା ପଡିଆ, ୱାର୍ଡ ନଂ. ୬୩ ଅନ୍ତର୍ଗତ ଜାଗମରାସ୍ଥିତ ବିଏମ୍‌ସିର ପ୍ରସ୍ତାବିତ ଜୋନାଲ ଅଫିସ ପରିସରରେ ଚାରାରୋପଣ ହୋଇଥିଲା। ପ୍ରତ୍ୟେକ ସ୍ଥାନରେ ବଉଳ, ପିଜୁଳି, ଜାମୁକୋଳି, ଅଁଳା, ପଣସ, କୁମ୍ଭି, ଆମ୍ବ, ପିସ୍ତାବାଦମ ଆଦି ୨ଶହରୁ ଅଧିକ ଚାରାରୋପଣ କରାଯାଇଥିଲା। ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ପଡିଆ ଜମିରେ ବ୍ୟାପକ ଚାରାରୋପଣ କରିବା ସହ ସେଗୁଡିକର ଯତ୍ନନେବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବୃକ୍ଷପ୍ରେମୀ, ଆବାସିକ ସଙ୍ଗଠନ ପ୍ରମୁଖଙ୍କୁ ବିଏମ୍‌ସି ପକ୍ଷରୁ ମେୟର ସୁଲୋଚନା ଦାସ ଆହ୍ୱାନ କରିଥିଲେ। ସେହିପରି ମିଆୱାକି ପଦ୍ଧତିରେ ବିଭିନ୍ନ ସ୍ଥାନରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ସହ ସବୁଜ ଭୁବନେଶ୍ୱର ଅଭିଯାନକୁ ସାକାର କରିବାକୁ ବିଏମ୍‌ସି ପକ୍ଷରୁ କାର୍ଯ୍ୟକ୍ରମ ଜାରିରହିଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ମେୟରଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଏକାମ୍ର ବିଧାୟକ ବାବୁ ସିଂ, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, ସ୍ଥାନୀୟ କର୍ପୋରେଟର, ବିଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିକଟାଳ ଶବ୍ଦ କରୁଥିବା ୨ ବାଇକ୍ ଜବତ

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)

ବିକଟାଳ ଶବ୍ଦକରି ରାସ୍ତାରେ ଯାଉଥିବା ୨ ବାଇକ୍‌କୁ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରଛି। ଶୁକ୍ରବାର ସନ୍ଧ୍ୟାରେ ଫାଣ୍ଡି ଅଧିକାରୀ ବିଚିତ୍ର ପ୍ରଧାନ ସଦଳବଳ ପାଟ୍ରୋଲିଂ ପାଇଁ ଯାଉଥିବା ବେଳେ ଶ୍ରୀ ଶ୍ରୀ ୟୁନିଭର୍‌ସିଟି ପାଖରେ ବିକଟାଳ ଶବ୍ଦକରି ଦୁଇଟି ବାଇକ୍ ଆସୁଥିଲା। ଉକ୍ତ ରାସ୍ତାରେ ଯାଉଥିବା ପଥଚାରୀଙ୍କଠାରୁ ଆରମ୍ଭକରି ଗାଡ଼ି ଚାଳକମାନେ ଭୟଭୀତ ହୋଇଯାଉଥିଲେ। ଗାଡ଼ିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ଚାଳକ ଦୁଇଜଣ ଦେଖାଇ ନ ପାରିବାରୁ ପୋଲିସ ଗାଡ଼ି ଦୁଇଟିକୁ ଜବତ କରି କଟକ ଆର୍‌ଟିଓଙ୍କୁ ସୂଚନା ଦେବା ସହ ଚାଳକଦ୍ୱୟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# କୁଆଖାଇରେ କୁମ୍ଭୀର ବୁଲୁଥିବା ଚର୍ଚ୍ଚା

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)



ରାଜଧାନୀ ଉପକଣ୍ଠ ଦାଢ଼ା ପଞ୍ଚାୟତ ଅନ୍ତର୍ଗତ ଝିଙ୍କରଡିହ ଗ୍ରାମ ନିକଟ କୁଆଖାଇ ନଦୀରେ ଏକ କୁମ୍ଭୀର ବୁଲୁଥିବା ଜଣାପଡ଼ିଛି। ଶୁକ୍ରବାର ସକାଳ ୯ଟାରେ ଝିଙ୍କରଡିହ ଗ୍ରାମର ଧନେଶ୍ୱର ରାଉତ କୁଆଖାଇ ନଦୀକୁ ଜାଲ ନେଇ ମାଛ ଧରିବାକୁ ଯାଇଥିଲେ। ନଦୀରେ ମାଛ ଧରୁଥିବା ବେଳେ ଏକ କୁମ୍ଭୀର ତାଙ୍କ ଆଡ଼କୁ ଆସୁଥିବା ଦେଖି ସେ କୂଳକୁ ପଳାଇଆସିଥିଲେ। ପରେ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ କୁମ୍ଭୀର ଦେଖିବାକୁ ଗ୍ରାମବାସୀଙ୍କ ଭିଡ଼ ଲାଗିଥିଲା। ଖବରପାଇ ଭୁବନେଶ୍ୱର ସହରାଞ୍ଚଳ ବନଖଣ୍ଡର ବନ କର୍ମଚାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନଦୀ ଉପକୂଳ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ସୂଚନା ଦେଇଥିଲେ।

# ୪ରୁ କୁଡ଼ୋ ତାଲିମ ଶିବିର

କଟକ,୨।୮ (କାର୍ତ୍ତିକ ସାହୁ)

କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଆଡ୍‌ଭାନ୍ସ୍ କୁଡୋ ସେମିନାର ଓ ତାଲିମ୍ ଶିବିର ଆସନ୍ତା ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର କଟକସ୍ଥିତ ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ସକାଳ ୭ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ହେବ। ଓଡ଼ିଶାରେ ପ୍ରଥମଥର ପାଇଁ ୱାର୍ଲଡ୍ ଚାମ୍ପିଆନ୍ ଜାପାନ୍‌ର ପ୍ରଶିକ୍ଷକ ନୋରିହିଦେ ଟେରାଗୁଚି ପ୍ରଶିକ୍ଷଣ ଦେବାକୁ ଯାଉଛନ୍ତି। ଏହି ଶିବିରରେ ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫୦ରୁ ଅଧିକ ଏବଂ ୪ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶିକ୍ଷାର୍ଥୀମାନେ ଭାଗନେବେ। କୁଡ଼ୋ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶିବାଶିଷ କର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜେନେରାଲ୍ ସେକ୍ରେଟାରୀ ନିତାଇ ଶଙ୍କର ଗୁଇଁ, ଜିଲା ସଭାପତି ନର୍ମଦା ଗୁଇଁ, ଖୋର୍ଦ୍ଧା ଜିଲା ସଭାପତି ଗୌରବ କର, ଭଦ୍ରକ ଜିଲା ଜେନେରାଲ୍ ସେକ୍ରେଟାରୀ ମୁକେଶ କୁମାର ନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗାଁରେ ବୁଲିଲେ, ଚାଷୀଙ୍କୁ ସଚେତନ କଲେ




ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ର।

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)

ସରକାରୀ ଅନୁଦାନ ଓ ଯୋଜନା ସମୂହ ବିଷୟକୁ ନେଇ ଏକ କୃଷକ ସଚେତନତା ଶିବିର ମେଣ୍ଢାଶାଳ ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ(ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍ସେସ୍ (ଆଇଏଏସ୍) ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ସହକାରୀ ଅଧ୍ୟାପକ ଡ. ରାମକୃଷ୍ଣ ବସ୍ତିଆଙ୍କ ତତ୍ତ୍ୱାବଧାନରେ ୨୦ଜଣ ଛାତ୍ର (ବି-୪) ଗ୍ରାମର ବିଭିନ୍ନ ସାହି ବୁଲିବା ସହ ଗ୍ରାମବାସୀଙ୍କୁ ସରକାରଙ୍କ ଦ୍ୱାରା ମିଳୁଥିବା ଅନୁଦାନ ଓ ଯୋଜନାଗୁଡ଼ିକ ବିଷୟରେ ତଥ୍ୟ ଦେବା ସହ ସଚେତନ କରାଇଥିଲେ। ଚାଷୀମାନେ କିପରି ସରକାରଙ୍କ ବିଭିନ୍ନ କୃଷିଭିତ୍ତିକ ଅନୁଦାନ ଓ ଯୋଜନା ଦ୍ୱାରା ଲାଭାନ୍ୱିତ ହୋଇପାରିବେ ସେ ବିଷୟରେ ବୁଝାଇଥିଲେ। ଛାତ୍ରମାନଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମରେ ଏକ ନାଟକ ମଧ୍ୟ ପରିବେଷିତ ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରିବ ବୋଲି ଜଣାପଡ଼ିଛି।

# ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠାରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)




ଆଉଟରିଚ୍ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଭାରତର ସାଂସ୍କୃତିକ ବୈଚିତ୍ର୍ୟକୁ ପ୍ରତିଫଳିତ କରି ସର୍ବଭାରତୀୟ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠାରେ ଆକାଶବାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସିଛି। ୧୯୪୮ ମସିହାରେ କଟକରେ ଓଡ଼ିଶାର ପ୍ରଥମ ରେଡିଓ ଷ୍ଟେଶନ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ଓଡ଼ିଶାର ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ରେଡିଓ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଛି ବୋଲି ଅତିଥିମାନେ କହିଛନ୍ତି। ଆଉଟ୍‌ରିଚ୍ ପକ୍ଷରୁ 'ସଂସ୍କୃତି ସୁରକ୍ଷାରେ ରେଡିଓର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଥିଲା। ଆଉଟରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଆକାଶବାଣୀ ତଥା ଦୂରଦର୍ଶନରର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ଓ ପଦ୍ମଲୋଚନ ଦାଶ ଯୋଗଦେଇ ଆଲୋଚନା କରିଥିଲେ। ସେମାନେ କହିଥିଲେ, ପାଲା, ଦାସକାଠିଆ, ଖଞ୍ଜଣୀ ଭଜନ, ଧୁଡୁକି, କେନ୍ଦରା, ଘୋଡାନାଚ ଗୀତ ଭଳି ଅନେକ ଲୋକଗୀତ ଆକାଶବାଣୀର ଆର୍କାଇଭ୍‌ରେ ମହଜୁତ ରହିଛି। ଆକାଶବାଣୀ ରେକର୍ଡ କରିଛି ଅନେକ ଗୀତିନାଟ୍ୟ। ଆଜି ମଧ୍ୟ ଆକାଶବାଣୀରୁ ଶ୍ରୀଜଗନ୍ନାଥ ଦାସ ବିରଚିତ ଶ୍ରୀମଦ ଭାଗବତ ପ୍ରସାରିତ ହେଉଛି। ଓଡ଼ିଆ ପର୍ବପର୍ବାଣିରେ ନିୟମିତ ଭାବେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପ୍ରସାରଣ କରିଛି ଆକାଶବାଣୀ। ପ୍ରତିବର୍ଷ ରେଡିଓରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଧାରା ବିବରଣୀ ଶୁଣି ଜଗନ୍ନାଥପ୍ରେମୀ ଆନନ୍ଦିତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ସ୍ଥାନୀୟ ଭାଷାରେ ଆଞ୍ଚଳିକ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି କମ୍ୟୁନିଟି ରେଡିଓ। କମ୍ୟୁନିଟି ରେଡିଓ ଷ୍ଟେଶନଗୁଡିକ ସ୍ଥାନୀୟ ଭାଷାରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହ ନିଜ ଅଞ୍ଚଳର କଳାକାର ଓ ଶିଳ୍ପୀଙ୍କୁ ନେଇ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି ବୋଲି ଆଲୋଚନାବେଳେ ଅତିଥିମାନେ କହିଛନ୍ତି। ଆଉଟରିଚ୍‌ର ସଦସ୍ୟ ଦୁଷ୍ମନ୍ତ ଜେନା, ବିଷ୍ଣୁପ୍ରିୟା ସାହୁ, ଉଜ୍ଜ୍ୱଳ ଚୌଧୁରୀ ଓ ଶୁଭେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଆଉଟରିଚ୍ ପକ୍ଷରୁ ଆଲୋଚନାଚକ୍ର

## ସଂକ୍ଷେପରେ

### ପରିବର୍ତ୍ତନ କେନ୍ଦ୍ର ପରିଦର୍ଶନକଲେ ଓଏସ୍‌ସିପିସିଆର୍ ଅଧକ୍ଷା

ଚୌଦ୍ୱାର,୨।୮ (ଆଶୁତୋଷ ଦାସ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧକ୍ଷା ମନ୍ଦାକିନୀ କର ଶୁକ୍ରବାର ଚୌଦ୍ୱାରସ୍ଥିତ ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର 'ପରିବର୍ତ୍ତନ' ପରିଦର୍ଶନ କରିଥିଲେ। ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ସହିତ ସେମାନଙ୍କ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପିଲାମାନେ ତିଆରି କରିଥିବା ବିଭିନ୍ନ ହସ୍ତକର୍ମକୁ ଦେଖି ସେ ଆନନ୍ଦ ପ୍ରକାଶ କରିଥିଲେ। ରାଜ୍ୟ ସଦସ୍ୟା ଅନୀତା ବେହେରା, କଟକ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରିବର୍ତ୍ତନର ଅଧକ୍ଷ ନରୋତ୍ତମ ଦାସ କେନ୍ଦ୍ରର ସମସ୍ୟା ସମ୍ପର୍କିତ ଏକ ଦାବିପତ୍ର କର ଓ ମହାନ୍ତିଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ପରିଚାଳିକା ପ୍ରିୟଙ୍କା ଦାସ, ବଦ୍ରି ନାରାୟଣ ଅଧିକାରୀ, ସୁବ୍ରତ ଖଟୁଆ, କାହ୍ନୁଚରଣ ସେଠୀ, କେଦାର ବେହେରା, ସରୋଜ କୁମାର ସାହୁ, ବିଶ୍ୱଜିତ୍ ସାମଲ, ତପସ୍ୱିନୀ ବାରିକ, ମିଲନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୫ରେ କଟକ ସଦର ବ୍ଲକ୍ କାର୍ଯ୍ୟାଳୟରେ ଜନଶୁଣାଣି

କଟକ ସଦର,୨।୮ (ସୁଶାନ୍ତ କୁମାର ଜେନା)

ଆସନ୍ତା ୫ରେ କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ୨୩ଟି ପଞ୍ଚାୟତର ଜନସାଧାରଣ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରିବେ। ବିଭିନ୍ନ ଲାଇନ୍ ବିଭାଗର ଉଚ୍ଚ ଅଧିକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିବେ ବୋଲି ବିଡିଓ ରୁମାନା ଜାଫ୍ରି କହିଛନ୍ତି। କଟକରେ ଜିଲାପାଳ ପଦବୀ ଖାଲି ଥିବାରୁ ୨ ଅତିରିକ୍ତ ଜିଲାପାଳ ଜନଶୁଣାଣି ଶିବିର ପରିଚାଳନା କରିବେ ବୋଲି ଜଣାପଡିଛି।

### କଟକ ଜିଲାରୁ ୭ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୨।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାରୁ ୭ ଜଣ ଡେଙ୍ଗୁ ଆକ୍ରାନ୍ତ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସିଡ଼ିଏ ସେକ୍ଟର-୯, ତିନିକୋଣିଆ ବଗିଚା, ତୁଳସୀପୁର, ରାଉସାପାଟଣାରୁ ଜଣେ ଲେଖାଏ ଓ ଏସ୍‌ସିବି ମେଡିକାଲର ଜଣେ ଡାକ୍ତରୀ ଛାତ୍ର ରହିଛନ୍ତି। ସେହିପରି ଅନ୍ୟ ୨ ଜଣ କଟକ ସଦର ବ୍ଲକ ଅଧୀନ କିଶନ ନଗର ଓ ମାହାଙ୍ଗା ଅଞ୍ଚଳର ବୋଲି ଜଣାପଡିଛି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୫୧ ଜଣ କଟକ ସହରର ଓ ୧୪ ଜଣ ଜିଲାର ବିଭିନ୍ନ ଅଞ୍ଚଳର ଅଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଏସ୍‌ସିବିରୁ ପ୍ରତିଦିନ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ସଜାଗ ରହିବା ସହ ସଫେଇ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସ ଗୁରୁତ୍ୱପୂର୍ଣ୍ଣ ରହିଛି। ହେଲେ ଏବେ ସ୍ଥିତି ଆୟତରେ ଥିବା ସେ କହିଛନ୍ତି।

# ଅଧକ୍ଷ ପଦ ଦୌଡ଼ରେ ୬ ପ୍ରଫେସର

କଟକ,୨।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏବେ ଏହି ଦାୟିତ୍ୱରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଅଛନ୍ତି। ହେଲେ ପରବର୍ତ୍ତୀ ଅଧକ୍ଷ କିଏ ହେବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ଇତିମଧ୍ୟରେ ୨୫ ଜଣ ଡାକ୍ତରଙ୍କ ନାମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ତାଲିକାଭୁକ୍ତ ହୋଇ ରହିଛି। ସେଥିମଧ୍ୟରୁ ୫ ଜଣଙ୍କ ନାଁ ଶର୍ଟଲିଷ୍ଟ କରାଯାଇଛି। ମେଡିକାଲ କଲେଜର ଅଧକ୍ଷ ପଦବୀରେ ନିଯୁକ୍ତି ପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନିୟମାବଳୀକୁ ସରକାର ପାଳନ କରିଥାନ୍ତି। ଏହି ନିୟମାବଳୀ ଅନୁଯାୟୀ ୫ ବର୍ଷରୁ ଅଧିକ ସମୟ ପ୍ରଫେସର ପଦବୀରେ ରହିବା ସହ ବିଭାଗୀୟ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ପ୍ରଫେସରଙ୍କ ବରିଷ୍ଠତା ଓ ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ନୂତନ ଅଧକ୍ଷ ଚୟନ କରାଯାଇଥାଏ।

ସୂଚନା ଅନୁଯାୟୀ, ଏହି ଅଧକ୍ଷ ପଦବୀରେ ଅବସ୍ଥାପିତ ହେବା ପାଇଁ ଏସ୍‌ସିବି ମେଡିକାଲର ପ୍ରଫେସର ଡା. ଅଜୟ ମିଶ୍ର, ପ୍ରଫେସର ଡା. ଜୟନ୍ତ ପଣ୍ଡା, ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ କାର୍ଯ୍ୟରତ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ, ପୁରୀ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡା. ସବିତା ମହାପାତ୍ରଙ୍କ ନାଁ ଚର୍ଚ୍ଚାରେ ରହିଛି। ଏସ୍‌ସିବିର ପ୍ରଫେସର ଅଜୟ ମିଶ୍ର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଜଣେ ବରିଷ୍ଠ ପ୍ରଫେସର। ସେ ଉକ୍ତ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ବଡ ମେଡିକାଲରେ ମାନସିକ ରୋଗର ଉନ୍ନତମାନର ଚିକିତ୍ସା ସଫଳ ରୂପ ନେଇଛି। ସେହିପରି ଡା. ଜୟନ୍ତ ପଣ୍ଡା ଭେଷଜ ବିଭାଗର ବରିଷ୍ଠ ପ୍ରଫେସର। ସେ ସ୍ୱାସ୍ଥ୍ୟସେବା ସହିତ ଏସ୍‌ସିବିର ବିଭିନ୍ନ ଦାୟିତ୍ୱ ସୁଚାରରୂପେ ପରିଚାଳନା କରିଥାନ୍ତି। କୋଭିଡ୍ ମହାମାରୀ ସମୟରେ ସେ ନୋଡାଲ ଅଫିସର ଭାବେ ଦାୟିତ୍ୱରେ ଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଲୁସି ଦାସ ପୂର୍ବରୁ ଅଧୀକ୍ଷକ ଦାୟିତ୍ୱ ସୁଚାରରୂପେ ତୁଲାଇଛନ୍ତି। କୋଭିଡ୍ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସେହିପରି ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ ଛାତି ଓ ଯକ୍ଷ୍ମା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ଟିବି ରୋଗର ନିରାକରଣଠାରୁ ଆରମ୍ଭ କରି କୋଭିଡ଼ ସମୟରେ ମେଡିକାଲରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଛନ୍ତି। ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବାରୁ ଏନ୍‌ଏମ୍‌ସି ନିୟମ ଅନୁଯାୟୀ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେବ ବୋଲି ଆଶା ରହିଛି।

**ଏସ୍‌ସିବି ମେଡିକାଲ କଲେଜ**



କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ଏବଂ ସଦ୍‌ଗୁରୁ ନର୍ସିଂ କଲେଜ ପକ୍ଷରୁ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି ଓ ପ୍ରଫେସର ସନ୍ତୋଷୀ ଜେନାଙ୍କ ଉପସ୍ଥିତିରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ।

# ୫ ବାଇକ୍ ଜବତ, ଅଭିଯୁକ୍ତ ଗିରଫ



କଟକ,୨।୮ (କାର୍ତ୍ତିକ ସାହୁ)

ବାଇକ୍ ଚୋରି ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ତିର୍ତ୍ତୋଲ ଥାନା ଅଧୀନ ରାହାମା ତାଳପଦା ଗ୍ରାମର ବିଶ୍ୱଜିତ୍ ସ୍ୱାଇଁ ଓରଫ ରଞ୍ଜିତ ଓରଫ ମୁନା (୨୪)। ତାଙ୍କଠାରୁ ୫ଟି ବାଇକ୍ ଜବତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ବାଇକ୍‌ର ରେଜିଷ୍ଟ୍ରେଶନ ନମ୍ବର ନକଲି ବୋଲି ପୋଲିସ ଜାଣିବାକୁ ପାଇଛି। ଏନେଇ ବାଦାମବାଡି ଥାନାରେ ଏକ ମାମଲା(ନଂ.୨୨୫/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନବଦୀପ ସିଂହ ନାମକ ବ୍ୟକ୍ତି ବଜ୍ରକବାଟି ରୋଡ୍‌ସ୍ଥିତ ଏକ ଲୁଗା ଦୋକାନ ଆଗରେ ବାଇକ୍ ରଖି ଭିତରକୁ ଜିନିଷ କିଣିବାକୁ ଯାଇଥିଲେ। ମାତ୍ର ଫେରିବାବେଳକୁ ତାଙ୍କ ବାଇକ ନ ଥିଲା। ସେ ବିଭିନ୍ନ ଆଡ଼େ ଖୋଜିବା ପରେ ବାଇକ୍ ପାଇ ନ ଥିଲେ। ଏନେଇ ସେ ବାଦାମବାଡି ଥାନାରେ ଗତ ଜୁଲାଇ ୨୧ରେ ଏତଲା ଦେବା ପରେ ପୋଲିସ ତଦନ୍ତ କରିଥିଲା।

## ୪ରୁ କୁଡ଼ୋ ତାଲିମ ଶିବିର

କଟକ,୨।୮ (କାର୍ତ୍ତିକ ସାହୁ)

କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଆଡ୍‌ଭାନ୍‌ସ୍ କୁଡୋ ସେମିନାର ଓ ତାଲିମ୍ ଶିବିର ଆସନ୍ତା ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିର କଟକସ୍ଥିତ ଜବାହରଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ସକାଳ ୭ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ହେବ। ଓଡ଼ିଶାରେ ପ୍ରଥମଥର ପାଇଁ ୱାର୍ଲଡ୍ ଚାମ୍ପିଆନ୍ ଜାପାନ୍‌ର ପ୍ରଶିକ୍ଷକ ନୋରିହିଦେ ଟେରାଗୁଚି ପ୍ରଶିକ୍ଷଣ ଦେବାକୁ ଯାଉଛନ୍ତି। ଏହି ଶିବିରରେ ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫୦ରୁ ଅଧିକ ଏବଂ ୪ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶିକ୍ଷାର୍ଥୀମାନେ ଭାଗନେବେ। କୁଡ଼ୋ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶିବାଶିଷ କର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜେନେରାଲ୍ ସେକ୍ରେଟାରୀ ନିତାଇ ଶଙ୍କର ଗୁଇଁ, ଜିଲା ସଭାପତି ନର୍ମଦା ଗୁଇଁ, ଖୋର୍ଦ୍ଧା ଜିଲା ସଭାପତି ଗୌରବ କର, ଭଦ୍ରକ ଜିଲା ଜେନେରାଲ୍ ସେକ୍ରେଟାରୀ ମୁକେଶ କୁମାର ନାୟକ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଇଦ୍‌ଗା ପଡ଼ିଆ ସୁରକ୍ଷା ପାଇଁ ମନ୍ତ୍ରୀଙ୍କୁ ପ୍ରସ୍ତାବ



ଉତ୍କଳ ସମ୍ମିଳନୀର ପ୍ରତିନିଧି ମଣ୍ଡଳୀ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟୁଛନ୍ତି।

କଟକ,୨।୮ (କାର୍ତ୍ତିକ ସାହୁ)

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ ସଚିବାଳୟରେ ସାକ୍ଷାତ କରିଛନ୍ତି। ୧୯୦୩ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିବା କଟକସ୍ଥିତ ଇଦ୍‌ଗା ପଡ଼ିଆର ସୁରକ୍ଷା ପାଇଁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ଏଠାରେ ଏକ ସ୍ମାରକୀ ଭବନ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ଉତ୍କଳ ସମ୍ମିଳନୀ ପାଇଁ ଅଧା ଏକର ଜମି ସହିତ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହିପରି ଛତିଶଗଡ଼ରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପାଇଁ ଚେଷ୍ଟା କରିବା ସହିତ ବିଚ୍ଛିନ୍ନାଞ୍ଚଳରେ ଲିପିଶିକ୍ଷା ବଦଳରେ ସ୍ଥାୟୀ ଶିକ୍ଷା ପ୍ରଚଳନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ସୀମାନ୍ତ ଜିଲାଗୁଡିକରେ ଉପସ୍ଥାନ କମ୍ ଥିଲେ ମଧ୍ୟ ଏହି ବିଦ୍ୟାଳୟଗୁଡ଼ିକୁ ବନ୍ଦ ନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପସଭାପତି ଡା. ରବିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଦିଲୀପ ଦାସଶର୍ମା ଓ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିରୋଧକରି ବିଦ୍ୟାଳୟରେ ତାଲା

କଣ୍ଟାପଡା,୨।୮ (ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସଳେଇ ବେଦପୁର ପ୍ରକଳ୍ପ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ପୁନର୍ବାର ଉକ୍ତ ବିଦ୍ୟାଳୟକୁ ଫେରାଇ ଆଣିବା ପ୍ରତିବାଦରେ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ତେବେ ଅପରାହ୍ଣ ସୁଦ୍ଧା କୌଣସି ସମାଧାନ ହୋଇ ନ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ କିଛିଦିନ ତଳେ ନିକଟସ୍ଥ ସଳେଇ ବେଦପୁର(୨) ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିଲା। ସେଠାରେ ଗ୍ରାମବାସୀ ବିରୋଧ କରିବାରୁ ପୁନର୍ବାର ତାଙ୍କୁ ଉକ୍ତ ସ୍କୁଲକୁ ଫେରାଇ ଅଣାଯାଇଥିଲା। ଏହି ଖବର ପାଇବା ପରେ ଶୁକ୍ରବାର ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିରୋଧ କରିବା ସହ ବିଦ୍ୟାଳୟ ମୁଖ୍ୟ ଫାଟକରେ ସକାଳୁ ତାଲା ପକାଇ ଦେଇଥିଲେ। ଫଳରେ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ-ଶିକ୍ଷକମାନେ ପ୍ରବେଶ କରି ପାରି ନ ଥିଲେ।

# ବିଦ୍ୟୁତ୍ ବିଲ୍ ପଇଠ ପୂର୍ବରୁ ସର୍ଭେ ହେବ

କଟକ ସଦର,୨।୮ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତ ରାସ୍ତାରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ବିଲ୍ ପଇଠକୁ ନେଇ ଶୁକ୍ରବାର ଏକ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଡିଓ ରୁମାନା ଜାଫ୍ରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସ, ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଟାଟା ପାୱାର ସହକାରୀ ପରିଚାଳକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପାନୀୟ ଜଳ ପ୍ରକଳ୍ପ ବାବଦ ବିଲ୍ ଠିକ୍ ସମୟରେ ପଇଠ ହେଉଥିଲେ ସୁଦ୍ଧା ଉଜ୍ଜ୍ୱଳ ଆଲୋକ ପାଇଁ ୪ ବର୍ଷ ହେବ କୌଣସି ବ୍ୟବସ୍ଥା କରାଯାଉନାହିଁ ବୋଲି ରଘୁନାଥପୁର ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ କହିଥିଲେ। ତେଣୁ ୧୫ ଦିନ ମଧ୍ୟରେ ଟାଟା ପାୱାର କମ୍ପାନୀର ଯନ୍ତ୍ରୀ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କୁ ନେଇ ଯୁଗ୍ମ ସର୍ଭେ କରାଯିବ। ତଦନୁଯାୟୀ ନିର୍ଦ୍ଧାରିତ ହାରରେ ବିଲ୍ ପଇଠ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। କାରଣ ପଞ୍ଚାୟତ,ଏମ୍‌ପି, ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରତି ପଞ୍ଚାୟତରେ ଚଡୁ ଫୁଟିଲା ଭଳି ଉଜ୍ଜ୍ୱଳ ଆଲୋକ ଲଗାଯାଇଛି। ଏଥିପାଇଁ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ତରଫରୁ ୧୫ତମ ଅର୍ଥ କମିଶନଙ୍କ ଅନୁଦାନରୁ ପଇଠ କରାଯିବ ବୋଲି ସରପଞ୍ଚମାନେ ୨୦୧୯ରେ ତତ୍କାଳୀନ ସେସୁ କର୍ତ୍ତୃପକ୍ଷଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୦୨୦ରେ ଟାଟା ପାୱାର ବଣ୍ଟନ ଦାୟିତ୍ୱ ନେବା ପରେ ପଞ୍ଚାୟତ ପକ୍ଷରୁ ଆଉ ବିଲ୍ ପଇଠ କରାଯାଉନାହିଁ। ଚଳିତ ଆର୍ଥିକ ବର୍ଷରେ ଗ୍ରାମପଞ୍ଚାୟତ ଉନ୍ନୟନ ପ୍ରକଳ୍ପ ତାଲିକାରେ ବିଦ୍ୟୁତ୍ ବିଲ୍ ପଇଠ ପାଇଁ ବ୍ୟୟବରାଦ ବ୍ୟବସ୍ଥା ନାହିଁ ଶୀର୍ଷକ ଖବର ଗତ ଜୁଲାଇ ୨୭ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଉଭୟ ବଣ୍ଟନ କମ୍ପାନୀ ଓ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ଆଲୋଚନା ପାଇଁ ଏହି ବୈଠକ ଡକାଯାଇଥିବା ଜଣାପଡିଛି। ଏହି ଆଲୋଚନାରେ କନ୍ଦରପୁର ବିଦ୍ୟୁତ୍ ସେକ୍ସନ୍‌ର ସହକାରୀ ଯନ୍ତ୍ରୀ ତୁଳସୀ ଚରଣ ଦାସ, କିଶନ ନଗର ସେକ୍ସନ୍‌ର କନିଷ୍ଠଯନ୍ତ୍ରୀ ଦେବେନ୍ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ (ବାଣିଜ୍ୟ) ସାଧୁ ଚରଣ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାସ୍ତା, ବିଦ୍ୟୁତ୍, ପାନୀୟଜଳକୁ ଗୁରୁତ୍ୱ

ଚୌଦ୍ୱାର,୨।୮ (ଆଶୁତୋଷ ଦାସ)



ଚୌଦ୍ୱାର ପୌର ସଭାଗୃହରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

**ବିଧାୟକଙ୍କ ସମନ୍ୱୟ ବୈଠକ**

ଚୌଦ୍ୱାର ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ପୌର ସଭାଗୃହରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ୫୫ନଂ ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବର କାରଣ ସମ୍ପର୍କରେ ଉପସ୍ଥିତ ଥିବା ଏନ୍‌ଏଚ୍‌ଏଆଇ ଅଧିକାରୀ, ଠିକାସଂସ୍ଥାର କର୍ମକର୍ତ୍ତାଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଜାତୀୟ ରାଜପଥ କାର୍ଯ୍ୟରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ବାଧକ ସାଜୁଥିବା ଓ ଏହାର ସମାଧାନ ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ଟିପିଡିଓସିଏଲ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ନିର୍ଯାସ ବାହାର କରାଯାଇଥିଲା। ଓଟିଏମ୍ ଜମିକୁ ଇଡ୍‌କୋ ଅଧିଗ୍ରହଣ କରିଛି। ଫଳରେ ଉକ୍ତ ଜମିରେ ଦୀର୍ଘବର୍ଷ ଧରି ବାସ କରୁଥିବା ପୌରପାଳିକାର ୭, ୮, ୧୧ ଓ ୧୨ ନମ୍ବର ୱାର୍ଡ ବାସିନ୍ଦା ମୌଳିକ ସୁବିଧା ପାଇପାରୁ ନ ଥିବାବେଳେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ବ୍ୟାନ୍ କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏଥିଯୋଗୁ ଉକ୍ତ ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ଇଡ୍‌କୋ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ହେଲେ ଅଧିକାରୀ ସନ୍ତୋଷଜନକ ଉତ୍ତର ନ ଦେଇ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବା ପାଇଁ କହିଥିଲେ। ଏଥିସହ ପୌରପାଳିକାର ୧୯ଟି ୱାର୍ଡରେ ବିଦ୍ୟୁତ୍ ସେବା ସମ୍ପର୍କରେ ଆଲୋଚନା କରାଯାଇ କାଉନସିଲରମାନେ ଆସନ୍ତା ୭ ତାରିଖ ମଧ୍ୟରେ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଜଣାଇବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପାନୀୟଜଳ ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗର ଏସ୍‌ଡିଓ ଏବଂ ଜେଇଙ୍କ ସହିତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ସମେତ ପୌରଯନ୍ତ୍ରୀ, ସମସ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ କାଉନସିଲର ଉପସ୍ଥିତ ଥିଲେ।





କଟକ ରେଳଷ୍ଟେଶନ ପ୍ଲାଟ୍‌ଫର୍ମ ପରିସରରେ ଆର୍‌ପିଏଫ୍ ପକ୍ଷରୁ ମାନବ ଚାଲାଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ।



କଟକ ସିଡିଏ ସେକ୍ଟର-୯ସ୍ଥିତ ଜଷ୍ଟିସ୍ ବିଶ୍ୱନାଥ ପଶାୟତ ପାର୍କରେ ସିଏମ୍‌ସି ପକ୍ଷରୁ ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, କର୍ପୋରେଟରଙ୍କ ସମେତ ଅନ୍ୟମାନେ।



କଟକ ଜୋବ୍ରା ଶିଖରପୁର ରେଲୱେ ବ୍ରିଜ୍ ବାଇପାସ୍ ମହାନଦୀ ଜଳକୁ ସହରର ନର୍ଦ୍ଦମା ପାଣି ଛଡାଯାଉଛି।

# ଆନନ୍ଦ ବଜାରରେ ଆସୁନି ଶୃଙ୍ଖଳା

## ଉଦ୍‌ବେଗ ପ୍ରକାଶକଲା ସୁଆର ମହାସୁଆର ନିଯୋଗ

- ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା
- ଶୃଙ୍ଖଳିତ ବ୍ୟବସ୍ଥା ନେଇ ମିଳିଲା ପ୍ରତିଶ୍ରୁତି



ପୁରୀ,୨।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଆନନ୍ଦବଜାରରେ ଦିନକୁ ଦିନ ବିଶୃଙ୍ଖଳା ଚରମସୀମାରେ ପହଞ୍ଚିଥିବା ବେଳେ ଏଥିରେ କିଭଳି ଶୃଙ୍ଖଳା ଆସିବ ସେନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ସୁଆର ମହାସୁଆର ନିଯୋଗ ସହ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଆଲୋଚନା କରିଛନ୍ତି। ଆନନ୍ଦବଜାରରେ ଅଣସୂପକାର ସେବାୟତ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯିବା, ଅଧିକୃତ ସୂପକାର ସେବକଙ୍କୁ ସେଠାରେ ବ୍ୟବସାୟ କରିବା ପାଇଁ ଅନୁମତି ସହ ପରିଚୟପତ୍ର ଦେବାକୁ ସୁଆର ମହାସୁଆର ନିଯୋଗ ଦାବି କରିଛି। ସେହିପରି ଭକ୍ତଙ୍କ ସୁବିଧା ଓ ଆର୍ଥିକ ଶୋଷଣରୁ ରକ୍ଷା ପାଇବା ପାଇଁ ମହାପ୍ରସାଦ ଦର ତାଲିକା ଲଗାଯିବା ନେଇ ମଧ ନିଯୋଗ ପ୍ରସ୍ତାବ ଦେଇଛି।

ସୂଚନାଯୋଗ୍ୟ, ଆନନ୍ଦ ବଜାରରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି। ନିର୍ଦ୍ଧାରିତ ମୂଲ୍ୟଠାରୁ ଭକ୍ତମାନେ ଅଧିକ ମୂଲ୍ୟ ଦେଇ ମହାପ୍ରସାଦ କ୍ରୟ କରୁଛନ୍ତି। ଏହାକୁ ନେଇ ଭକ୍ତ ଅସନ୍ତୋଷ ବ୍ୟକ୍ତ କରୁଥିବାବେଳେ ମାଲାମାଲ ହେଉଛନ୍ତି ଦଲାଲ। ତେବେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଏପରି କାର୍ଯ୍ୟକୁ ରୋକିବା ପାଇଁ ଅବଢା ଦର ଲଗାଯିବାକୁ ଦାବି ଉପସ୍ଥାପନ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଆଲୋଚନା କରାଯାଇଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆନନ୍ଦବଜାର ଶୃଙ୍ଖଳାକୁ ନେଇ ଆଲୋଚନା କରାଯାଇଛି। ମୁଖ୍ୟ ପ୍ରଶାସକ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀମନ୍ଦିରର ପ୍ରମୁଖ ସ୍ଥାନ ମଧ୍ୟରୁ ଆନନ୍ଦବଜାର ଅନ୍ୟତମ। ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଶ୍ରୀଜଗନ୍ନାଥ ମନ୍ଦିର ପୋଲିସଠାରୁ କୌଣସି ସହଯୋଗ ମିଳୁନାହିଁ। ତେଣୁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯାଇଛି ଯେ, ନିଯୋଗର ୧୦ ଜଣ ପିଲାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ନିଯୁକ୍ତି ଦିଆଯାଉ। ସେମାନେ ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା କରିବେ। ନଚେତ୍ ପୋଲିସଙ୍କୁ ନିୟୋଜିତ କରିବା ସହ ଏକ ସହାୟତା କେନ୍ଦ୍ର ଖୋଲାଯାଉ। ଭକ୍ତଙ୍କୁ ସୁବିଧା ଯୋଗାଇ ଦିଆଯାଉ। ଅପରପକ୍ଷରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ରୋଷଘରେ ପ୍ରସ୍ତୁତ ହୋଇଥିବା ଦ୍ରବ୍ୟ ଆନନ୍ଦ ବଜାରରେ ବିକ୍ରୟ ହୋଇପାରିବ। ମାତ୍ର କିଛି ଦିନ ହେବ ଦେଖାଯାଉଛି ରାବିଡ଼ି, ପେଡ଼ା ଆଦି ବାହାର ଜିନିଷ ଆଣି ଅନଧିକୃତ ବ୍ୟକ୍ତି ବିକ୍ରୟ କରୁଛନ୍ତି। ଖାଲି ସେତିକି ନୁହେଁ, ଅନେକ ଦଲାଲ ସୁଆର ମହାସୁଆଙ୍କଠାରୁ ମହାପ୍ରସାଦ କ୍ରୟ କରି ଭକ୍ତଙ୍କୁ ଅଧିକ ମୂଲ୍ୟରେ ବିକ୍ରୟ କରୁଛନ୍ତି। ଫଳରେ ଭକ୍ତମାନେ ସମସ୍ୟା ଭୋଗୁଛନ୍ତି। ମହାପ୍ରସାଦ ଦର ତାଲିକା ଲାଗୁ କରିବା ଉପରେ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ନେଇ ଆଲୋଚନାକରି ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମହାସୁଆର କହିଛନ୍ତି। ସେହିପରି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ସୁଆର ମହାସୁଆର ନିଯୋଗ ଏବଂ ବିଭିନ୍ନ ଅଧିକାରୀଙ୍କ ସହ ଏନେଇ ଆଲୋଚନା ପରେ ସମସ୍ତ ପଦକ୍ଷେପ ନିଆଯିବ। ଦର ତାଲିକା ଲଗାଯିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ପରେ ଦର ତାଲିକା ଲଗାଯିବ। ଅପରପକ୍ଷରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଯେପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ଗୁରୁତ୍ୱ ଦିଆଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ବ୍ୟାରକେଡ୍ ହେଉ କି ଜଗମୋହନ, ନାଟମଣ୍ଡପ ଆଦି ସ୍ଥାନରେ ଶୃଙ୍ଖଳା ପ୍ରତି ଧ୍ୟାନ ଦିଆଯାଉଛି। ଚାରିଦ୍ୱାର ଦେଇ ଆସୁଥିବା ଭକ୍ତମାନେ ଯେପରି ସାତପାହାଚଠାରେ ଶୃଙ୍ଖଳିତ ଭାବେ ଯାଇ ଭିତରକାଠ ଓ ବାହାରକାଠ ନିକଟରେ ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରିବେ ସେନେଇ ସମସ୍ତ ଦିଗ ଉପରେ ଆଲୋଚନା କରାଯିବ। ଭକ୍ତଙ୍କ ସୁବିଧାକୁ ନଜରରେ ରଖି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି।




୨।୮।୨୦୨୪

| ୩,୪୦, ୮୬୫ ଟଙ୍କା | |
|---|---|
| ସୁନା | ୫୦ ମିଲି ଗ୍ରାମ୍ |
| ରୁପା | ୬୧.୩୮୦ ଗ୍ରାମ୍ |

## ଆଜିଠୁ ୨ ଦିନିଆ ଆଞ୍ଚଳିକ ନ୍ୟାୟିକ ସମ୍ମିଳନୀ

କଟକ,୨।୮ (କାର୍ତ୍ତିକ ସାହୁ)

୨ ଦିନିଆ ପୂର୍ବାଞ୍ଚଳ-୧ ଆଞ୍ଚଳିକ ନ୍ୟାୟିକ ସମ୍ମିଳନୀ କଟକସ୍ଥିତ ଓଡ଼ିଶା ଜୁଡିସିଆଲ୍ ଏକାଡେମୀ ପରିସରରେ ଶନିବାର ଓ ରବିବାର ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଭୋପାଳର ନ୍ୟାଶନାଲ୍ ଜୁଡିସିଆଲ୍ ଏକାଡେମୀ, ଓଡ଼ିଶା ହାଇକୋର୍ଟ ଏବଂ ଓଡ଼ିଶା ଜୁଡିସିଆଲ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ସମ୍ମିଳନୀକୁ ସୁପ୍ରିମ୍‌କୋର୍ଟ ବିଚାରପତି ସୂର୍ଯ୍ୟ କାନ୍ତ ଶନିବାର ସକାଳ ପ୍ରାୟ ସାଢ଼େ ୯ଟାରେ ଉଦ୍‌ଘାଟନ କରିବେ। ସମସାମୟିକ ନ୍ୟାୟିକ ବିକାଶ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ନ୍ୟାୟ ବ୍ୟବସ୍ଥାକୁ ସଶକ୍ତ କରିବା ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା ହେବ। ସୁପ୍ରିମ୍‌କୋର୍ଟ ବିଚାରପତି ଅଭୟ ଏସ୍. ଓକା, ବିଚାରପତି ଅହସାନୁଦ୍ଦିନ୍ ଅମାନୁଲା, ବିଚାରପତି ପ୍ରଶାନ୍ତ କୁମାର ମିଶ୍ର, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କ ସମେତ ପାଟଣା ହାଇକୋର୍ଟ, ଛତିଶଗଡ଼ ହାଇକୋର୍ଟ ଏବଂ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତିମାନେ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଏନ୍‌ଆଇଏଫ୍‌ଡି ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ଫ୍ୟାଶନ ପ୍ରଦର୍ଶନୀ 'ନବ୍ୟତା ୨୦୨୪'ରେ ମଡେଲମାନେ ପାରମ୍ପରିକ, ଆଧୁନିକ ପୋଷାକ ପିନ୍ଧି ରାମ୍ପ ଶୋ'ରେ ଚାଲୁଛନ୍ତି। (ଫଟୋ-ବିକାଶ ନାୟକ)

# 'ନବ୍ୟତା'ରେ ହସ୍ତତନ୍ତଠୁ ନେଇ ଆଧୁନିକତାର ଛିଟା

ଭୁବନେଶ୍ୱର,୨।୮ (ଶର୍ମିଷ୍ଠା ପାଣିଗ୍ରାହୀ)

**ମୁଖ୍ୟ ଆକର୍ଷଣ ବଲିଉଡ୍ ଅଭିନେତ୍ରୀ ସଞ୍ଜୀଦା ଓ ଡିଜାଇନର ଆଶ୍ଲେ**

ଏନ୍‌ଆଇଏଫ୍‌ଡି ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ବାର୍ଷିକ ଫ୍ୟାଶନ ପ୍ରଦର୍ଶନୀ 'ନବ୍ୟତା ୨୦୨୪' ଅନୁଷ୍ଠିତ ହୋଇଯାଇଛି। ଅଭିନବ ଡିଜାଇନ ଏବଂ ସୃଜନଶୀଳତା ମାଧ୍ୟମରେ ହସ୍ତତନ୍ତଠୁ ନେଇ ପାରମ୍ପରିକ, ଆଧୁନିକ ପୋଷାକରେ ରାମ୍ପ ଶୋ'ରେ ଚାଲିଥିଲେ ମଡେଲ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍ ଫ୍ୟାଶନ ଡିଜାଇନ ଆଶ୍ଲେ ରେବେଲୋ ଏବଂ ବଲିଉଡ୍ ଅଭିନେତ୍ରୀ ସଞ୍ଜୀଦା ଶେଖ୍। ଅଭିନେତ୍ରୀ ସଞ୍ଜୀଦା କହିଥିଲେ, ଏଠାରେ ଉପସ୍ଥିତ ସମସ୍ତଙ୍କ ଆଖିରେ ଏକ ଭିନ୍ନ ଆଗ୍ରହ ଦେଖିବାକୁ ପାଉଛି। ସମସ୍ତେ ବେଶ୍ ଉତ୍ସାହିତ ଅଛନ୍ତି। ଓଡ଼ିଶାର କଳା ଓ ହସ୍ତତନ୍ତ ସବୁଠି ପରିଚିତ। କେବେ ଫାଙ୍କା ସମୟରେ ଆସିଲେ ଓଡ଼ିଶାର ପ୍ରମୁଖ ସ୍ଥାନ ନିହାତି ଭ୍ରମଣ କରିବି। ମୁଁ ମଧ ଆୟୋଜକଙ୍କୁ କହିଛି ମୁଁ ଫେରିବା ବେଳେ ହସ୍ତତନ୍ତ ସାଥିରେ ନେଇଯିବି। ସେହିପରି ଓଡ଼ିଶାର ଖାଦ୍ୟ ମଧ ବହୁତ ସୁସ୍ୱାଦୁ। ମୁଁ ଡାଲମା ଖାଇଛି। ମୋତେ ବହୁତ ଭଲ ଲାଗିଲା। ଏନ୍‌ଆଇଏଫ୍‌ଡି ଗ୍ଲୋବାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା କହିଛନ୍ତି, ଛାତ୍ରୀଛାତ୍ରଙ୍କ ନୂତନତା ଏବଂ ଅଭିନବ ଉତ୍ସାହ ପାଇଁ ନବ୍ୟତା ହେଉଛି ଏକ ପ୍ରମାଣ। ଏହି ବାର୍ଷିକ କାର୍ଯ୍ୟକ୍ରମ ପାରମ୍ପରିକ କାରିଗରି ଏବଂ ଆଧୁନିକ ଡିଜାଇନ୍‌ର ଏକ ପ୍ରଦର୍ଶନୀ। ଓଡ଼ିଶାର ହ୍ୟାଣ୍ଡଲୁମ୍ ଏବଂ ହ୍ୟାଣ୍ଡ ୱଭେନ: ପାରମ୍ପରିକ ଇକତ ଏବଂ ଖଦି, ଜେଣ୍ଡର ଫ୍ଲୁଇଡ୍ କ୍ଲୋଥିଂ : ୟୁନିସେକ୍ସ ଡିଜାଇନ, ପାରମ୍ପରିକ ହାତ ଏମ୍ବ୍ରୋଡେରି କାମ ପୋଷାକରେ ଦେଖିବାକୁ ମିଳିଥିଲା। ଇଣ୍ଟେରିଅର ଡିଜାଇନ ଛାତ୍ରୀଛାତ୍ରମାନେ ବିଭିନ୍ନ ଅଭିନବ ଘର ଆସବାବ ସାଜସଜ୍ଜା ଉତ୍ପାଦ ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏଥିମଧ୍ୟରେ ବାଉଁଶ ଏବଂ ଟେରାକୋଟା ପରି ସାମଗ୍ରୀରୁ ନିର୍ମିତ ଆସବାପତ୍ର, ୱାଲ ଡେକର, ଲାଇଟନିଂ ଏବଂ ଟେବୁଲୱେୟାର ଟେକ୍ସଟାଇଲ ଆଦି ଭିନ୍ନ ଆକର୍ଷଣ ସାଜିଥିଲା।

## ସ୍କୁଲଗୁଡ଼ିକୁ ତାଗିଦ କରାଯିବ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)

ସ୍କୁଲକୁ ଛାତ୍ରୀଛାତ୍ର ଦୁଇ ଚକିଆ ଓ ଚାରିଚକିଆ ଯାନ ନେଇ ଆସୁଛନ୍ତି। ଫଳରେ ସେମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖି କହିଛନ୍ତି, ସମସ୍ତଙ୍କୁ ସଚେତନ କରାଯାଉଛି। ଏନେଇ ଖୁବ୍‌ଶୀଘ୍ର ସ୍କୁଲଗୁଡ଼ିକୁ ତାଗିଦ୍ କରାଯିବ। ବିଭାଗୀୟ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ସୂଚନାଯୋଗ୍ୟ, ୧୬ ବର୍ଷରୁ କମ୍ ବୟସର ପିଲାମାନେ ଗାଡ଼ି ଚଳାଉଥିବା ଧରାପଡ଼ିଲେ ସେମାନଙ୍କ ମା', ବାପା ଜେଲ୍ ଯିବେ। ସମ୍ପୃକ୍ତ ପିଲାଙ୍କୁ ୨୫ବର୍ଷ ନ ହେବା ପର୍ଯ୍ୟନ୍ତ କୌଣସି ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ ନାହିଁ। ସେହିପରି ମା' ବାପା କିମ୍ବା ଅଭିଭାବକ ଗାଡ଼ି ଦେଇଥିଲେ ସେମାନଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ସରକାର ଏଭଳି ଏକ କଡ଼ା ନିୟମ କରିଛନ୍ତି। ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ନିକଟରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି। ଏହାସତ୍ତ୍ୱେ ବି ନା ପିଲା ନା ଅଭିଭାବକ କେହି ଚେତିନାହାନ୍ତି। ଏବେ ବି ସ୍କୁଲକୁ ଛାତ୍ରୀଛାତ୍ର ଗାଡ଼ି ଧରି ଆସୁଥିବା ଦେଖାଯାଉଛି। ସେପଟେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓଡ଼ିଆ ଭାଷା ଲାଗୁ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଆମ ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉଛନ୍ତି। ଏ ଦୃଷ୍ଟିରୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମଧ ଓଡ଼ିଆ ଭାଷାକୁ ଲାଗୁ କରିବ।

## ଝୁଲନ୍ତା ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ଜବତ

ବାଲିଅନ୍ତା,୨।୮ (ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଶୁକ୍ରବାର ପୋଲିସ ଜବତ କରିଛି। ମୃତା ହେଲେ ଭାବେନୀ ବେହେରା (୬୫)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୂର୍ବାହ୍ଣ ସାଢ଼େ ୧୦ଟାରେ ଭାବେନୀ ଘର ଫ୍ୟାନରେ ଝୁଲୁଥିବା ଦେଖି ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଅଠାନ୍ତର ମଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ଓଡ଼ିଶା ଆସୁଛି ଡା. ବିଷ୍ଣୁପ୍ରସାଦଙ୍କ ମୃତଦେହ

## ଡା. ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ

- ଭେଣ୍ଟିଲେଟରରେ ଡା. ସ୍ୱୀକୃତି ମହାପାତ୍ର
- ଆଜି ଫେରିପାରନ୍ତି ବିଷ୍ଣୁପ୍ରସାଦଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ

ଭୁବନେଶ୍ୱର, ୨।୮ (ଅସମାପିକା ସାହୁ)



ମୃତ ଡା. ବିଷ୍ଣୁପ୍ରସାଦ ଚିନାରା



ନିଖୋଜ ଥିବା ଡା. ସ୍ୱାଧୀନ ପଣ୍ଡା

କେରଳର ୱାୟନାଡରେ ଘଟିଥିବା ପ୍ରଳୟଙ୍କାରୀ ଭୂସ୍ଖଳନରେ ମୃତ ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଓଡ଼ିଶା ଆସୁଛି। ତାଙ୍କ ପାର୍ଥିବ ଶରୀରକୁ ବିମାନରେ ଆଣିବା ସମ୍ଭବ ନ ହେବାରୁ ସଡ଼କ ପଥରେ ଆମ୍ବୁଲାନ୍ସରେ ଅଣାଯାଉଛି। ତାଙ୍କର ଜଣେ ସମ୍ପର୍କୀୟ ଦାଦା ମୃତଦେହ ଆଣୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କେରଳ ଯାଇଥିବା ଓଡ଼ିଆ ଅଧିକାରୀ ଦିଲୀପ ରାଉତରାୟ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ତେବେ ଭୁବନେଶ୍ୱରରେ ପହଞ୍ଚିବା ପରେ ବିଷ୍ଣୁପ୍ରସାଦଙ୍କ ମୃତଦେହକୁ ପୈତୃକ ଗାଁ ପୁରୀ ଜିଲା ଗୋପ ବ୍ଲକର ପରାଳକୁ ନିଆଯିବ। ସେଠାରେ ତାଙ୍କର ଅନ୍ତିମ ସଂସ୍କାର ହେବ। ସେପଟେ ମୃତ ଡା. ବିଷ୍ଣୁପ୍ରସାଦଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ପାଲ୍ କେରଳର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗି ଅନେକ କ୍ଷତ ସୃଷ୍ଟି ହୋଇଛି। ସେ ସୁସ୍ଥ ହୋଇଥିଲେ ମଧ ସ୍ୱାମୀଙ୍କ ଦେହାନ୍ତ ଖବର ଶୁଣି ସେ ଭାଙ୍ଗି ପଡ଼ିଛନ୍ତି। ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ଶୁକ୍ରବାର ସୂଚନା ମିଳିଛି। ତେବେ ଶନିବାର ସେ ଓ ତାଙ୍କ ପରିବାର ସଦସ୍ୟ ବିମାନରେ ଓଡ଼ିଶା ଫେରିବେ। ଏଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ସେହିପରି ଭୂସ୍ଖଳନରେ ଆହତ ହୋଇଥିବା ଅନ୍ୟ ଜଣେ ଡା. ସ୍ୱୀକୃତି ମହାପାତ୍ର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ଫୁସ୍‌ଫୁସ୍‌ରେ ମାଟି ଜମା ହୋଇଯାଇଥିଲା। ବ୍ରୋଙ୍କସ୍କୋପି ଜରିଆରେ ସେସବୁ ପ୍ରାୟ କଢ଼ାସରିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସହିତ କେରଳ ଯାଇଥିବା ଡା. ସ୍ୱୀକୃତିଙ୍କ ବାନ୍ଧବୀ ତଥା କଟକ ଏସ୍‌ସିବିର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଅଛନ୍ତି ବୋଲି ଓଡ଼ିଆ ଅଧିକାରୀ ରାଉତରାୟ କହିଛନ୍ତି।

ସୂଚନାଯୋଗ୍ୟ, ସ୍ୱର୍ଗତ ଡା. ବିଷ୍ଣୁପ୍ରସାଦ ଓ ତାଙ୍କ ଅଧ୍ୟାପିକା ସ୍ତ୍ରୀ ପ୍ରିୟଦର୍ଶିନୀ ଏବଂ ଡା. ସ୍ୱାଧୀନ ପଣ୍ଡା ଓ ଡା. ସ୍ୱୀକୃତି ମହାପାତ୍ର ଗତ ୨୬ ତାରିଖରେ ବେଙ୍ଗାଲୁରୁ ବୁଲିବା ପାଇଁ ଯାଇଥିଲେ। ସେମାନେ ସେଠାରୁ କେରଳ ଯାଇ ୱାୟନାଡର ଲିନରା ଭିଲ୍ଲାରେ ରହିଥିଲେ। ସୋମବାର ରାତିରେ ୱାୟନାଡରେ ପ୍ରଳୟଙ୍କରୀ ଭୂସ୍ଖଳନ ହୋଇଥିଲା। ପ୍ରିୟଦର୍ଶିନୀ ପାଲ ଓ ଡା. ସ୍ୱୀକୃତିଙ୍କୁ ଉଦ୍ଧାର କରାଯାଇଥିବାବେଳେ ପୁରୁଷ ଡାକ୍ତର ଦ୍ୱୟ ନିଖୋଜ ଥିଲେ। ବୁଧବାର ଡା. ବଷ୍ଣୁପ୍ରସାଦଙ୍କ ମୃତ୍ୟୁଦେହ ମିଳିଥିବା ଜଣାପଡ଼ିଥିବା ବେଳେ ଡା. ସ୍ୱାଧୀନ ଏବେ ବି ନିଖୋଜ ଅଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋଜ



@ ଖଗେଶ୍ୱର



@ ରୁଦ୍ରନାରାୟଣ



@ ସୁବାସ



@ ନମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରିଜ୍‌ରେ କାର୍, ଚପଲ ଛାଡ଼ି ବ୍ୟବସାୟୀ ନିଖୋଜ

- ୩ଦିନ ପରେ ବି ମିଳିନି ସନ୍ଧାନ
- ଚାକିରି ଛାଡ଼ି ଅନ୍‌ଲାଇନ ଟ୍ରେଡିଂ କରୁଥିଲେ

ବାରଙ୍ଗ,୨।୮ (ଲିଙ୍ଗରାଜ ରାଉତ)



ତୁଷାର ଭଟ୍ଟ

ତ୍ରିଶୂଳିଆ ନିକଟ କାଠଯୋଡ଼ିର ନେତାଜୀ ସୁଭାଷ ସେତୁ ଉପରେ କାର୍ ଓ ଚପଲ ଛାଡ଼ି ଜଣେ ବ୍ୟବସାୟୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଭଡ଼ାରେ ରହୁଥିବା ତୁଷାର ଭଟ୍ଟ। ତାଙ୍କ ଘର ଗୁଜରାଟ ବୋଲି ଜଣାପଡ଼ିଛି। ସେ ବୁଧବାରଠାରୁ ନିଖୋଜ ହୋଇଯାଇଥିଲେ ମଧ ଅଦ୍ୟାବଧି ତାଙ୍କ କିଛି ସନ୍ଧାନ ମିଳିପାରିନାହିଁ। ନିଖୋଜ ସଂକ୍ରାନ୍ତରେ ତାଙ୍କ ସ୍ତ୍ରୀ ଏଲିନା ବାରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୨/୨୪)ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଗୁଜରାଟର ତୁଷାର ଭଟ୍ଟ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ସେ ବ୍ୟାଙ୍କ ଚାକିରି ଛାଡ଼ି ଅନ୍‌ଲାଇନ ଟ୍ରେଡିଂ ଆରମ୍ଭ କରିଥିଲେ। ବୁଧବାର ଅପରାହ୍ଣ ୨ଟାରେ କାର୍ ନେଇ ଘରୁ ଯାଇ ଆଉ ଫେରି ନ ଥିଲେ। ରାତିରେ ସୁଭାଷ ସେତୁ ଉପରେ ଜିଜେ୧୬-ବିଜି-୦୨୭୮ ନମ୍ବର କାରଟି ଦୀର୍ଘ ସମୟ ଧରି ପାର୍କିଂ ହୋଇଥିବା ସହ ହଳେ ଚପଲ ରହିଥିବା ଦେଖି ସନ୍ଦେହରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ କାର୍ ନମ୍ବର ଆଧାରରେ ପରିଚୟ ପାଇ ନିଖୋଜ ତୁଷାରଙ୍କ ସ୍ତ୍ରୀ ଏଲିନାଙ୍କୁ ଜଣାଇଥିଲା। ଏଲିନା ଆସି ଗାଡ଼ି ଓ ଚପଲ ଚିହ୍ନଟ କରି ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଶୁକ୍ରବାର ପୂର୍ବାହ୍ଣରେ ଅଗ୍ନିଶମ ବାହିନୀକୁ ସାଙ୍ଗରେ ନେଇ କାଠଯୋଡ଼ି ନଦୀରେ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳିନାହିଁ। ଫଳରେ ତୁଷାର କାଠଯୋଡ଼ିକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ଅପହରଣ କରାଯାଇଛି ସେ ନେଇ ତଦନ୍ତ ଜାରି ରହିଛି।

# ନାସା ହାତରେ ୧୮ ଦିନ

## ସୁନୀତାଙ୍କ ମହାକାଶ ଯାତ୍ରାକୁ ୮ ସପ୍ତାହ ବିତିଲା



ସୁନୀତା ୱିଲିୟମ୍ସଙ୍କ ସହ ବୁଚ୍ ୱିଲମୋର।



ଆଇଏସ୍ଏସ୍‌ର ହାର୍ମୋନି ମୋଡ୍ୟୁଲରେ ବୋଇଂର ଷ୍ଟାରଲାଇନର ସିଏସ୍‌ଟି-୧୦୦ ସ୍ପେସ୍‌କ୍ରାଫ୍ଟ।

ୱାଶିଂଟନ୍,୨।୮

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଗତ ଜୁନ୍ ୫ରେ ଫ୍ଲୋରିଡାର କେପ୍ କାନାଭେରାଲ ସ୍ପେସ୍ ଷ୍ଟେଶନ୍‌ରୁ ବୋଇଂର ଷ୍ଟାରଲାଇନର ଏୟାରକ୍ରାଫ୍ଟରେ ମହାକାଶ ଯାତ୍ରା କରିଥିଲେ। ବୋଇଂର କମର୍ସିଆଲ କ୍ରିଉ କାର୍ଯ୍ୟକ୍ରମ ପାଇଁ ଏହି ମିଶନକୁ ଏକ ମାଇଲଖୁଣ୍ଟ ରୂପେ ବିବେଚନା କରାଯାଉଛି। ତେବେ ଉକ୍ତ ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ୮ ସପ୍ତାହ ପରେ ମଧ୍ୟ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରୁ ଉଭୟେ ଫେରିପାରି ନାହାନ୍ତି। ଆଇଏସ୍ଏସ୍‌ରେ ଦୀର୍ଘ ୫୭ ଦିନ ଧରି ଫସିରହିଥିବା ଦୁଇ ମହାକାଶଚାରୀଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ପାଇଁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ହାତରେ ଆଉ ମାତ୍ର ୧୮ ଦିନ ରହିଛି। ଏହି ସ୍ୱଳ୍ପ ଅବଧି ଭିତରେ ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ଉଭୟଙ୍କୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରାଇବା କ୍ରିଉ-୯ ମିଶନ ପାଇଁ ଜରୁରୀ ହୋଇପଡ଼ିଛି। ଏଥିପାଇଁ ଇଞ୍ଜିନିୟରମାନେ ଅକ୍ଳାନ୍ତ ଉଦ୍ୟମ ଚଳାଇଛନ୍ତି। ଏପରି କି ଏହି ଆହ୍ୱାନପୂର୍ଣ୍ଣ ସମୟରେ ସ୍ପେସେକ୍ସ ଡ୍ରାଗନ୍ କ୍ୟାପ୍‌ସୁଲକୁ ମିଶନରେ ସାମିଲ କରିବା ସମେତ ଅନ୍ୟ ବିକଳ୍ପଗୁଡ଼ିକ ଉପରେ ମଧ୍ୟ ନାସା ଚିନ୍ତା କରୁଛି।

ଜୁନ୍ ୧୩ରେ ଆଇଏସ୍ଏସ୍‌ରେ ପହଞ୍ଚିଥିବା ଷ୍ଟାରଲାଇନର ଏୟାରକ୍ରାଫ୍ଟ ମିଶନର ସପ୍ତାହେ ପରେ ସୁନୀତା ଓ ୱିଲମୋରଙ୍କୁ ନେଇ ପୃଥିବୀକୁ ଫେରିବା ସ୍ଥିର ହୋଇଥିଲା। ତେବେ ମହାକାଶଯାନ ଆଇଏସ୍ଏସ୍‌ର ନିକଟତ ହେବା ବେଳକୁ ଏହାର ୨୮ ଥ୍ରଷ୍ଟର ମଧ୍ୟରୁ ୫ଟି ହଠାତ୍ ବନ୍ଦ ହୋଇଯାଇଥିଲା। ଏହାର ସର୍ଭିସ୍ ମୋଡ୍ୟୁଲର ୫ଟି ସ୍ଥାନରେ ହିଲିୟମ୍ ଲିକ୍ ହେଉଥିବା ଜଣାପଡ଼ିଥିଲା। ସ୍ପେସ୍‌କ୍ରାଫ୍ଟର ଥ୍ରଷ୍ଟର ଓ ହିଲିୟମ୍ ସିଷ୍ଟମ୍‌ରେ ସମସ୍ୟା ଯୋଗୁ ଦୁହିଁଙ୍କ ପ୍ରତ୍ୟାବର୍ତ୍ତନ ବିଳମ୍ବିତ ହୋଇଛି। ନାସାର କମର୍ସିଆଲ କ୍ରିଉ ପ୍ରୋଗ୍ରାମ ମ୍ୟାନେଜର ଷ୍ଟିଭ୍ ଷ୍ଟିଚ୍ କହିଛନ୍ତି, ସୁନୀତା ଓ ୱିଲମୋରଙ୍କ ଫେରିବା ତାରିଖ ସ୍ଥିର ହୋଇନାହିଁ। ପୃଥିବୀର ବାୟୁମଣ୍ଡଳ ଦେଇ ଭୂପୃଷ୍ଠରେ ସୁରକ୍ଷିତ ଅବତରଣ କରିବା ପାଇଁ ଥ୍ରଷ୍ଟର ଓ ହିଲିୟମ୍ ସିଷ୍ଟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ସିଷ୍ଟମ୍ ଭଲ ଭାବେ କାର୍ଯ୍ୟ ନ କଲେ ମହାକାଶଚାରୀ ଦ୍ୱୟଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇପାରେ।

କ୍ରିଉ-୯ ମିଶନ ଆସନ୍ତା ୧୮ ତାରିଖ ପୂର୍ବରୁ ଲଞ୍ଚ ହୋଇପାରିବ ନାହିଁ। ଏହାର ଲଞ୍ଚ ବେଳେ ମିଶନରେ ନାସା ମହାକାଶଚାରୀ ଜେନା ଚାର୍ଡମ୍ୟାନ୍, ନିକ୍ ହେଗ୍ ଏବଂ ଷ୍ଟିଫାଇନେ ୱିଲସନ୍‌ଙ୍କ ସହ ରୋସ୍‌କୋମୋସ୍ କୋସ୍‌ମୋନଟ୍ ଆଲେକ୍‌ଜାଣ୍ଡାର ଗୋର୍ବୁନୋଭ୍ ଏକ ସ୍ପେସେକ୍ସ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟରେ ଆଇଏସ୍ଏସ୍‌କୁ ଯିବେ। ସେତେବେଳେ ଷ୍ଟାରଲାଇନର ଥିବା ସ୍ଥାନକୁ ଖାଲି କରାଯିବା ଜରୁରୀ ହୋଇପଡ଼ିବ। ଷ୍ଟାରଲାଇନର ଅଚଳ ହୋଇ ପଡ଼ିରହିଲେ ନାସା ବିକଳ୍ପ ବ୍ୟବସ୍ଥା କରି ଦୁହିଁଙ୍କୁ ଫେରାଇ ଆଣିବା ଲାଗି ଏକ ସ୍ପେସେକ୍ସ ଡ୍ରାଗନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରେ।

### ମଧ୍ୟପ୍ରାଚ୍ୟରେ ବଢ଼ୁଛି ଉତ୍ତେଜନା

## ତେଲ୍ ଆଭିଭ୍‌କୁ ଏୟାର ଇଣ୍ଡିଆ ବିମାନସେବା ସ୍ଥଗିତ

ନୂଆଦିଲ୍ଲୀ,୨।୮(ପି.ଟି.)

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ୁଥିବାରୁ ଏୟାର ଇଣ୍ଡିଆ ତେଲ୍ ଆଭିଭ୍‌କୁ ଏହାର ସମସ୍ତ ବିମାନ ସେବା ଅଗଷ୍ଟ ୮ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ଉକ୍ତ ଏୟାରଲାଇନ୍ସ ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ନଜର ରଖିଛି ଏବଂ ଉପରୋକ୍ତ ସମୟ ପାଇଁ ଯେଉଁ ଯାତ୍ରୀମାନଙ୍କର ଯାତ୍ରା ବୁକିଂ ନିଶ୍ଚିତ କରାଯାଇଥିଲା, ସେମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ଯାତ୍ରା ତାରିଖ ପରିବର୍ତ୍ତନ ଏବଂ ବାତିଲ ଦେୟ ଉପରେ ଗୋଟିଏ ଥର ଛାଡ଼ କରାଯିବ ବୋଲି ଏୟାର ଇଣ୍ଡିଆ କହିଛି। ଯାତ୍ରୀମାନଙ୍କୁ ଅଧିକ ସୂଚନା ପ୍ରଦାନ ଲାଗି ଏୟାର ଇଣ୍ଡିଆ ଫୋନ୍ ନମ୍ବର ମଧ୍ୟ ଶେୟାର କରିଛି। ଇରାନ ରାଜଧାନୀ ତେହରାନରେ ହମାସ୍ ପଲିଟିକାଲ ବ୍ୟୁରୋ ମୁଖ୍ୟ ଇସ୍‌ମାଇଲ ହାନିୟେଙ୍କୁ ହତ୍ୟା ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। କାତାରରେ ରହୁଥିବା ହାନିୟେ ଇରାନର ନବନିର୍ବାଚିତ ରାଷ୍ଟ୍ରପତି ମାସୌଦ ପେଜେଶ୍‌କିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ବୁଧବାର ତେହରାନ ଯାଇଥିବାବେଳେ ଇସ୍ରାଏଲ୍ ସେନା ଆକ୍ରମଣରେ ନିହତ ହୋଇଥିଲେ। ଏହାର ଦିନକ ପୂର୍ବରୁ ଲେବାନନ୍‌ରେ ଇସ୍ରାଏଲ୍ ସେନା ଆକ୍ରମଣରେ ହେଜବୋଲ୍ଲା କମାଣ୍ଡର ଫୁଆଦ ଶୁକରଙ୍କ ମୃତ୍ୟୁ ଘଟିଥିଲା।

## କୋଚିଂ ସେଣ୍ଟରରେ ମୃତ୍ୟୁ ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର

ନୂଆଦିଲ୍ଲୀ,୨।୮(ପି.ଟି.)

ଦିଲ୍ଲୀର ଓଲ୍ଡ ରାଜେନ୍ଦ୍ର ନଗରସ୍ଥିତ କୋଚିଂ ସେଣ୍ଟରର ବେସ୍‌ମେଣ୍ଟରେ ପାଣି ପଶି ୩ ଜଣ ଆଇଏଏସ୍ ଆଶାୟୀଙ୍କ ମୃତ୍ୟୁ ହୋଇଥିଲା। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏହି ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଛନ୍ତି। ସିବିଆଇ ତଦନ୍ତର ତଦାରଖ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରିବା ନିମନ୍ତେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଚିଂ ସେଣ୍ଟରରେ ପାଣି ପଶିବା ଘଟଣାରେ ପୋଲିସ ଓ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଛାତ୍ରୀଛାତ୍ରମାନେ କିପରି କୋଚିଂ ସେଣ୍ଟରରୁ ବାହାରି ନ ପାରିଲେ, ତାହା ଖୋଜି ବାହାର କରିବାରେ ସେମାନେ ବିଫଳ ହୋଇଥିବା ଖଣ୍ଡପୀଠ କହିଛନ୍ତି। ଉକ୍ତ ଅଞ୍ଚଳରେ ଡ୍ରେନ୍‌ଗୁଡ଼ିକ କାର୍ଯ୍ୟ କରୁ ନ ଥିବା ସମ୍ପର୍କରେ କମିଶନରଙ୍କୁ ଜଣାଯାଇ ନ ଥିଲା କାହିଁକି ବୋଲି ଏମ୍‌ସିଡି ଅଧିକାରୀଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପୋଲିସ୍‌କୁ ତାଚ୍ଛଲ୍ୟ କରି ଅଦାଲତ କହିଥିଲେ, ସେହି ରାସ୍ତା ଦେଇ ଏସ୍‌ୟୁଭି ଚଳାଇ ଯାଇଥିବା ଡ୍ରାଇଭରଙ୍କୁ ଯେପରି ଗିରଫ କଲ, ବେସ୍‌ମେଣ୍ଟରେ ପଶିଥିବା ବର୍ଷାଜଳର ତୁମେ ଚାଲାଣ କାଟିନାହଁ। ସୂଚନାଯୋଗ୍ୟ, ଡ୍ରାଇଭର ମନୁଜ କାଠୁରିଆ ଏସ୍‌ୟୁଭି ଚଳାଇଯିବାରୁ ଗେଟ୍ ଖୋଲିଯାଇ ବର୍ଷା ଓ ଡ୍ରେନ୍ ପାଣି କୋଚିଂ ସେଣ୍ଟର ବେସ୍‌ମେଣ୍ଟରେ ପଶିଥିବା ଅଭିଯୋଗ ହୋଇଥିଲା।

## ଏସ୍ଆଇଟି ତଦନ୍ତ ଆବେଦନ ଖାରଜ

ନୂଆଦିଲ୍ଲୀ,୨।୮(ପି.ଟି.)

### ଇଲେକ୍ଟୋରାଲ ବଣ୍ଡ୍ ଯୋଜନା

ଅଦାଲତଙ୍କ ତତ୍ତ୍ୱାବଧାନରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଇବା ପାଇଁ ହୋଇଥିବା ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ମାମଲା ସହ ସମ୍ପୃକ୍ତ ନ ଥିବା ପ୍ରସଙ୍ଗରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଚାନ୍ଦା ଦେଇଥିବା ବ୍ୟକ୍ତି ବା ସଂସ୍ଥା ଏହା ବଦଳରେ ଫାଇଦା ପାଇଥିବା ଅଭିଯୋଗ ଉପରେ ଖଣ୍ଡପୀଠ କହିଥିଲେ, ଏହା ଅନୁମାନ ଉପରେ ପର୍ଯ୍ୟବସିତ। ଆବେଦନକାରୀମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଆଇନରେ ଉପଲବ୍ଧ ଅନ୍ୟ ପ୍ରତିକାର ବ୍ୟବସ୍ଥାର ସୁଯୋଗ ନେଇନାହାନ୍ତି। ତେଣୁ ବର୍ତ୍ତମାନ ସ୍ଥିତିରେ ଏଥିରେ ହସ୍ତକ୍ଷେପ କରିବା ଅପରିପକ୍ୱ ଏବଂ ଅନୁପଯୁକ୍ତ ହେବ ବୋଲି ଖଣ୍ଡପୀଠ କହିଥିଲେ।

ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ, ନାଗରିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସେମାନେ ସିଧାସଳଖ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ। ତେବେ ଆପରାଧିକ କାର୍ଯ୍ୟ ସହ ସମ୍ପୃକ୍ତ ମାମଲାଗୁଡ଼ିକ ଅନୁଚ୍ଛେଦ ୩୨ ଅଧୀନରେ ଆସୁନାହିଁ। ଏଥିପାଇଁ ଆଇନରେ ସମାଧାନ ଉପଲବ୍ଧ ଥିଲା ବୋଲି ଅଦାଲତ କହିଛନ୍ତି।

## ହାରିସ୍‌ଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କଲେ ଡେମୋକ୍ରାଟ୍‌ସ

ୱାଶିଂଟନ,୨।୮



କମଲା ହାରିସ୍

ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍ ଆନୁଷ୍ଠାନିକ ଭାବେ ଡେମୋକ୍ରାଟିକ୍ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଏଥିସହ ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ଦଳର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ହାରିସ୍ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ପଷ୍ଟ ହୋଇଛି। ୫ ଦିନ ଧରି ଚାଲିଥିବା ଇଲେକ୍ଟ୍ରୋନିକ୍ ମତଦାନ ପ୍ରକ୍ରିୟାରେ ପ୍ରାୟ ୪ ହଜାର ଡେମୋକ୍ରାଟିକ୍ କନ୍‌ଭେନ୍‌ଶନ ପ୍ରତିନିଧି ଭୋଟ ଦେଇଥିବାବେଳେ ହାରିସ୍ ଜଣେମାତ୍ର ପ୍ରାର୍ଥୀ ଥିଲେ। ସେ ନିର୍ବିରୋଧ ଭାବେ ଶାସକ ଦଳରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ଶିକାଗୋରେ ଚଳିତ ମାସରେ ହେବାକୁ ଥିବା ଏକ କନ୍‌ଭେନଶନରେ ତାଙ୍କ ପ୍ରାର୍ଥିତ୍ୱ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଏନେଇ ୫୯ ବର୍ଷୀୟା ହାରିସ୍ ଖୁସିବ୍ୟକ୍ତ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିବା କହିଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଶାରୀରିକ ଅକ୍ଷମତା ଓ ମତିଭ୍ରମ ପାଇଁ ଜୁଲାଇ ୨୧ରେ ରାଷ୍ଟ୍ରପତି ପ୍ରାର୍ଥିତ୍ୱରୁ ଓହରିଯାଇଥିଲେ। ଏଥିସହ ସେ ହାରିସ୍‌ଙ୍କୁ ସମର୍ଥନ ଜଣାଇଥିଲେ।

## ଚାଇଲ୍ଡ ଶେଲ୍ଟରରେ ୧୩ ପିଲାଙ୍କ ମୃତ୍ୟୁ: ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨।୮

ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଆଶା କିରଣ ଶେଲ୍ଟର ହୋମ୍‌ରେ ଗତ ୨୦ ଦିନ ମଧ୍ୟରେ ୧୩ ଜଣ ପିଲାଙ୍କର ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ଘଟିଲାଣି। ଏହାର ତଦନ୍ତ ଜଣେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଦିଲ୍ଲୀ ମନ୍ତ୍ରୀ ଆତିଶୀ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ କରାଇ ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଶେଲ୍ଟର ହୋମ୍‌ରେ ଚଳିତବର୍ଷ ଜାନୁଆରୀରୁ ଇତିମଧ୍ୟରେ ୨୭ ଜଣ ପ୍ରାଣ ହରାଇଲେଣି। ପିଲାମାନଙ୍କୁ ଅବହେଳା କରାଯିବା ଏବଂ ସେଠାରେ ରହିବା ପାଇଁ ନିମ୍ନମାନର ସ୍ଥିତି ନିମନ୍ତେ ଏତେ ସଂଖ୍ୟାରେ ପିଲାଙ୍କ ଜୀବନ ଯାଇଥିବା ଭାଜପା ଅଭିଯୋଗ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଗତବର୍ଷ ତୁଳନାରେ ଚଳିତବର୍ଷ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ। ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସ୍‌ଡିଏମ୍ କହିଛନ୍ତି। ଉକ୍ତ ରିପୋର୍ଟ ପରେ ପିଲାମାନଙ୍କୁ ଯୋଗାଇଦିଆଯାଉଥିବା ପାନୀୟ ଜଳର ମାନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଶେଲ୍ଟର ହୋମ୍‌କୁ ଏକ ଫ୍ୟାକ୍ଟ-ଫାଇଣ୍ଡିଂ ଟିମ୍ ପଠାଇଥିବାବେଳେ ଅବହେଳା ଅଭିଯୋଗ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାରଙ୍କୁ ସମାଲୋଚନା କରିଛି। ଆଶା କିରଣ ଶେଲ୍ଟର ହୋମ୍ ବହୁ ବର୍ଷ ହେଲା ସବୁ ଆଶା ହରାଇଥିବା ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷ ରେଖା ଶର୍ମା କହିଛନ୍ତି।

## ‘ଚକ୍ରବ୍ୟୂହ’ ବକ୍ତବ୍ୟରୁ ଇଡିର ଚଢ଼ାଉ ଯୋଜନା

### ତଦନ୍ତକାରୀ ସଂସ୍ଥା ଆସିଲେ ଚା, ବିସ୍କୁଟ ଖୁଆଇବି: ରାହୁଲ

ନୂଆଦିଲ୍ଲୀ,୨।୮



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ‘ଚକ୍ରବ୍ୟୂହ’ ବକ୍ତବ୍ୟ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ଚଢ଼ାଉ କରିବା ପାଇଁ ଯୋଜନା ଚଳାଇଛି। ରାହୁଲ ଶୁକ୍ରବାର ସକାଳେ ଏପରି ଦାବିକରି ଚହଳ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷେ ୱାୟନାଡ୍ ଭୂସ୍ଖଳନ ପରେ ସ୍ଥାନୀୟ ଏମ୍‌ପି ଭାବେ ଉତ୍ତରଦାୟିତ୍ୱରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ରାହୁଲ ଏଭଳି କଥା କହୁଥିବା ଭାଜପା ସମାଲୋଚନା କରିଛି।

ରାହୁଲ ଏକ୍ସ’ରେ ଉଲ୍ଲେଖ କରିଛନ୍ତି, ତାଙ୍କ ଚକ୍ରବ୍ୟୂହ ବକ୍ତବ୍ୟକୁ ୨ ଜଣରୁ ଜଣଙ୍କୁ ପସନ୍ଦ ଆସିନାହିଁ। ତାଙ୍କ ବିରୋଧରେ ଇଡି ଚଢ଼ାଉ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ତଦନ୍ତକାରୀ ସଂସ୍ଥାର ଭିତିରି ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କୁ ଖୋଲା ହୃଦୟରେ ଅପେକ୍ଷା କରିଛନ୍ତି। ଆସିଲେ ଚା’ ଓ ବିସ୍କୁଟ୍ ଖୁଆଇବେ ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଇତିମଧ୍ୟରେ ଭାଜପା ସରକାର ବିରୋଧୀଙ୍କୁ ରାଜନୈତିକ ସ୍ତରରେ ହଇରାଣ କରିବା ପାଇଁ ଇଡି, ସିବିଆଇ ଏବଂ ଆୟକର ବିଭାଗ ଭଳି ଏଜେନ୍ସିର ଦୁରୁପଯୋଗ କରୁଥିବା କଂଗ୍ରେସ ଏମ୍‌ପି ମାନିକମ୍ ଟେଗୋର ସମାଲୋଚନା କରିଛନ୍ତି। ଏହା ଉପରେ ଏକ ମୁଲତବୀ ପ୍ରସ୍ତାବ ଆଣିବା ପାଇଁ ସେ ନୋଟିସ ଦାଖଲ କରିଛନ୍ତି। ଲୋକ ସଭାରେ ଭାଜପାର ଆସନ ସଂଖ୍ୟା ୩୦୩ରୁ ୨୪୦କୁ ଖସିବା ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଉପରେ ନିର୍ଭରଶୀଳ ହେବା ସତ୍ତ୍ୱେ ସରକାର ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକୁ ଜଳାଞ୍ଜଳି ଦେଇ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଭୟଭୀତ କରାଇବା ପାଇଁ ଏଭଳି ଏଜେନ୍ସିଗୁଡ଼ିକୁ ନିୟୋଜିତ କରୁଛନ୍ତି। କ୍ଷମତାର ଏଭଳି ଦୁରୁପଯୋଗ ଅଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଅଖଣ୍ଡତା ଉପରେ ବିପଦ ସୃଷ୍ଟି କରୁଛି ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ଅଭିଯୋଗକୁ ଅନେକ ବିରୋଧୀ ନେତା ସମର୍ଥନ କରିଛନ୍ତି। ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟିର ନାଗୌର ଏମ୍‌ପି ହନୁମାନ ରାମଦେବ ବେନିୱାଲ କହିଛନ୍ତି, ରାହୁଲଙ୍କ କଥା ସତ। କେନ୍ଦ୍ର ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ସ୍ୱାଧୀନ ଏମ୍‌ପି ପପୁ ଯାଦବ କହିଛନ୍ତି, ସରକାର ଏବଂ ଇଡିର ପ୍ରବୃତ୍ତି ହେଉଛି ଲୋକଙ୍କୁ ଭୟଭୀତ କରିବା। କିନ୍ତୁ ରାହୁଲଙ୍କ ମନରେ ଟିକେ ହେଲେ ଭୟ ନାହିଁ। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏମ୍‌ପି ସଞ୍ଜୟ ସିଂ କହିଛନ୍ତି, ରାହୁଲ ପାର୍ଲାମେଣ୍ଟ ଭିତରେ ସରକାରଙ୍କ ମୁଖା ଖୋଲୁଥିବାରୁ ତାଙ୍କ ବିରୋଧରେ ଇଡି, ସିବିଆଇକୁ ଲଗାଯାଉଛି। ବିରୋଧୀଙ୍କ କଣ୍ଠରୋଧ ଏବଂ ସରକାରଗୁଡ଼ିକର ପତନ ଘଟାଇବା ପାଇଁ ଇଡି, ସିବିଆଇ କାର୍ଯ୍ୟ କରୁଛନ୍ତି। ସମୟ ବଦଳିଗଲାଣି। ଭାଜପା ୨୪୦କୁ ଖସିଆସିଲାଣି। ଏହି ଧାରା ଜାରି ରହିଲେ ସେମାନେ ୨୪କୁ ଖସିଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକଥା ଜାଣି ରଖିବା ଉଚିତ ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପକ୍ଷେ ରାହୁଲଙ୍କ ଦାବି ଉପରେ ଜବାବ ରଖିବାକୁ ଯାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, କଂଗ୍ରେସର ପୂର୍ବତନ ଅଧ୍ୟକ୍ଷଙ୍କ ଆଗରେ ଲୋକେ ତାଙ୍କ ଉତ୍ତରଦାୟିତ୍ୱ ପ୍ରସଙ୍ଗ ଉଠାଇଥିବାରୁ ସେ ଏଭଳି କଥା କହି ସେଥିରୁ ଧ୍ୟାନ ହଟାଇବାକୁ ଯୋଜନା କରିଥିବା ରାଜୀବ କହିଛନ୍ତି।

### କ’ଣ କହିଥିଲେ ରାହୁଲ

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ବଜେଟ ୨୦୨୪-୨୫ ବିତର୍କରେ ଭାଗନେଇ କହିଥିଲେ, ଇଣ୍ଡିଆ ବ୍ଲକ୍ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ସହ ଜାତିଗତ ଜନଗଣନା କରାଇବ। ଅନେକ ହଜାର ବର୍ଷ ପୂର୍ବେ ହରିୟାଣାର କୁରୁକ୍ଷେତ୍ରରେ ୬ ଜଣ ବ୍ୟକ୍ତି ଚକ୍ରବ୍ୟୂହରେ ଫସାଇ ଯୁବକ ‘ଅଭିମନ୍ୟୁ’ଙ୍କୁ ହତ୍ୟା କରିଥିଲେ। ଚକ୍ରବ୍ୟୂହରେ ହିଂସା ଓ ଭୟ ରହିଥାଏ। ଚକ୍ରବ୍ୟୂହକୁ ପଦ୍ମବ୍ୟୂହ ବୋଲି ମଧ୍ୟ କୁହାଯାଇଥାଏ ବୋଲି ରାହୁଲ କହିଥିଲେ। ଏହା ଉପରେ ଭାଜପା ଏମ୍‌ପି ଅନୁରାଗ ଠାକୁର କହିଥିଲେ, ଦେଶ ପାଇଁ କଂଗ୍ରେସ ପ୍ରଥମେ ଦେଶ ବିଭାଜନ, ଦ୍ୱିତୀୟରେ ଚାଇନାକୁ ଉପହାର, ତୃତୀୟରେ ଏମର୍ଜେନ୍ସି, ଚତୁର୍ଥରେ ବୋଫର୍ସ ଦୁର୍ନୀତି ଭଳି ଅନେକ ଚକ୍ରବ୍ୟୂହ ବିଛାଇଥିଲା। କଂଗ୍ରେସର ଚକ୍ରବ୍ୟୂହରୁ ପ୍ରଧାନମନ୍ତ୍ରୀ ମୋଦି ଦେଶକୁ ମୁକ୍ତ କରିଛନ୍ତି।

## ଉଦ୍ଧାର କାର୍ଯ୍ୟରେ ପାଗ ପ୍ରତିବନ୍ଧକ



### ୱାୟନାଡ୍ ଭୂସ୍ଖଳନ
### ୩୦୮ ମୃତ, ୩୦୦ ନିଖୋଜ

ସେନାର ସନ୍ଧାନୀ କୁକୁର ସହାୟତାରେ ନିଖୋଜ ଲୋକଙ୍କୁ ଠାବ ପାଇଁ ଉଦ୍ୟମ ଚାଲିଛି।

ଥିରୁଭାନନ୍ତପୁରମ୍,୨।୮

### ୪ ଜଣଙ୍କୁ ଜୀବନ୍ତ ଉଦ୍ଧାରକଲେ ସେନା ଯବାନ

କେରଳର ୱାୟନାଡ୍ ଜିଲାରେ ହୋଇଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୩୦୮ରେ ପହଞ୍ଚିଛି। ଚତୁର୍ଥ ଦିନରେ ସେନା ଯବାନମାନେ ଭୂସ୍ଖଳନ ସ୍ଥଳରୁ ୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଛନ୍ତି। ପ୍ରତିରକ୍ଷା ବିଭାଗ ଜନସମ୍ପର୍କ ଅଧିକାରୀଙ୍କ ସୂଚନା ଅନୁଯାୟୀ ଭେଲାରିମାଳାର ଜନ୍ କେ.ଜେ, ଜୋମୋଲ ଜନ୍, କ୍ରିଷ୍ଟିନ୍ ଜନ୍ ଏବଂ ଆବ୍ରାହାମ୍ ଜନ୍‌ଙ୍କୁ ନିରାପଦର ସହ ଉଦ୍ଧାର କରାଯାଇ ନିକଟବର୍ତ୍ତୀ ରିଲିଫ୍ କ୍ୟାମ୍ପକୁ ନିଆଯାଇଛି। ପ୍ରଥମେ ଏହି ପରିବାରକୁ ହେଲିକପ୍ଟର ଯୋଗେ ଅନ୍ୟତ୍ର ନେବା ପାଇଁ ଯୋଜନା ହୋଇଥିଲା। ତେବେ ନିରାପଦ ରୁଟ୍‌ରେ ସେମାନେ ରିଲିଫ୍ କ୍ୟାମ୍ପକୁ ଯିବାକୁ ରାଜି ହୋଇଥିଲେ।

ଏବେ ମଧ୍ୟ ପ୍ରାୟ ୩୦୦ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ସ୍ଥଳସେନା, ନୌସେନା, ତଟସୁରକ୍ଷା ବାହିନୀ, ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବାବେଳେ ତାମିଲନାଡୁରୁ ଆଉ ୪ଟି ତାଲିମପ୍ରାପ୍ତ କୁକୁରକୁ ମଧ୍ୟ ରେସ୍କ୍ୟୁ ଅପରେଶନରେ ସାମିଲ କରାଯାଇଛି। ଏଥିସହିତ ପ୍ରତି ଟିମ୍‌ରେ ସ୍ଥାନୀୟ ଅଞ୍ଚଳର ୩ ଜଣ ଏବଂ ଜଣେ ବନ କର୍ମଚାରୀଙ୍କୁ ନିଆଯାଇଛି। ତେବେ ପ୍ରତିକୂଳ ପାଗ, ରାସ୍ତାଘାଟ ଓ ବ୍ରିଜ୍ ନଷ୍ଟ ହୋଇଥିବାରୁ ଠିକଣା ସ୍ଥଳରେ ପହଞ୍ଚିବାରେ ସମସ୍ୟା ଏବଂ ଆବଶ୍ୟକ ଉପକରଣର ଅଭାବ ଯୋଗୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଲାଗି ରହିଥିବା ସତ୍ତ୍ୱେ ୪୦ଟି ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ଉଦ୍ଧାର ହେଉଥିବା ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ୱାୟନାଡ୍‌ର ହସ୍ପିଟାଲଗୁଡ଼ିକରେ ଆଇସିୟୁ ପ୍ରସ୍ତୁତ ରଖାଯାଇଥିବା କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। ଏଥିସହି ମଞ୍ଜେରୀ ମେଡିକାଲ କଲେଜ ଏବଂ କୋଝିକୋଡ୍ ମେଡିକାଲ କଲେଜ ସମେତ ଅନ୍ୟ ହସ୍ପିଟାଲରେ ପହଞ୍ଚାଇବା ପାଇଁ ହେଲିକପ୍ଟର ବ୍ୟବସ୍ଥା ମଧ୍ୟ ରହିଛି। ଶୁକ୍ରବାର ସୁଦ୍ଧା ୧୯୯ ମୃତଦେହର ବ୍ୟବଚ୍ଛେଦ ସରିଥିବାବେଳେ ୧୩୦ଟିର ଡିଏନ୍ଏ ନମୁନା ନିଆଯାଇଛି। ନିଖୋଜ ବ୍ୟକ୍ତିମାନଙ୍କ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍ ଜିପିଏସ୍ ଏବଂ ଡ୍ରୋନ୍ ଫଟୋର ସହାୟତା ନେଉଛି। ସେନା ୧୯୦ ଫୁଟ୍ ଲମ୍ବ ବେଲି ବ୍ରିଜ୍ ନିର୍ମାଣ କରିଥିବାରୁ ଉଦ୍ଧାର କାର୍ଯ୍ୟ ସହଜ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଷ ଦିନରେ ନିବେଶକ ହରାଇଲେ ୫ଲକ୍ଷ କୋଟି

**ନୂଆଦିଲ୍ଲୀ,୨।୮**

ଘରୋଇ ଶେୟାର ବଜାର କାରବାରର ଶେଷ ଦିନରେ ନିବେଶକ ୫ ଲକ୍ଷ କୋଟିରୁ ଅଧିକ ପରିମାଣର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜିବଜାରରେ କ୍ଷତି ପରିମାଣ ୪୫୬.୨୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ପୁଞ୍ଜିବଜାରର ପରିମାଣ ବା ପୂର୍ବ କାର୍ଯ୍ୟ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୬୧.୬୨ ଲକ୍ଷ କୋଟି ଥିଲା। ଏପରିକି ଶୁକ୍ରବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୫.୪୨ ଲକ୍ଷ କୋଟି ହ୍ରାସ ପାଇ ୪୫୬.୨୦ ଲକ୍ଷ କୋଟିରେ ରହିଛି। ଉଲ୍ଲେଖଯୋଗ୍ୟ, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ନିଫ୍ଟିରେ



କାରବାର ମାନ୍ଦା ସହ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ୟୁଏସ୍ ଫେଡେରାଲର ପ୍ରଭାବରେ ଘରୋଇ ଶେୟାର ବଜାର ଏକ ବଡ ଧରଣର କ୍ଷତିରେ ସମ୍ମୁଖୀନ ହୋଇଛି। କାରଣ କ୍ରମାଗତ ୫ ଦିନ ଏବଂ ଚଳିତ ସପ୍ତାହର ଲଗାତର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ବେଶ୍ ଉତ୍ସାହଜନକ ରହିଥିଲାବେଳେ ଶେୟାର ବଜାର କାରବାରର ଶେଷ ଦିନ ନିବେଶକଙ୍କୁ ନିରାଶ କରିଛି। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସ ୧.୦୮% ଏବଂ ଏନ୍ଏସ୍ଇ ନିଫ୍ଟି ୧.୧୭%ର କାରବାର ହ୍ରାସ ପାଇଥିବାବେଳେ ବିଏସ୍ଇ ୩୦ ବିଶିଷ୍ଟ ସେନ୍‌ସେକ୍ସ ପ୍ରାୟ ୯୦୦ ( ୮୮୫.୬୦) ପଏଣ୍ଟ କମି ୮୧,୦୦୦ ( ୮୦,୯୮୧.୯୫ ଅଙ୍କ) ଅଙ୍କରେ ରହିଥିଲାବେଳେ ଏନ୍ଏସ୍ଇ ନିଫ୍ଟି-୫୦ର କାରବାର ପ୍ରାୟ ୩୦୦ (୨୯୩.୨୦ ଅଙ୍କ) ହ୍ରାସ ପାଇ ୨୫,୦୦୦ (୨୪,୭୧୭.୭୦ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି। ସେହିଭଳି ମାରୁତି ସୁଜିକି, ଟାଟା ମୋଟର୍ସ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଲ୍ ଆଣ୍ଡ ଟି, ଟାଟା ଷ୍ଟିଲ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟିସିଏସ୍, ଏଚ୍‌ସିଏଲ୍ ଏବଂ ଇନ୍‌ଫୋସିସ୍ ଭଳି ପ୍ରମୁଖ ନିବେଶକ କ୍ଷତି ସହିଥିଲା ବେଳେ ଘରୋଇ ବ୍ୟାଙ୍କ, ଧାତୁ ଶିଳ୍ପ ଏବଂ ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡିକ କିଛି ମାତ୍ରାରେ ଲାଭବାନ୍ ହୋଇଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

ଘରୋଇ ଶେୟାର ବଜାରର ଶେଷ କାରବାର ଦିବସରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୮୮୬ (୮୮୫.୯୫) ପଏଣ୍ଟ କମି ୮୦,୯୮୨ (୮୦,୯୮୧.୯୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୯୩ (୨୯୩.୨୦) ପଏଣ୍ଟ ହ୍ରାସ ଘଟି ୨୪,୭୧୮(୨୪,୭୧୭.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିଜିୟୁର ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨।୮**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ), ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ନବାଗତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବିବିଏ, ବି.କମ୍ ଓ ଏମ୍.କମ୍‌ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦୁଇଟି ଅଧିବେଶନ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ କାର୍ଯ୍ୟକ୍ରମରେ ଡ. ସୁଧାଂଶୁ ଷଡ଼ଙ୍ଗୀ (ଆଇପିଏସ୍, ଡିଜି ଫାୟାର ଆଣ୍ଡ ଏମର୍ଜେନ୍ସି ସର୍ଭିସେସ୍, କମାଣ୍ଡାଣ୍ଟ ଜେନେରାଲ, ହୋମ୍ ଗାର୍ଡ୍ସ ଆଣ୍ଡ ଡାଇରେକ୍ଟର, ସିଭିଲ ଡିଫେନ୍ସ, ଓଡ଼ିଶା) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ସୌରଜିତ କର (ଜୋନାଲ ମୁଖ୍ୟ ନାଏରା ଏନର୍ଜି) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଡ. ଷଡ଼ଙ୍ଗୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍ ଉପରେ ସମ୍ବୋଧିତ କରିଥିଲେ। ସେହିପରି ସ୍କୁଲ ଅଫ୍ କମର୍ସ କାର୍ଯ୍ୟକ୍ରମରେ ସିଏ ରାଜୀବ ଶେଖର ସାହୁ (ପ୍ରିନ୍ସିପାଲ ପାର୍ଟନର ଏସ୍‌ଆର୍‌ବି ଆଣ୍ଡ ଆସୋସିଏଟ୍ସ) ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଣିଜ୍ୟ,ଆର୍ଥିକ ସାକ୍ଷରତା ଓ ରୋଜଗାର ଅନ୍ତର୍ଗତ ବିପଦ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ, ଉଭୟ କାର୍ଯ୍ୟକ୍ରମରେ ବିଜିୟୁ କୁଳପତି ପ୍ରଫେସର ପି.ପି . ମାଥୁର, ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ଓ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ଡ. ପରମେଶ୍ୱର ନାୟକ ଏବଂ ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ସାମସନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜିୟୁର ବିଭିନ୍ନ ବିଭାଗର ଡିନ୍, ଫାକଲ୍ଟି ସଦସ୍ୟ, ଅଭିଭାବକ ଏବଂ ବିବିଏ, ବି.କମ୍ ଓ ଏମ୍.କମ୍ ପାଠ୍ୟକ୍ରମରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ଟାଟା ଷ୍ଟିଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨।୮**

ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ ଫଳାଫଳ ଓ କାରବାର ସହିତ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ଏହି ସମୟ ମଧ୍ୟରେ ୫୪,୭୭୧ କୋଟି ଟଙ୍କାର ରାଜସ୍ୱ ଏବଂ ୬୮୨୨ କୋଟି ଟଙ୍କାର ଇବିଆଇଟିଡିଏ ହାସଲ କରିଛି। ବିଶେଷକରି ଏହାର ଇବିଆଇଟିଡିଏ ମାର୍ଜିନ୍ ୧୨.୫% ରହିଥିଲାବେଳେ କମ୍ପାନୀର ନିଟ୍ ଲାଭ ୭୫% ବୃଦ୍ଧି ପାଇ ୯୧୯ କୋଟି ଟଙ୍କା ହୋଇଛି। ସେହିଭଳି ଏହି ତ୍ରୈମାସିକରେ କମ୍ପାନୀ ୩୭୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଥିବାବେଳେ କଳିଙ୍ଗନଗରଠାରେ ୫ଏମ୍‌ଟିପିଏ ବିଶିଷ୍ଟ ସମ୍ପ୍ରସାରଣକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିଛି ଏବଂ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ବ୍ଲାଷ୍ଟ ଫର୍ନେସ୍‌କୁ କାର୍ଯ୍ୟକାରୀ କରିବା ପଥରେ ଅଗ୍ରଗତି ହାସଲ କରିଛି। ଏପରିକି କମ୍ପାନୀର ନିଟ୍ ଋଣ ପରିମାଣ ୮୨,୧୬୨ କୋଟି ଟଙ୍କା ରହିଥିବା ବେଳେ ଗ୍ରୁପ୍ ପାଖରେ ନଗଦ ପରିମାଣ ୩୬,୪୬୦ କୋଟି ଟଙ୍କା ରହିଛି। ସେହିପରି ଟାଟା ଷ୍ଟିଲ୍‌ର ଭାରତ ରାଜସ୍ୱ ପରିମାଣ ୩୩,୧୯୪ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭୦୨୯ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମାର୍ଜିନ୍ ୨୧% ରହିଛି। ଏପରିକି କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ୫% ବୃଦ୍ଧି ପାଇ ୫.୨୭ନିୟୁତ ଟନ୍ ଏବଂ ଡେଲିଭରି ୪% ବୃଦ୍ଧି ପାଇ ୪.୯୪ ନିୟୁତ ଟନ୍ ହୋଇଛି।

# ସେବାକୁ ସମ୍ମାନ ଜଣାଇଲା ଟାଲି ସଲ୍ୟୁଶନ




**ଭୁବନେଶ୍ୱର,୨।୮**

ଟାଲି ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍ (ଟାଲି ସଲ୍ୟୁଶନ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଟ୍ୟାକ୍ସ ଆଣ୍ଡ ଆକାଉଣ୍ଟିଂ ଟାଇଟନ୍ସ' ଭୁବନେଶ୍ୱରର ଏକ ଘରୋଇ ହୋଟେଲଠାରେ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରର ଟ୍ୟାକ୍ସ ଆଣ୍ଡ ଆକାଉଣ୍ଟିଂ କମ୍ୟୁନିଟିର ଦକ୍ଷ, ଅଭିଜ୍ଞ ଓ ଟେକ୍ନୋଲୋଜିରେ ବ୍ୟାପକ ପ୍ରସାର ସହିତ ଘରୋଇ ବଜାରର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଟାଲି ସଲ୍ୟୁଶନର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର ତଥା ଦେଶର ପ୍ରଥମ ପ୍ରତିଭା ଅନ୍ୱେଷଣ ଓ ସମ୍ମାନ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଜିଏସ୍‌ଟିର ପୂର୍ବତନ ସ୍ୱତନ୍ତ୍ର କମିଶନର ଆନନ୍ଦ ଶତପଥୀ, ସିଏ ତରୁଣ କୁମାର ଅଗ୍ରୱାଲ ଏବଂ ୟୁସିସିଆଇର ଉପସଭାପତି ଡ. ସଞ୍ଜୀବ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ରାଜ୍ୟ ଓ କେନ୍ଦ୍ରର ଜିଏସ୍‌ଟି ସମ୍ପର୍କିତ ବିଭିନ୍ନ ବିଷୟ ଓ ଦିଗ ପ୍ରତି ବିସ୍ତୃତ ଆଲୋଚନା ସହ ଜିଏସ୍‌ଟିର କାର୍ଯ୍ୟକାରିତାକୁ ଜିଏସ୍‌ଟିପିମାନେ ସୁଚାରୁରୂପେ ପାଳନ ସହ କାର୍ଯ୍ୟକାରୀ କରିବାରେ ଦକ୍ଷତାର ପରିଚୟ ମଧ୍ୟ ଦେଇଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଏସ୍‌ଟି, ଆକାଉଣ୍ଟାନ୍ସ, ଟ୍ୟାକ୍ସ ଆଡଭୋକେଟ୍ ଭଳି ପ୍ରମୁଖ ବୃତ୍ତିରେ ଦକ୍ଷତା ପ୍ରତିପାଦନ କରିଥିବା ୧୪ଜଣ ଅଭିଜ୍ଞ ଓ ଦକ୍ଷ ବ୍ୟକ୍ତିବିଶେଷଙ୍କୁ ଟାଲି ପକ୍ଷରୁ ଅତିଥିମାନେ ସମ୍ମାନିତ କରିଥିଲେ। ବିଶେଷକରି ଶିଳ୍ପର ପ୍ରସାର ଓ ଆବଶ୍ୟକ ସେବା ଯୋଗାଇ ଆସୁଥିବା ବୃତ୍ତିଧାରୀଙ୍କୁ ପ୍ରଥମ ଥର ପାଇଁ ଟ୍ୟାକ୍ସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତିଭାଙ୍କ ସେବାକୁ ଟାଲି ସଲ୍ୟୁଶନ ସମ୍ମାନ ଜଣାଇଛି।

# ଖାଦ୍ୟ ଅପମିଶ୍ରଣ ଜାଣିବା ପାଇଁ ପତଞ୍ଜଳିର ଗବେଷଣା

**ଭୁବନେଶ୍ୱର,୨।୮ (ଅନୁରାଧା ମହାରଣା)**

PATANJALI
PATANJALI FOODS LIMITED
(Formerly known as Ruchi Soya Industries Limited)

ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ତଥା କୃଷିକ୍ଷେତ୍ରରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଖାଦ୍ୟପଦାର୍ଥରେ ପୌଷ୍ଟିକ ତତ୍ତ୍ୱ କମୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେବେ ଖାଦ୍ୟପଦାର୍ଥର ଶୁଦ୍ଧତା ପରୀକ୍ଷା କରିବା ପାଇଁ ପତଞ୍ଜଳି ପକ୍ଷରୁ ଏକ ଗବେଷଣା କରାଯାଇଛି। ଏକ ପ୍ରକ୍ରିୟା ଦ୍ୱାରା ଗ୍ରାହକମାନେ ନିଜେ ଖାଦ୍ୟର ମାନ ସମ୍ପର୍କରେ ସୂଚନା ପାଇପାରିବେ ବୋଲି ପତଞ୍ଜଳି ଦାବୀ କରିଛି। ସେହିପରି ଏହି ଗବେଣୋ ପ୍ରସିଦ୍ଧ ରିସର୍ଚ୍ଚ ଜର୍ନାଲ୍ 'ମାଇକ୍ରୋ କେମିକାଲ' ଜର୍ନାଲରେ ପ୍ରକାଶ ପାଇଛି। ଏ ଅବସରରେ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ପତଞ୍ଜଳି ସର୍ବଦା ଉନ୍ନତ ମାନର ଖାଦ୍ୟ ପଦାର୍ଥ ଗ୍ରାହକଙ୍କୁ ଯୋଗାଇବାକୁ ପ୍ରୟାସ କରିଆସୁଛି। ମାତ୍ର ବର୍ତ୍ତମାନ ଗ୍ରାହକ ଯେକୌଣସି କମ୍ପାନୀର ଖାଦ ପଦାର୍ଥର ମାନ ଯାଞ୍ଚ କରିପାରିବେ। ଗ୍ରାହକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

# ଓସୋମ୍ ବୋବାସ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୨।୮**

ପ୍ରଥମ ଥର ପାଇଁ ଭୁବନେଶ୍ୱର (ଓଡ଼ିଶା) ବଜାରରେ ଅନ୍ତଃରାଷ୍ଟ୍ରୀୟ ଫୁଡ୍ ବ୍ରାଣ୍ଡ 'ବିଙ୍ଗସୁ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର କଳ୍ପନା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ଏହା ବିଙ୍ଗସୁର ପ୍ରଥମ ଆଉଟ୍‌ଲେଟ୍ ହୋଇଥିଲାବେଳେ ଏଠାରେ ସନି ମ୍ୟାଙ୍ଗୋ ବିଙ୍ଗସୁ, ଥାଇ ଟାଇ ବିଙ୍ଗସୁ, ଆରବିକା ଅନୋଖା ବିଙ୍ଗସୁ, ଓରିଓ ଓବେସନ୍ ବିଙ୍ଗସୁ ଭଳି ଅନେକ ପ୍ରକାର କୋରିଆନର ବିଙ୍ଗସୁ ମେନ୍ୟୁ ସାମିଲ ରହିଛି। ସେହିପରି ବବଲ୍ ଟି'ର ମିଲ୍କ ବେସ୍ ସିରିଜରେ ତାରୋ ତମସା, ମାଚା ମସ୍ତି, ଚକୋଲେଟ୍ ପାରାଡାଇଜ୍, ଥାଇ ଟ୍ୱିଷ୍ଟ, ଭେଲା ଭାନିଲା, ଫ୍ରୁଟ୍ ବେସ୍ ସିରିଜରେ ମ୍ୟାଙ୍ଗୋ ମ୍ୟାଜିକ୍, କୋକୋବେରୀ ପ, ପିନା କୋଲଡା ବ୍ଲାଷ୍ଟ, କାଶ୍ମୀର ରୋଜ୍ ରାନି, ବ୍ଲୁ ଅବତାର ଏବଂ କ୍ରାକିଂ ଚକୋଲେଟ୍ ବୋବାରେ ଚକୋ ଥଣ୍ଡର ଥାଇ, ମାଚା ବୁମ୍, କ୍ରାକିଂ କଫି, ଟଫିରେ ରେନ୍‌ବୋ ଜେଲି, ପଫିଂ ବୋବା, କଫି ଜେଲି ଓ କୋକୋନଟ୍ ଜେଲି ଭଳି ଅନେକ ପ୍ରକାର ବବଲ୍ ଟି ସାମିଲ ରହିଛି। ଏ ନେଇ ଓସୋମ୍ ବୋବାର ଆଉଟ୍‌ଲେଟ୍ ମୁଖ୍ୟ ଅଭିଜିତ୍ ରଥ କହିଛନ୍ତି, ଭୁବନେଶ୍ୱର ସ୍ମାର୍ଟ ସିଟି ହୋଇଛି। ଯୁବପିଢ଼ି ସବୁବେଳେ ନିଆରା ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହା ଖୋଲାଯାଇଛି। ଖାଦ୍ୟପ୍ରେମୀମାନେ ଏହାର ଲାଭ ନେଇପାରିବେ।


# Classified Everyday
**0674-2580101, 2549949**


**REAL ESTATE**
**SALE**

ଢେଙ୍କାନାଳ, କୋରିଆଁ ଛକସ୍ଥିତ ଜାତୀୟ ରାଜପଥ-୫୫କୁ ଲାଗି ୧୬ଗୁଣ୍ଠର ଏକ ଜାଗା ବିକ୍ରୟ ହେବ। ଇଚ୍ଛୁକ ବ୍ୟକ୍ତିମାନେ ଏହି No.ରେ ଯୋଗାଯୋଗ କରିବାକୁ ଅନୁରୋଧ। ୯୪୩୮୨୫୩୮୫୬, ୯୪୩୭୧୧୨୬୭୯. ଧ-୭୫୪୪୩

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**SC plot sale at Bagchi Cancer Hospital backside- 2000sqft.- 30,00,000. 6372753860.** D-75972

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

Gharabari ready-to-construct plot for sale near the North side of Dhobanala, Berhampur. The plot is 220 DCL with a boundary wall, Electricity and water supply. Genuine buyers may contact 9437062136 between 4 PM and 7PM only. D-913

**Plot for sale at Puri Konark Marine Drive (850/- per sqft.). Contact- 6371703010.** D-907

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-911




Newly open health benefits SPA special Offer @ 799 Bapujinagar. 8018429809. D-76140

**Relax, Refresh your body, mind at Saikrupa Spa with best therapies. 8984068077.** D-883

Kerala body Massage best Therapist Bhubaneswar. 9337672475. D-849

Newly open health benefits spa by expert therapist. Contact: 6371861658. D-76139

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit 02.08.2024 Executive Magistrate, Darpan, I Ratnabati Jena, W/o- Late Ram Chandra Jena, Vill- Kalasree, P.O.- Kalasree Gopalpur, P.S.- Balichandrapur, Dist.- Jajpur, do hereby solemnly affirm that my actual name is Ratnabati Jena and my actual Date of Birth is 01.03.1958. It is mentioned in my Aadhaar Card bearing No.-xxxx xxxx2798 as Rati Jena, W/o- Rama Chandra Jena and D.O.B dt 01.01.1952. That I do hereby declare that Ratnabati Jena, W/o- Rama Chandra Jena and Rati Jena, W/o- Rama Chandra Jena of Vill- Kalashree is one and same person. D-912

By virtue of an affidavit No. 2434, date 24.7.2024 the Executive Magistrate, Angul, I am Subhasmita Bhutia (38), W/o- Kuna Bhutia, Vill/P.O.-Kalamachhuin, P.S.-Gopal Prasad, Dist.-Angul hereby declaration have changed my name from "Subhasmita Bhutia" to "Sangita Rout". I shall be known as "Sangita Rout" for all purposes. D-917

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**LEGAL NOTICE**

ମହକମେ ଜିଲ୍ଲା ପାରିବାରିକ, ଅଦାଲତ, ବଲାଙ୍ଗୀର Order 5 rule-20 C.P.C. ସିଭିଲ ମୋକଦ୍ଦମା ନମ୍ବର ୭୬/୨୧
ବ୍ରାହ୍ମଣି ଦିପ ....ବାଦୀ
ବନାମ
ଅଭିଷେକ ଓରଫ ଲାଲୁ ଓରଫ ଲମ୍ବୋଦର ସେନାପତି .....ପ୍ରତିବାଦୀ

ଯେହେତୁ ବାଦୀ ଆପଣଙ୍କ ନାମରେ ବଲାଙ୍ଗୀର ପାରିବାରିକ ଅଦାଲତରେ ମୋକଦ୍ଦମା ଡାଏର କରିଛନ୍ତି। ବାରମ୍ବାର ନୋଟିସ କରିବା ସତ୍ତ୍ୱେ ଆପଣ ଉପରୋକ୍ତ ମୋକଦ୍ଦମାରେ ହାଜର ହେଉ ନ ଥିବାର ପ୍ରତୀତ ହେଉଅଛି। ଅତଏବ ଉକ୍ତ ମୋକଦ୍ଦମାରେ ଆସନ୍ତା ତା ୩୦।୦୮।୨୪ ଦିନ ୧୦.୩୦ ଘଣ୍ଟା ସମୟରେ ଧାର୍ଯ୍ୟ କରାଯାଇଅଛି।

ଏଣୁ ଉକ୍ତ ଦିନ ଆପଣ ସ୍ୱୟଂ କିମ୍ବା ଆପଣଙ୍କ ଓକିଲଙ୍କ ଜରିଆରେ ଆମ୍ଭ ଇଜିଲାସରେ ଉପସ୍ଥିତ ହେବେ ବୋଲି ଉକ୍ତ ମୋକଦ୍ଦମାରେ ଉତ୍ତର ଦେବା ସକାଶେ ଏହି ନୋଟିସ ଦିଆଯାଉଅଛି। ଆପଣ ଉପରୋକ୍ତ ତାରିଖରେ ହାଜର ନ ହେଲେ ଉକ୍ତ ମୋକଦ୍ଦମା ଏକତରଫା ବିଚାର କରାଯିବ।

ସ୍ୱା./- ପାରିବାରିକ ଅଦାଲତ, ବିଚାରପତି, ବଲାଙ୍ଗୀର
ଧ-୯୧୫

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ନିଶି ରଞ୍ଜନ କର (ମିଲୁ)**
ମଲାମାଛ, କାକଟପୁର
ଆବିର୍ଭାବ- ୧୬।୦୬।୮୪ । ତିରୋଧାନ- ୦୩।୦୮।୨୨

ସବୁରି ଭାଗ୍ୟରେ ଦୀର୍ଘାୟୁ
ଭଗବାନ କାହିଁକି ଲେଖି ନ ଥାନ୍ତି?
ଅମଉଳା ଫୁଲ ଥିଲୁ ତୁହି ଧନ,
ଅଦିନେ ମଉଳି ଗଲୁ,
ରାତିରେ ଫୁଟି ସକାଳରେ
ଗଙ୍ଗଶିଉଳି ଫୁଲ ପରି ଝଡ଼ି ପଡ଼ିଲୁ।
କୁଆଡ଼େ ଗଲୁରେ ଦୁଃଖୀ ଧନ ମୋର,
ନାନୀକୁ ପାସୋରି ଦେଇ,
ଦୂରେ ବହୁ ଦୂରେ ଚାଲିଗଲୁ ତୁହି
ଆଖି ମୋର ପାଉ ନାହିଁ।
ପ୍ରଭୁ ଶ୍ରୀଜଗନ୍ନାଥ, ମା' ମଙ୍ଗଳାଙ୍କ ପାଖରେ କରୁଛି ଅଳି, ତୋ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଢାଳି ତାଙ୍କ ଆଶିଷକୃପାବାରି।
ହତଭାଗିନୀ ନାନୀ
ଧ-୭୬୦୧୮

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମଧ୍ୟାହ୍ନଭୋଜନ ନ ଖାଇ ଫେରାଇଦେଲେ ଛାତ୍ରୀଛାତ୍ର



ମଧ୍ୟାହ୍ନଭୋଜନ ନେଇ ଆସିଥିବା ଗାଡ଼ି।

## ଜୋକ ବାହାରିବା ଘଟଣା

ବାସୁଦେବପୁର,୨।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଦିବାକର ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନରୁ ମଲା ଜୋକ ବାହାରିଥିଲା। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନଭୋଜନ ଯୋଗାଣକାରୀ ସଂସ୍ଥା ପକ୍ଷରୁ ଦିଆଯାଇଥିବା ମଧ୍ୟାହ୍ନଭୋଜନ ଛାତ୍ରୀଛାତ୍ର ନ ଖାଇ ଫେରାଇ ଦେଇଛନ୍ତି।

ମଧ୍ୟାହ୍ନଭୋଜନ ନେଇ ଆସିଥିବା ଗାଡ଼ି ବିଦ୍ୟାଳୟରେ ପହଞ୍ଚିବା ପରେ ଅଭିଭାବକ ଓ ଗ୍ରାମବାସୀ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ପରେ ଏବିଇଓ ଅମିୟ ମହାଲିକ ବିଦ୍ୟାଳୟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟ କମିଟି ସହ ଆଲୋଚନା କରିଥିଲେ। ଉକ୍ତ ସଂସ୍ଥାଠାରୁ ଛାତ୍ରୀଛାତ୍ର ଆଉ ମଧ୍ୟାହ୍ନଭୋଜନ ଖାଇବେ ନାହିଁ ବୋଲି ଗ୍ରାମବାସୀ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଦୀର୍ଘ ସମୟ ପରେ ଖାଦ୍ୟ ନେଇ ଆସିଥିବା ଗାଡ଼ି ବିଦ୍ୟାଳୟ ପରିସରରୁ ବାହାରକୁ ଯାଇଥିଲା। ଦୀର୍ଘ ସମୟ ଗାଡ଼ିଟି ଅଟକ ରହିଥିବାରୁ ଅନ୍ୟ କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଧାର୍ଯ୍ୟ ସମୟରେ ପହଞ୍ଚିପାରି ନ ଥିଲା। ଫଳରେ କେତେକ ବିଦ୍ୟାଳୟରେ ବିଳମ୍ବରେ ମଧ୍ୟାହ୍ନଭୋଜନ ଦିଆଯାଇଥିବା ବେଳେ ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି।

# ରାଜ୍ୟରେ ପାନୀୟ ଜଳ ମାନ ନିର୍ଦ୍ଧାରଣ ବ୍ୟବସ୍ଥା ଦିଗହରା

- କର୍ମଚାରୀ ଅଭାବ, ଆଉଟ୍‌ସୋର୍ସିଂ ଉପରେ ଭରସା
- ଦୂଷିତ ପାଣି ପିଇ ପ୍ରତିବର୍ଷ ମୃତ୍ୟୁମୁଖରେ ପଡୁଛନ୍ତି ଲୋକେ

ଜଗତ୍‌ସିଂହପୁର, ୨।୮ (ପ୍ରମୋଦ କୁମାର ନାୟକ)

ଜଳ ହିଁ ଜୀବନ। ତେବେ ଅଧିକାଂଶ ରୋଗର କାରଣ ହେଉଛି ପାଣି। ତେଣୁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। କେନ୍ଦ୍ର ସରକାର ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ଜଳ ଜୀବନ ମିଶନ ମାଧ୍ୟମରେ ପ୍ରତିବର୍ଷ ଅନେକ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଆସୁଛନ୍ତି। ଉନ୍ନତମାନର ପରୀକ୍ଷାଗାର ସହ ଏଥିରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏକକ ପାନୀୟ ଜଳ ନିୟମାବଳୀ ଅନୁଯାୟୀ, ପ୍ରତି ପରୀକ୍ଷାଗାରରେ ୮ ଜଣ କର୍ମଚାରୀ ନିଯୁକ୍ତି ପାଇଁ ପରାମର୍ଶ ଦେଉଛନ୍ତି। ଯେଉଁଥିରେ ଜଣେ ରସାୟନବିତ୍, ଜଣେ ଜୀବାଣୁ ତତ୍ତ୍ୱବିତ୍, ୨ ଜଣ ପରୀକ୍ଷାଗାର ସହାୟକ, ଜଣେ ପରୀକ୍ଷାଗାର ପରିଚାଳକ, ଜଣେ ଡାଟା ଏଣ୍ଟ୍ରି ଅପରେଟର ଓ ୨ ଜଣ କ୍ଷେତ୍ର ସହାୟକ ରହିବା କୁହାଯାଇଛି। ବାସ୍ତବରେ କିନ୍ତୁ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି।

ସମ୍ପ୍ରତି ଜିଲାସ୍ତରୀୟ ପାନୀୟ ଜଳ ମାନ ନିର୍ଦ୍ଧାରଣ ପାଇଁ ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରଗୁଡ଼ିକରେ ମାତ୍ର ଜଣେ ଲେଖାଏ ସ୍ଥାୟୀ କର୍ମଚାରୀ ଅର୍ଥାତ୍ କନିଷ୍ଠ ପରୀକ୍ଷାଗାର ସହାୟକ ନିଯୁକ୍ତି ପାଇଛନ୍ତି। କିନ୍ତୁ କଳାହାଣ୍ଡି, ଜଗତ୍‌ସିଂହପୁର ଓ ବାଲେଶ୍ୱର ଜିଲାରେ ଏହି ପଦବୀ ଖାଲି ପଡ଼ିଥିବାବେଳେ ନବରଙ୍ଗପୁର, ମୟୂରଭଞ୍ଜ ଓ ଖୋର୍ଦ୍ଧା ଜିଲାରେ ନିଯୁକ୍ତ କନିଷ୍ଠ ପରୀକ୍ଷାଗାର ସହାୟକଙ୍କୁ ଷ୍ଟେଟ ଲାବରେଟୋରିକୁ ନିଆଯାଇଛି। କନିଷ୍ଠ ପରୀକ୍ଷାଗାର ସହାୟକଙ୍କ ବାଦ୍ ଅନ୍ୟ ୨ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ସେହିପରି ଉପଜିଲାସ୍ତର ପରୀକ୍ଷାଗାରରେ ମଧ୍ୟ ୩ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ଏହାଦ୍ୱାରା ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଅର୍ଥାତ୍ ସରକାରୀ ପାନୀୟ ଜଳ ଯୋଗାଣ ପଏଣ୍ଟଗୁଡ଼ିକରେ ପ୍ରତିବର୍ଷ ଥରେ ରାସାୟନିକ ପରୀକ୍ଷା ଓ ୨ ଥର ଜୀବାଣୁ ପରୀକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନାହିଁ। କିନ୍ତୁ ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନ ନେବା ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ପାନୀୟ ଜଳ ଉତ୍ସଗୁଡ଼ିକ ନିରାପଦ କି ସଂକ୍ରମିତ ତାହା ଜାଣି ପ୍ରତିକାର ପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ପ୍ରତି ଜିଲାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା (ଆର୍‌ଡବ୍ଲ୍ୟୁଏସ୍ଏସ୍) କାର୍ଯ୍ୟାଳୟ କାମ କରୁଛି। ରାଜ୍ୟର ୩୦ ଜିଲା ଓ ୪୬ ସବ୍‌ଡିଭିଜନ ମୁଖ୍ୟାଳୟରେ ପାନୀୟ ଜଳର ମାନ ନିର୍ଦ୍ଧାରଣ ପାଇଁ ପରୀକ୍ଷାଗାର ଖୋଲାଯାଇଛି। ହେଲେ ପରୀକ୍ଷାଗାରଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ କର୍ମଚାରୀ ନାହାନ୍ତି, ଯେଉଁ କାରଣରୁ ସରକାରୀ ପାନୀୟ ଜଳ ଯୋଗାଣ ପଏଣ୍ଟଗୁଡ଼ିକରେ ପର୍ଯ୍ୟାୟକ୍ରମେ ଜଳର ଗୁଣବତ୍ତା ନିରୀକ୍ଷଣ ଓ ପର୍ଯ୍ୟାଲୋଚନା ହୋଇପାରୁନାହିଁ। ଏଭଳିସ୍ଥଳେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଫ୍ଲୋରାଇଡ୍, କ୍ଲୋରାଇଡ୍, ଲୌହ, ଭାରି ଧାତୁ ଓ ଜୀବାଣୁଯୁକ୍ତ ପ୍ରଦୂଷିତ ପାଣି ପିଇ ପ୍ରତିବର୍ଷ ବହୁ ଲୋକ ହଇଜା, କାମଳ, ଫ୍ଲୋରେସିସ୍ ଓ ଟାଇଫଏଡ୍ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ଅନେକେ ମୃତ୍ୟୁମୁଖରେ ପଡୁଥିବା ମଧ୍ୟ ନଜିର ଅଛି। ୨୦୧୫ରେ କେନ୍ଦ୍ର ସରକାରଙ୍କ ଏଜି ପକ୍ଷରୁ ପରୀକ୍ଷାଗାରଗୁଡ଼ିକୁ ପୂର୍ଣ୍ଣ ଆଧୁନିକୀକରଣ ସହ ଆବଶ୍ୟକ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାର ଗୁରୁତ୍ୱ ଉପଲବ୍ଧି କରି ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସଚିବସ୍ତରୀୟ ବୈଠକ ଡାକି କାର୍ଯ୍ୟରତ କନିଷ୍ଠ ପରୀକ୍ଷାଗାର ସହାୟକମାନଙ୍କ ପଦବୀର ନାମ ଜଳ ବିଶ୍ଳେଷକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ପାଇଁ କ୍ୟାଡର ରୁଲ୍ସ ଲାଗୁ ନେଇ ତ୍ୱରିତ ପ୍ରସ୍ତାବ ଦେବାକୁ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ମଧ୍ୟ କ୍ୟାଡର ରୁଲ୍ସ ସହ ଆବଶ୍ୟକ ପଦବୀ ସୃଷ୍ଟି କରି ରାଜ୍ୟର ଲାବରେଟୋରି ସଞ୍ଚାଳନ ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାପରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ତ୍ୱରିତ ପ୍ରସ୍ତାବ ପଠାଇଥିଲା। ଅନୁରୂପ ଭାବେ ୨୦୨୦ ଓ ୨୦୨୩ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ପରୀକ୍ଷାଗାର ପରିଚାଳନା ପାଇଁ କ୍ୟାଡର ରୁଲ୍ସ କାର୍ଯ୍ୟକାରୀ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଉଟ୍‌ସୋର୍ସିଂ କର୍ମଚାରୀମାନେ ମଧ୍ୟ ଦୀର୍ଘବର୍ଷ କାମ କରି ସ୍ଥାୟୀ ନିଯୁକ୍ତି ନ ପାଇ ଦୁଃଖରେ ଅଛନ୍ତି।

ଏ ପ୍ରସଙ୍ଗରେ ଓଡ଼ିଶା ରାଜ୍ୟ ଜଳ ବିଶ୍ଳେଷକ ସଂଘ ପକ୍ଷରୁ ସମ୍ପାଦକ ଅମରେନ୍ଦ୍ର ସେନାପତି କହିଛନ୍ତି, ଅତୀତରେ ଏ ବିଷୟରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ମାତ୍ର କୌଣସି ପ୍ରତିକାର ହୋଇପାରିନାହିଁ। ଏବେ ନୂଆ ସରକାର ଆସିଥିବାରୁ ସେମାନଙ୍କ ଦାବି ପୂରଣ ହୋଇପାରିବ ବୋଲି ଆଶା। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜୟନାରାୟଣ ସିଂଙ୍କୁ ତାଙ୍କ ମୋବାଇଲ ଫୋନ୍‌ରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ନ ଥିଲା।

# ବାଇଜୁସ୍ ବିରୋଧରେ ଇନ୍‌ସଲ୍‌ଭେନ୍ସି ଆବେଦନ ଖାରଜ

ନୂଆଦିଲ୍ଲୀ, ୨।୮ (ପି.ଟି.)

ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍ଏଟି)ରୁ ବାଇଜୁସ୍‌କୁ ବଡ଼ ଆଶ୍ୱସ୍ତି ମିଳିଛି। ଉକ୍ତ ଏଡ୍‌ଟେକ୍ ଷ୍ଟାର୍ଟଅପ୍ ବିରୋଧରେ ଆସିଥିବା ଇନ୍‌ସଲ୍‌ଭେନ୍ସି ଆବେଦନକୁ ଟ୍ରିବ୍ୟୁନାଲ ଖାରଜ କରିଦେବା ସହ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର୍ କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ) ସହ ୧୫୮ କୋଟି ଟଙ୍କାର ସେଟେଲମେଣ୍ଟକୁ ଅନୁମୋଦନ କରିଛି। ତେବେ ଉକ୍ତ ଡିଲ୍‌ରେ ଧାର୍ଯ୍ୟ ହୋଇଥିବା ନିର୍ଦ୍ଦିଷ୍ଟ ତାରିଖରେ ଅର୍ଥ ପୈଠ କରିବାରେ ବିଫଳ ହେଲେ ବାଇଜୁସ୍ ବିରୋଧରେ ଇନ୍‌ସଲ୍‌ଭେନ୍ସି ମାମଲା ସ୍ୱତଃ ଲାଗୁ ହେବ ବୋଲି ଟ୍ରିବ୍ୟୁନାଲ ସତର୍କ କରାଇ ଦେଇଛନ୍ତି। ବାଇଜୁସ୍ ବିରୋଧରେ ଆମେରିକାର ନିବେଶକମାନେ ଆଣିଥିବା ଅଭିଯୋଗକୁ ଆପିଲେଟ୍ ଟ୍ରିବ୍ୟୁନାଲ ଖାରଜ କରିଦେଇଛନ୍ତି। ନିବେଶକମାନେ ସେମାନଙ୍କ ଅଭିଯୋଗ ସମ୍ପର୍କିତ ପ୍ରମାଣ ଦାଖଲ କରିବାରେ ବିଫଳ ହୋଇଥିବା ଟ୍ରିବ୍ୟୁନାଲ କହିଛନ୍ତି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀଙ୍କୁ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ କଟକ ସହର ସମ୍ବାଦପତ୍ର ବିକ୍ରେତା ସଂଘର ପୀତାମ୍ବର ବେହେରା, ଗଗନ ବିହାରୀ ପରିଡ଼ା, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଯେନା, ଶିବପ୍ରସାଦ ନାୟକ, ପତିତପାବନ ପଣ୍ଡା, ରତ୍ନାକର ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ଶୁକ୍ରବାର ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ଧରିତ୍ରୀର ପ୍ରସାରଣ ବିଭାଗ ପକ୍ଷରୁ ଅରବିନ୍ଦ ପାଠୀ ଓ ବିଜୟ କୁମାର ଧଳ ଉପସ୍ଥିତ ଅଛନ୍ତି।

# ମ୍ୟାଲେରିଆ ଆକ୍ରାନ୍ତ ଛାତ୍ରଙ୍କ ମୃତ୍ୟୁ

ରାୟଗଡ଼ା, ୨।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ଭୋଇମଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଲେ ଜାକ୍‌ସନ ମାଣ୍ଡାଙ୍ଗି(୧୦)। ଗତ ୩୦ତାରିଖରେ ଜାକ୍‌ସନଙ୍କୁ ଜ୍ୱର ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ରେଖାପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ପ୍ରାଥମିକ ଚିକିତ୍ସା କରି କୋଲନରା ଏବଂ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଜାକ୍‌ସନଙ୍କୁ ଗୁରୁବାର ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ଜାକ୍‌ସନଙ୍କ ମୃତ୍ୟୁ ଘଟିଛି। ହଷ୍ଟେଲରେ ରହିବା ସମୟରେ ଚିକିତ୍ସା କରା ନ ଯିବାରୁ ଜାକ୍‌ସନଙ୍କ ମୃତ୍ୟୁ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ପାଇଁ କୋଲନରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ରାୟଗଡ଼ା ଜିଲାରେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଅନ୍ୟ ୨ ଶିଶୁଙ୍କ ମୃତ୍ୟୁ ଘଟିଛି।

# ଜୀବନ୍ତ ପୋତାଯାଇଥିବା ଯୁବକଙ୍କୁ ଉଦ୍ଧାର କଲେ ବୁଲା କୁକୁର

ଆଗ୍ରା, ୨।୮

ଉତ୍ତରପ୍ରଦେଶର ଆଗ୍ରାରେ ଜମି ବିବାଦକୁ କେନ୍ଦ୍ରକରି ଜଣେ ୨୪ ବର୍ଷୀୟ ଯୁବକଙ୍କୁ ୪ ଜଣ ଜିଅନ୍ତା ପୋତିଦେଇଥିଲେ। ବୁଲା କୁକୁରମାନେ ତାଙ୍କୁ ମାଟିତଳୁ ବାହାର କରିଥିବା ଯୁବକ ଜଣକ କହିଛନ୍ତି। ରୂପ କିଶୋର ଓରଫ ହାପି ନାମକ ଏହି ଯୁବକଙ୍କ କହିବା ଅନୁଯାୟୀ, ଗତ ମାସ ୧୮ ତାରିଖରେ ଆଗ୍ରାର ଆର୍ଟୋନି ଅଞ୍ଚଳରେ ଅଙ୍କିତ, ଗୌରବ, କରନ ଏବଂ ଆକାଶ ତାଙ୍କୁ ମାଡ଼ ମାରିବା ସହ ଗଳା ଦବାଇ ମାରିଦେବାକୁ ଉଦ୍ୟମ କରିଥିଲେ। ସେ ମରିଯାଇଥିବା ଭାବି ଅଭିଯୁକ୍ତମାନେ ତାଙ୍କୁ ମାଟିତଳେ ପୋତିଦେଇଥିଲେ। ଦଳେ ବୁଲା କୁକୁର ଉକ୍ତ ସ୍ଥାନକୁ ଖୋଳି ରୂପ କିଶୋରଙ୍କୁ କାମୁଡ଼ିବାରୁ ସେ ଚେତା ଫେରିପାଇଥିଲେ। ଏହା ପରେ ସେ ଖାତରୁ ବାହାରିଆସି ସ୍ଥାନୀୟ ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସେମାନେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ବୋଲି ରୂପ କିଶୋର କହିଛନ୍ତି।

# 'ଜଉକଣ୍ଢେଇ ବାହାଘର ଏକ ସମ୍ପର୍କର ଉତ୍ସବ'

## ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ଉଦ୍‌ଘାଟିତ

ବାଲେଶ୍ୱର, ୨।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଲୋକ ସଂସ୍କୃତି ଓ କଳାର ଏହି ମହାନ ଗଣପର୍ବକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ମାଟି ବାଲେଶ୍ୱରର ସାହିତ୍ୟ ସଂସ୍କୃତି ଓ କଳାର ଅବଦାନ ପାଇଁ ଧନ୍ୟ ହୋଇଛି। ଜଉ କଣ୍ଢେଇ ବାହାଘର ମାଧ୍ୟମରେ ଯେଉଁ ସାମାଜିକ ଦାୟିତ୍ୱ ଓ ସେବା କରାଯାଉଛି ତାହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ବ୍ୟାସ କବି ଫକୀର ମୋହନଙ୍କ ଭୂମିରେ ତାଙ୍କରି ପ୍ରସିଦ୍ଧ ଗଳ୍ପର ନାୟକ ଚନ୍ଦ୍ରମଣି ଓ ନାୟିକା ସୁଲୋଚନା ଏ ବର୍ଷର ବର ଓ କନ୍ୟା ହୋଇଥିବାରୁ ଏହି ଜଉକଣ୍ଢେଇ ବାହାଘରର ମହତ୍ତ୍ୱ ବହୁଗୁଣିତ ହୋଇଛି।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ସେ ବର ଚନ୍ଦ୍ରମଣି ଓ କନ୍ୟା ସୁଲୋଚନାଙ୍କ ମାତାପିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଜଉ କଣ୍ଢେଇ ବାହାଘର ସମିତିର ସମସ୍ତ ସଦସ୍ୟଙ୍କର ଅକ୍ଳାନ୍ତ ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ଭାବରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଜଉକଣ୍ଢେଇ ବାହାଘର ଏକ ସମ୍ପର୍କର ସନ୍ଦେଶ ଦିଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗ ଦେଇଥିଲେ।

ଜଉ କଣ୍ଢେଇ ବାହାଘର ଉତ୍ସବର କାର୍ଯ୍ୟକାରୀ ସଭାପତି ଡ.ଉପେନ୍ଦ୍ର ପ୍ରସାଦ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ କଥା ରଖିଥିଲେ ଶିଳ୍ପୀ କେଶୁ ଦାସ। ସମ୍ପାଦକ ଡ. କୁମାର ଗୋପାଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସୁଶ୍ରୀ ବେହେରା ମଞ୍ଚ ଆହ୍ୱାନ କରିଥିବା ବେଳେ ରଘୁନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କର ନୃତ୍ୟ ଗ୍ରୁପର ଓଡ଼ିଶୀ, ସମ୍ବଲପୁରର ମୋହିନୀ ଛଉ ନୃତ୍ୟ, ଗୁରୁ ନନ୍ଦ କୁମାର ଦାସଙ୍କର ଗ୍ରୁପର ସାମୁହିକ ବାଦ୍ୟ ଓ ସରସ୍ୱତୀ ଶିଶୁମନ୍ଦିର ପିଲାଙ୍କର ନୃତ୍ୟ ସମସ୍ତଙ୍କର ମନ ମୋହିଥିଲା। ଉଲ୍ଲେଖନୀୟ ଯେ, ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଧାଡ଼ିକି ଧାଡି ଦୋକାନ ସହ ମୀନା ବଜାର ମେଳା ଆସନ୍ତା ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଲାଗିବ। ପ୍ରତ୍ୟେହ ସନ୍ଧ୍ୟା ୫ରୁ ରାତି ୧୧ଟା ଯାଏ ଏହି ମେଳା ଖୋଲା ରହିବ ବୋଲି ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲାଜୁକୀ ଘରଣୀ ମରେ,
ଲାଜକୁଳୀ ମାହାରୀ
ତରତରିଆ ଗହକି ମରେ
ସତକୁହା ବେପାରୀ।**

ଲଜ୍ଜାହୀନ ହେଲେ ଘରଣୀ ଘରର ମାନ ମର୍ଯ୍ୟାଦାକୁ ଉଲ୍ଲଂଘନ କରି ବସିଥାଏ। ମାହାରୀ ଲାଜ କଲେ ନୃତ୍ୟ କରିପାରି ନ ଥାଏ। ସେହିପରି ତରବରିଆ ଗ୍ରାହକ ଏବଂ ସତ କହୁଥିବା ବେପାରୀ ମଧ୍ୟ ସର୍ବଦା ନିଜ ନିଜ ପଥରେ କ୍ଷତି ଘଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଡିରା ବିଲୁଆ ଡାକ,
ମଡ଼ା ସାଙ୍ଗିଆକୁ ଡାକ।**

ଅଣ୍ଡିରା ବିଲୁଆ ଡାକ ଛାଡ଼ିଲେ ଆଖପାଖରେ କେହି ମୃତ୍ୟୁବରଣ କରିବା ନେଇ ଲୋକବିଶ୍ୱାସ ରହିଆସିଛି। ଏପରିସ୍ଥଳେ ଅଣ୍ଡିରା ବିଲୁଆ ଡାକ ଶୁଣିବା ଅମଙ୍ଗଳକାରକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧରାପଡ଼ିଲେ ଆନ୍ତଃ ରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ୯ ସଦସ୍ୟ

## ୧୫ ଲକ୍ଷ ଟଙ୍କାର ସୁନା, ରୁପା ଓ ବିଭିନ୍ନ ସାମଗ୍ରୀ ଜବତ

ବଲାଙ୍ଗୀର/ଲୋଇସିଂହା, ୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ସୁଶାନ୍ତ ବାରିକ)

ବଲାଙ୍ଗୀର ସମେତ ଓଡ଼ିଶାର ବିଭିନ୍ନ ଜିଲାରେ ସକ୍ରିୟ ଥିବା ଆନ୍ତଃ ରାଜ୍ୟ ଡକାୟତ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ ବଲାଙ୍ଗୀର ପୋଲିସ କରିଛି। ଅଭିନବ ଉପାୟରେ ଡକାୟତି କରି ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଫେରି ଯାଉଥିବା ବେଳେ ଏହି ଡକାୟତ ଗ୍ୟାଙ୍ଗ୍‌ର ୯ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶର ରତ୍ତିକ ଚୌହାନ, କ୍ରିଷ୍ଣା ପିମ୍ପଲ, ରବି ବେହେଲିଆ, ସକ୍‌ଲାଲ ସିଂ, ରାଜୁପାୱାର, ବଣ୍ଟୁ ଦେହେଲିଆ, ମହାରାଷ୍ଟ୍ରର ନିଲେଶ ଦୀପକ କାଲେ, ଅକ୍ଷଲାଲଜୁ ଚୌହାନ୍ ଓ ବରଗଡ଼ ଜିଲା ବରପାଲିର ଗୋପରଞ୍ଜନ ପୁଷ୍ଟି। ଅଭିଯୁକ୍ତମାନଙ୍କଠାରୁ ପୋଲିସ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୁପା ଗହଣା, ନଗଦ ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ଜବତ କରିଛି। ଶୁକ୍ରବାର ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନ୍‌ଦେଓ ଖିଲାରୀ ସ୍ଥାନୀୟ ରିଜର୍ଭ ପୋଲିସ ବାରାକ୍‌ଠାରେ ଏକ ଖବରଦାତା ସମ୍ମିଳନୀ କରି ଧରାପଡ଼ିଥିବା ଏହି ଡକାୟତ ଗ୍ୟାଙ୍ଗ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।


ଜବତ ସାମଗ୍ରୀ ସହ ଗିରଫ ହୋଇଥିବା ଡକାୟତ ଗ୍ୟାଙ୍ଗ।

ଗତ ୨୬ ତାରିଖ ରାତିରେ ଲୋଇସିଂହା ଥାନା ସାରସମୁଣ୍ଡା ଗାଁରେ ଥିବା ଭାରତ ଗ୍ୟାସ୍ ଗୋଦାମରେ ପ୍ରାୟ ୧୦–୧୨ ଜଣ ବ୍ୟକ୍ତି ପଶି ରାତ୍ର ଜଗୁଆଳି ଫାଲ୍‌ଗୁନୀ ବିଶିଙ୍କୁ ଗୋଦାମ ପଛପଟକୁ ନେଇଯାଇ ଧମକ ଚମକ ଦେବା ସହ ଗୋଦାମରେ ଥିବା ସମସ୍ତ ନଗଦ ଟଙ୍କା ଦେବାକୁ କହିଥିଲେ। ଏହି ଘଟଣା ପୂର୍ବରୁ ବଲାଙ୍ଗୀର ଜିଲାର ଲାଠୋର, ପାଟଣାଗଡ଼ ଏବଂ ବଲାଙ୍ଗୀର ଟାଉନ୍ ଥାନା ଅଞ୍ଚଳରେ ଅନେକ ଡକାୟତି ଓ ଲୁଟ୍ ଘଟଣା ଘଟିଥିଲା। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଓ ପାଟଣାଗଡ ଏସ୍‌ଡିପିଓ ସଦାନନ୍ଦ ପୂଜାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ସାଇବର ଥାନାର ଅନେକ ସୂଚନା ଏବଂ ସିସିଟିଭି ଫୁଟେଜ ଆଧାରରେ ଏହି ଘଟଣାଗୁଡ଼ିକର ତଦନ୍ତ ଆରମ୍ଭ କରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଅନ୍ୟ ସ୍ଥାନରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବଲାଙ୍ଗୀର ଏସ୍‌ପି ଖିଲାରୀ କହିଛନ୍ତି, ଅଭିଯୁକ୍ତମାନେ ଓଡ଼ିଶାର ବିଭିନ୍ନ ସହରକୁ ଆସିବା ପରେ ରେଲୱେ ଷ୍ଟେଶନ, ବସଷ୍ଟାଣ୍ଡ, ବିଭିନ୍ନ ମେଳା ଓ ରାସ୍ତାକଡ଼ରେ ବେଲୁନ୍, ପ୍ଲାଷ୍ଟିକ୍ ଖେଳଣା ଓ ଅନ୍ୟ ସାମଗ୍ରୀ ବିକ୍ରି କରିବା ବାହାନାରେ ବିଭିନ୍ନ ଲୋକଙ୍କ ଘର, ଗୋଦାମ ଓ ଅନ୍ୟ ସ୍ଥାନରେ ଡକାୟତି ଯୋଜନା କରୁଥିଲେ। ଦିନବେଳା ସୂଚନା ସଂଗ୍ରହ କରିବା ସହ ରାତିରେ ଡକାୟତି କରୁଥିଲେ। ସେମାନଙ୍କ ଠାରୁ ୧୬୦.୪ ଗ୍ରାମର ସୁନା, ୧୭୦୮.୪୨ ଗ୍ରାମର ରୁପା ଅଳଙ୍କାର, ୨ ଲକ୍ଷ ୩ ହଜାର ୭ ଶହ ନଗଦ ଟଙ୍କା, ଗୋଟିଏ ଚୋରି ହୋଣ୍ଡା ଆକ୍ଟିଭା, ୭ଟି ମୋବାଇଲ ଫୋନ୍, ହାତଘଣ୍ଟା ଓ ଅନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ସେମାନଙ୍କର ୩ ଲକ୍ଷ ୪୦ ହଜାର ୬୧୬ ଟଙ୍କାର ଏକ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରି ଦେଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଲୁଟ୍ ସୁନା ଓ ରୁପାକୁ ବରପାଲିର ଜଣେ ସୁନାରୀଙ୍କୁ ବିକ୍ରି କରି ସେହି ଟଙ୍କାକୁ ସେମାନେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ନେଇ ଫେରାର ମାରୁଥିଲେ। ଏହି ଡକାୟତମାନେ ବଲାଙ୍ଗୀର ସମେତ ଅନ୍ୟ ଜିଲାରେ ଅନେକ ଅପରାଧ ଘଟାଇଛନ୍ତି। ସେନେଇ ତଦନ୍ତ ଜାରି ରହିଛି। ଏହି ଗ୍ୟାଙ୍ଗ୍‌ରେ ଆହୁରି ଅନେକ ସଦସ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କର ଅନୁସନ୍ଧାନ ଚାଲିଛି ବୋଲି ଏସ୍‌ପି ଖିଲାରୀ ସୂଚନା ଦେଇଛନ୍ତି।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-MBJ-0020-2024-24474/ R&DM, Dated: 24 JUL 2024

No.XXI-34: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଟେଲ ମାଇନର, ତେନ୍ତୁଳିଗାଁ ମାଇନର, ସାପଗଡ଼ିଆ ମାଇନର, ସୁମିତ୍ରାଦେଇପୁର ସବ୍ ମାଇନର, ଗାନଙ୍ଗୁରାକୋଇଲି ସବ୍‌ମାଇନର, ତୋଟାପଦା ସବ୍‌ମାଇନର I & II ନିର୍ମାଣ ନିମନ୍ତେ ମୌଜା: ତୋଟାପଡ଼ା, ଥାନା: ବୈଶିଙ୍ଗା ନଂ. ୨୨୧, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୩୯.୬୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାର ଟେଲ ମାଇନର, ତେନ୍ତୁଳିଗାଁ ମାଇନର, ସାପଗଡ଼ିଆ ମାଇନର, ସୁମିତ୍ରାଦେଇପୁର ସବ୍‌ମାଇନର, ଗାନଙ୍ଗୁରାକୋଇଲି ସବ୍‌ମାଇନର, ତୋଟାପଦା ସବ୍‌ମାଇନର I & II ନିମନ୍ତେ।

୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ:** ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩. **କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସଚେନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪. **ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫. **ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:** ଉପ ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।

୬. **ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ରାସଗୋବିନ୍ଦପୁର | ତୋଟାପଡ଼ା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୧୫.୯୭୫ | ଏ. ୩୯.୬୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୦୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- (ନୃସିଂହ ଚରଣ ସ୍ୱାଇଁ)**
**ସ୍ୱତନ୍ତ୍ର ଶାସନ ସଚିବ**

## ଭୂମି ଅନୁସୂଚୀ

**ଭୂଅର୍ଜନ ମାମଲା ସଂଖ୍ୟା: ୧୧୪/୨୦୨୩**
**ଏ.୩୯.୬୩ ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ଟେଲ ମାଇନର, ତେନ୍ତୁଳିଗାଁ ମାଇନର, ସାପଗଡ଼ିଆ ମାଇନର, ସୁମିତ୍ରାଦେଇପୁର ସବ୍ ମାଇନର, ଗାନଙ୍ଗୁରାକୋଇଲି ସବ୍ ମାଇନର, ତୋଟାପଦା ସବ୍ ମାଇନର I & II ନିମନ୍ତେ ମୌଜା: ତୋଟାପଡ଼ା, ଥାନା: ବୈଶିଙ୍ଗା ନଂ. ୨୨୧, ତହସିଲ: ରାସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 1018 | 0.90 | 0.10 | ଶାରଦ ଦୁଇ | ଅନ୍ତର୍ଯ୍ୟାମୀ ପଣ୍ଡା, ପି.: ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ତେନ୍ତୁଳିଗାଁ |
| 12 | 253 | 0.86 | 0.28 | ଶାରଦ ତିନି | ଅପ୍ରତି ଚରଣ ଗିରି, ପି.: ଦାମୋଦର ଗିରି, ଜା: ଖଣ୍ଡାୟତ, ବା: ମାଣିକପୁର |
| 17 | 336 | 0.15 | 0.08 | ଶାରଦ ତିନି | ଅଭିରାମ, ବଂଶୀ ରାମ, ପି.: ଗୋବିନ୍ଦ ରାମ, ଜା: ରାଜୁଆଳ, ବା: ନିଜଗାଁ |
| | 358 | 0.44 | 0.05 | ଶାରଦ ତିନି | |
| 22 | 1293/ 2038 | 0.69 | 0.14 | ଶାରଦ ଏକ | ଆଶାମଣି ମହାପାତ୍ର, ସ୍ୱା.: ନରେନ୍ଦ୍ର ମହାପାତ୍ର, ଜା: ବ୍ରାହ୍ମଣ, ବା: ଗୋବିନ୍ଦପୁର |
| | 1293/ 2042 | 0.08 | 0.01 | ଶାରଦ ଏକ | |
| 27 | 292 | 1.33 | 0.04 | ଶାରଦ ଦୁଇ | ଶ୍ରୀ ବନବିହାରି ମହାପ୍ରଭୁ ବିଜେ ଚନ୍ଦନପୁର ମାର୍ଫତ ବା: ଈଶ୍ୱର ଚନ୍ଦ୍ର ପଟ୍ଟନାୟକ, ପି.: ସୁନ୍ଦର ନାରାୟଣ ପଟ୍ଟନାୟକ, ଜା: କରଣ, ବା: ଚନ୍ଦନପୁର |
| | 526 | 1.86 | 0.13 | ଶାରଦ ଏକ | |
| | 537 | 2.24 | 0.08 | ଶାରଦ ଏକ | |
| 35 | 1304/ 2082 | 0.76 | 0.06 | ଶାରଦ ଦୁଇ | ଉସମାନ ମହାନ୍ତ, ଭାଗିରଥି ମହାନ୍ତ, ଦଶରଥ ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ପି.: ପଲୁଟୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 46 | 1841 | 1.55 | 0.28 | ଶାରଦ ଦୁଇ | କଟି ସିଂ, ପି.: କରମା ସିଂ, ଜା: ଭୂମିଜ, ବା:ନିଜଗାଁ |
| 59 | 1035 | 0.52 | 0.06 | ଶାରଦ ଦୁଇ | କନ୍ହେଇ ମନ୍ତ୍ରୀ, ପି.: ବୁଧି ମନ୍ତ୍ରୀ, ଜା: ଖଣ୍ଡାୟତ, ବା: ତେନ୍ତୁଳିଗାଁ |
| 62 | 617 | 1.52 | 0.10 | ଶାରଦ ଏକ | କାଳିଚରଣ ବାରିକ, ପି.: ନାରଣ ବାରିକ, ଜା: ଭଣ୍ଡାରୀ, ବା: ନିଜଗାଁ |
| 66 | 186 | 0.88 | 0.22 | ଶାରଦ ଦୁଇ | କାଳୀଚରଣ ମାଝୀ, ପି.: ଭାଦ ମାଝୀ, ଭୀମ ମାଝୀ, ପି.: ଶୁକ୍ରା ମାଝୀ, ଫୁଲମଣି ମାଝୀ, ପି.: ଲୁସା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 249 | 0.80 | 0.40 | ଶାରଦ ତିନି | |
| 67 | 1304 | 0.56 | 0.04 | ଶାରଦ ଦୁଇ | କାଳୀଚରଣ ମହାନ୍ତ, ପି.: ଗୁରା ମହାନ୍ତ, ନିଳମଣୀ ମହାନ୍ତ, ସ୍ୱା.: ଟୁନୁ ଓରଫ କାଳୀଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 74 | 914 | 0.45 | 0.08 | ଶାରଦ ତିନି | କାଳିଆ ମାଝୀ, ପି.: କାଲୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 75 | 902 | 6.50 | 0.98 | ଶାରଦ ଦୁଇ | କାଳିଆ ମାଝୀ, ପି.: କାଲୁ ମାଝୀ, ବାସି ମାଝୀ, ସ୍ୱା.: ନରସିଂ ମାଝୀ, ଧାନି ମାଝୀ, ପି.: ରାଇସେନ ମାଝୀ, ମାଇନ ମାଝୀ, ପି.: ନାରସିଂହ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 990 | 1.80 | 0.24 | ଶାରଦ ଦୁଇ | |
| | 979 | 2.50 | 0.16 | ବଗାୟତ ତିନି | |
| 88 | 78 | 2.34 | 0.48 | ଶାରଦ ତିନି | କୁଆଁରିଆ ମାଝୀ, ପି.: ଦୁଲା ମାଝୀ, ବାଦର ମାଝୀ, ପି.: ହପା ମାଝୀ, ଜା: ସାନ୍ତାଳ, ବା: ସୁମିତ୍ରାଦେଇପୁର |
| 90 | 189 | 0.46 | 0.28 | ଶାରଦ ତିନି | କୁସୁନ ସିଂ, ପି.: ଗୋପାଳ ସିଂ, ଜା: ଭୂୟାଁ, ବା: ମାଣିକପୁର |
| 94 | 1034 | 1.42 | 0.08 | ଶାରଦ ଦୁଇ | କୃତ୍ତି ମହାନ୍ତ, ପି.: ବିଦ୍ୟାଧର ମହାନ୍ତ, ଜା: କୁଡୁମି, ବେଆଇନ ଖରିଦ ସୂତ୍ରେ ଦଖଲ ଛତିଶ ମହାନ୍ତ, ନେତ୍ରା ମହାନ୍ତ, ମଙ୍ଗଳ ମହାନ୍ତ, ସୀତାରାମ ମହାନ୍ତ, ପି.: ଗିରି ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୧୨୦୧, ତା୨୫।୦୪।୭୩ ଜରସମନ ଟ.୧୨୫୦/- ବା: |
| 100 | 945/ 1956 | 0.14 | 0.01 | ଆଶୁ | ଖଡୁ ମହାନ୍ତ, ପି.: ବିଦ୍ୟାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 107 | 213 | 0.45 | 0.09 | ଶାରଦ ତିନି | ଗଙ୍ଗାଧର ଜେନା, ପି.: ଦୈତାରି ଜେନା, ଜା: ରାଜୁ, ବା: ମାଣିକପୁର |
| | 220 | 0.10 | 0.08 | ଶାରଦ ତିନି | |
| 116 | 371 | 0.42 | 0.20 | ଶାରଦ ଦୁଇ | ଗିରିଧାରୀ ଧର ମହାପାତ୍ର, ପି.: କାଳନ୍ଦି ଧର ମହାପାତ୍ର, ଜା: ବ୍ରାହ୍ମଣ, ବା: ବଡ଼ାମ୍ବପୁର |
| | 1352 | 0.34 | 0.05 | ଶାରଦ ଏକ | |
| 119 | 173 | 0.41 | 0.04 | ଶାରଦ ତିନି | ଗିରିଶ ଚନ୍ଦ୍ର ଗିରି, ରମେଶ ଚନ୍ଦ୍ର ଗିରି, ବିଜୟ କୁମାର ଗିରି, ପି.: ଅପର୍ତ୍ତି ଗିରି, ଜା: ଖଣ୍ଡାୟତ, ବା: ମାଣିକପୁର |
| | 211 | 1.04 | 0.27 | ଶାରଦ ତିନି | |
| | 212 | 0.35 | 0.10 | ଶାରଦ ତିନି | |
| | 221 | 0.08 | 0.06 | ଶାରଦ ତିନି | |
| 127 | 1526 | 0.34 | 0.18 | ଶାରଦ ଦୁଇ | ଗେହ୍ଲା ପତି, ସ୍ୱା.: ଦୈତାରି ପତି, ଘନଶ୍ୟାମ ମିଶ୍ର, ଚିନ୍ତାମଣି ମିଶ୍ର, ପି.: ନିତ୍ୟାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 129 | 434 | 0.27 | 0.05 | ଘରବାରି | ଗୋରା ରାଏ, ଗଙ୍ଗା ରାଏ, ଦୁଃଖିଆ ରାଏ, ପି.: ଗଣେଶ୍ୱର ରାଏ, ଜା: ରାଜୁଆଳ, ବା: ନିଜଗାଁ |
| 131 | 33 | 0.03 | 0.03 | ଶାରଦ ଦୁଇ | ଗୋପାଳ ମହାନ୍ତ, ପେମା ମହାନ୍ତ, ଚେମା ମହାନ୍ତ, ପି.: ରୁପା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 137 | 435 | 0.40 | 0.22 | ଘରବାରି | ଶ୍ରୀ ଦଧି ବାବାନ ମହାପ୍ରଭୁ ବିଜେ ନିଜଗାଁ ମାର୍ଫତ ବା: ଗୌରୀମଣି ପାଣି, ସ୍ୱା.: ବାସୁଦେବ ପାଣି, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 113 | 10.92 | 0.28 | ଶାରଦ ଏକ | |
| | 436 | 0.36 | 0.02 | ଘରବାରି | |
| | 1379 | 0.66 | 0.18 | ଶାରଦ ଦୁଇ | |
| | 1380 | 4.47 | 0.73 | ଶାରଦ ଦୁଇ | |
| 152 | 1014 | 2.07 | 0.11 | ଶାରଦ ଦୁଇ | ଚିନ୍ତାମଣି ପଣ୍ଡା, ପି.: ଭୋଳାନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: ତେନ୍ତୁଳିଗାଁ |
| 161 | 1398 | 1.57 | 0.48 | ଶାରଦ ଦୁଇ | ଛୋଟରାଏ ମାଝୀ, ପି.: ରଘୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 162 | 42 | 0.36 | 0.28 | ଶାରଦ ଦୁଇ | ଛୋଟରାଏ ମହାନ୍ତ, ପି.: ଆଷାଢୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 42/ 2698 | 0.10 | 0.10 | ଘରବାରି | |
| 171 | 1292 | 1.25 | 0.10 | ଶାରଦ ଏକ | ଜଗନ୍ନାଥ ମହାନ୍ତ, ଭାଗିରଥି ମହାନ୍ତ, ପି.: ଗୋକୁଳି ମହାନ୍ତ, ଲକ୍ଷ୍ମଣ ମହାନ୍ତ, ପି.: ଗୋବିନ୍ଦ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 251 | 0.52 | 0.05 | ଶାରଦ ତିନି | |
| | 250 | 0.73 | 0.07 | ଶାରଦ ତିନି | |
| 173 | 1013 | 0.37 | 0.05 | ଶାରଦ ଦୁଇ | ଜଗନ୍ନାଥ ଦେହୁରୀ, ପି.: ହାଡ଼ିବନ୍ଧୁ ଦେହୁରୀ, ଜା: ଭୂମିଜ, ବା: ତେନ୍ତୁଳିଗାଁ |
| 174 | 1403/ 1976 | 2.23 | 0.10 | ଶାରଦ ଦୁଇ | ଜଗନ୍ନଥେ ପାଣି, ହରିଶ୍ଚନ୍ଦ୍ର ପାଣି, ପି.: ବାସୁଦେବ ପାଣି, ଜା: ବ୍ରାହ୍ମଣ, ବା: ନିଜଗାଁ |
| 176 | 377 | 0.59 | 0.06 | ଶାରଦ ଦୁଇ | ଜୟୀରାମ ମହାନ୍ତ, ପି.: ହଳଧର ମହାନ୍ତ, ଜା: କୁଡୁମି, ବା: ଫୁଲଗାଡ଼ିଆ |
| 195 | 209/ 2090 | 0.67 | 0.25 | ଶାରଦ ତିନି | ଡେବ ମହାନ୍ତ, ପି.: ଶୁକ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 198 | 31 | 0.23 | 0.12 | ଶାରଦ ଦୁଇ | ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଉଜଳ ମହାନ୍ତ, ଅଙ୍ଗଦ ମହାନ୍ତ, ପି.: ଜଗମୋହନ ମହାନ୍ତ, ଜା: କୁଡୁମି, ବା: କୁରାଡ଼ିକ |
| 206 | 1848 | 1.18 | 0.15 | ଶାରଦ ଦୁଇ | ଦାସରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି.: କଟୀ ସିଂ, ଜା: ଭୂମିଜ, ବା: ନିଜଗାଁ |
| | 1837 | 0.69 | 0.46 | ଶାରଦ ଦୁଇ | |
| 215 | 911 | 0.67 | 0.02 | ଶାରଦ ତିନି | ଦୁର ପଲେଇ, ପି.: ଗୁଣ୍ଡୁରି ଦେହୁରି, ଜା: ଭୂମିଜ, ବା: ବଡାମପୁର, ଖରିଦ ସୂତ୍ରେ ଦଖଲ ଛୋଟରାଏ ସରେନ, ପି.: ଠାକୁରା ସରେନ, ଜା: ସାନ୍ତାଳ, ବା: ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୧୬୮୨, ତା୩୦।୦୬।୭୧ ଜରସମନ ଟ.୭୦୦.୦୦, ବା: |
| 224 | 27 | 0.26 | 0.07 | ଶାରଦ ଦୁଇ | ଦୁର୍ଜନ ମହାନ୍ତ, ମଉଜ ମହାନ୍ତ, ପି.: ସନାତନ ମହାନ୍ତ, ଜା: କୁଡୁମି, ବା: କୁରାଡ଼ିକ |
| | 32 | 0.10 | 0.10 | ଶାରଦ ଦୁଇ | |
| | 45 | 0.04 | 0.04 | ଶାରଦ ଦୁଇ | |
| 228 | 1847 | 0.86 | 0.18 | ଶାରଦ ଦୁଇ | ଧନୁର୍ଜୟ ମହାନ୍ତ, ପି.:ଦୁଃଖୁ ମହାନ୍ତ, ଜା: କୁଡୁମି, ବା: ମଗୁଶିରିଆ |
| 238 | 92 | 0.68 | 0.10 | ଶାରଦ ଏକ | ନରହରି ମହାନ୍ତ, ମହେନ୍ଦ୍ର ମହାନ୍ତ, ଉପେନ୍ଦ୍ର ମହାନ୍ତ, ମୁଶୁରି ମହାନ୍ତ, ସାବିତ୍ରୀ ମହାନ୍ତ, ଅଞ୍ଜନ ମହାନ୍ତ, ସମ୍ଭାରୀ ମହାନ୍ତ, ପି.: ହାଡ଼ିଆ ମହାନ୍ତ, ଜମୁନା ମହାନ୍ତ, ସ୍ୱା.: ହାଡ଼ିଆ ମହାନ୍ତ, ଜା: କୁଡୁମି,ବା:ନିଜଗାଁ |
| | 89 | 0.26 | 0.16 | ଶାରଦ ଦୁଇ | |
| | 94 | 1.26 | 0.55 | ଶାରଦ ଏକ | |
| 240 | 1836 | 1.05 | 0.16 | ଶାରଦ ଦୁଇ | ସାବୁନି ମହାନ୍ତ, ସ୍ୱା.: ସୃଷ୍ଟିଧର ମହାନ୍ତ, ରୁକ୍ମଣି ମହାନ୍ତ, ସ୍ୱା.: ସୃଷ୍ଟିଧର ମହାନ୍ତ, ଜା: କୁଡୁମି, ବା: ତୋଟାପଡ଼ା |
| 251 | 1536 | 1.37 | 0.30 | ଶାରଦ ଦୁଇ | ପଦ୍ମଲୋଚନ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପି.: ମହେଶ୍ୱର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ |
| 257 | 1087 | 0.68 | 0.14 | ଶାରଦ ଏକ | ପ୍ରହରାଜ ମହାନ୍ତ, ଲାଲ ମୋହନ ମହାନ୍ତ, ହର ମହାନ୍ତ, ଭୀମ ମହାନ୍ତ, ପି.: ରଥୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 259 | 1431 | 0.80 | 0.01 | ଶାରଦ ଏକ | ପ୍ରଫୁଲ୍ଲ କୁମାର ପତି, ଅଜୟ କୁମାର ପତି, ପି.: ଭଗବାନ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ |
| 271 | 943 | 1.28 | 0.44 | ଶାରଦ ଦୁଇ | ପିଥ ମାଝୀ, ପି.: ଅନନ୍ତ ମାଝୀ, ଜା: ସାନ୍ତାଳ, ବା: ଅଁଳା |
| 274 | 124 | 0.12 | 0.08 | ଶାରଦ ଏକ | ପୁରସ୍ତମ ପରିଡ଼ା, ପି.: ବନମାଳୀ ପରିଡ଼ା, ନିଆଣି ପରିଡ଼ା, ଚଇତନ ପରିଡ଼ା, ପି.: ଫକୀର ପରିଡ଼ା, ଜା: ରାଜୁ, ବା: ମାଣିକପୁର |
| 275 | 1018/ 2098 | 0.96 | 0.02 | ଶାରଦ ଦୁଇ | ପୁରୁଷୋତ୍ତମ ପଣ୍ଡା, ପି.: ରାଧକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ତେନ୍ତୁଳିଗାଁ |
| | 1079/ 2161 | 0.67 | 0.03 | ଶାରଦ ଦୁଇ | |
| 277 | 210 | 0.037 | 0.26 | ଶାରଦ ତିନି | ପୂର୍ଣ୍ଣଚନ୍ଦ୍ର ଗିରି, ପି.: ଦାମୋଦର ଗିରି, ଜା: ଖଣ୍ଡାୟତ, ବା: ମାଣିକପୁର |
| 284 | 253/ 2027 | 0.87 | 0.32 | ଶାରଦ ତିନି | ବନମାଳି ଗିରି, ପି.: ଦାମୋଦର ଗିରି, ଜା: ଖଣ୍ଡାୟତ, ବା: ମାଣିକପୁର |
| 287 | 910 | 0.33 | 0.11 | ଶାରଦ ତିନି | ବନୁ ମହାନ୍ତ, ପି.: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 297 | 903 | 0.12 | 0.06 | ଶାରଦ ଦୁଇ | ବାସି ମାଝୀ, ସ୍ୱା.: କରସିଂ ମାଝୀ, ଦଲେନ ମାଝୀ, ପି.: କାଲୁଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 908 | 0.85 | 0.26 | ଶାରଦ ତିନି | |
| | 913 | 1.01 | 0.14 | ଶାରଦ ତିନି | |
| 298 | 1006 | 0.72 | 0.30 | ଶାରଦ ଦୁଇ | ବାବାଜି ଦେହୁରୀ, ସାଧୁ ଦେହୁରୀ, ସନ୍ୟାସି ଦେହୁରୀ, ହରିପଦ ଦେହୁରୀ, ତିଳ ଦେହୁରୀ, ପି.: ଶତ୍ରୁଘ୍ନ ଦେହୁରୀ, ନିଶାମଣୀ ଦେହୁରୀ, ସ୍ୱା.: ଶତୃଘନ ଦେହୁରୀ, ଜା: ଭୂମିଜ, ବା: ନିଜଗାଁ |
| 302 | 368 | 1.30 | 0.04 | ଶାରଦ ଏକ | ବିରଞ୍ଚି ନାରାୟଣ ଧର ମହାପାତ୍ର, ପି.: ଗଙ୍ଗାଧର ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 308 | 946/ 2157 | 0.20 | 0.06 | ଶାରଦ ଦୁଇ | ବିକଳ ମହାନ୍ତ, ପି.: କାର୍ତ୍ତିକ ମହାନ୍ତ, ସଦୁ ମହାନ୍ତ, ପି.: ଶ୍ରୀନାଥ ମହାନ୍ତ, ଜା: କୁଡମୀ, ବା: ନିଜଗାଁ |
| 310 | 1831 | 0.32 | 0.06 | ଶାରଦ ଦୁଇ | ବିନୋଦା ସିଂ, ସ୍ୱା.: ମଦନ ସିଂ, ଜା: ଭୂମିଜ, ବା: ନିଜଗାଁ |
| 312 | 40 | 1.09 | 0.50 | ଶାରଦ ଦୁଇ | ବୁଧିନି ମହାନ୍ତ, ସ୍ୱା.: ଶୁକ ମହାନ୍ତ, ମତି ମହାନ୍ତ, ସ୍ୱା.: ପ୍ରହରାଜ ମହାନ୍ତ, ଜା: କୁଡମୀ, ବା: ନିଜଗାଁ |
| 322 | 828 | 0.96 | 0.12 | ଶାରଦ ତିନି | ଭଗବାନ ପତି, ପି.: ପର୍ଶୁରାମ ପତି, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 1432 | 1.12 | 0.01 | ଶାରଦ ଏକ | |
| 324 | 41 | 0.16 | 0.13 | ଶାରଦ ଦୁଇ | ଭଗବାନ ମହାନ୍ତ, ହରି ମହାନ୍ତ, ଦ୍ୱାରି ମହାନ୍ତ, ପି.: ଛୁଟୁ ମହାନ୍ତ, ଜା: କୁଡମୀ, ବା: ନିଜଗାଁ |
| 326 | 347 | 0.12 | 0.05 | ଶାରଦ ତିନି | ଭଗ ରାମ, ସନ୍ୟାସୀ ରାମ, ବୈକୁଣ୍ଠ ରାମ, ପି.: ଦରିଆ ରାମ, ଜା: ରାଜୁଆଳ, ବା: ନିଜଗାଁ, ବା: ଦ୍ରୌପଦୀ ରାମ, ଅନପୂର୍ଣ୍ଣା ରାମ, ପି.: କାଶିଆ ରାମ, ଶାରଦା ମଣି ରାମ, ସ୍ୱା.: କାଶିଆ ରାମ, ଜା: ରାଜୁଆଳ, ବା: ନିଜଗାଁ |
| | 325 | 0.52 | 0.01 | ଶାରଦ ତିନି | |
| | 352 | 1.00 | 0.30 | ଶାରଦ ତିନି | |
| | 628 | 0.20 | 0.01 | ଶାରଦ ଏକ | |
| | 356 | 0.42 | 0.05 | ଶାରଦ ତିନି | |
| 327 | 346 | 0.79 | 0.10 | ଶାରଦ ତିନି | ଭଗ ରାମ, ସନ୍ୟାସି ରାମ, ବୈକୁଣ୍ଠ ରାମ, ପି.: ଦରିଆ ରାମ, ହେଣ୍ଡା ରାମ, ମାଧିଆ ରାମ, ସାନିଆ ରାମ, ମଡ଼ିଆ ରାମ, ପି.: ମହେନ୍ଦ୍ର ରାମ, ଦ୍ରୌପଦୀ ରାମ, ଅନ୍ନପୂର୍ଣ୍ଣା ରାମ, ପି.: କାଶିଆ ରାମ, ଶାରଦା ମଣୀ ରାମ, ସ୍ୱା.: କାଶିଆ ରାମ, ଜା: ରାଜୁଆଳ, ବା: ନିଜଗାଁ |
| | 360 | 0.40 | 0.05 | ଶାରଦ ଏକ | |
| | 350 | 0.22 | 0.12 | ଶାରଦ ତିନି | |
| 340 | 254 | 0.39 | 0.20 | ଶାରଦ ତିନି | ଭାଦ ମାଝୀ, ପି.: କାଳିଆ ମାଝୀ, ଭୀମ ମାଝୀ, ପି.: ଶୁକୁରା ମାଝୀ, ବାଉଲା ମାଝୀ, ପି.: ଗୋରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 345 | 216 | 1.59 | 0.22 | ଶାରଦ ତିନି | ଭୀମସେନ ମୁର୍ମୁ, ପି.: ସାଲଖୁ ମୁର୍ମୁ, ବତୀ ମୁର୍ମୁ, ସ୍ୱା.: ଲୁସା ମୁର୍ମୁ, ମାନସ ମୁର୍ମୁ, ସୁବଳ ମୁର୍ମୁ, ଭାରତୀ ମୁର୍ମୁ, ଜ୍ୟୋତି ମୁର୍ମୁ, ପି.: ଲୁସା ମୁର୍ମୁ, ଜା: ସାନ୍ତାଳ, ବା: ନିଜଗାଁ |
| 352 | 179 | 1.17 | 0.11 | ଶାରଦ ଦୁଇ | ଭୋଳା ରାଏ, ପି.: କାଞ୍ଚନ ରାଏ, ଜା: ରାଜୁଆଳ, ବା: ସୁମିତ୍ରା ଦେଇପୁର |
| 353 | 432 | 0.25 | 0.01 | ଘରବାରି | ଭୋଳା ବେହେରା, ପି.: ପେମା ବେହେରା, ଜା: କାଉଁଆ, ବା: ନିଜଗାଁ |
| 355 | 44 | 0.04 | 0.04 | ଶାରଦ ଦୁଇ | ମଡ଼ି ମହାନ୍ତ, ସ୍ୱା.: ପ୍ରହରାଜ ମହାନ୍ତ, ଜା: କୁଡମୀ, ବା: ନିଜଗାଁ |
| | 52 | 0.03 | 0.03 | ଶାରଦ ଦୁଇ | |
| 359 | 345 | 1.02 | 0.60 | ଶାରଦ ତିନି | ମଦନା ପାତ୍ର, ପି.: କାଳିଆ ପାତ୍ର, ଜା: ଭୂମିଜ, ବା: ନିଜଗାଁ |
| 362 | 23/ 1969 | 0.44 | 0.22 | ଶାରଦ ଦୁଇ | ମହେନ୍ଦ୍ର ମହାନ୍ତ, ପି.: ନିମାଇଁ ମହନ୍ତ, ଜା: କୁଡମୀ, ବା: ନିଜଗାଁ |
| 374 | 337 | 0.26 | 0.21 | ଶାରଦ ତିନି | ମହେଶ୍ୱର ରାମ, ପୁରସ୍ତମ ରାମ, ପି.: ଶମ୍ଭୁ ରାମ, ଜା: ରାଜୁଆଳ, ବା: ନିଜଗାଁ |
| | 323 | 0.95 | 0.02 | ଶାରଦ ତିନି | |
| | 357 | 0.79 | 0.09 | ଶାରଦ ତିନି | |
| 375 | 1025 | 1.12 | 0.04 | ଶାରଦ ଦୁଇ | ମନବୋଧ ମହାନ୍ତ, ମହେନ୍ଦ୍ର ମହାନ୍ତ, ଅଭିରାମ ମହାନ୍ତ, ପି.: ଚୈତନ ମହାନ୍ତ, ଜା: କୁଡମୀ, ବା: କୁରାଡ଼ିକ |
| | 1027 | 0.57 | 0.16 | ଶାରଦ ଦୁଇ | |
| 381 | 1537 | 0.34 | 0.07 | ଶାରଦ ଦୁଇ | ମାଝିଆ ଟୁଡୁ, ପି.: ଦାସ ଟୁଡୁ, ଜା: ସାନ୍ତାଳ, ବା: ନିଜଗାଁ |
| 384 | 252 | 0.70 | 0.13 | ଶାରଦ ତିନି | ମାଣିକ ମାଝୀ, ପି.: ଭୂଟା ମାଝୀ, ଜା: ସାନ୍ତାଳ, ବା: ହରିପୁର |
| 389 | 1362/ 1982 | 2.00 | 0.22 | ଶାରଦ ଦୁଇ | ମୋତିଲାଲ ମହାନ୍ତ, ରଙ୍ଗଲାଲ ମହାନ୍ତ, ପି.: ରଥ ମହାନ୍ତ, ଜା: କୁଡୁମି, ବା: ସଇତିପୁର |
| 411 | 1434/ 2010 | 0.45 | 0.03 | ଶାରଦ ଦୁଇ | ରାମଚନ୍ଦ୍ର ଧର ମହାପାତ୍ର, ପି.: ବିନଦ ଧର ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| | 1430/ 2109 | 0.17 | 0.01 | ଶାରଦ ତିନି | |
| | 1432/ 2148 | 0.10 | 0.10 | ଶାରଦ ଏକ | |
| 414 | 74 | 1.76 | 0.26 | ଶାରଦ ଏକ | ରାମଚନ୍ଦ୍ର ମହାନ୍ତ, ପି.: କାଶୀନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 86 | 0.30 | 0.10 | ଶାରଦ ତିନି | |
| | 87 | 0.34 | 0.22 | ଶାରଦ ତିନି | |
| | 95 | 0.37 | 0.03 | ଶାରଦ ଏକ | |
| | 90 | 0.50 | 0.08 | ଶାରଦ ଦୁଇ | |
| | 75 | 0.33 | 0.03 | ଶାରଦ ଏକ | |
| 423 | 1846 | 0.07 | 0.07 | ଶାରଦ ଦୁଇ | ରାମ ସିଂ, ଗୟାସୁର ସିଂ, ପି.: ରଥିଆ ସିଂ, ଜା: ଭୂମିଜ, ବା: ନିଜଗାଁ |
| 426 | 1435 | 0.94 | 0.01 | ଶାରଦ ଏକ | ରାଧାକାନ୍ତ ମିଶ୍ର, ଉମାକାନ୍ତ ମିଶ୍ର, ପି.: ରାମଚନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 451 | 1307 | 0.26 | 0.04 | ଶାରଦ ଦୁଇ | ଲୋକନାଥ ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ, ପି.: ବାବୁରାମ ମହାନ୍ତ, ସନାତନ ମହାନ୍ତ, ପି.: ଝଡ଼ିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1307/ 2127 | 0.06 | 0.06 | ଶାରଦ ଦୁଇ | |
| 453 | 1312 | 0.94 | 0.08 | ଶାରଦ ତିନି | ଶଙ୍କର ସେଠୀ, ପି.: କୃପ ସେଠୀ, ଜା: ଧୋବା, ବା: ନିଜଗାଁ |
| 457 | 37 | 0.27 | 0.05 | ଶାରଦ ଦୁଇ | ଶଙ୍କର ମହାନ୍ତ, ପି.: ମକୁଳ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 65 | 0.32 | 0.23 | ଶାରଦ ଦୁଇ | |
| 460 | 1033 | 3.48 | 0.22 | ଶାରଦ ଦୁଇ | ସଦାନନ୍ଦ ମହାନ୍ତ, ଜହର ଲାଲ ମହାନ୍ତ, ପି.: ଦୁର୍ଜନ ମହାନ୍ତ, ଚେମି ମହାନ୍ତ, ସ୍ୱା.: ଦୁର୍ଜନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 463 | 1003/ 2132 | 0.55 | 0.20 | ଶାରଦ ଦୁଇ | ଶରଦା ମଣି ସାହୁ, ପି.: ପରୀକ୍ଷିତ ସାହୁ, ଜା: ତେଲି, ବା: ନିଜଗାଁ |
| 466 | 1304/ 2081 | 0.40 | 0.04 | ଶାରଦ ଦୁଇ | ସନାତନ ମହାନ୍ତ, ପି.: ଝରିଆ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 470 | 182 | 0.22 | 0.01 | ଶାରଦ ଦୁଇ | ସନ୍ୟାସି ପାଣି, ପି.: ଭଗବାନ ପାଣି, ଜା: ବ୍ରାହ୍ମଣ, ବା: ମାଣିକପୁର |
| 472 | 255/ 2152 | 1.77 | 0.10 | ଶାରଦ ତିନି | ଶମ୍ଭୁ ରାଏ, ପି.: କାଞ୍ଚନ ରାଏ ଜା: ରାଜୁଆଳ, ବା: ନିଜଗାଁ |
| 475 | 1362/ 2018 | 0.08 | 0.04 | ଶାରଦ ଦୁଇ | ଶମ୍ଭୁନାଥ ମହାନ୍ତ, ପି.: ଯାଦୁ ମହାନ୍ତ, ଜା: କୁଡୁମି, ବା: ବଇଞ୍ଚଡିହା |
| 478 | 55 | 0.09 | 0.06 | ଶାରଦ ଦୁଇ | ସାଉରୀ ମହାନ୍ତ, ସ୍ୱା.: ଶିବୁ ମହାନ୍ତ, ଖଡୁ ମହାନ୍ତ, ପି.: ବିଦ୍ୟାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 56 | 0.17 | 0.04 | ଶାରଦ ଦୁଇ | |
| | 944 | 0.71 | 0.19 | ଶାରଦ ଦୁଇ | |
| 486 | 829/ 2176 | 0.35 | 0.10 | ଶାରଦ ତିନି | ସାନନ୍ଦ ମହାନ୍ତ, ପି.: ନାଲୁ ମହାନ୍ତ, ଜା: କୁଡୁମି, ବା: କ୍ଷେତ୍ରପାଟଣା |
| 489 | 379 | 0.30 | 0.06 | ଶାରଦ ଦୁଇ | ସୀତାମଣି ବ୍ରହ୍ମଚାରୀ, ସ୍ୱା.: ବାସୁଦେବ ନନ୍ଦ ବ୍ରହ୍ମଚାରୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 493 | 618 | 0.25 | 0.10 | ଶାରଦ ଏକ | ସୀତା ମହାନ୍ତ, ପି.: ମାହାଲ ମହାନ୍ତ, ସୁଗା ମହାନ୍ତ, ସ୍ୱା.: ମାହାଲ ମହାନ୍ତ, ଦୟାଲ ମହାନ୍ତ, ପି.: ମନସା ମହାନ୍ତ, ଜା: କୁଡୁମି, ବା: କାପୋଇ |
| | 1412 | 0.29 | 0.16 | ଶାରଦ ଏକ | |
| | 1533 | 0.63 | 0.01 | ଶାରଦ ଏକ | |
| 513 | 176 | 1.80 | 0.30 | ଶାରଦ ତିନି | ସୁନା ମାଝୀ, ପି.: ଝଙ୍ଗଲ ମାଝୀ, ଲକ୍ଷ୍ମୀରାମ ମାଝୀ, ପି.: ଶଙ୍କର ମାଝୀ, ସାଉନା ମାଝୀ, ପି.: ମାଟୁକୁ ମାଝୀ, ଫୁଲମଣି ମାଝୀ, ପି.: ଠାକୁରା ମାଝୀ, ଜା: ସାନ୍ତାଳ, ବା: କାପୋଇ |
| 514 | 23 | 0.35 | 0.10 | ଶାରଦ ଦୁଇ | ସୁରେନ୍ଦ୍ର ମହାନ୍ତ, ପି.: ନିମାଇ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 519 | 185 | 2.64 | 0.44 | ଶାରଦ ଦୁଇ | ସୁରେଇ ମାଝୀ, ପି.: ସାଉନା ମାଝୀ, ସାଗରାମ ମାଝୀ, ପି.: କାନ୍ଦୁରୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | 190 | 2.55 | 0.54 | ଶାରଦ ତିନି | |
| 526 | 293 | 0.13 | 0.03 | ଶାରଦ ଦୁଇ | ସୃଷ୍ଟିଧର ମହାନ୍ତ, ପି.: ଜଗା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 527 | 1830 | 0.70 | 0.10 | ଶାରଦ ଦୁଇ | ସୃଷ୍ଟିଧର ମହାନ୍ତ, ପି.: ଧର୍ମୁ ମହାନ୍ତ, ଜା: କୁଡୁମି, ବା:ନିଜଗାଁ |
| 534 | 76 | 1.42 | 0.18 | ଶାରଦ ଦୁଇ | ସୁଶିଲ ମହାନ୍ତ, ପି.: କାଳାହରି ମହାନ୍ତ, ଶୁକ ମହାନ୍ତ, ସ୍ୱା.: କାଳାହରି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 537 | 25 | 0.92 | 0.36 | ଶାରଦ ଦୁଇ | ସୁପାଇ ମାଝୀ, ମୋହନ ମାଝୀ, ପି.: ଭଗୁଲ ମାଝୀ, ଜା: ସାନ୍ତାଳ, ବା: ସାରଦା |
| | 1081 | 0.77 | 0.10 | ଶାରଦ ଏକ | |
| 564 | 1840 | 0.07 | 0.07 | ଶାରଦ ଦୁଇ | ହାଡ଼ିବନ୍ଧୁ ନାୟକ, ଭାଗବତ ନାୟକ, ଭିକାରୀ ଚରଣ ନାୟକ, ବାଉରି ବନ୍ଧୁ ନାୟକ, ଛକୁ ନାୟକ, ପି.: ସୋମନାଥ ନାୟକ, ଜା: ଖଣ୍ଡାୟତ, ବା: ଅସନଖାଲି |
| 566 | 967 | 1.00 | 0.10 | ଘରବାରି | ହାଡ଼ିଆ ମାଝୀ, ମାନୁ ମାଝୀ, ଛୋଟରାଏ ମାଝୀ, ପି.: ଠାକୁରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| 577 | 366 | 5.50 | 0.11 | ଶାରଦ ଏକ | ଶ୍ରୀ ମଦନ ଗୋପାଳ ଜୀଉ ବିଜେ ନିଜଗାଁ ମାର୍ଫତ ଟ୍ରଷ୍ଟି ବୋର୍ଡ଼ |
| | 1365 | 2.52 | 0.43 | ଶାରଦ ଦୁଇ | |
| 577/11 | 1003/ 2133 | 0.31 | 0.16 | ଶାରଦ ଦୁଇ | ଗୁରୁବାରୀ ଦେଇ, ସ୍ୱା.: ଧୂମା ମହାନ୍ତ, ବା: କାପୋଇ |
| 577/16 | 188 | 0.51 | 0.10 | ଶାରଦ ଏକ | ସୁବାସିନି ଦେଇ, ସ୍ୱା.: ଶତୃଘ୍ନ ନାଏକ, ଜା: ଭୂୟାଁ, ବା: ମାଣିକପୁର |
| | 215 | 0.28 | 0.15 | ଶାରଦ ତିନି | |
| 577/24 | 176/ 2175 | 1.75 | 0.05 | ଶାରଦ ଏକ | ମଧୁସୂଦନ ନାଏକ, ପି.: ସନିଆ ନାଏକ, ଜା: ଭୂୟାଁ, ବା: ମାଣିକପୁର |
| 577/41 | 1003 | 1.21 | 0.44 | ଶାରଦ ଦୁଇ | ଉଗ୍ରେସନ ମହାନ୍ତ, ଅନୁସୂଦନ ମହାନ୍ତ, ଭୁବନେଶ୍ୱର ମହାନ୍ତ, କାର୍ତ୍ତିକେଶ୍ୱର ମହାନ୍ତ, ପି.: ଜଳଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | 1003/ 2132/ 2194 | 1.04 | 0.08 | ଶାରଦ ଦୁଇ | |
| 577/53 | 946/ 2156 | 0.41 | 0.32 | ଶାରଦ ଦୁଇ | ହରି ମହାନ୍ତ, ପି.: ଛୁଟୁ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା ; ନିଜଗାଁ |
| 577/54 | 1826/ 2205 | 0.69 | 0.18 | ଶାରଦ ଦୁଇ | କୁଶୁ ମାଝୀ, ସିବାନ ମାଝୀ, ପି.: ଡମାନ ମାଝୀ, ବା: ଅଶନ ଖାଲି |
| 577/56 | 524 | 0.43 | 0.05 | ଶାରଦ ଏକ | ଗୁରୁ ଚରଣ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ରାମଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ତୋଟାପଡ଼ା |
| 577/67 | 1293/ 2040 | 0.60 | 0.09 | ଶାରଦ ଏକ | ରବିନ୍ଦ୍ର ନାଥ ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ରାଧାନାଥ ମହାନ୍ତ, ନାବାଳକର ଗାର୍ଜନ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁର୍ମୀ କ୍ଷତ୍ରିୟ, ବା: ନିଜଗାଁ |
| | 1293/ 2042/ 2219 | 0.09 | 0.09 | ଶାରଦ ଏକ | |
| 577/68 | 1284 | 1.12 | 0.10 | ଶାରଦ ତିନି | ଅଙ୍ଗଦ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ଶଙ୍କର ମହାନ୍ତ, ଜା: କୁର୍ମୀ କ୍ଷତ୍ରିୟ, ବା: ନିଜଗାଁ |
| 577/69 | 1401/ 2220 | 0.48 | 0.14 | ଶାରଦ ଦୁଇ | କୌଶଲ୍ୟା ମହାନ୍ତ, ଗୋଲାପ ମହାନ୍ତ, ସବିତା ମହାନ୍ତ, ପି.: ବତିଶ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/70 | 1415 | 1.44 | 0.15 | ଶାରଦ ଏକ | ଜଗନ୍ନାଥ ମହାନ୍ତ, କୁଟୁ ମହାନ୍ତ, ଗିରିଶ ଚନ୍ଦ୍ର ମହାନ୍ତ, ଏକାଦଶୀ ମହାନ୍ତ, ସନାତନ ମହାନ୍ତ, ପି.: ରାମହରି ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/72 | 178 | 0.52 | 0.03 | ଶାରଦ ତିନି | ଆକୁଳ ମହାନ୍ତ, ପି.: ବୈକୁଣ୍ଠ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 577/73 | 46 | 0.35 | 0.08 | ଶାରଦ ଦୁଇ | ଶରତ ଚନ୍ଦ୍ର ମହାନ୍ତ, ଶୁଶୀଲ କୁମାର ମହାନ୍ତ, ପି.: କାଶୀନାଥ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ପଳାସବଧା |
| 577/77 | 1525/ 2225 | 0.69 | 0.28 | ଶାରଦ ଦୁଇ | ଉମାକାନ୍ତ ମିଶ୍ର, ପି.: ରାମଚନ୍ଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ତୋଟାପଡ଼ା |
| 577/80 | 444 | 1.35 | 0.15 | ଶାରଦ ତିନି | ଦ୍ୱାରୀ ମହାନ୍ତ, ପି.: ଶ୍ରୀରାମ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/82 | 1352/ 2229 | 0.79 | 0.30 | ଶାରଦ ଏକ | ଧର୍ମାନନ୍ଦ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ସୃଷ୍ଟିଧର ମହାନ୍ତ, ପିତାମ୍ବର ମହାନ୍ତ, ପି.: ଲକ୍ଷ୍ମଣ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/87 | 210/ 2235 | 0.35 | 0.16 | ଶାରଦ ତିନି | ରାଖାଲ ଚନ୍ଦ୍ର ମହାନ୍ତ, ଗୋପାଲ ଚନ୍ଦ୍ର ମହାନ୍ତ, ସାଧୁ ଚରଣ ମହାନ୍ତ, ପି.: ଲୋକନାଥ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/103 | 549/ 2250 | 0.69 | 0.08 | ଶାରଦ ଏକ | ଶକ୍ରା ମହାନ୍ତ, ପି.: ଚାମୁ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ଧୋବଣି ଶୁଳ |
| 577/104 | 622 | 0.74 | 0.01 | ଶାରଦ ଦୁଇ | ଗଜେନ୍ଦ୍ର ସାହୁ, ପି.: କାର୍ତ୍ତିକ ଚନ୍ଦ୍ର ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| 577/105 | 534/ 2252 | 0.86 | 0.06 | ଶାରଦ ଏକ | ଆଦିକନ୍ଦ ସାହୁ, ପି.: କାର୍ତ୍ତିକ ଚନ୍ଦ୍ର ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| 577/106 | 814/ 2253 | 0.34 | 0.03 | ଶାରଦ ଦୁଇ | ଛତୀଶ ମହାନ୍ତ, ପି.: ଗିରି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 577/111 | 1403 | 0.39 | 0.02 | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ଦଶରଥ ମହାନ୍ତ, ଯୋଗେଶ୍ୱର ମହାନ୍ତ, ପି.: ହର ମୋହନ ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/117 | 210/ 2260 | 0.35 | 0.11 | ଶାରଦ ତିନି | ମୁନା ଦେଇ, ସ୍ୱା.: ରାମଚନ୍ଦ୍ର ମହାନ୍ତ, ଗୁରୁ ଚରଣ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: ରାମଚନ୍ଦ୍ର ମହାନ୍ତ, ଜା: କୁଡୁମି କ୍ଷତ୍ରିୟ, ବା: ନିଜଗାଁ |
| 577/140 | 174 | 0.27 | 0.10 | ଶାରଦ ତିନି | ମଙ୍ଗଲ ମହାନ୍ତ, ପି.: ଧନଞ୍ଜୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 577/150 | 1420/ 2283 | 0.69 | 0.18 | ଶାରଦ ଏକ | ବିଶ୍ୱନାଥ ହେମ୍ବ୍ରମ, ପି.: ସିଙ୍ଗରାଏ ହେମ୍ବ୍ରମ, ଜା: ସାନ୍ତାଳ, ବା: ମୁଷାମାରୀ |
| 577/155 | 1362/ 2293 | 0.72 | 0.18 | ଶାରଦ ଦୁଇ | ମହେଶ୍ୱର ମହାନ୍ତ, ଦଶରଥ ମହାନ୍ତ, ଯୋଗେଶ୍ୱର ମହାନ୍ତ, ପି.: ହର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 577/170 | 814/ 2304 | 0.09 | 0.04 | ଘରବାରି | ମହେଶ୍ୱରୀ ମହାନ୍ତ, ସ୍ୱା.: କୃଷ୍ଣଚନ୍ଦ୍ର ମହାନ୍ତ, କମଳ ଲୋଚନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.: କୃଷ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମୀ, ବା: ନିଜଗାଁ |
| 577/171 | 1367/ 2307 | 1.13 | 0.20 | ଶାରଦ ଦୁଇ | ମଧୁସୂଦନ ହେମ୍ବ୍ରମ, ତପନ କୁମାର ହେମ୍ବ୍ରମ, ପି.: ଶିଙ୍ଗରାଏ ହେମ୍ବ୍ରମ, ଜା: ସାନ୍ତାଳ, ବା: ମୁଷାମାରୀ |
| 577/180 | 992 | 0.50 | 0.13 | ଘରବାରି | ପିତାମ୍ବର ମନ୍ତ୍ରୀ, ପି.: ହାଡ଼ିବନ୍ଧୁ ମନ୍ତ୍ରୀ, ଜା: ଖଣ୍ଡାୟତ, ବା: ତେନ୍ତୁଳିଗାଁ |
| | 997 | 0.20 | 0.04 | ଘରବାରି | |
| 577/182 | 829/ 2320/ 2725 | 0.10 | 0.02 | ଘରବାରି | ସମଜି ମହାନ୍ତ, ସ୍ୱା.: ସନାତନ ମହାନ୍ତ, ଜା: କୁଡୁମି କ୍ଷେତ୍ରିୟ, ବା: ନିଜଗାଁ |
| | 829/ 2320 | 0.30 | 0.12 | ଶାରଦ ତିନି | |
| 577/184 | 1293/ 2039 | 0.35 | 0.01 | ଶାରଦ ଏକ | ଆଶାମଣି ମହାନ୍ତ, ସ୍ୱା.: ବୈଦ୍ୟନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| 577/190 | 441 | 0.14 | 0.02 | ଘରବାରି | ବୀଣା ବେହେରା, ସ୍ୱା.: ଗଣେଶ୍ୱର ବେହେରା, ଜା: ଭୂମିଜ, ବା: ନିଜଗାଁ |
| 577/195 | 1843 | 0.59 | 0.06 | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତି, ପି.: ସୃଷ୍ଟିଧର ମହାନ୍ତି, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା: ବେହଲୁଆ, ଥାନା: ଶିଙ୍ଗଲା, ଜି: ବାଲେଶ୍ୱର |

# ଇତିହାସରୁ ଗୋଟିଏ ପାଦ ଦୂରରେ

## ୨୫ ମିଟର ପିସ୍ତଲ ଫାଇନାଲରେ ମନୁ ଭାକର


ମନୁ ଭାକର

ଚାଟେରକ୍ସ, ୨।୮ (ପି.ଟି.)

ଭାରତୀୟ ଶୁଟିଂ ସେନ୍‌ସେସନ୍ ମନୁ ଭାକର ଇତିହାସ ରଚିବାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ଶୁକ୍ରବାର ମନୁ ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ଇଭେଣ୍ଟର ଫାଇନାଲରେ ପହଞ୍ଚିବା ସହ ଗୋଟିଏ ସଂସ୍କରଣରେ ତୃତୀୟ ପଦକ ଜିତିବାର ନିକଟତର ହୋଇଛନ୍ତି। ୨୨ ବର୍ଷୀୟା ମନୁ ପୂର୍ବରୁ ୧୦ ମିଟର ପିସ୍ତଲ ମହିଳା ଓ ମିକ୍ସଡ ଟିମ୍ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରି ସାରିଛନ୍ତି। ଶୁକ୍ରବାର ମନୁ ୫୯୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମନୁ ପ୍ରିସିସନ୍ ରାଉଣ୍ଡରେ ୨୯୪ ପଏଣ୍ଟ ସ୍କୋର କରିଥିବା ବେଳେ ର୍ୟାପିଡ୍ ରାଉଣ୍ଡରେ ୨୯୬ ପଏଣ୍ଟ ସ୍କୋର କରିଥିଲେ। ଏହି ଇଭେଣ୍ଟରେ ହଙ୍ଗେରୀର ଭେରୋନିକା ମେଜର ମୋଟ ୫୯୨ (୨୯୪+୨୯୮) ପଏଣ୍ଟ ସ୍କୋର କରି ପ୍ରଥମ ସ୍ଥାନରେ ରହିଥିଲେ। ଭେରୋନିକା ଏହା ସହ ଅଲିମ୍ପିକ୍ସରେ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ଅନ୍ୟତମ ଭାରତୀୟ ଇଶା ସିଂ ଦଶମ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ।

### ୨୩ରେ ବଲରାଜ

ଭାରତୀୟ ରୋୟର ବଲରାଜ ପନୱର ୨୩ ତମ ସ୍ଥାନରେ ରହି ଅଲିମ୍ପିକ୍ସରେ ଅଭିଯାନ ଶେଷ କରିଛନ୍ତି। ହରିୟାଣାର ୨୫ ବର୍ଷୀୟ ଯୁବକ ଶୁକ୍ରବାର ୧୯-୨୪ତମ ପ୍ଲେ ଅଫ୍‌ରେ ମୁକାବିଲା କରୁଥିଲେ। ଚଳିତ ଗେମ୍ସରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହିତ ବଲରାଜ ୭:୦୨.୩୭ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ରିପିଚେଜ୍ ରାଉଣ୍ଡରେ ବିଜୟ ଆଧାରରେ ବଲରାଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ପଞ୍ଚମ ସ୍ଥାନରେ ରହି ସେ ମେଡାଲ ଦୌଡ଼ରୁ ବାଦ ପଡ଼ିଥିଲେ।

## ଭାରତର କାର୍ଯ୍ୟସୂଚୀ (ଶନିବାର)

**ଶୁଟିଂ:** ୨୫ ମିଟର ପିସ୍ତଲ ଫାଇନାଲ
ମନୁ ଭାକର (ଅପରାହ୍ନ ୧.୦୦)
ମହିଳା ସ୍କିଟ୍ କ୍ୱାଲିଫିକେଶନ
ରାଇଜା ଧିଲୋନ୍, ମହେଶ୍ୱରୀ ଚୌହାନ୍ (ଅପରାହ୍ନ ୧୨.୩୦)।
**ଆର୍ଚେରୀ:** ମହିଳା ବ୍ୟକ୍ତିଗତ ରାଉଣ୍ଡ
ଦୀପିକା କୁମାରୀ ବନାମ ମିଚେଲ କ୍ରୋପେନ (ଅପରାହ୍ନ ୧.୫୨)
ଭଜନ କୌର ବନାମ ଡିଆଣ୍ଡା କୌରିନ୍ନିସା (ଅପରାହ୍ନ ୨.୦୫)।
**ସେଲିଂ:** ପୁରୁଷ ଡିଙ୍ଗି ରେସ୍-୫
ବିଷ୍ଣୁ ସର୍ବାନନ (ଅପରାହ୍ନ ୩.୪୫)।
ମହିଳା ଡିଙ୍ଗି ରେସ୍-୫
ନେତ୍ରା କୁମାନନ (ସନ୍ଧ୍ୟା ୫.୫୫)।
**ବକ୍ସିଂ:** ପୁରୁଷ ୭୧ କିଗ୍ରା ବକ୍ସିଂ
ନିଶାନ୍ତ ଦେବ ବନାମ ମାର୍କୋ ଭେର୍ଡେ।

# ପକ୍ଷାଘାତରୁ ଅଲିମ୍ପିକ୍ସ ପଦକ

ଚାଟେରକ୍ସ, ୨।୮ (ପି.ଟି.)

ଗୁଆଟେମାଲା ପାଇଁ ଟ୍ରାପ୍ ଶୁଟିଂରେ ପ୍ରଥମ ଅଲିମ୍ପିକ୍ସ ପଦକ ବିଜୟୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଆଡ୍ରିଆନା ରୁଆନୋ ଅଲିଭା। ଗୁଆଟେମାଲା ଦେଶ ପକ୍ଷରୁ ଏହା ତୃତୀୟ ଅଲିମ୍ପିକ୍ସ ପଦକ ହୋଇଥିବା ବେଳେ ବିଜେତା ଆଡ୍ରିଆନାଙ୍କ ପାଇଁ ଏହା ଏକ ସ୍ମରଣୀୟ ଯାତ୍ରା। ଏକଦା ପକ୍ଷାଘାତର ଶିକାର ହୋଇଥିବା ଏହି ଆଥ୍‌ଲେଟ ଜଣକ ଟ୍ରାପ୍ ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଆରମ୍ଭରୁ ଜିମ୍ନାଷ୍ଟିକ୍ସ ପ୍ରତି ଆଡ୍ରିଆନାଙ୍କ ରହିଥିଲା ଅହେତୁକ ଦୁର୍ବଳତା। ତେବେ ଅଭ୍ୟାସ ସମୟରେ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ପକ୍ଷାଘାତର ଶିକାର ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସୁସ୍ଥ ହୋଇଥିଲେ। ତେବେ ମେରୁଦଣ୍ଡର ୬ଟି ସ୍ଥାନରେ ଆଘାତ କାରଣରୁ ସେ ଆଉ ଜିମ୍ନାଷ୍ଟିକ୍ସ ଅଭ୍ୟାସ କରିପାରିବେ ନାହିଁ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏହାପରେ ଆଡ୍ରିଆନା ଶୁଟିଂକୁ ଚୟନ କରିବା ସହ ଇତିହାସ ରଚିଛନ୍ତି।

ସ୍କୁଲ ସମୟରୁ ଆଡ୍ରିଆନା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍‌ରେ ସକ୍ରିୟ ରହିଥିଲେ। ଏପରି କି ଆଘାତ ପରେ ମଧ୍ୟ ସେ କ୍ରୀଡ଼ା ସହ ଯୋଡ଼ି ହୋଇ ରହିବାକୁ ଚାହିଁଥିଲେ। ତେବେ ସେ କେବଳ ଶୁଟିଂରେ ଭାଗ ନେଇପାରିବେ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଜଣେ ଭାଇଙ୍କ ସାଙ୍ଗ ସ୍କିଟ୍ ଶୁଟର ରହିଥିବା ବେଳେ ତାଙ୍କ ସହାୟତାରେ ଅଭ୍ୟାସ ଆରମ୍ଭ କରିଥିଲେ ଆଡ୍ରିଆନା। ଆରମ୍ଭରୁ ସେ ଶୁଟିଂ ପ୍ରତି ଆଦୌ ଆଗ୍ରହୀ ନ ଥିଲେ। ମାନସିକ ଦୁଶ୍ଚିନ୍ତାରୁ ନିଜକୁ ଦୂରେଇ ରଖିବା ପାଇଁ ଶୁଟିଂକୁ ଅଭ୍ୟାସ କରିଥିବା ଆଡ୍ରିଆନା ୨୦୨୦ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ତେବେ ଏହା ପୂର୍ବରୁ ୨୦୧୬ ରିଓ ଡି ଜେନେରିଓରେ ସେ ଜଣେ ଭଲ୍ୟୁଣ୍ଟିର ଭାବରେ ଅଂଶଗ୍ରହଣ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅନ୍ତିମ ସ୍ଥାନରେ ରହିଥିଲେ ମଧ୍ୟ କଠିନ ପରିଶ୍ରମ କରି ୩ ବର୍ଷ ମଧ୍ୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏପରି କି ଅଲିମ୍ପିକ ଗେମ୍ସର ୪ ସପ୍ତାହ ପୂର୍ବରୁ ଆଡ୍ରିଆନାଙ୍କ ପିତାଙ୍କ ପରଲୋକ ହୋଇଥିଲା। ତେବେ ସମସ୍ତ ଦୁଃଖକୁ ପଛରେ ପକାଇ ସେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସ୍ପାନିଶ ଟେନିସ୍ ତାରକା ରାଫେଲ ନାଡାଲଙ୍କୁ ସେ ନିଜର ଆଦର୍ଶ ମନେକରନ୍ତି ବୋଲି କୁହନ୍ତି ଆଡ୍ରିଆନା।


ଆଡ୍ରିଆନା ରୁଆନୋ ଅଲିଭା

# ଅଳ୍ପକେ ପଦକ ହରାଇଲା ଆର୍ଚେରୀ ଦଳ

ପ୍ୟାରିସ୍, ୨।୮ (ପି.ଟି.)

ଭାରତୀୟ ମିକ୍ସଡ ଟିମ୍ ଆର୍ଚେରୀ ଦଳ ଅଲିମ୍ପିକ୍ସ ସେମି ଫାଇନାଲରେ ପହଞ୍ଚି ଇତିହାସ ରଚିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛି। ଅଙ୍କିତା ଭକତ ଓ ଧୀରଜ ବୋମ୍ମାଦେବରାଙ୍କ ଭାରତୀୟ ମିକ୍ସଡ ଟିମ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଆମେରିକା ଠାରୁ ୬-୨ରେ ପରାଜିତ ହୋଇଥିଲା। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କେସି କଫୋଲ୍ଡ ଓ ୩ ଥରର ଅଲିମ୍ପିକ୍ସ ପଦକ ବିଜେତା ବ୍ରାଡି ଏଲିସନଙ୍କ ଯୋଡି ଏହି ମ୍ୟାଚ୍‌କୁ ୩୭-୩୮, ୩୫-୩୭, ୩୮-୩୪ ଓ ୩୫-୩୭ରେ ଜିତି ନେଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ କୋରିଆ ସହ ଭାରତର ମୁକାବିଲା ହୋଇଥିବା ବେଳେ ଭାରତ ୬-୨ରେ ପରାଜିତ ହୋଇଥିଲା। କୋରିଆ ୩୮-୩୬, ୩୫-୩୮, ୩୭-୩୮ ଓ ୩୮-୩୯ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।

ଏହା ପୂର୍ବରୁ ଭାରତ ଇଣ୍ଡୋନେସିଆକୁ ୫-୧ରେ ଓ ସ୍ପେନ୍‌କୁ ୫-୩ରେ ହରାଇ ସେମି ଫାଇନାଲରେ ପହଞ୍ଚିଥିଲା। ପ୍ରଥମ ଥର ସେମି ଫାଇନାଲରେ ପହଞ୍ଚି ଭାରତୀୟ ଯୋଡି ଇତିହାସ ରଚିଥିଲେ। ପ୍ରଥମ ଥର ପାଇଁ ଆର୍ଚେରୀର କୌଣସି ଇଭେଣ୍ଟରେ ଭାରତ ସେମିରେ ପ୍ରବେଶ କରିଥିଲା। ଉଭୟ ସେମି ଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ଧୀରଜ ବୋମ୍ମାଦେବରା ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଅଙ୍କିତାଙ୍କ ଏକାଧିକ ଶଟ୍‌ରେ ୮ ପଏଣ୍ଟ ଆସିବା କାରଣରୁ ଆର୍ଚେରୀରେ ଭାରତ ଏହାର ପଦକ ସମ୍ଭାବନା ହରାଇଥିଲା। ଧୀରଜ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ୪ ଥର ୧୦ ପଏଣ୍ଟର ସ୍କୋର କରିଥିଲେ।


ମିକ୍ସଡ ଟିମ ଆର୍ଚେରୀ ବ୍ରୋଞ୍ଜ ପଦକ ପ୍ଲେ ଅଫ୍ ଅବସରରେ ଧୀରଜ ବୋମ୍ମାଦେବରା।

# ସେମି ଫାଇନାଲରେ ଲକ୍ଷ୍ୟ ସେନ୍

ପ୍ୟାରିସ୍, ୧।୮ (ପି.ଟି.)



ପ୍ରଥମ ପୁରୁଷ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଭାବରେ ଅଲିମ୍ପିକ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଲକ୍ଷ୍ୟ ସେନ୍। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାଇନିଜ୍ ତାଇପେର ଚୋଉ ଟିଏନ୍ ଚେନ୍‌ଙ୍କୁ ୧୯-୨୧, ୨୧-୧୫ ଓ ୨୧-୧୨ ସେଟରେ ପରାସ୍ତ କରିଥିଲେ ଲକ୍ଷ୍ୟ। ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଚମତ୍କାର ଶୃଙ୍ଖଳାର ସହ ଖେଳି ପରବର୍ତ୍ତୀ ୨ ସେଟରେ ସହଜ ବିଜୟ ହାସଲ କରିଥିଲେ ଲକ୍ଷ୍ୟ। ବ୍ୟାଡମିଣ୍ଟନରୁ ସମସ୍ତ ଭାରତୀୟ ବିଦାୟ ନେଇଥିବା ବେଳେ ଲକ୍ଷ୍ୟ ପଦକ ରେସ୍‌ରେ ଅଛନ୍ତି।

# ରୋଇଂ ପୋଡିୟମରେ ୩ ମା'


ନ୍ୟୁଜିଲାଣ୍ଡର ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ।

ପ୍ୟାରିସ୍, ୨।୮ (ପି.ଟି.)

ମାତୃତ୍ୱ ଲାଭ କରିବା ପରେ କ୍ରୀଡ଼ାବିତମାନଙ୍କ କ୍ୟାରିୟର ସାଧାରଣତଃ ପଛେଇ ଯାଇଥାଏ। ତେବେ ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ମାତୃତ୍ୱ ଲାଭ କରିଥିବା ୩ ଜଣ ଖେଳାଳି ରୋଇଂ ଇଭେଣ୍ଟରେ ପୋଡିୟମରେ ଛିଡ଼ା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବ୍ରିଟେନ୍‌ର ହେଲେନ୍ ଗ୍ରୋଭର, ନ୍ୟୁଜିଲାଣ୍ଡର ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ଏହି ନିଆରା କୃତିତ୍ୱ ହାସଲ କରିଛନ୍ତି।

ବ୍ରିଟେନର ଭେଟେରାନ୍ ହେଲେନ୍ ଗ୍ରୋଭର ୩ଟି ସନ୍ତାନର ମା'। ଓମେନ୍ସ ୪ ଇଭେଣ୍ଟରେ ରୌପ୍ୟ ବିଜୟୀ ଇଂଲଣ୍ଡ ଦଳର ସେ ଅନ୍ୟତମ ସଦସ୍ୟ। ସେହିପରି ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ନ୍ୟୁଜିଲାଣ୍ଡ ଡବଲ୍ ସ୍କଲ୍ ଦଳର ସଦସ୍ୟ ଭାବରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଭୟ ବିଜୟୀ ହେବା ପରେ ଡଗ୍‌ଆଉଟରେ ନିଜ ଛୁଆଙ୍କ ସହ ସମୟ ବିତାଉଥିବା ଦେଖିବାକୁ ମିଳିଥିଲା। ଲୁସି ସ୍ପୁର୍ସ ଓ ବ୍ରୁକ୍ ଫ୍ରାନ୍ସିସ ଅଭ୍ୟାସ ସମୟରେ ନିଜ ଶିଶୁମାନଙ୍କ ଲୋରି ଶୁଣୁଥିବା ପ୍ରକାଶ କରିଛନ୍ତି।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩ | ୮ | ୯ | ୩୦ |
| ଫ୍ରାନ୍ସ | ୧୦ | ୧୧ | ୧୨ | ୩୩ |
| ଅଷ୍ଟ୍ରେଲିଆ | ୧୦ | ୬ | ୫ | ୨୧ |
| ଆମେରିକା | ୯ | ୧୮ | ୧୫ | ୪୨ |
| ବ୍ରିଟେନ | ୯ | ୧୦ | ୮ | ୨୭ |
| ଜାପାନ | ୮ | ୩ | ୬ | ୧୭ |
| ଦ.କୋରିଆ | ୭ | ୫ | ୪ | ୧୬ |
| ଇଟାଲୀ | ୫ | ୮ | ୪ | ୧୭ |
| ନେଦରଲାଣ୍ଡସ୍ | ୪ | ୨ | ୨ | ୮ |
| କାନାଡା | ୩ | ୨ | ୬ | ୧୧ |
| ଜର୍ମାନୀ | ୨ | ୩ | ୨ | ୭ |
| ନ୍ୟୁଜିଲାଣ୍ଡ | ୨ | ୩ | ୧ | ୬ |
| ରୋମାନିଆ | ୨ | ୩ | ୧ | ୬ |
| ହଂକଂ | ୨ | ୦ | ୨ | ୪ |
| ଭାରତ | ୦ | ୦ | ୩ | ୩ |

(ରାତି ୧ଟା ସୁଦ୍ଧା)

# ସଂଜ୍ଞାହୀନ ହୋଇପଡ଼ିଲେ ମହିଳା ସନ୍ତରଣକାରୀ

**ନାଣ୍ଟେରେ, ୨।୮ (ଏପି):** ପ୍ୟାରିସ ଅଲିମ୍ପିକ୍ସରେ ଶୁକ୍ରବାର ସକାଳେ ମହିଳା ୨୦୦ମିଟର ବ୍ୟକ୍ତିଗତ ମିଡ୍‌ଲେର ଏକ କ୍ୱାଲିଫାଇଂ ହିଟ୍ ପରେ ଟାମାରା ପଟୋକା ନାମ୍ନୀ ଜଣେ ସନ୍ତରଣକାରୀ ସଂଜ୍ଞାହୀନ ହୋଇପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏକ ଷ୍ଟ୍ରେଚରରେ ନିଆଯାଇଥିଲା। ସ୍ଲୋଭାକିଆର ପଟୋକାଙ୍କୁ ଏକ ଅକ୍ସିଜେନ ମାସ୍କ ସହିତ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ସେ ହୋସ୍ ଫେରିପାଇଛନ୍ତି ବୋଲି ସନ୍ତରଣାଗାର ନିକଟରେ ଉପସ୍ଥିତ ଥିବା ଡାକ୍ତରୀ ଦଳ କହିଛନ୍ତି।

# ଭାରତୀୟ ଆଥ୍‌ଲେଟଙ୍କ ଲାଗି ପଠାଗଲା ୪୦ ଏୟାରକଣ୍ଡିଶନର

ନୂଆଦିଲ୍ଲୀ, ୨।୮ (ପି.ଟି.)

ପ୍ୟାରିସରେ ତାପମାତ୍ରା ସାଙ୍ଗକୁ ଆର୍ଦ୍ରତା ବୃଦ୍ଧି ପାଇବାରେ ଲାଗିଛି। ଅଲିମ୍ପିକ ଗେମ୍ସ ଭିଲେଜର ରୁମ୍‌ଗୁଡ଼ିକରେ କୁଲିଂ ବ୍ୟବସ୍ଥାରେ ଅଭାବ ରହିଥିବାରୁ ସେଠାରେ ଅବସ୍ଥାନ କରୁଥିବା ଭାରତୀୟ ଆଥଲେଟମାନଙ୍କ ସୁବିଧା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ୪୦ଟି ଏୟାରକଣ୍ଡିଶନର ପଠାଇଛି। ଭାରତୀୟ ଅଲିମ୍ପିକ ଆସୋସିଏଶନ ଏବଂ ସ୍ଥାନୀୟ ଫ୍ରେଞ୍ଚ୍ ଦୂତାବାସ ସହ ଆଲୋଚନା ପରେ ଏହି ପଦକ୍ଷେପ ନିଆଯାଇଛି। ଅଲିମ୍ପିକ ଗେମ୍ସର ଦୁଇ ପ୍ରମୁଖ ଭେନ୍ୟୁ ପ୍ୟାରିସ ଓ ଚାଟେରକ୍ସରେ ତାପମାତ୍ରା ବୃଦ୍ଧି ପାଉଛି। ଚାଟେରକ୍ସ ଶୁଟିଂ ରେଞ୍ଜ୍‌ରେ ପୁରୁଷ ୫୦ମିଟର ରାଇଫଲ ୩-ପୋଜିଶନ ଇଭେଣ୍ଟ ବେଳେ ଭାରତର ବ୍ରୋଞ୍ଜ-ବିଜେତା ସ୍ୱପ୍ନିଲ କୁସାଲେଙ୍କ ସମେତ ସମସ୍ତ ୮ ଫାଇନାଲିଷ୍ଟ ଝାଳରେ ବୁଡ଼ିଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଖବର ଅନୁସାରେ ପ୍ୟାରିସରେ ଏଇ କିଛି ଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଛି ଏବଂ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଛି।


ଜିମ୍ନାଷ୍ଟିକ୍ସ ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାପରେ ଉଲ୍ଲସିତ ଆମେରିକାର ସିମୋନ ବାଇଲ୍ସ।

# ଇତିହାସ ରଚିଲେ ସିମୋନ୍ ବାଇଲ୍ସ

**ପ୍ୟାରିସ୍, ୨।୮ (ପି.ଟି.):** ଆମେରିକୀୟ ଜିମ୍ନାଷ୍ଟ ସିମୋନ ବାଇଲ୍ସ ଇତିହାସ ରଚିଛନ୍ତି। ଅଲରାଉଣ୍ଡ ଇଭେଣ୍ଟରେ ଦୀର୍ଘ ୮ ବର୍ଷ ଦ୍ୱିତୀୟ ଥର ପାଇଁ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ଅଲିମ୍ପିକ୍ସ ଇତିହାସର ତୃତୀୟ ଜିମ୍ନାଷ୍ଟ ଭାବରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସୋଭିଏଟ୍ ରୁଷିଆର ଲାରିସା ଲାଟେନିନା(୧୯୫୬ ଓ ୧୯୬୦) ଓ ଚେକୋସ୍ଲୋଭାକିଆର ଭେରା କାସ୍‌ଲାଭସ୍କା(୧୯୬୪ ଓ ୧୯୬୮)ରେ ଏହି ସଫଳତା ହାସଲ କରିଛନ୍ତି। ୮ ବର୍ଷ ତଳେ ରିଓ ଅଲିମ୍ପିକ୍ସରେ ବାଇଲ୍ସ ପ୍ରଥମ ଥର ଅଲରାଉଣ୍ଡ ଇଭେଣ୍ଟରେ ବିଜୟୀ ହୋଇଥିଲେ। ଏହା ସହ ଅଲିମ୍ପିକ୍ସରେ ବାଇଲ୍ସ ନିଜର ନବମ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୬ଟି ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ରହିଛି।

# ସନ୍ତରଣର ସାମ୍ରାଜ୍ଞୀ କେଟି ଲେଡେକି

ନାନଟେରେ, ୨।୮ (ପି.ଟି.)



ମହିଳା ସନ୍ତରଣରେ ନିଜର ୧୩ତମ ଅଲିମ୍ପିକ୍ସ ପଦକ ସହ ଆମେରିକାର କେଟି ଲେଡେକି ନିଜକୁ ସନ୍ତରଣର ସାମ୍ରାଜ୍ଞୀ ଭାବରେ ପ୍ରତିପାଦିତ କରିଛନ୍ତି। ମହିଳା ଖେଳାଳି ଭାବରେ ନିଜ ଦେଶର ଜେନି ଥମ୍ପସନ, ଡାରା ଟରେସ୍, ନାଟାଲି କଫଲିନ୍ ଓ ଅଷ୍ଟ୍ରେଲିଆର ଏମା ମେକନ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହି ୪ ଖେଳାଳି ୧୨ଟି ଲେଖାଏ ଅଲିମ୍ପିକ୍ସ ପଦକ ଜିତି ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଥିଲେ। ତେବେ ଗୁରୁବାର ୪x୨୦୦ ମିଟର ଫ୍ରିଷ୍ଟାଇଲ ମହିଳା ରିଲେ ଇଭେଣ୍ଟରେ ଆମେରିକା ରୌପ୍ୟ ପଦକ ଜିତିବା ସହ ଏହି ସମସ୍ତ ଖେଳାଳିଙ୍କୁ ଅତିକ୍ରମ କରିଥିଲେ କେଟି। ୪x୨୦୦ ମିଟର ମହିଳା ରିଲେରେ ଆମେରିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ୪ଟି ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିଥିବା କେଟି ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ମୋଟ ୧୩ ପଦକ ହାସଲ କରିଛନ୍ତି। ଅଲିମ୍ପିକ୍ସ ଇତିହାସର ସର୍ବାଧିକ ପଦକ ହାସଲକାରୀଙ୍କ ମଧ୍ୟରେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲପ୍ସ ୨୮ ପଦକ ସହିତ ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସୋଭିଏଟ୍ ରୁଷିଆର ଜିମ୍ନାଷ୍ଟ ଲାରିସା ଲାଟେନିନା ୧୮ ପଦକ ସହ ଦ୍ୱିତୀୟ ଓ ଅନ୍ୟତମ ସୋଭିଏଟ୍ ଖେଳାଳି ନିକୋଲାଇ ଆଣ୍ଡ୍ରିଆନୋଭ୍ ୧୫ ପଦକ ସହ ତୃତୀୟ ସ୍ଥାନରେ ରହିଛନ୍ତି।



**ନନ୍ଦିନୀ ଶତପଥୀ**ଙ୍କ ଜନ୍ମ ୯ ଜୁନ୍ ୧୯୩୧ରେ, କଟକରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ ଭୁବନେଶ୍ୱରରେ। ଭାରତୀୟ ରାଜନୀତିରେ ସେ ଅପରିହାର୍ଯ୍ୟ ହୋଇପଡ଼ିଥିଲେ ତାଙ୍କ ତାରୁଣ୍ୟରେ ଓ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ପ୍ରମାଣ କରିଦେଇଥିଲେ ପ୍ରଶାସନର ସାମର୍ଥ୍ୟ। ଲୋକଙ୍କର ଛୋଟଛୋଟ ଦୁଃଖ, ଛୋଟଛୋଟ ପ୍ରତ୍ୟାଶାକୁ ପଢ଼ିବାର ଉଜ୍ଜ୍ୱଳ ଆଖି ଥିଲା ଏହି ରାଷ୍ଟ୍ରନାୟିକାଙ୍କର ଓ ଜାଣିଥିଲେ ତା'ର ପରିପୂର୍ତ୍ତି। ରାଜନୀତିରୁ ସମୟ ବାହାର କରି ସେ ସଅଁପି ଦେଇଥିଲେ ସାହିତ୍ୟକୁ। ଗଳ୍ପ ଓ କବିତାରେ ସମ୍ପାଦି ଯାଇଥିଲେ ମଣିଷଙ୍କ ପ୍ରତି ହୃଦୟର ଅସୁମାରି ଦରଦ। ସରଳ, ଅଥଚ ଭାବ ଗଭୀର ନନ୍ଦିନୀଦେବୀଙ୍କ ଲେଖାର ଭାଷା। ଅକ୍ଷରେ ଅକ୍ଷରେ, ଶବ୍ଦେ ଶବ୍ଦେ ଧ୍ୱନିତ ଲାଞ୍ଛନାର ପ୍ରତିବାଦ। ତାଙ୍କର ଦୁଇଟି ଅସାମାନ୍ୟ କବିତା ଏଠି ପତ୍ରସ୍ଥ, ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କରି ପୁଣ୍ୟତିଥିରେ।

## ଅଭିଶପ୍ତା ନାରୀ

ଶ୍ରାବଣର ଏକ ବର୍ଷାରାତି
ପଥଘାଟ କର୍ଦ୍ଦମାକ୍ତ
ଯାନ ଆଦି ନାହିଁ ଚଳେ
ଲିଭିଅଛି ଚଉଦିଗୁଁ ବତି।

ସେପାରିର ଶମଶାନ ଦେହୁ
ଶ୍ୱାନ ଶୃଗାଳର ରାବ
ଥରି ଥରି ଆସେ ଭାସି
ଗଛ ତଳେ ଚିତା ଜଳେ ଧୂ ଧୂ।

ସହରର ଦୋମହଲା ଘରୁ
ଖାଦ୍ୟର ସୁମିଷ୍ଟ ଗନ୍ଧ
ପବନରେ ଭାସିଆସେ
ଭାଗ୍ୟବାନ ସେମାନେ ଜନ୍ମରୁ।

ଘର ପାଶେ ମଟର ଗ୍ୟାରେଜ
ବସିଅଛି ନାରୀ ଏକ
କ୍ଷୁଧାରେ ବିବର୍ଣ୍ଣ ମୁଖ
ଦେହେ ନାହିଁ ବସ୍ତ୍ର ତା'ର
ଢାଙ୍କିବାକୁ ଲାଜ।

ନିକଟରେ ବସି ଶିଶୁ ଏକ
ଶୁଖିଲା ଚମ ଓଟାରି
ପାଟିରେ ଭରତି କରି
କ୍ଷୀର ବିନା କାନ୍ଦି କହେ
ଭୋକ ମା' ଭୋକ।

## ମୃତ୍ୟୁ ତୁମରେ ଚାହେଁ

ହତାଶେ ଯେବେ ପ୍ରାଣ ମୋ ପୂରେ
ଦୁଃଖ ଯେବେ ନିବିଡ଼ ହୁଏ
ବିପଦ ଘନ ଅମାଅନ୍ଧାରେ
ପ୍ରାଣ ଯେ ମୋରେ ତୁମରେ ଚାହେଁ।

କଳ୍ପନାର ରାଇଜେ ବୁଲି
ବାସ୍ତବେ ମୁଁ ଯେବେ ଗୋ ଫେରେ
ଦୁନିଆ ସାରା ବିପଦ ଖାଲି
ମୃତ୍ୟୁ, ମୁଁ ଯେ ତୁମରେ ଲୋଡ଼େ।

ଜୀବନେ ଯେତେ ବିପଦ ଢେଉ
କରମ ପଥେ ବାଧା ମୋ ସୃଜେ
ସହି ନ ପାରେ ସେ ଝଞ୍ଜା ଆଉ
ମୃତ୍ୟୁ, ମୁଁ ଯେ ତୁମରେ ଖୋଜେ।

କହିବେ ମୋତେ ଶାନ୍ତିକାମୀ
ଭୟ ମୁଁ ପାଏ ସଂଗ୍ରାମରେ
ବିଶ୍ୱ ଯେବେ ପ୍ରଳୟମୁଖୀ
ଭୀରୁ ମୁଁ ଆଜି ତୁମରେ ଲୋଡ଼େ।

ଉତ୍ତର ତା ଦେବିନି କିଛି
ଗୋଟିଏ ଖାଲି କହିବା କଥା
ପାରେନି କରି ଯା ଥିଲି ଇଚ୍ଛି
(ତେଣୁ) ମୃତ୍ୟୁ, ତୁମେ
ହର ମୋ ବ୍ୟଥା।

# ବିପ୍ଳବର ଆଦି ବାଣୀ: ବିବିଧ ପ୍ରସଙ୍ଗ

**ମୋହିନୀମୋହନ ସେନାପତିଙ୍କ 'ବିବିଧ ପ୍ରସଙ୍ଗ' ଏକ ଭିନ୍ନ ସ୍ୱାଦର ପ୍ରବନ୍ଧ ପୁସ୍ତକ। ଏହା ଓଡ଼ିଆ ସାହିତ୍ୟରେ ବିପ୍ଳବାତ୍ମକ ଚିନ୍ତାଧାରା ଓ ସ୍ୱାଧୀନ ମତର ସଂସ୍ଥାପକ। ଫକୀରମୋହନ ସେନାପତିଙ୍କ ପୁଅ ଜଣେ ନାସ୍ତିକ ଏବଂ ବାପାଙ୍କ ସମସ୍ତ କୃତିର ଅଙ୍ଗ କର୍ତ୍ତନ ପାଇଁ ସେ ଏତେ ପ୍ରଚାରିତ ଯେ ତାଙ୍କ ସାରସ୍ୱତ ସୃଷ୍ଟିର ନିରପେକ୍ଷ ଆକଳନ ଦୃଷ୍ଟିଗୋଚର ହୁଏନାହିଁ। ୧୧ ଅକ୍ଟୋବର ୧୮୮୧ରେ ଫକୀରମୋହନ ଢେଙ୍କାନାଳରେ ଆସିଷ୍ଟାଣ୍ଟ ମ୍ୟାନେଜର ଥିଲାବେଳେ ସେ ଜନ୍ମଗ୍ରହଣ କରିଥିଲେ ଏବଂ ୧୩ ଜୁଲାଇ ୧୯୪୫ରେ ତାଙ୍କର ତିରୋଧାନ ଘଟିଥିଲା।**

## ଅତୀତର ବହି

### ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ମୋହିନୀମୋହନଙ୍କର ଶିକ୍ଷାପ୍ରାପ୍ତି ମୁଖ୍ୟତଃ କଟକଠାରେ ହୋଇଥିଲା। ୧୯୦୨ରେ ସେ ବି.ଏ. ପାସ୍ କରିଥିଲେ। ପରେ ପରେ ସବ୍‌ଡେପୁଟି ଭାବେ କାର୍ଯ୍ୟନିର୍ବାହ କରିଥିଲେ। ୧୯୦୮ରେ ସବ୍‌ଡେପୁଟି ଥାଇ ଏମ୍.ଏ. ପାସ୍ କରିଥିଲେ। ତା'ପରେ ସେ ରେଭେନ୍‌ସା କଲେଜରେ ଦର୍ଶନ ବିଭାଗର ଅଧ୍ୟାପକଭାବେ ଯୋଗଦାନ କରି ୧୯୩୬ରେ ଅବସର ଗ୍ରହଣ କରିଥିଲେ। ତାଙ୍କର ଅନେକ ପ୍ରବନ୍ଧ ଉତ୍କଳ ସାହିତ୍ୟ, ମୁକୁର, ସହକାର, ନବଭାରତ ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବହୁଭାବେ ଲୋକଚିତ୍ତକୁ ଆନ୍ଦୋଳିତ କରିଥିଲା। ସେ ଭିତରୁ ୧୨ଗୋଟି ପ୍ରବନ୍ଧ 'ବିବିଧ ପ୍ରସଙ୍ଗ' ପୁସ୍ତକରେ ସ୍ଥାନିତ ହୋଇ ନବଭାରତ ପ୍ରେସ୍, କଟକରୁ ୧୯୩୯ରେ ପ୍ରକାଶିତ। ଏହି ପ୍ରବନ୍ଧଗୁଡ଼ିକରେ ରୁଢ଼ିବାଦୀ ଚିନ୍ତାଧାରାକୁ ଖଣ୍ଡନକରି ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ବୈଜ୍ଞାନିକ ଓ ସତ୍ୟନିଷ୍ଠ ଧାରାକୁ ପ୍ରତିଷ୍ଠା ଦିଆଯାଇଛି। ସେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସୀ ଓ ମୁଖ୍ୟତଃ ନାସ୍ତିକ ଭାବରେ ବିଦିତ।

ପିତା ଫକୀରମୋହନ ଈଶ୍ୱର, ପରକାଳ ଓ ଆତ୍ମା ଉପରେ ବିଶ୍ୱାସୀ ଥିଲାବେଳେ ମୋହିନୀମୋହନ ଥିଲେ ଠିକ୍ ତା'ର ବିପରୀତ। କଟକରେ ଶିକ୍ଷାଲାଭ ସମୟରେ ସେ ଭକ୍ତକବି ମଧୁସୂଦନ ରାଓଙ୍କ ଘରେ ରହୁଥିଲେ ଏବଂ ତାଙ୍କରି ସଂସ୍ପର୍ଶରେ ଆସି ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଅଧ୍ୟୟନ ଓ ବିଦେଶୀ ଦାର୍ଶନିକମାନଙ୍କର ମତବାଦକୁ ବିଶ୍ଳେଷଣ କଲାପରେ ତାଙ୍କ ଭିତରେ ହେତୁବାଦୀ ଚିନ୍ତନର ଉଦ୍ଭବ ହୋଇଥିଲା। ମୋହିନୀମୋହନଙ୍କ ମତରେ ପ୍ରାଚୀନ ଯୁଗ ଥିଲା ଧର୍ମପ୍ରଧାନ ଏବଂ ବର୍ତ୍ତମାନ ଯୁଗ ବିଜ୍ଞାନପ୍ରଧାନ। ପ୍ରାଚୀନ ଯୁଗର ଆଜ୍ଞା ଥିଲା ଧାର୍ମିକ ହୁଅ ଏବଂ ବର୍ତ୍ତମାନ ଯୁଗର ଆଜ୍ଞା ପ୍ରକୃତିର ଅନୁଗାମୀ ହୁଅ।


ମୋହିନୀମୋହନ ସେନାପତି (୧୮୮୧ – ୧୯୪୫)

ମୋହନୀମୋହନଙ୍କର ଏହି ସମସ୍ତ ଚିନ୍ତାଧାରା ଅନୁବାଦିତ ହୋଇ ଇଂଲିଶ୍ ଓ ବଙ୍ଗଳାଭାଷାରେ ବହୁ ପ୍ରଚାରିତ ହୋଇଥିଲା। ତାଙ୍କର ମତବାଦ ଓ ସ୍ୱାଧୀନ ଚିନ୍ତାକୁ ଅଗ୍ରାଧିକାର ଦେଇ ବିଶ୍ୱନାଥ କର ଉତ୍କଳ ସାହିତ୍ୟରେ ସେ ସବୁକୁ ଆଗ୍ରହର ସହ ପ୍ରକାଶ କରୁଥିଲେ। ଏହି ମତବାଦ ବିରୁଦ୍ଧରେ ସମକାଳୀନ ପତ୍ରପତ୍ରିକାରେ ଅନେକ ଆନ୍ଦୋଳନ ଦେଖାଯାଇଥିଲା। ତାଙ୍କ ମତବାଦକୁ କେତେକ ବୁଦ୍ଧିଜୀବୀ ସମର୍ଥନ କଲାବେଳେ ଆଉ କେତେକ ତାହାର ପ୍ରତିବାଦରେ ପ୍ରବନ୍ଧମାନ ରଚନା କରିଥିଲେ।

ମୋହିନୀମୋହନଙ୍କ ତିରୋଧାନରେ ବିଶିଷ୍ଟ କବି ମାୟାଧର ମାନ୍‌ସିଂ ସ୍ମୃତିଚାରଣ କରି କୁହନ୍ତି, "...କେବଳ ଗୋଟିଏ ଦରମାଖିଆ ଦର୍ଶନର ଅଧ୍ୟାପକ ନ ଥିଲେ, ସେ ଥିଲେ ପ୍ରକୃତରେ ଦାର୍ଶନିକ। ତାଙ୍କର ଚିନ୍ତାରେ ମୌଳିକତା ଥିଲା, ଯଦିଓ ସେଥିରେ ନ ଥିଲା ପୂର୍ଣ୍ଣତା ବା ହୃଦୟସ୍ପର୍ଶୀ ଆଦର୍ଶ। ଆମ୍ଭେମାନେ ମୋହିନୀମୋହନ ବାବୁଙ୍କୁ ତାଙ୍କର ମୌଳିକତା ଓ ଅସାଂସାରିକ ହାବଭାବ ପାଇଁ ବରାବର ସମ୍ମାନର ଦୃଷ୍ଟିରେ ଦେଖିଆସୁଥିଲୁ। ତାଙ୍କର ମୃତ୍ୟୁ ଫଳରେ ଉତ୍କଳର ଚିନ୍ତା ଜଗତରୁ ଏକ ସ୍ତମ୍ଭ ଖସିପଡ଼ିଲା।" (ସମ୍ପାଦକୀୟ, ଶଙ୍ଖ–୧/୨, ୧୯୪୫)

'ବିବିଧ ପ୍ରସଙ୍ଗ'ରେ ଆମେରିକା ଆବିଷ୍କାର, ଜୀବଜନ୍ତୁର ଅଧିକାର, ଭାଗ୍ୟ, ଓଡ଼ିଆ କାହାଣୀ, ମିଟ୍‌ଜେଙ୍କ ଦାର୍ଶନିକ ମତ, ବ୍ରାହ୍ମ ସମାଜ, ବସନ୍ତଗାଥା, ବିବାହର ଇତିହାସ, ବିବାହ, ସ୍ତ୍ରୀ ଜାତିର ସ୍ୱାଧୀନ ଜୀବିକା, ବିବେକ, ଭାରତରେ ବିବାହ ସଂସ୍କାର ପ୍ରଭୃତି ପ୍ରବନ୍ଧ ସ୍ଥାନିତ। ପୁସ୍ତକରେ ଏକ ପ୍ରାମାଣିକ ଅବତରଣିକା ଲେଖକ ଲେଖିଛନ୍ତି। ଏଥିରୁ ତାଙ୍କର ସାରସ୍ୱତ ମୂଲ୍ୟବୋଧ ଜ୍ଞାତ ହୋଇଥାଏ। ଫେବୃଆରୀ ୧୯୧୬ରେ ବାମଣ୍ଡାର ସୁରତରଙ୍ଗିଣୀ ସାରସ୍ୱତ ସମିତି ଦ୍ୱାରା ଫକୀରମୋହନଙ୍କୁ ଦିଆଯାଇଥିବା ସରସ୍ୱତୀ ଉପାଧି ପ୍ରାପ୍ତିର ଦୁର୍ଲଭ ମାନପତ୍ରଟି ପୁସ୍ତକର ଗରିମାକୁ ବହୁଗୁଣିତ କରିଛି।


ବିବିଧ ପ୍ରସଙ୍ଗ
ରେଭେନ୍ସା କଲେଜର ଭୂତପୂର୍ବ ଅଧ୍ୟାପକ
ଶ୍ରୀ ମୋହିନୀମୋହନ ସେନାପତି ଏମ୍.ଏ. ଙ୍କ
ପ୍ରଣୀତ ଓ ପ୍ରକାଶିତ
କଟକ
ପ୍ରଥମ ମୁଦ୍ରଣ
୧୯୩୯
ମୂଲ୍ୟ ଏକ ଟଙ୍କା ମାତ୍ର

ପଲ୍ଲୀକବି ନନ୍ଦକିଶୋର ବଳ ମୋହିନୀମୋହନଙ୍କ ସହପାଠୀ ଥିଲେ। ତାଙ୍କ ସାହଚର୍ଯ୍ୟ ଯୋଗୁ ସେ କବିତା ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁ ରାଓଙ୍କ ସଂସ୍ପର୍ଶରେ ଆସି ତାଙ୍କ କବିତା ବିଶେଷଭାବେ ପ୍ରଭାବିତ ହୋଇଥିଲା। ମଧୁ ରାଓଙ୍କ 'ବସନ୍ତଗାଥା' ଉପରେ ଲିଖିତ ଆଲୋଚନାଟି ଏହି ପୁସ୍ତକରେ ସ୍ଥାନିତ ହେବା ପୂର୍ବରୁ ଉତ୍କଳ ସାହିତ୍ୟରେ 'ବସନ୍ତଗାଥା ଏବଂ ତଦୀୟକବି' ଓ 'ବସନ୍ତଗାଥାର ସମାଲୋଚନା' ଶୀର୍ଷକରେ ପ୍ରକାଶ ପାଇଥିଲା। ଏହି ଆଲୋଚନାରେ ମିଲ୍‌ଟନ୍, ସେକ୍ସପିଅର, ଦାନ୍ତେ ପ୍ରମୁଖ ପାଶ୍ଚାତ୍ୟ କବିମାନଙ୍କର ଚତୁର୍ଦ୍ଦଶପଦୀ କବିତା ସହିତ ମଧୁ ରାଓଙ୍କ କବିତାର ତୁଳନାତ୍ମକ ବିଶ୍ଳେଷଣ କରାଯାଇଛି। ମୋହିନୀମୋହନଙ୍କର ଏହି ଆଲୋଚନାଟିକୁ ପ୍ରକାଶକରି ତା'ର ଉଚ୍ଛ୍ୱସିତ ପ୍ରଶଂସା କରନ୍ତି ବିଶ୍ୱନାଥ କର। ସେ କୁହନ୍ତି, ମଧୁ ରାଓଙ୍କର ବିଶେଷତ୍ୱ ପ୍ରଖ୍ୟାପନ କରିବାରେ ସର୍ବାଦୌ ସଫଳ ହୋଇଛନ୍ତି ମୋହିନୀମୋହନ।

ଗ୍ରନ୍ଥସ୍ଥ 'ବ୍ରାହ୍ମ ସମାଜ' ପ୍ରବନ୍ଧଟି ଏକ ବିତର୍କିତ ପ୍ରବନ୍ଧ। ଏହି ପ୍ରବନ୍ଧଟି 'ବ୍ରାହ୍ମ ସମାଜର ଭୂତ ଓ ଭବିଷ୍ୟତ' ଶୀର୍ଷକରେ ସହକାରରେ ପ୍ରକାଶ ପାଇଥିଲା। ସ୍ତ୍ରୀ ଜାତିର ସ୍ୱାଧୀନ ଜୀବିକା, ବିବାହର ଇତିହାସ, ବିବାହ ଓ ଭାରତରେ ବିବାହ ସଂସ୍କାର ପ୍ରଭୃତି ଆଲୋଚନା ତାଙ୍କର କ୍ରାନ୍ତିକାରୀ ଆଭିମୁଖ୍ୟକୁ ସ୍ପଷ୍ଟ କରେ। ପୁସ୍ତକର ଅବତରଣିକାରେ ଲେଖକ ଘୋଷଣା କରନ୍ତି, "ମୋର ମନେହୁଏ ଉତ୍କଳ ସାହିତ୍ୟ ପୁସ୍ତକରେ ମୋ ପୂର୍ବେ ଏପରି ସାହସର କର୍ମ କେହି କରିନଥିଲେ। ମୁଁ ଉତ୍କଳକୁ ପ୍ରଥମେ ବିପ୍ଳବର ବାଣୀ ଶୁଣାଇଅଛି।"

ମୋହିନୀମୋହନ ସମାଜରୁ ଈଶ୍ୱର ବିଶ୍ୱାସକୁ ଉନ୍ମୂଳନ କରି ନାସ୍ତିକବାଦର ପ୍ରଚାର କଲାବେଳେ ବିବାହ ପ୍ରକ୍ରିୟାରେ ଅବାଧ ଯୌନ ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତାକୁ ସମର୍ଥନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କର ବୈଜ୍ଞାନିକ ଯୁକ୍ତିନିଷ୍ଠ ମତବାଦର ନିର୍ଭୀକ ପ୍ରତିଫଳନ ଦୃଷ୍ଟିଗୋଚର ହୁଏ। 'ଭାଗ୍ୟ' ପ୍ରବନ୍ଧରେ ଜନ୍ମାନ୍ତରବାଦକୁ ସେ ଅସ୍ୱୀକାର କରିଛନ୍ତି। ସେ ଭାଗ୍ୟବାଦୀ ନୁହନ୍ତି, ମୁଖ୍ୟତଃ କର୍ମବାଦୀ। 'ଜୀବଜନ୍ତୁର ଅଧିକାର' ପ୍ରବନ୍ଧରେ ଜୀବଜନ୍ତୁଙ୍କ ପ୍ରତି ତାଙ୍କର ନିର୍ମୋହ ସମର୍ଥନ ପ୍ରକାଶିତ। 'ମିଟ୍‌ଜେଙ୍କ ଦାର୍ଶନିକ ମତ' ପ୍ରବନ୍ଧରେ ସେ ମିଟ୍‌ଜେଙ୍କର ମତବାଦକୁ ସ୍ୱୀକାର କରନ୍ତି ଓ କହନ୍ତି: "ମାନବ ମଧ୍ୟରେ ଆତ୍ମା ନାହିଁ କିମ୍ବା ଜଗତ ମଧ୍ୟରେ ପରମାତ୍ମା ନାହିଁ। ବରଂ ମାନବ ଜଡ଼ ପରମାଣୁର ଏକ ସମଷ୍ଟି ମାତ୍ର।"

'ଆମେରିକା ଆବିଷ୍କାର' ପ୍ରବନ୍ଧରେ କଲମ୍ବସ୍‌ଙ୍କ ବୀରତ୍ୱ ଓ ଆମେରିକା ଆବିଷ୍କାରର କାହାଣୀ ବର୍ଣ୍ଣିତ ହୁଏ। ମୋହିନୀମୋହନଙ୍କ ପ୍ରତିଭାର ଦାର୍ଶନିକ ଦିଗ ଓ ଯୁକ୍ତିବାଦୀ ମତବାଦର ଅପୂର୍ବ ପ୍ରତିଫଳନ 'ବିବିଧ ପ୍ରସଙ୍ଗ'।

ମୋ: ୯୪୩୭୨୫୬୧୭୬

## କାଳକାଳକୁ



"ଯାହା ଗୁରୁତ୍ୱପୂର୍ଣ୍ଣ ତହିଁରୁ ଶିଖ, ବାଦ୍‌ବାକି ହସରେ ଉଡ଼ାଇଦିଅ।"
–ହରମାନ୍ ହେସ୍

**ହରମାନ୍ କାର୍ଲ ହେସ୍‌**ଙ୍କ ଜନ୍ମ ୨ ଜୁଲାଇ ୧୮୭୭ରେ ଜର୍ମାନ୍‌ରେ ଓ ପରଲୋକ ୯ ଅଗଷ୍ଟ ୧୯୬୨ରେ, ସୁଇଜରଲାଣ୍ଡରେ। ଏକାଧାରରେ ସେ ଔପନ୍ୟାସିକ, କଥାକାର, ପ୍ରାବନ୍ଧିକ, କବି ଓ ପେଣ୍ଟର। ଜର୍ମାନ୍ ଓ ସୁଇଜରଲାଣ୍ଡର ଦ୍ୱୈତ ନାଗରିକତା ଗ୍ରହଣ କରିଥିବା ହେସ୍‌ଙ୍କ ବିଶିଷ୍ଟ ସାହିତ୍ୟକୃତିଗୁଡ଼ିକ ମଧ୍ୟରେ 'ଦ ଗ୍ଲାସ୍ ବିଡ୍ ଗେମ୍' (୧୯୪୩), 'ସିଦ୍ଧାର୍ଥ' (୧୯୨୨), 'ଷ୍ଟିପେନ୍ ଓଲ୍‌ଫ' (୧୯୨୭), 'ନାର୍ସିସସ୍ ଆଣ୍ଡ ଗୋଲ୍ଡମଣ୍ଡ୍' (୧୯୩୦) ଓ 'ଡେମିଆନ୍' (୧୯୧୯) ଆଦି ପ୍ରଧାନ। ବିଶ୍ୱ ସାହିତ୍ୟକୁ ପ୍ରମୁଖ ଅବଦାନ ପାଇଁ ୧୯୪୬ରେ ତାଙ୍କୁ ମିଳିଛି ଗ୍ୟେଟେ ପ୍ରାଇଜ୍ ଓ ନୋବେଲ ପୁରସ୍କାର। ହେସ୍‌ଙ୍କ ରଚନାରେ ଜୀବନର ଅତି ସୂକ୍ଷ୍ମ ଅବବୋଧ ପ୍ରଭାବଶାଳୀ ଢଙ୍ଗରେ କଏଦ୍ ହୋଇଥାଏ, ଯାହା ପାଠକଙ୍କୁ ଅଭିଭୂତ କରେ।

## ବସ୍ତାନି

### ବିପ୍ଳବ

ସଉରା ମନ ଭଲ ନାହିଁ। ସୁକୁମାରୀ ତା' ସାଙ୍ଗରେ ଝୁଙ୍କେ ଲଗେଇଲା ଯେ ଅଧାଖିଆରୁ ଉଠି ଚାଲିଆସିଲା। ଝିଅ ସ୍କୁଲକୁ ଗଲାବେଳେ ରୁଟି ଦି'ପଟ କୋଉଠି ଗଳେଇ ଦେଲା। ଖାଇବାଛୁଟିରେ ଖାଇବ କ'ଣ? ପାଣି ଟିକକ ପି' ଉପାସରେ ଆସି ଘରେ କାନ୍ଦିଲା।

ସଉରାର ସବୁ ଦୋଷ। ସୁକୁମାରୀ ସେଥିପାଇଁ ରାଗିଚି। ଝିଅ ବ୍ୟାଗ୍‌ଟି କୋଉ ଦିନରୁ ଚିରି ଗଲାଣି। ସୁକୁମାରୀ ଅନେକ ଥର କହିଲାଣି ନୂଆ ବ୍ୟାଗ୍ ଗୋଟେ ଆଣ ତା' ପାଇଁ। ଟଙ୍କା ତିନି ଶ' କି ଚାରି ଶ' ଏକାଠି କରିପାରୁନି। କ'ଣ କରିବ ସେ?

ଆଜି ଝିଅ ରୁଟି ଗଳିପଡ଼ିବାରୁ ଗାଳି ଶୁଣିଲା ସଉରା। ସେଇ ଅଧାଖିଆରୁ ଉଠି ଚିରା ବ୍ୟାଗ୍‌ଟି ଗୋଟିଏ ଜରି ବେଗ୍‌ରେ ପୂରେଇ ସିଲେଇ କରିବାକୁ ବାହାରିଗଲା।

ତା' ପିଲାଦିନ କଥା ବହୁତ ମନେପଡୁଥିଲା। ସ୍କୁଲ ଯିବା ପାଇଁ ଭଲ ପ୍ୟାଣ୍ଟ୍ ଶାର୍ଟ ହଲେ ନଥିଲା। ଧାନରୁଆ ହେବା ସମୟକୁ ସେ ଚାତକ ପରି ଚାହିଁ ରହୁଥିଲା। କ୍ଷେତରେ ପଡ଼ିବା ପାଇଁ ସେଇ ସମୟରେ ଯୁରିଆ ପ୍ୟାକେଟ ଦରିଆ କିଣା ହେଉଥିଲା। ବିଲରେ ସାର ପଡ଼ି ସାରିବା ପରେ ସେଇ ଅଖାକୁ ନେଇ ସେ ନୂଆ ବ୍ୟାଗ୍ କରି ଆଣୁଥିଲା। ସେଇ ଖୁସିକୁ ମାସେ ଯାଏଁ ସେ ପାଳୁଥିଲା। ସବୁ ପିଲାଙ୍କୁ ଦେଖୋଉଥିଲା ନୂଆ ବ୍ୟାଗ୍ କହି।



ଭାବନା ଭିତରେ ସେ ବ୍ୟାଗ୍ ସିଲେଇ ଦୋକାନ ପାଖରେ ପହଞ୍ଚି ସାରିଥିଲା। ଅଣ୍ଟାରେ ହାତ ମାରିଲା। ଚାଳିଶ ପଚାଶ ଟଙ୍କା ମାତ୍ର ଅଛି। କ'ଣ କରିବ? ଦୋକାନୀକୁ ବ୍ୟାଗ୍‌ଟି ଦେଇ ପାଣି ଟୋପେ ପିଇବ ବୋଲି ପାଖ ନଳକୂଅ ପାଖକୁ ଗଲା। ପାଣି ଦି' ଆଞ୍ଜୁଳା ପି' ସାରି ପାଖରେ ଥିବା ଆମ୍ବଗଛ ଛାଇରେ ଟିକେ ବସିଲା। ଥକା ମେଣ୍ଟେଇ କିଛି ସମୟ ପରେ ଆସିଲା। ଦୋକାନୀ ବ୍ୟାଗ୍‌ଟିକୁ ସଉରା ହାତକୁ ବଢ଼େଇ ଦେଉ ଦେଉ କହିଲା: ଚେନ୍ ଠିକ୍ ଅଛି। ତେଲ ଟିକେ ଦେଇଦେଲି। ସାଇଁ ସାଇଁ ଚାଲୁଛି। ତଳ ସିଲେଇ ମାରିଦେଇଚି। ଭଲ ନିଦା କପଡ଼ା ଆହୁରି ବର୍ଷେ ହନ୍ତିରି ଯିବ। ହଉ ଦଶ ଟଙ୍କା ଦିଅ।

ସଉରା କୃତକୃତ୍ୟ ହୋଇଗଲା। ଅଣ୍ଟାରୁ ମୁଣ୍ଡା ପାଞ୍ଚ ଟଙ୍କିଆ ଦି'ଟି କାଢ଼ି ଦୋକାନୀ ହାତକୁ ବଢ଼େଇ କୃତଜ୍ଞତା ମୁଦ୍ରାରେ ଚାହିଁଲା। ଏବେ ଦୋକାନୀର ମୁହଁ ତାକୁ ଈଶ୍ୱରଙ୍କ ମୁହଁ ପରି ଲାଗୁଥିଲା।

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ



ରାଷ୍ଟ୍ରନାୟକ

### ମଧୁସୂଦନ ଦାସ

**ସମ୍ପାଦନା:** ଡ. ବାୟାମନୁ ଚର୍ଚ୍ଚି
**ପ୍ରକାଶକ:** ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର–୧୮
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓ କୃତିକୁ ନେଇ ଆଲୋଚ୍ୟ ପୁସ୍ତକଟି ସମ୍ପାଦିତ। ଏଥିରେ ମୋଟ ୨୭ଜଣ ପ୍ରାବନ୍ଧିକଙ୍କ ପ୍ରବନ୍ଧ ସ୍ଥାନ ପାଇଛି ଓ ଗ୍ରନ୍ଥର ଅନ୍ତିମ ଭାଗରେ ମଧୁବାବୁଙ୍କ ରଚିତ କବିତାବଳୀକୁ ଅନ୍ତର୍ଭୁକ୍ତ କରାଯାଇଛି। ଯେଉଁ ବିଶିଷ୍ଟ ଲେଖିକାଲେଖକମାନେ ଏଥିରେ ଲେଖିଛନ୍ତି, ସେମାନଙ୍କ ମଧ୍ୟରୁ କେଇଜଣ କୃତବିଦ୍ୟ ଗବେଷକ ହେଲେ ବ୍ରଜବନ୍ଧୁ ଦାସ, ମାୟାଧର ମାନସିଂହ, ପରମାନନ୍ଦ ଆଚାର୍ଯ୍ୟ, ସୁରସିଂହ ପଟ୍ଟନାୟକ, ପ୍ରହଲାଦ କୁମାର ସିଂହ, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଡ. ସୋମା ଚାନ୍ଦ, ରଜତ କୁମାର କର ଓ ଅଦ୍ୱୈତ କୁମାର ପାତ୍ର। ଅଗ୍ରଲେଖରେ ପ୍ରଫେସର ଅଦ୍ୱୈତ କୁମାର ପାତ୍ର ଲେଖିଛନ୍ତି: "ମଧୁସୂଦନଙ୍କ ଜୀବନଚର୍ଯ୍ୟା, ନାରୀ ସଶକ୍ତୀକରଣ, ସମବାୟ ଆନ୍ଦୋଳନ, ସ୍ୱଦେଶୀ ଆନ୍ଦୋଳନ, ସାଂସ୍କୃତିକ ଜାଗରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆଦି ପ୍ରତ୍ୟେକ ଦିଗ ପ୍ରତି ଏହି ସଂକଳନରେ ଧ୍ୟାନ ଦିଆଯାଇଛି। ପ୍ରକାରାନ୍ତରେ ପରିସ୍ଫୁଟ ହୋଇଛି ଓଡ଼ିଶାର ତତ୍କାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ରୂପଚିତ୍ର।" ମହାତ୍ମା ଗାନ୍ଧୀ ମଧୁବାବୁଙ୍କ ସମ୍ବନ୍ଧରେ କହିଛନ୍ତି: "ସେ କ୍ରମ ମର୍ଯ୍ୟାଦାର କେବଳ ପ୍ରତୀକ ନ ଥିଲେ, ଦେଶବାସୀଙ୍କୁ ଏହି ସନ୍ଦେଶରେ ଅନୁପ୍ରାଣିତ କରିବାକୁ ଯାଇ ନିଜକୁ ନିଃଶେଷ କରିଦେଇଥିଲେ। କ୍ରମ ମର୍ଯ୍ୟାଦାକୁ ପ୍ରମାଣିତ କରିବା ଲାଗି ବହୁ ସ୍ୱାର୍ଥତ୍ୟାଗ ମଧ୍ୟରେ କଟକରେ ଟ୍ୟାନେରୀ ପ୍ରତିଷ୍ଠା କରିଥିଲେ।" ସବୁ ଦୃଷ୍ଟିରୁ ଦେଖିଲେ ପ୍ରାୟ ୨୫୦ ପୃଷ୍ଠାର ଏହି ବହିଟି ରାଷ୍ଟ୍ରନାୟକ ମଧୁସୂଦନ ଦାସଙ୍କ ସମ୍ପର୍କରେ ଯେ ଏକ ତଥ୍ୟପୂର୍ଣ୍ଣ ଗ୍ରନ୍ଥ, ଏଥିରେ ସନ୍ଦେହ ନାହିଁ।



### ପ୍ରିୟ ପୁରୁଷ

**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୪୫/–

ଆଲୋଚ୍ୟ ଗଳ୍ପଗ୍ରନ୍ଥଟି ହେଉଛି ଏକ ପ୍ରେମକଥା ସଂକଳନ। ଏଥିରେ ମୋଟ ୧୨ଟି ଗଳ୍ପ ସ୍ଥାନିତ। ସେଗୁଡ଼ିକ ହେଲା– ରହସ୍ୟମୟୀ, ବର୍ଷାସିକ୍ତ ରାସ୍ତା, ପୁନଶ୍ଚ ରେବତୀ, କିଶୋରୀ ଗଳିରେ ସର୍ଜିକାଲ ଷ୍ଟ୍ରାଇକ୍, ଧୀବରୀର ନୈଶାଭିସାର, ପ୍ରିୟ ପୁରୁଷ, କୀଟ, ଗ୍ରହବିଗ୍ରହ, ଜହ୍ନର ହତ୍ୟା ସମ୍ପର୍କରେ, ଜହ୍ନରାତି: କ୍ରୌଞ୍ଚମିଥୁନ, ପ୍ରତିମାର ଭିତରବାହାର ଓ ଶ୍ୟାମଳୀର ରାତି। ରମେଶଙ୍କ ପ୍ରେମଗଳ୍ପର ବୃତ୍ତ ମଧ୍ୟରେ କେନ୍ଦ୍ରୀୟ ବିନ୍ଦୁ ହୋଇ ବରାବର ରହିଥାଏ ରହସ୍ୟ। ପ୍ରେମ ବୁଝିହୁଏ, ବୁଝାଇ ହୁଏନା। ଏହି ଆଧାରରେ ଗ୍ରନ୍ଥର ୧୨ଟିଯାକ ଗଳ୍ପ ପଢ଼ିଲେ ପାଠକ ପ୍ରେମର ଏକ କୁହୁଡ଼ିଆ ଆବେଗ ମଧ୍ୟରେ ନିଜକୁ ହଜେଇ ବସେ। ପୁସ୍ତକର ଶୀର୍ଷକ ଗଳ୍ପ 'ପ୍ରିୟ ପୁରୁଷ' ଆରମ୍ଭ ହୁଏ ଏହିପରି: "ମୁଁ ସୁଧାର ପ୍ରିୟ ପୁରୁଷ ଥିଲି କି? ଏବେ ବି ମୋର ସନ୍ଦେହ ହେଉଛି।" 'ଜହ୍ନର ହତ୍ୟା ସମ୍ପର୍କରେ' ଶୀର୍ଷକ ଗଳ୍ପର ପ୍ରଥମ କେଇଟି ଧାଡ଼ି ଏହିପରି: "ମୋହିନୀପୁରରେ ମୋର ଜଣେ ଶତ୍ରୁ ଅଛି। କିଏ? ସେ ଗାଁରେ ନିତି ଅସ୍ତ ଯାଉଥିବା ଜହ୍ନ। ସେ ଲୁଚିନିଏ ମୋର ଗୋପନୀୟତା। ଏ ହେତୁ କି ପଦ୍ମା ସହ ମୋ ନିବୁଜ ସମ୍ପର୍କକୁ ଧରାପକେଇଦିଏ ତା'ର କିରଣ। ମନ ଭିତରେ ସେ ଗୋପନୀୟ ଦୁଆର ହିଁ ଜହ୍ନ।" ୧୨ଟି ଯାକ ଗଳ୍ପରେ ରମେଶ ପ୍ରେମାନୁଭବର ଯେଉଁ ଛାୟାଛନ୍ନ ଯାଦୁଘରମାନ ଗଢ଼ିବସନ୍ତି, ସେସବୁ ଖୁବ୍ ଛୋଟଛୋଟ; ଅଥଚ ତା'ର ପ୍ରଭାବ ସହଜରେ ପାଠକର ମନରୁ ଯାଏନାହିଁ। ଗଳ୍ପଗୁଡ଼ିକର ଭାଷା ସରଳ, ଭାବବାହୀ ଓ କାହାଣୀର ଚରିତ୍ରମାନଙ୍କଠୁଁ ଆରମ୍ଭ ହୋଇ ପାଠକର ନିଜସ୍ୱ ଜୀବନଯାଏ ସେ ଭାଷାର ଇଙ୍ଗିତ ଆମୋଦିତ କରେ। ଆଶା, ବହିଟି ପାଠକୀୟ ଆଦୃତି ପାଇବ।

## ଲଘୁଗଳ୍ପ

## ବୋଉ

### ଦେବେନ୍ଦ୍ର କର

କାଲୁଆ ପବନରେ ଦେହ ହାତ ଥରି ଉଠୁଥାଏ। ଦୀପକ ଫିଟ୍‌ଫାଟ୍ ହୋଇ ବାହାରିପଡ଼ିଲା ଅଫିସ। ଦାଣ୍ଡଘର ଖଟ ଉପରେ ଜାକିଜୁକି ହୋଇ ବସିଥିଲେ ବୋଉ। ଦେହରେ କୋଉ କାଳର ସାତସିଆଁ ଚାଦର ଖଣ୍ଡେ। ବୋଉଙ୍କୁ ଦେଖୁଦେଖୁ ମନଟା ମାଡ଼ିମାଡ଼ି ପଡ଼ିଲା। ଆଗରୁ ଥରେ ଦି'ଥର କହିଛି କମ୍ବଳ ଖଣ୍ଡେ ଆଣି ଦେବ ବୋଲି, ହେଲେ ଏ ନିଅଣ୍ଟିଆ ବଜେଟ ଭିତରେ କିଛି ବି ସମ୍ଭବ ହେଉନି। ଦୀପକ ମନେମନେ ସ୍ଥିର କଲା ଆଜି ଯେମିତି ହେଲେ ବୋଉଙ୍କ ପାଇଁ ଖଣ୍ଡେ କମ୍ବଳ କିଣି ଆଣିବ। ବୋଉଲୋ ତୋ' କଥା ମୋର ମନେଅଛି, ଆଉ ଦିନେ ଦୁଇ ଦିନ ମତେ ସମୟ ଦେ। ବୋଉ କହିଲେ ଆରେ କାହିଁକି ଚିନ୍ତା କରୁଛୁ, ସେସବୁ କିଛି ମୋର ଦରକାର ନାହିଁ। ଆଉ ଦିନ କେଇଟା ପରେ ଶୀତ ଲେଉଟି ଯାଇଥିବ। ନାଇଁ ନାଇଁ ମୁଁ ଆଣିଦେବି ଏତିକି କହି ଦୀପକ ଦାଣ୍ଡ ଆଡ଼କୁ ପାଦ ବଢ଼େଇଲା। ମାସ ଶେଷ ହେବାକୁ ବସିଲାଣି, ଟଙ୍କା ଶହେ ବି ପାଖରେ ନାହିଁ। ଏଣୁତେଣୁ ଭାବିଭାବି ଦୀପକ ଦାଣ୍ଡ ଫାଟକ ଖୋଲିଲା। ଏଇ ସମୟରେ ଧର୍ମପତ୍ନୀ ସୁନେନା ଦାଣ୍ଡରେ ହାଜର। ପୁଅର ଆଉ ମୋର ନୂଆ ସ୍ୱେଟର୍ କିଣାହେବ। ଗଲାବର୍ଷ ଆଣିବା ଆଣିବା କହି ଠକିଦେଲ। ଏବେ କାହାର କ'ଣ କିଣା ହେବ ତୁମ ଦାୟିତ୍ୱ, ସୁନେନା ତାଗିଦା କରିବା ପରି କହିଲେ। ଏ କଥାରେ ଦୀପକ କୌଣସି ପ୍ରତିକ୍ରିୟା ଦେଲାନି। ଚୁପ୍‌ଚାପ୍ ଦାଣ୍ଡ ରାସ୍ତାରେ ପାଦ ବଢ଼େଇଲା।

ଦିନ ବୁଡ଼ି ସଞ୍ଜ ନଇଁଲା। ସେଦିନ ଅଫିସରେ ଟିକେ ଅଧିକ କାମ ପଡ଼ିଗଲା। ଦୀପକ ଟିକେ ଡେରିରେ ଘରେ ପହଞ୍ଚିଲା ପୁଣି ଖାଲି ହାତରେ। ବୋଉଙ୍କୁ ଦେଖାକରିବାକୁ ଆଉ ଗଲା ନାହିଁ। ଖାଇ ପିଇ ରାତିରେ ଶେଯକୁ ଗଲା। ସକାଳୁ ସକାଳୁ ଚାଉଁକିନା ନିଦ ଭାଙ୍ଗିଗଲା। ଦାଣ୍ଡରେ କୋଉଠି କାନ୍ଦବୋବାଳି ପଡ଼ିଥାଏ। ଅଜଣା ଭୟ ଆଶଙ୍କାରେ ଦେହ ହାତ ଥରି ଉଠିଲା। କାହାକୁ କିଛି ନ ପଚାରି ମଶାରିରୁ ବାହାରି ଦୌଡ଼ିଲା ଦାଣ୍ଡକୁ। ତାଙ୍କ ଘରଠାରୁ ଚାରିପାଞ୍ଚ ଘର ଛାଡ଼ି ରହୁଥିବା ମାନସ ବାବୁଙ୍କ ମା' କାଲିରାତିରେ ଚାଲିଗଲେ। ଲୋକେ କୁହାକୁହି ହେଉଥିଲେ ଥଣ୍ଡା ସହି ନ ପାରି ସେ ଚାଲିଗଲେ। ଦୀପକ ମନକୁ ଦୃଢ଼ କରିନେଲା ଆଜି ଯାହା ହେଉ ପଛେ ବୋଉଙ୍କ ପାଇଁ ଖଣ୍ଡେ କମ୍ବଳ କିଣି ଆଣିବି। ସେ ଲାଗି ଧାର କରିବାକୁ ପଡୁନା କାହିଁକି। ସନ୍ଧ୍ୟାରେ ଅଫିସରୁ ବାହାରି ଦୀପକ ପହଞ୍ଚିଲା ଶୀତବସ୍ତ୍ର ମାର୍କେଟରେ। ଭଲିକିଭଲି ନାନା ରକମର ଶୀତବସ୍ତ୍ରର ପସରା ମେଲିଥାଏ। ବାଛି ବାଛିକି ବୋଉଙ୍କ ପାଇଁ ଗୋଟେ କମ୍ବଳ କିଣିଲା।

ବୋଉଙ୍କ ହାତକୁ କମ୍ବଳଟା ବଢ଼େଇ ଦେଇ ଦୀପକ କହିଲା, ବୋଉଲୋ! ନେ ଏଇଟା ତୋ' ପାଇଁ। ଭଲ ହେଇଛି ନା! ବୋଉ କହିଲେ ଆରେ କାହିଁକି ଏତେ ଟଙ୍କା ଏଠି ମାଡ଼ିଦେଲୁ, ତୋ' ପାଖରେ ପଇସା ଥିବ ନ ଥିବ। ମାସ ଶେଷ ହେବାକୁ ବସିଛି। ମୋର ତ ଏଇ ପୁରୁଣା ଚାଦରରେ କାମ ଚଳିଯାଉଥିଲା। ହସହସ ମୁହଁରେ ଦୀପକ ବୋଉଙ୍କ ପାଖରୁ ଲେଉଟି ଆସୁଥିଲା, ଦୁଆରବନ୍ଧରେ ହାଣ୍ଡିପରିକା ମୁହଁ କରି ଛିଡ଼ା ହୋଇଥିଲେ ସୁନେନା। ଏଇ ସମୟରେ ବୋଉ ଡାକ ଦେଲେ ଦୀପୁ, ଦୀପୁ ଶୁଣୁରେ। ସଙ୍ଗେ ସଙ୍ଗେ ବୋଉ ତାଙ୍କ ଟିଣବାକ୍ସରୁ ଦି'ଟା ପାଞ୍ଚଶହ ଟଙ୍କିଆ ନୋଟ୍ କାଢ଼ି ଦୀପକ ହାତକୁ ବଢ଼େଇ ଦେଇ କହିଲେ ନେ ରଖିଥା। ଆରେ ତୋ' ମାମୁ ମତେ ଦେଇଥିଲା। ଫଳ ଆଣିବୁ କହିଥିଲା। ମୋର ତ ସେସବୁରେ ଟିକିଏ ହେଲେ ରୁଚି ନାହିଁ। ମୁଁ ବି କୋଉ ଦିନରୁ ଭାବୁଛି ତତେ ଦେବି ବୋଲି, ତା'ପରେ ପଇସା ପାଖରେ ରହିଲେ କ'ଣ ହେବ ଗୋଟେ କାମରେ ହେଲେ ଲାଗୁ। ସୁନେନା କହୁଥିଲା ତା'ର ଆଉ ପୁଅର ସ୍ୱେଟର୍ ନାହିଁ ବୋଲି। ନେ ରଖିଥା, କେତେବେଳେ ଶୀତବସ୍ତ୍ର ନେଇଆସିବୁ ସେମାନଙ୍କର। ବୋଉଙ୍କ ମୁହଁରୁ ସବୁକଥା ଶୁଣି ଦୀପକ ପୂରାପୂରି ନିରବ ପଡ଼ିଗଲା। ନଜର ଟାଣି ହେଇଗଲା ସୁନେନାଙ୍କ ଆଡ଼କୁ। ମଉଳା ଫୁଲ ପରି ସୁନେନାଙ୍କ ମୁହଁଟା ତଳକୁ ନଇଁ ଆସିଥାଏ।



ମୋ: ୯୯୩୭୯୬୩୯୧୦

ଧରିତ୍ରୀ 50 Years
ଧରିତ୍ରୀ
DHARITRI



# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

## ଅଲିମ୍ପିକ୍ସରେ ୫୨ ବର୍ଷରେ ପ୍ରଥମ


ଗୋଲ ଦେବାପରେ ଉଲ୍ଲସିତ ହରମନପ୍ରୀତ ସିଂ (ବାମ)।

**ପ୍ୟାରିସ, ୨।୮ (ପି.ଟି.)**

ଅଧିନାୟକ ହରମନପ୍ରୀତ୍‌ଙ୍କ ଡବଲ ଗୋଲ ବଳରେ ଭାରତ ପ୍ୟାରିସ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୩-୨ ଗୋଲରେ ପରାସ୍ତ କରିଛି। ଟୋକିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ରୌପ୍ୟ ପଦକ ଜିତିଥିଲା। କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଅଷ୍ଟ୍ରେଲିଆକୁ ଅଲିମ୍ପିକ୍ସରେ ହରାଇବାରେ ସକ୍ଷମ ହୋଇଛି। ଶେଷଥର ପାଇଁ ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରିଥିଲା।

ମ୍ୟାଚ୍‌ଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଭିଷେକ (୧୨ଶ ମିନିଟ୍) ଓ ହରମନପ୍ରୀତ୍ (୧୩)ଙ୍କ ଗୋଲ ବଳରେ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ଭାରତ ୨-୦ରେ ଅଗ୍ରଣୀ ନେଇଥିଲା। ଅଭିଷେକ ଫିଲ୍ଡ ଗୋଲ ଦେଇଥିବାବେଳେ ପେନାଲ୍ଟି କର୍ନରରୁ ହରମନପ୍ରୀତ୍ ଫାଇଦା ଉଠାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୨୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆର ଟମ୍ କ୍ରେଗ୍ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ ପରିଶୋଧ କରିବାରୁ ଭାରତ ୨-୧ରେ ଆଗୁଆ ରହି ପ୍ରଥମାର୍ଦ୍ଧ ଶେଷ କରିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଭାରତକୁ ପେନାଷ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରିବାରୁ ଭାରତର ଅଗ୍ରଣୀ ବ୍ୟବଧାନ ପୁଣି ବୃଦ୍ଧି ପାଇଥିଲା। ଶେଷ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା। ଖେଳ ଶେଷ ହେବାର ୫ ମିନିଟ ପୂର୍ବରୁ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ବ୍ଲେକ୍ ଗୋଭର୍ସ ଏହାର ସଦୁପଯୋଗ କରି ଗୋଲ ପରିଶୋଧ କରିବାରୁ ଉତ୍କଣ୍ଠା ବଢ଼ିଥିଲା। ମାତ୍ର ଶେଷ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ଦକ୍ଷତାର ସହ ଅଷ୍ଟ୍ରେଲିଆ ଆକ୍ରମଣକୁ ପ୍ରତିହତ କରି ବିଜୟ ସ୍ୱାଦ ପାଇଥିଲେ। ଏହି ବିଜୟ ସହ ଭାରତ ଗ୍ରୁପ୍ 'ବି'ରେ ଏହାର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ନ୍ୟୁଜିଲାଣ୍ଡକୁ ୩-୨ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚକୁ ଆର୍ଜେଣ୍ଟିନା ବିପକ୍ଷରେ ଡ୍ର ରଖିଥିଲା। ଆୟର୍ଲାଣ୍ଡ ବିପକ୍ଷରେ ୨-୦ରେ ବିଜୟ ସହ କ୍ୱାର୍ଟର ଫାଇନାଲ ପ୍ରବେଶ ନିଶ୍ଚିତ କରିଥିବାବେଳେ ବେଲଜିୟମ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ତେବେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ କ୍ୱାର୍ଟର ଫାଇନାଲ ପୂର୍ବରୁ ଭାରତର ମନୋବଳକୁ ଦୃଢ଼ କରିଛି।

# ଖେଲିଫଙ୍କୁ ନେଇ ବିବାଦ ବଢୁଛି

## ଆଇନଗତ ଚ୍ୟାଲେଞ୍ଜ କରିବ ହଙ୍ଗେରୀ



ଆଞ୍ଜେଲା କାରିନି (ଡାହାଣ)ଙ୍କ ବିପକ୍ଷରେ ବିଜୟୀ ଘୋଷଣା ହେବା ଅବସରରେ ଇମାନେ ଖେଲିଫ୍ (ବାମ)।

**ଭିଲେପିଣ୍ଟେ, ୨।୮ (ଏପି)**

ବିବାଦରେ ଥିବା ଆଲଜେରିଆ ମହିଳା ବକ୍ସର ଇମାନେ ଖେଲିଫ୍‌ଙ୍କୁ ନେଇ ବିବାଦ ବଢ଼ିବାରେ ଲାଗିଛି। ହଙ୍ଗେରୀର ଆନ୍ନା ଲୁକା ହାମୋରି ପ୍ରତିପକ୍ଷ ଖେଲିଫ୍‌ଙ୍କୁ ଭେଟିବା ପୂର୍ବରୁ ତାଙ୍କ ଦେଶର ବକ୍ସିଂ ମହାସଂଘ ଆଲଜେରିଆନ ବକ୍ସରଙ୍କ ବିରୋଧରେ ଏକ ଚିଠି ମାଧ୍ୟମରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ନିକଟରେ ଆପତ୍ତି ଉଠାଇଛି। ଏପରିକି ଖେଲିଫଙ୍କ ଉପସ୍ଥିତିକୁ ନେଇ ଆଇନଗତ ଚ୍ୟାଲେଞ୍ଜ କରିବା ଲାଗି ଯୋଜନା ଚଳାଇଥିବା ଆସୋସିଏଶନର କାର୍ଯ୍ୟନିର୍ବାହୀ ବୋର୍ଡର ଜଣେ ସଦସ୍ୟ ଲାଜୋସ ବର୍କୋ ପ୍ରକାଶ କରିଛନ୍ତି। ହାମୋରି ହେଉଛନ୍ତି ଅଲିମ୍ପିକ୍ସରେ ହଙ୍ଗେରୀର ପ୍ରଥମ ବକ୍ସର। ୬୬ କିଲୋଗ୍ରାମ ଡିଭିଜନରେ ଅଷ୍ଟ୍ରେଲିଆର ମାରିସା ୱିଲିୟମସନ ପୋହଲମାନଙ୍କୁ ପରାସ୍ତ କରି ସେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ କହିଛନ୍ତି ଫେଲିପଙ୍କୁ ନେଇ ସେ ଭୟଭୀତ ନୁହଁନ୍ତି। ତାଙ୍କୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି।

## ଲିନ୍ ମଧ୍ୟ ସହଜରେ ଜିତିଲେ

**ଭିଲେପିଣ୍ଟ (ଫ୍ରାନ୍ସ), ୨।୮ (ଏପି):** ଲିଙ୍ଗଗତ ଯୋଗ୍ୟତା ପରୀକ୍ଷଣ ନେଇ ବିବାଦରେ ଥିବା ଆଲଜେରିଆ ମହିଳା ବକ୍ସର ଇମାନେ ଖେଲିଫ୍‌ଙ୍କ ଭଳି ଅନ୍ୟ ଜଣେ ତାଇୱାନର ଲିନ୍ ୟୁ-ତିଙ୍ଗ ମଧ୍ୟ ଶୁକ୍ରବାର ତାଙ୍କ ବାଉଟ୍‌ରେ ସହଜ ବିଜୟ ହାସଲ କରିଛନ୍ତି। ୫୭ କେଜି ଶ୍ରେଣୀ ଫାଇଟ୍‌ରେ ସେ ଉଜବେକିସ୍ତାନର ସିତୋରା ତୁର୍ଦ୍ଦିବେକୋଭାଙ୍କୁ ୫:୦ରେ ହରାଇ ଦେଇଛନ୍ତି। ଗତବର୍ଷ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବିଏ) ଦ୍ୱାରା ଆୟୋଜିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଲିଙ୍ଗଗତ ଯୋଗ୍ୟତା ପରୀକ୍ଷଣରେ ଉଭୟ ଲିନ୍ ଓ ଖେଲିଫ ବିଫଳ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ସେମାନଙ୍କ ଉପସ୍ଥିତି ଏକ ବିଭାଜିତ ପ୍ରସଙ୍ଗ ଭାବେ ଉଭା ହୋଇଛି।


ଲିନ୍ ୟୁ-ତିଙ୍ଗ

## ଇଟାଲିଆନ ବକ୍ସର ଆଞ୍ଜେଲା କାରିନିଙ୍କ ସମ୍ପର୍କରେ...

**ପ୍ୟାରିସ, ୨।୮ (ଏପି)**

ଇଟାଲିଆନ ବକ୍ସର ଆଞ୍ଜେଲା କାରିନି ତାଙ୍କ ସ୍ୱର୍ଗତ ପିତା ତଥା କୋଚ୍‌ଙ୍କ ସମ୍ମାନାର୍ଥେ ପ୍ୟାରିସ ଅଲିମ୍ପିକ୍ସକୁ ଏକ ପଦକ ଜିତିବା ଲକ୍ଷ୍ୟ ନେଇ ଆସିଥିଲେ। ୩ ବର୍ଷ ପୂର୍ବେ ସେ ଟୋକିଓ ଗେମ୍ସରେ ଅଂଶଗ୍ରହଣ କରିବାର କିଛି ସମୟ ପରେ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା। ପ୍ୟାରିସରେ କାରିନିଙ୍କ ପ୍ରଦର୍ଶନ ମାତ୍ର ୪୬ ସେକେଣ୍ଡରେ ଶେଷ ହୋଇଥିଲା। ଗୁରୁବାର ଆଲଜେରୀୟ ପ୍ରତିଦ୍ୱନ୍ଦ୍ୱୀ ଇମାନେ ଖେଲିଫ୍‌ଙ୍କ ବାଉଟ ଅଧାରୁ ସେ ରିଙ୍ଗ ଛାଡ଼ି ପଳାଇଥିଲେ। ଖେଲିଫଙ୍କ ପଞ୍ଚରେ ତାଙ୍କ ନାକରୁ ରକ୍ତ ସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଲିଙ୍ଗଗତ ଯୋଗ୍ୟତା ଟେଷ୍ଟରେ ଖେଲିଫ ବିଫଳ ହୋଇଥିଲେ। ଖେଲିଫ୍‌ଙ୍କ ବିରୋଧରେ କାରିନି କୌଣସି ରାଜନୈତିକ ମନ୍ତବ୍ୟ ଦେଇ ନ ଥିବା କହିଥିଲେ ମଧ୍ୟ ଏହି ବାଉଟ ପରେ ଖେଲିଫ୍‌ଙ୍କ ଷ୍ଟାଟସକୁ ନେଇ ବିତର୍କ ପାଇଁ ପଥ ଉନ୍ମୁକ୍ତ ହୋଇଛି।

### ପରିଚୟ

୨୫ ବର୍ଷୀୟା କାରିନି ୱେଲଟରୱେଟ ଭାବେ ପରିଚିତ ୬୬ କିଲୋଗ୍ରାମ (୧୪୫. ୫ ପାଉଣ୍ଡ) ଶ୍ରେଣୀରେ ଭାଗ ନେଇଥାନ୍ତି। ସେ ୨୦୧୯ରେ ଉଭୟ ବିଶ୍ୱ ଓ ୟୁରୋପିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ସେ ଆହୁରି ମଧ୍ୟ ୟୁରୋପିଆନ ୟୁଥ୍ ଚାମ୍ପିୟନଶିପ୍‌ର ଜଣେ ସ୍ୱର୍ଣ୍ଣ ପଦକ ବିଜେତା। ଟୋକିଓରେ ସେ ତାଙ୍କ ଓପନିଂ ଫାଇଟ୍ ହାରିଯାଇଥିଲେ। କାରିନିଙ୍କ ଡାକନାମ ହେଉଛି 'ଟାଇଗର' ତାଙ୍କ ପିତା ଗ୍ୟୁସେପି ଦେଇଥିଲେ।

### ପୃଷ୍ଠଭୂମି

କାରିନି ହେଉଛନ୍ତି କ୍ଲେ ପିଜନ ଶୁଟିଂରେ ଜଣେ ଇଟାଲିଆନ ଚାମ୍ପିୟନ। ସେ ତାଙ୍କ ଭାଇଙ୍କ ପଦାଙ୍କ ଅନୁକରଣ କରି ଶୁଟିଂ ଛାଡ଼ି ବକ୍ସିଂରେ ଯୋଗଦେଇଥିଲେ। ଭାଇ ଓ ପିତା ତାଙ୍କୁ ବକ୍ସିଂ ଶିଖାଇଥିଲେ। ବକ୍ସିଂରେ ସଫଳତା ପାଇଁ ଶ୍ରେୟ ସେ ଉଭୟଙ୍କୁ ଦେବେ।

### ଖେଲିଫ୍‌ଙ୍କ ବିପକ୍ଷ ବାଉଟରେ କ'ଣ ଘଟିଲା

କାରିନି ଓ ଖେଲିଫ୍‌ଙ୍କ ମଧ୍ୟରେ ବାଉଟ ୪୬ ସେକେଣ୍ଡରେ ଶେଷ ହୋଇଥିଲା। ଉଭୟଙ୍କ ମଧ୍ୟରେ ଅଳ୍ପ କେତେକ ପଞ୍ଚ ବିନିମୟ ପରେ କାରିନି ଆଘାତପ୍ରାପ୍ତ ହୋଇ ଫାଇଟ୍‌ରୁ ଓହରିଯାଇଥିଲେ। ଫଳରେ ରେଫରି ଖେଲିଫ୍‌ଙ୍କୁ ବିଜେତା ଘୋଷଣା କରିଥିଲେ। ପରମ୍ପରା ଅନୁସାରେ ବାଉଟ୍ ପରେ ଉଭୟ ବକ୍ସର ପରସ୍ପର ସହ କରମର୍ଦ୍ଦନ କରିଥାନ୍ତି। କାରିନି କିନ୍ତୁ ତାହା କରି ନ ଥିଲେ, ବରଂ ରିଙ୍ଗ୍‌ରେ ଦୁଇ ଆଣ୍ଠୁ ମଝିରେ ମୁଣ୍ଡ ରଖି ସେ କ୍ରନ୍ଦନ କରିଥିଲେ। ତାଙ୍କର ଏହି କାର୍ଯ୍ୟକୁ ନେଇ ବର୍ତ୍ତମାନ ବାସନ୍ଦ ଥିବା ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ ଦ୍ୱାରା ଲିଙ୍ଗଗତ ଯୋଗ୍ୟତା ପରୀକ୍ଷାରେ ବିଫଳ ହୋଇଥିବା ଖେଲିଫ୍‌ଙ୍କୁ ପ୍ରତିଯୋଗିତାରେ ଭାଗ ନେବା ଲାଗି ଅନୁମତି ଦିଆଯିବା ଉଚିତ ହେବ କି ନା ସେ ନେଇ ପ୍ୟାରିସ ବାହାରେ ଚର୍ଚ୍ଚା ଆରମ୍ଭ ହେବାରେ ଲାଗିଛି। ପ୍ୟାରିସରେ ଶୁକ୍ରବାର ଏହି ପ୍ରସଙ୍ଗକୁ ନେଇ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ ସହ ଆଲୋଚନା କରିଛନ୍ତି। ଆଇଓସି ବାରମ୍ବାର ଖେଲିଫ୍‌ଙ୍କ ଅଂଶଗ୍ରହଣ ସପକ୍ଷରେ ଜବାବ ରଖିଥିଲା। ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଏହି ବକ୍ସର ଜଣକ ସମସ୍ତ ମାନଦଣ୍ଡ ହାସଲ କରିଥିବା ଆଇଓସି କହିଥିଲା।

# ଜାପାନ କରାଟେରେ ଭାରତକୁ ସଫଳତା

**ଭୁବନେଶ୍ୱର, ୨।୮**
**(ତପନ ସ୍ୱାଇଁ)**

ଜାପାନର ଟୋଚୋରିଠାରେ ଅନୁଷ୍ଠିତ ଇନୋହୁଆ ଶିଟୋର୍‌ୟୁ କରାଟେ କେଇଶିନ୍-କାଇ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତୀୟ କରାଟେ ଦଳ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛି। ପ୍ରତିଯୋଗିତାରେ ୧୧ ଦେଶର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କେରଳର ମହମ୍ମଦ ଫୈଜଲ ୭୫ କେଜିରୁ କମ୍ କୁମିତେ ବର୍ଗରେ ରୌପ୍ୟ ଓ ଓଡ଼ିଶାର ପୃଥ୍ୱୀରାଜ ହରିଚନ୍ଦନ ୭୫ କେଜିରୁ ଊର୍ଦ୍ଧ୍ୱ କୁମିତେରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ଅବସରରେ ବିଶ୍ୱର ପ୍ରତିଷ୍ଠିତ କୋଚ୍ ରିକା ଉସାମି ଓ ଆଣ୍ଟୋନିଓ ଡିଆଜଙ୍କ ତତ୍ତ୍ୱାବଧାନରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେହିପରି ସୋକେ ମାସାହିରୋ ଓକାମୁରାଙ୍କ ଦ୍ୱାରା ହୋଇଥିବା ଡାନ୍ ପ୍ରମୋଶନ ଟେଷ୍ଟରେ ପୃଥ୍ୱୀରାଜଙ୍କୁ ୪ର୍ଥ ଡାନ୍ ପ୍ରଦାନ କରାଯାଇଥିଲା। ଭାରତର ପ୍ରତିଷ୍ଠିତ ରେଫରି ଏସ.ଏସ. ହରିଚନ୍ଦନଙ୍କୁ ଟୁର୍ନାମେଣ୍ଟ ପରିଚାଳନା ପାଇଁ ନିମନ୍ତ୍ରଣ କରାଯାଇଥିଲା।

# ଭାରତ-ଶ୍ରୀଲଙ୍କା ପ୍ରଥମ ମ୍ୟାଚ ଟାଇ

**କଲମ୍ବୋ, ୨।୮**

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ଟାଇରେ ଶେଷ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୮ ଉଇକେଟ ହରାଇ ୨୩୦ ରନ କରିଥିବାବେଳେ ଭାରତ ୪୭.୫ ଓଭରରେ ୨୩୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ କୌଣସି ଦଳ ଅଗ୍ରଣୀ ନେବାରେ ସକ୍ଷମ ହୋଇ ନାହାନ୍ତି।

ଭାରତର ଆରମ୍ଭ ଭଲ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଶୁବମନ ଗିଲ୍ ଧୀମା ଖେଳିଥିଲେ ହେଁ ଓପନିଂ ଯୋଡ଼ିରେ ଭାରତ ୭୫

## ଦିନିକିଆ ସିରିଜ

ରନ ସଂଗ୍ରହ କରି ବଢ଼ିଆ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ଗିଲ୍ ୩୫ ବଲ୍‌ରୁ ୧୬ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟି୨୦ ଷ୍ଟାଇଲରେ ବ୍ୟାଟିଂକରି ୩୩ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ରୋହିତ ୪୭ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୫୮ ରନକରି ପ୍ୟାଭିଲିୟନ ଫେରିଥିଲେ। ୪ ନମ୍ବରରେ ଆସିଥିବା ୱାଶିଂଟନ ସୁନ୍ଦର ମାତ୍ର ୫ ରନକରି ଆଉଟ ହୋଇଥିଲେ। ବିରାଟ କୋହଲି ଓ ଶ୍ରେୟସ ଆୟର ଭଲ ଆରମ୍ଭ କରିଥିଲେ ହେଁ ବଡ଼ ସ୍କୋର କରିବା ପୂର୍ବରୁ ଆଉଟ ହେବା ଭାରତକୁ ଝଟ୍‌କା ସଦୃଶ ହୋଇଥିଲା। କୋହଲି ୨୪ ଓ ଆୟର ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ଅକ୍ଷର ପଟେଲ ୩୩, ଲୋକେଶ ରାହୁଲ ୩୧ ଓ ଶିବମ୍ ଦୁବେ ୨୬ ରନକରି ଆଉଟ ହୋଇଥିଲେ। ୧୮ ବଲ୍‌ରେ ଭାରତ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିଲା। ୪୮ତମ ଓଭର ବୋଲିଂ କରିଥିବା ଚରିଥ ଆସାଲଙ୍କାଙ୍କ ୩ୟ ବଲ୍‌କୁ ଦୁବେ ଚୌକାରେ ପରିଣତ କରିବାରୁ ସ୍କୋର ସମାନ ହୋଇ ଯାଇଥିଲା। ମାତ୍ର ଏହାର ପର ୨ଟି ବଲ୍‌ରେ ଦୁବେ ଓ ଅର୍ଶଦୀପ ସିଂ ଆଉଟ ହେବାରୁ ଭାରତର ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଓ ଚରିଥ ଆସାଲଙ୍କା ୩ଟି ଲେଖାଏ, ଦୁନିଥ ୱାଲାଲାଗେ ୨ଟି ଏବଂ ଅସିଥା ଫର୍ନାଣ୍ଡୋ ଓ ଆକିଲା ଦନଞ୍ଜୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଦଳ ମାତ୍ର ୭ ରନରେ ଅଭିଷେକ ଫର୍ନାଣ୍ଡୋଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ପଥୁମ ନିସଙ୍କା ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଟପ୍ ଓ ମିଡିଲ ଅର୍ଡରରେ କୁସାଲ ମେଣ୍ଡିସ (୧୪), ସାଦିରା ସମରବିକ୍ରମା (୮), ଅଧିନାୟକ ଚରିଥ ଆସାଲଙ୍କା (୧୪) ଓ ଜନିଥ ଲିୟାଙ୍ଗେ (୨୦) ବିଫଳ ହେବାରୁ ଦଳ ବଡ଼ ସ୍କୋର ଆଶା ମଉଳିଥିଲା। ତେବେ ଲୋୟର ଅର୍ଡରରେ ଦୁନିଥ ୱେଲାଲାଗେଙ୍କ ଅପରାଜିତ ୬୭ ରନଯୋଗୁ ଘରୋଇ ଦଳ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଓପନର ନିସଙ୍କା ୫୬ ରନ ସ୍କୋର କରିଥିଲେ। ଭାରତ ପକ୍ଷରୁ ସମସ୍ତ ବୋଲର ଭଲ ବୋଲିଂ କରିଥିଲେ। ଅର୍ଶଦୀପ ସିଂ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ, ଶିବମ ଦୁବେ, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୩୦/୮ (ଦୁନିଥ ୱେଲାଲାଗେ-୬୭*, ପଥୁମ ନିସଙ୍କା-୫୬, ଅର୍ଶଦୀପ ସିଂ-୨/୪୭, ଅକ୍ଷର ପଟେଲ-୨/୩୩, ମହମ୍ମଦ ସିରାଜ-୧/୩୬, ଶିବମ୍ ଦୁବେ-୧/୧୯, କୁଲଦୀପ ଯାଦବ-୧/୩୩, ୱାଶିଂଟନ ସୁନ୍ଦର-୧/୪୬)। ଭାରତ ୪୭.୫ ଓଭରରେ ୨୩୦/ଅଲ୍‌ଆଉଟ (ରୋହିତ ଶର୍ମା-୫୮, ଅକ୍ଷର ପଟେଲ-୩୩, ଲୋକେଶ ରାହୁଲ-୩୧, ବିରାଟ କୋହଲି-୨୪, ୱାନିନ୍ଦୁ ହସରଙ୍ଗା-୩/୫୮, ଚରିଥ ଆସାଲଙ୍କା-୩/୩୦, ଦୁନିଥ ୱାଲାଲାଗେ-୨/୩୯, ଅସିଥା ଫର୍ନାଣ୍ଡୋ-୧/୩୪, ଆକିଲା ଦନଞ୍ଜୟ-୧/୪୦)।

## ଆଜିଠୁ ରାଜ୍ୟ କ୍ଲବ ଶକ୍ତିଉତ୍ତୋଳନ

**ଭୁବନେଶ୍ୱର, ୩।୭ (ତପନ ସ୍ୱାଇଁ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ କ୍ଲବ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଚଳିତ ମାସ ୩ ଓ ୪ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ କ୍ଲବରୁ ପ୍ରତିଯୋଗୀମାନେ ସିଧାସଳଖ ଅଂଶଗ୍ରହଣ କରିପାରିବେ। ଉଭୟ ମହିଳା ଓ ପୁରୁଷ ବିଭାଗରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର (ପ୍ରତ୍ୟେକ ୯ ଓଜନ ବିଭାଗ) ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ।

## ଆନ୍ତର୍ବିଭାଗୀୟ ଫୁଟ୍‌ବଲ ଆରମ୍ଭ

**ଭୁବନେଶ୍ୱର, ୨।୮ (ବିଜୟ ରଣା):** ଲୋକସେବା ଭବନ ପରିସରରେ ଆନ୍ତର୍ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ତଥା ଯୁବ ନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଥଲେଟ ଶ୍ରାବଣୀ ନନ୍ଦ ଓ ସରିତା ସାହୁ, ଅର୍ଥ ବିଭାଗର ପୂର୍ବତନ ଅନୁଶାସନ ସଚିବ ଶ୍ରୀନିବାସ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ, ସମବାୟ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ